
'ଆୱାରାପନ୍ ୨'
ଇମ୍ରାନ୍ ନେଇଛନ୍ତି
୧୨ କୋଟି

▶ପୃଷ୍ଠା ୧୧ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 44 ♦ISSUE-27 ♦TUESDAY ♦21 JULY 2026 ♦PAGE-12 ♦₹ 7.00 | PANIKOILI | ♦ବର୍ଷ-୪୪ ♦ସଂଖ୍ୟା-୨୭ ♦ମଙ୍ଗଳବାର ♦୨୧ ଜୁଲାଇ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


### ଛାତ୍ରଙ୍କୁ ନ୍ୟାୟ ଦାବିରେ ଜାତୀୟ ରାଜଧାନୀରେ ଗର୍ଜିଲା ସିଜେପି

# ଦିଲ୍ଲୀ ପୁଲିସର ଦମନଲୀଳା







■ ନୂଆଦିଲ୍ଲୀ, ୨୦।୭(ଏଜେନ୍ସି): ନିଟ୍ ପରୀକ୍ଷା ବିଭ୍ରାଟର ପ୍ରତିବାଦ ଏବଂ ଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବିରେ ଦିଲ୍ଲୀରେ ନ୍ୟାୟ ମାଗୁଥିବା ହଜାର ହଜାର ଛାତ୍ରଛାତ୍ରୀଙ୍କ ଉପରେ ଦିଲ୍ଲୀ ପୁଲିସର ଦମନଲୀଳା ଆଜି ବର୍ବରତାର ସମସ୍ତ ସୀମା ଅତିକ୍ରମ କରିଯାଇଛି। ଛୋଟ ଛୋଟ ପିଲାଙ୍କ ଠାରୁ ଆରମ୍ଭ କରି ସେମାନଙ୍କ ବୟସ୍କ ଅଭିଭାବକ ମଧ୍ୟ ଆଜିର ବିକ୍ଷୋଭରେ ସାମିଲ ହୋଇ ସଂସଦ ଆଡ଼କୁ ଯାଉଥିବା ବେଳେ ପୁଲିସ ସେମାନଙ୍କୁ ନିର୍ମମ ଭାବେ ପ୍ରହାର କରିଛି। ପ୍ରଥମେ ବ୍ୟାରିକେଡ୍ ଲଗାଇ ବିକ୍ଷୋଭକାରୀଙ୍କୁ ଅଟକାଇବା ଲାଗି ଚେଷ୍ଟା କରିଥିଲା ପୁଲିସ। ଏଥିରେ ବିଫଳ ହେବାପରେ ସେମାନଙ୍କ ଉପରେ ପ୍ରଚଣ୍ଡ ଲାଠିମଡ଼ କରିବା ସହିତ ଲୁହବୁହା ଗ୍ୟାସ ପ୍ରୟୋଗ କରିଛି। ଏଥିରେ ଶତାଧିକ ଛାତ୍ରଛାତ୍ରୀ ଆହତ ହୋଇଛନ୍ତି। ଏହାକୁ ନେଇ ଦେଶବ୍ୟାପୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

ସଂସଦର ମୌସୁମୀ ଅଧିବେଶନର ପ୍ରଥମ ଦିନରେ ରାଜଧାନୀ ନୂଆଦିଲ୍ଲୀରେ ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି ସୃଷ୍ଟି ହୋଇଛି। କକ୍ରୋଚ୍ ଜନତା ପାର୍ଟି(ସିଜେପି)ର କର୍ମୀମାନେ ଜନ୍ତର ମନ୍ତରରୁ ସଂସଦ ଅଭିମୁଖେ ଶୋଭାଯାତ୍ରା କରୁଥିବା ବେଳେ ପୋଲିସ ଓ ବିକ୍ଷୋଭକାରୀଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ସୁରକ୍ଷା ବାହିନୀ ଲୁହବୁହା ଗ୍ୟାସ୍ ଓ ଲାଠିଚାଳନା କରିଛନ୍ତି। କଡ଼ା ସୁରକ୍ଷା ବଳୟ ମଧ୍ୟରେ ବିକ୍ଷୋଭକାରୀମାନେ ପୋଲିସ ବ୍ୟାରିକେଡ୍ ଭାଙ୍ଗି ଆଗକୁ ବଢ଼ିବାକୁ ଚେଷ୍ଟା କରିଥିଲେ। ସେମାନଙ୍କୁ ଅଟକାଇବା ପାଇଁ ଶାସ୍ତ୍ରୀ ଭବନ ନିକଟରେ ପୋଲିସ ଲୁହବୁହା ଗ୍ୟାସ୍ ପ୍ରୟୋଗ କରିଥିଲା। ପୂର୍ବାହ୍ନ ପ୍ରାୟ ୧୧:୨୫ ମିନିଟ୍‌ରେ ହଜାର ହଜାର କର୍ମୀ ସଂସଦ

**ହିଂସ୍ର ପୁଲିସର ଟିୟର ଗ୍ୟାସ୍ ପ୍ରୟୋଗ ପରେ ଲାଠିମାଡ଼; ଶତାଧିକ ଛାତ୍ର ଲହୁଲୁହାଣ**

ଭବନ ଆଡ଼କୁ ମାଡ଼ିଚାଲିବା ବେଳେ ପୋଲିସ ସହ ପ୍ରବଳ ଧସ୍ତାଧସ୍ତି ହୋଇଥିଲା। ପରିସ୍ଥିତି ଅନିୟନ୍ତ୍ରିତ ହେବାରୁ ପୁଲିସ ଲାଠିଚାଳନା କରିଥିଲା। ଆନ୍ଦୋଳନକାରୀଙ୍କୁ ଅମାନବୀୟ ଭାବେ ପୁଲିସ ପିଟିବା ଆରମ୍ଭ କରିଥିଲା। ଏଥିରେ ଅନେକ ଲହୁଲୁହାଣ ହୋଇଯାଇଥିଲେ। ସଂସଦ ଭବନ, ପ୍ରେସ କ୍ଲବ, ସମ୍ବିଧାନ କ୍ଲବ ଓ ଜନ୍ତର ମନ୍ତର ଆଦି ପ୍ରମୁଖ ସ୍ଥାନଗୁଡ଼ିକରେ ବହୁସ୍ତରୀୟ ବ୍ୟାରିକେଡ୍ ଲଗାଯାଇଛି। ନୂଆଦିଲ୍ଲୀ ଓ ଆଖପାଖ ଜିଲ୍ଲାରୁ ଅତିରିକ୍ତ ପୋଲିସ ସହ ଅର୍ଦ୍ଧସାମରିକ ବାହିନୀ ମୋତୟନ କରାଯାଇଛି। ସମଗ୍ର ▶ପୃଷ୍ଠା-୭

# ନଡ୍ଡାଙ୍କୁ ଭେଟିଲେ ସିଜେପି ନେତା



■ ନୂଆଦିଲ୍ଲୀ, ୨୦।୭(ଏଜେନ୍ସି): ନିଟ୍ ପ୍ରଶ୍ନପତ୍ର ପ୍ରକାଶ ମାମଲାରେ ସରକାରଙ୍କ ଦାୟିତ୍ୱବୋଧ ଦାବି କରି କକ୍ରୋଚ୍ ଜନତା ପାର୍ଟିର ଏକ ପ୍ରତିନିଧି ଦଳ କେନ୍ଦ୍ରମନ୍ତ୍ରୀ ଜେପି ନଡ୍ଡାଙ୍କୁ ଭେଟିଛନ୍ତି। ଦଳ ପକ୍ଷରୁ ସରକାରଙ୍କ ଆଗରେ ତିନୋଟି ପ୍ରମୁଖ ଦାବି ରଖାଯାଇଥିବା ବେଳେ, ଏହି ସମ୍ପର୍କରେ ଶୀର୍ଷ ନେତୃତ୍ୱଙ୍କ ସହ ଆଲୋଚନା କରିବା ପାଇଁ ନଡ୍ଡା କିଛି ସମୟ ମାଗିଛନ୍ତି। ଏହି ଦାବିଗୁଡ଼ିକ ମଧ୍ୟରେ ସାମାଜିକ କର୍ମୀ ସୋନମ ୱାଙ୍ଗଚୁକଙ୍କ ତୁରନ୍ତ ମୁକ୍ତି, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଏବଂ ଆତ୍ମହତ୍ୟା କରିଥିବା ନିଟ୍ ପରୀକ୍ଷାର୍ଥୀଙ୍କ ପରିବାରକୁ ଏକ କୋଟି ଟଙ୍କାର କ୍ଷତିପୂରଣ ପ୍ରଦାନ ଅନ୍ତର୍ଭୁକ୍ତ। ନଡ୍ଡା ସେମାନଙ୍କୁ କୌଣସି ନିର୍ଭରଯୋଗ୍ୟ ପ୍ରତିଶ୍ରୁତି ଦେଇନଥିବା ସିଜେପି ପ୍ରତିନିଧି କହିଛନ୍ତି। କେବଳ ଧାରଣା ପ୍ରତ୍ୟାହାର କରିବା ଲାଗି ମନ୍ତ୍ରୀ

**ଗୃହମନ୍ତ୍ରୀଙ୍କ ସହ ଆଲୋଚନା କଲେ ଧର୍ମେନ୍ଦ୍ର ପ୍ରଧାନ**

ସେମାନଙ୍କୁ ପରାମର୍ଶ ଦେଇଥିବା କହିଛନ୍ତି। ମନ୍ତ୍ରୀ ଓ ଆନ୍ଦୋଳନକାରୀଙ୍କ ମଧ୍ୟରେ ଆଲୋଚନା ଚାଲିଥିବା ସମୟରେ, କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ସଂସଦ ଭବନ ସ୍ଥିତ କାର୍ଯ୍ୟାଳୟରେ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରିଛନ୍ତି। ଏହି ବୈଠକ ପ୍ରାୟ ୪ ଘଣ୍ଟା ଧରି ଚାଲିଛି। କିନ୍ତୁ ସେମାନଙ୍କ ମଧ୍ୟରେ କଣ ଆଲୋଚନା ହୋଇଛି, ତାହା ଜଣାପଡ଼ି ନାହିଁ।

# ଆରମ୍ଭରୁ ସଂସଦରେ ହଙ୍ଗାମା



**ନିଟ୍ ପରୀକ୍ଷା ଓ ରାମ ମନ୍ଦିର ଚୋରି ପ୍ରସଙ୍ଗରେ ସଂସଦ ଅଚଳ**


**ବିନା କୌଣସି କାର୍ଯ୍ୟରେ ଉଭୟ ଗୃହ ଦିନକ ପାଇଁ ମୁଲତବୀ**

■ ନୂଆଦିଲ୍ଲୀ, ୨୦।୭ (ଏଜେନ୍ସି): ନିଟ୍ ପରୀକ୍ଷାରେ ବିଭ୍ରାଟ ପ୍ରତିବାଦରେ ସଂସଦ ବାହାରେ ଆନ୍ଦୋଳନକାରୀ ବିକ୍ଷୋଭ କରୁଥିବା ବେଳେ ଏହାର ପ୍ରଭାବ ଆଜି ସଂସଦରେ ମଧ୍ୟ ଦେଖିବାକୁ ମିଳିଛି। ନିଟ୍ ପରୀକ୍ଷାରେ ପ୍ରଶ୍ନପତ୍ର ଲିକ୍ ଏବଂ ରାମ ମନ୍ଦିର ଚାନ୍ଦା ଚୋରି ଘଟଣାରେ ସଂସଦ ଅଚଳ ହୋଇପଡ଼ିଛି। ଉଭୟ ଲୋକସଭା ଏବଂ ରାଜ୍ୟସଭାରେ ପ୍ରବଳ ହଟ୍ଟଗୋଳ ଏବଂ ସ୍ଲୋଗାନବାଜି ଯୋଗୁଁ ସଂସଦରେ ଆଜି କୌଣସି କାର୍ଯ୍ୟ ହୋଇପାରି ନାହିଁ। ହଟ୍ଟଗୋଳ ଯୋଗୁଁ ଗୃହକୁ ବାରମ୍ବାର ମୁଲତବୀ କରିବାକୁ ପଡ଼ିଥିଲା। ସଂସଦ ଚଳାଇବା ଲାଗି ସରକାର ଉଦ୍ୟମ କରି ବିଫଳ ହେବାପରେ ଉଭୟ ଗୃହକୁ ଆଜି ଦିନକ ପାଇଁ ମୁଲତବୀ କରି ଦିଆଯାଇଛି।

ସଂସଦର ମୌସୁମୀ ଅଧିବେଶନ ଆଜି ଆରମ୍ଭ ହେବାମାତ୍ରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଥିଲା। ରାଜ୍ୟସଭା ବୈଠକ ଆରମ୍ଭ ହେବାମାତ୍ରେ ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖଡ଼ଗେ ନିଟ୍ ପ୍ରଶ୍ନପତ୍ର ଲିକ୍ ପ୍ରସଙ୍ଗ ଉଠାଇ କହିଲେ ଯେ ଏବେ ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସଙ୍କଟ ଭିତରକୁ ଠେଲି ହୋଇଯାଇଛି। ଏହାର ପ୍ରତିବାଦ କରୁଥିବା ହଜାର ହଜାର ଛାତ୍ରଛାତ୍ରୀଙ୍କ ▶ପୃଷ୍ଠା-୭

### ଜାପାନୀ ଟିକାକୁ ମଞ୍ଜୁରୀ ଦେଲେ କେନ୍ଦ୍ର ସରକାର

# ଡେଙ୍ଗୁ ଭଲ କରିବ 'କ୍ୟୁଡେଙ୍ଗା'




■ ନୂଆଦିଲ୍ଲୀ, ୨୦।୭(ଏଜେନ୍ସି): ଭାରତରେ ଡେଙ୍ଗୁ ମହାମାରୀ ପ୍ରତିରୋଧ କ୍ଷେତ୍ରରେ ଏକ ଐତିହାସିକ ଅଧ୍ୟାୟ ସୃଷ୍ଟି ହୋଇଛି। ଦେଶର ମୁଖ୍ୟ ଔଷଧ ନିୟନ୍ତ୍ରକ 'ଡ୍ରଗ୍ସ କଣ୍ଟ୍ରୋଲର୍ ଜେନେରାଲ୍ ଅଫ୍ ଇଣ୍ଡିଆ' (ଡିସିଜିଆଇ) ଜାପାନର ପ୍ରସିଦ୍ଧ ଔଷଧ ନିର୍ମାତା କମ୍ପାନୀ ଟାକେଡାର ଡେଙ୍ଗୁ ଟିକା 'କ୍ୟୁଡେଙ୍ଗା'କୁ ଆନୁଷ୍ଠାନିକ ମଞ୍ଜୁରୀ ପ୍ରଦାନ କରିଛନ୍ତି। ୪ ରୁ ୬୦ ବର୍ଷ ବୟସର ବ୍ୟକ୍ତିଙ୍କ ପାଇଁ ଅନୁମୋଦିତ ଏହି ଟିକା ଭାରତର ପ୍ରଥମ ସ୍ୱୀକୃତିପ୍ରାପ୍ତ ଡେଙ୍ଗୁ ଟିକା ଭାବେ ସ୍ୱାସ୍ଥ୍ୟ କ୍ଷେତ୍ରରେ ଏକ ନୂତନ ଆଶାର କିରଣ ଦେଖାଇଛି। ଏହି ଟିକାର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି, ପୂର୍ବରୁ କୌଣସି ବ୍ୟକ୍ତିଙ୍କୁ ଡେଙ୍ଗୁ ହୋଇଛି କି ନାହିଁ, ତାହା ପରୀକ୍ଷା ନକରି ମଧ୍ୟ ଏହାକୁ ଗ୍ରହଣ କରାଯାଇପାରିବ। ଡେଙ୍ଗୁ ଭୂତାଣୁର ସମସ୍ତ ଚାରୋଟି ପ୍ରକାର (ସେରୋଟାଇପ୍) ବିରୋଧରେ ଏହା ସମ୍ପୂର୍ଣ୍ଣ ସୁରକ୍ଷା ଯୋଗାଇବାରେ ସକ୍ଷମ। 'କ୍ୟୁଡେଙ୍ଗା' ହେଉଛି ଏକ ଟେଟ୍ରାଭାଲେଣ୍ଟ, ଲାଇଭ୍-ଆଟେନୁଏଟେଡ୍ ଟିକା। ଏହାକୁ ଚର୍ମ ତଳେ ୦.୫ ମିଲିଲିଟର ପରିମାଣରେ ଦୁଇଟି ଡୋଜ୍ ଆକାରରେ ଦିଆଯାଏ। ପ୍ରଥମ ଓ ଦ୍ୱିତୀୟ ଡୋଜ୍ ମଧ୍ୟରେ ତିନି ମାସର ବ୍ୟବଧାନ ରହିବା ବାଧ୍ୟତାମୂଳକ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ଦ୍ୱାରା ମଧ୍ୟ ଏହି ଟିକାକୁ ପ୍ରାକ୍-ଯୋଗ୍ୟତା ସ୍ୱୀକୃତି ମିଳିସାରିଛି। ବିଶ୍ୱର ୪୩ରୁ ଅଧିକ ଦେଶରେ ଏହି ▶ପୃଷ୍ଠା-୭

# ବଜ୍ରପାତରେ ଗଲା ତିନି ଜୀବନ

■ ମୋରଡ଼ା/ହାଟଡ଼ିହୀ, ୨୦।୭ (ସମିସ): ସୋମବାର ବଜ୍ରପାତରେ ତିନିଟି ଜୀବନ ଦୀପ ଅକାଳରେ ଲିଭି ଯାଇଛି। ପ୍ରାପ୍ତ ସୂଚନା ଅନୁସାରେ, ମୟୂରଭଞ୍ଜ ଜିଲ୍ଲା ମୋରଡ଼ା ଥାନା ଅଧୀନ ସାନମୁଣ୍ଡାବଣି ପଞ୍ଚାୟତ ପାରିଆକୁଲି ଗ୍ରାମର ରବୀନ୍ଦ୍ର ବେହେରା ଘର ପିଣ୍ଡାରେ ଛିଡ଼ା ହୋଇଥିବା ସମୟରେ ବ୍ରଜାଘାତରେ ଗୁରୁତର ହୋଇ ପିଆରଏମ ମେଡିକାଲ କଲେଜ ଏଣ୍ଡ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ତେବେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ସେହିପରି ମୋରଡା ଥାନା ଅଧୀନ ଘୋଳମୁହାଁ ଗ୍ରାମର ମହିଳା ଜବା ବାସ୍କେ ବିଲରେ ଚାଷକାର୍ଯ୍ୟ କରୁଥିବା ସମୟରେ ବଜ୍ରପାତରେ ସେଠାରେ ଟଳିପଡ଼ିଥିଲେ। ସେଠାରେ ଉପସ୍ଥିତ ଥିବା ଲୋକେ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିବାବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଉକ୍ତ ଦୁଇ ପରିବାରକୁ ଯଥାଶୀଘ୍ର ସରକାରୀ ସହାୟତା ସହ ▶ପୃଷ୍ଠା-୭


### ଘୋଷଯାତ୍ରା ପାଇଁ ପୁଲିସ ମାଳମାଳ; ପୁରୀ ରକ୍ତରଞ୍ଜିତ

# ବିଳମ୍ବିତ ରାତିରେ ବେକ କାଟି ହତ୍ୟା

■ ପୁରୀ, ୨୦।୭ (ସମିସ): ରଥଯାତ୍ରା ପାଇଁ ପୁରୀରେ ମାଳ ମାଳ ସୁରକ୍ଷା କର୍ମୀ। ବରିଷ୍ଠ ପୁଲିସ ଅଧିକାରୀମାନେ ବି ଡେରା ପକାଇଛନ୍ତି। ହେଲେ ଏଭଳି କଡ଼ା ସୁରକ୍ଷା ବ୍ୟବସ୍ଥାକୁ ବି ଅପରାଧୀଙ୍କର ଖାତିର୍ ନାହିଁ। ପୁରୀ ସହର ଉପକଣ୍ଠ ଚନ୍ଦନପୁର ଥାନା ଅଞ୍ଚଳରେ ଏକ ନିର୍ମମ ହତ୍ୟାକାଣ୍ଡ ହିଁ ଏହାକୁ ସ୍ପଷ୍ଟ କରୁଛି। ରବିବାର ବିଳମ୍ବିତ ରାତିରେ ପୁଟ ଗାଁର ସନାତନ ପଲେଇ ଓରଫ ସନିଆ (୫୨)ଙ୍କ ବେକ କାଟି ହତ୍ୟା କରାଯାଇଛି। ତେବେ ହତ୍ୟାର କାରଣ ସ୍ପଷ୍ଟ ଜଣାପଡ଼ି ନ ଥିବାବେଳେ ପୂର୍ବ ଶତ୍ରୁତା ଯୋଗୁଁ ଏହି ହତ୍ୟା ହୋଇଥିବା ଅଭିଯୋଗ ହୋଇଛି। ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ପୁଲିସ ସୂଚନା ଅନୁଯାୟୀ, ରବିବାର ସନାତନ ଗାଁଠୁ ଦୂର ତାଙ୍କ ନିଜ କୁଡ଼ିଆ ଘରେ ଏକୁଟିଆ ଶୋଇଥିଲେ। କିଛି ଦୁର୍ବୃତ୍ତ ଅତର୍କିତ ଭାବେ ତାଙ୍କୁ ମାରଣାସ୍ତ୍ର ଯୋଗେ ଆକ୍ରମଣ କରିଥିଲେ। ସନାତନ ନିଜକୁ ବଞ୍ଚାଇବାକୁ ଉଦ୍ୟମ କରିଥିଲେ ମଧ୍ୟ ବିଫଳ ହୋଇଥିଲେ। ତାଙ୍କର ଏକ ଗୋଡ଼ ଖରାପ ଯୋଗୁଁ ସେ ଠିକ୍ ଭାବେ ଚଲାବୁଲା କରିପାରନ୍ତି ନାହିଁ। ଦୁର୍ବୃତ୍ତମାନେ ତାଙ୍କ ମୁଣ୍ଡ ଓ ବେକକୁ ଆକ୍ରମଣ କରିଥିଲେ। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ହତ୍ୟା ପରେ ଆକ୍ରମଣକାରୀ ତାଙ୍କ ମୃତଦେହ ନିକଟସ୍ଥ ଏକ ଜୋରରେ ଫିଙ୍ଗି ଦେଇ ଫେରାର୍ ହୋଇଯାଇଥିଲେ। ଏ ନେଇ ପରିବାର ପକ୍ଷରୁ ▶ପୃଷ୍ଠା-୭

# ତ୍ରିପୁରା ଡିଜିପିଙ୍କ ଆତ୍ମହତ୍ୟା



■ ଅଗରତଲା, ୨୦।୭(ଏଜେନ୍ସି): ତ୍ରିପୁରା ପୁଲିସ ମହାନିର୍ଦ୍ଦେଶକ (ଡିଜିପି) ଅନୁରାଗ ଧନଖଡ଼ଙ୍କର ଆଜି ଅଗରତଲାସ୍ଥିତ ପୋଲିସ ମୁଖ୍ୟାଳୟରେ ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଛି। ୧୯୯୪ ବ୍ୟାଚ୍‌ର ଏହି ବରିଷ୍ଠ ଆଇପିଏସ ଅଧିକାରୀଙ୍କ ମୃତ୍ୟୁର ପ୍ରାଥମିକ କାରଣ ଆତ୍ମହତ୍ୟା ବୋଲି ସନ୍ଦେହ କରାଯାଉଥିଲେ ହେଁ ପ୍ରଶାସନ ପକ୍ଷରୁ ଏପର୍ଯ୍ୟନ୍ତ ଏହାର ଆନୁଷ୍ଠାନିକ ଭାବେ କିଛି କୁହାଯାଇନାହିଁ। ସୋମବାର ପୂର୍ବାହ୍ନରେ ଡିଜିପି ଅନୁରାଗ ଧନଖଡ଼ଙ୍କୁ ତାଙ୍କ ଅଫିସ ଭିତରୁ ମୃତ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ତୁରନ୍ତ ତାଙ୍କୁ ଜିବି ପନ୍ତ ମେଡିକାଲକୁ ନିଆଯାଇଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ତ୍ରିପୁରାର ମୁଖ୍ୟମନ୍ତ୍ରୀ ମାଣିକ ସାହା, ମୁଖ୍ୟ ଶାସନ ସଚିବ ଜେକେ ସିହ୍ନା ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ପୁଲିସ ମୁଖ୍ୟାଳୟ ଓ ହସ୍ପିଟାଲରେ ପହଞ୍ଚି ସ୍ଥିତି ସମୀକ୍ଷା କରିଛନ୍ତି। ମୃତ୍ୟୁର ପ୍ରକୃତ କାରଣ ଜାଣିବା ପାଇଁ ମାଜିଷ୍ଟ୍ରେଟ୍ ପର୍ଯ୍ୟାୟର ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି।

ଏହି ଘଟଣାକୁ ନେଇ ରାଜ୍ୟରେ ରାଜନୈତିକ ସରଗରମ ବୃଦ୍ଧି ପାଇଛି। ବିରୋଧୀ ଦଳ ନେତା ଜିତେନ୍ଦ୍ର ଚୌଧୁରୀ ଏହାର ନିରପେକ୍ଷ ନ୍ୟାୟିକ ତଦନ୍ତ ଦାବି କରିଥିବା ବେଳେ ▶ପୃଷ୍ଠା-୭

# ରାଜ୍ୟବ୍ୟାପୀ ସାର ସଙ୍କଟ; ସରକାର ବେଫିକର୍

### ଧାନ ବେଉଷଣ ପାଇଁ ଚାଷୀ ମାଗୁଛନ୍ତି ୟୁରିଆ, ଡିଏପି; ସରକାର କହୁଛନ୍ତି ଆମୋନିୟମ ସଲ୍‌ଫେଟ୍ ନିଅ

**ଆମୋନିୟମ୍ ସଲ୍‌ଫେଟ୍ ଓ କମ୍ପ୍ଲେକ୍ସ ସାରକୁ ପ୍ରୋତ୍ସାହନ ପାଇଁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ**

**ଉପମୁଖ୍ୟମନ୍ତ୍ରୀଙ୍କ ଅଜବ ଯୁକ୍ତି, କମ୍ ସାର ସ୍ୱାସ୍ଥ୍ୟକୁ ହିତ**

**ସାର ଉପରେ ସରକାରଙ୍କର କିଛି ଜ୍ଞାନ ନାହିଁ: କଂଗ୍ରେସ**

**ଚାଷୀଙ୍କୁ ଭୁଆଁ ବୁଲାଉଛନ୍ତି ସରକାର: ବିଜେଡି**



■ ଭୁବନେଶ୍ୱର, ୨୦।୭ (ସମିସ): ରାଜ୍ୟରେ ଚଳିତ ଜୁଲାଇ ମାସରେ ଭଲ ମୌସୁମୀ ବର୍ଷା ପରେ ଚାଷୀମାନେ ଖରିଫ ଧାନ ଚାଷ ପାଇଁ ଅଣ୍ଟା ଭିଡ଼ିଛନ୍ତି। ହେଲେ ଏତିକି ବେଳେ ଦେଖାଦେଇଥିବା ସାର ସଙ୍କଟ ଚାଷ ପାଇଁ ଚାଷୀଙ୍କ ସରାଗ ଭାଙ୍ଗିଦେଇଛି।

ରାଜ୍ୟର ଏକାଧିକ ଜିଲ୍ଲାରେ ୟୁରିଆ ଏବଂ ଡିଏପି ସାର ପାଇଁ ଚାଷୀ ରାତି ଅଧରୁ ପାକ୍ସ ଓ ଲ୍ୟାମ୍ପ୍‌ସ ଆଗରେ ଆଧାର କାଡର୍ ଦେଇ ଧାଡ଼ି ବାନ୍ଧି ଛିଡ଼ା ହେଉଛନ୍ତି। ମାତ୍ର ସେମାନଙ୍କୁ ଆବଶ୍ୟକ ପରିମାଣରେ ସାର ମିଳୁ ନାହିଁ। ହେଲେ ଖୋଲାବଜାରରେ ଚଢ଼ା ଦରରେ କିନ୍ତୁ ସାର ଯାହାକୁ ଯେତେ ମିଳୁଥିବା ପରିଲକ୍ଷିତ ହେଉଛି। ଏହାକୁ ନେଇ ଚାଷୀ ମହଲରେ ବ୍ୟାପକ ଅସନ୍ତୋଷ ଦେଖିବାକୁ ମିଳିଥିବା ବେଳେ ସମାନ ସମୟରେ ସରକାରଙ୍କ ଏକ ନିର୍ଦ୍ଦେଶନାମା ଏହି ଅସନ୍ତୋଷକୁ ଦ୍ୱିଗୁଣିତ କରିଛି। ଧାନତଳି ଓ ରୁଆପୋତା ପାଇଁ ଚାଷୀକୁ ଏବେ ୟୁରିଆ ଓ ଡିଏପି ସାର ଆବଶ୍ୟକ ଥିବାବେଳେ ରାଜ୍ୟ ସରକାର ଏହା ବଦଳରେ ଆମୋନିୟମ୍ ସଲ୍‌ଫେଟ୍ ଓ କମ୍ପ୍ଲେକ୍ସ ସାର ବ୍ୟବହାର ଉପରେ ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଯାହାକୁ ନେଇ ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି ବିରୋଧୀ।

ସୂଚନାଯୋଗ୍ୟ ଯେ ଚଳିତ ଖରିଫ୍ ଋତୁ ପାଇଁ ସମଗ୍ର ରାଜ୍ୟରେ ପ୍ରାୟ ୫.୫୦ ଲକ୍ଷ ମେଟ୍ରିକ୍ ଟନ୍ ୟୁରିଆ ଏବଂ ୧.୪୫ ଲକ୍ଷ ମେଟ୍ରିକ୍ ଟନ୍ ଡିଏପି ସାର ଆବଶ୍ୟକ। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ବର୍ତ୍ତମାନ ସୁଦ୍ଧା ଆବଶ୍ୟକତାଠାରୁ ବହୁତ କମ୍ ଅର୍ଥାତ୍ ପ୍ରାୟ ୨.୨୦ ଲକ୍ଷ ମେଟ୍ରିକ୍ ଟନ୍ ୟୁରିଆ ଓ ୬୩,୦୦୦ ମେଟ୍ରିକ୍ ଟନ୍ ଡିଏପି ରାଜ୍ୟର ସମସ୍ତ ୩୦ଟି ଜିଲ୍ଲାର ପାକ୍ସ, ଲାମ୍ପ୍‌ସ ଏବଂ ଖୁଚୁରା ବ୍ୟବସାୟୀଙ୍କ ପାଖରେ ପହଞ୍ଚିଛି। ଫଳରେ ରାଜ୍ୟବ୍ୟାପୀ ସାର ସଙ୍କଟ ଦେଖାଦେଇଛି। ଏପରିକି ଖୋଲାବଜାରରେ ▶ପୃଷ୍ଠା-୭


# ଆଣ୍ଡି ବର୍ନହାମ୍ ବ୍ରିଟେନର ନୂଆ ପ୍ରଧାନମନ୍ତ୍ରୀ

## ୧୦ ବର୍ଷରେ ୭ମ ପ୍ରଧାନମନ୍ତ୍ରୀ



ଲଣ୍ଡନ, ୨୦।୭ (ଏଜେନ୍ସି): ବ୍ରିଟେନର ରାଜନୈତିକ ସ୍ଥିତିରେ ପୁଣି ଏକ ବଡ ଧରଣର ପରିବର୍ତ୍ତନ ଘଟିଛି। ଗ୍ରେଟର ମାଞ୍ଚେଷ୍ଟରର ପୂର୍ବତନ ମେୟର ଆଣ୍ଡି ବର୍ନହାମ୍ ବ୍ରିଟେନର ନୂତନ ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। କେର ଷ୍ଟାର୍ମର ନିଜ ପଦବୀରୁ ଇସ୍ତଫା ଦେବା ପରେ, ବର୍ନହାମ୍ ଲେବର ପାର୍ଟିର ନୂଆ ନେତା ଭାବେ ନିର୍ବାଚିତ ହୋଇ ଦେଶର ନୂଆ ପ୍ରଧାନମନ୍ତ୍ରୀ ହୋଇଛନ୍ତି। ଗତ ଗୋଟିଏ ଦଶନ୍ଧି ମଧ୍ୟରେ ସେ ବ୍ରିଟେନର ସପ୍ତମ ପ୍ରଧାନମନ୍ତ୍ରୀ। ସୋମବାର କିଙ୍ଗ ଚାର୍ଲସ ତୃତୀୟ ବକିଂହାମ୍ ପ୍ୟାଲେସରେ ଷ୍ଟାର୍ମରଙ୍କ ଇସ୍ତଫା ପତ୍ର ଗ୍ରହଣ କରିଥିଲେ। ଏହା ପରେ ସେ ଆଣ୍ଡି ବର୍ନହାମ୍‌ଙ୍କୁ ସାକ୍ଷାତ କରି ନୂତନ ସରକାର ଗଠନ କରିବା ପାଇଁ ଆନୁଷ୍ଠାନିକ ନିମନ୍ତ୍ରଣ ଜଣାଇଥିଲେ। ବର୍ନହାମ୍ ଏହି ନିମନ୍ତ୍ରଣକୁ ସ୍ୱୀକାର କରି ଦେଶର ଶାସନ ଭାର ଗ୍ରହଣ କରିଛନ୍ତି। ରାଜପ୍ରାସାଦ ପକ୍ଷରୁ ଜାରି ଏକ ସରକାରୀ ବିବୃତିରେ ବର୍ନହାମ୍‌ଙ୍କ ପ୍ରଧାନମନ୍ତ୍ରୀ ପଦବୀରେ ନିଯୁକ୍ତିକୁ ନିଶ୍ଚିତ କରାଯାଇଛି। ଦେଶରେ ଚାଲିଥିବା ଅର୍ଥନୈତିକ ଓ ରାଜନୈତିକ ସ୍ଥିତି ମଧ୍ୟରେ ବର୍ନହାମ୍‌ଙ୍କ ନେତୃତ୍ୱରେ ଗଠିତ ନୂଆ ସରକାର ଦେଶକୁ ଏକ ନୂତନ ଦିଗଦର୍ଶନ ଦେବ ବୋଲି ଆଶା କରାଯାଉଛି। ଗତ ୧୦ ବର୍ଷରେ ସେ ହେଉଛନ୍ତି ଦେଶର ୭ମ ପ୍ରଧାନମନ୍ତ୍ରୀ।

# ମୁଖ୍ୟମନ୍ତ୍ରୀ ବିଜୟଙ୍କୁ ଧମକ; ଆଉ ଜଣେ ଡିଏମ୍‌କେ ବିଧାୟକ ଗିରଫ



ଚେନ୍ନାଇ, ୨୦।୭ (ଏଜେନ୍ସି): ତାମିଲନାଡୁର ମୁଖ୍ୟମନ୍ତ୍ରୀ ସି ଜୋସେଫ ବିଜୟଙ୍କ ବିରୋଧରେ କଥିତ ମାନହାନିକର ଓ ଧମକମୂଳକ ମନ୍ତବ୍ୟ ଦେଇଥିବା ଅଭିଯୋଗରେ ଦ୍ରାବିଡ଼ ମୁନ୍ନେତ୍ର କାଗଜମ (ଡିଏମ୍‌କେ) ବିଧାୟକ ଜିଆର ମାର୍କେଣ୍ଡିୟନଙ୍କୁ ପୁଲିସ ଗିରଫ କରିଛି। ଜୁଲାଇ ୧୮ରେ ଏକ ସାର୍ବଜନିକ ସଭାରେ ମୁଖ୍ୟମନ୍ତ୍ରୀଙ୍କୁ ଲକ୍ଷ୍ୟ କରି ସେ ବିବାଦୀୟ ମନ୍ତବ୍ୟ ଦେଇଥିବା ଅଭିଯୋଗ ହୋଇଥିଲା। ଏହାପରେ ଏକ ଅଭିଯୋଗ ଦାଖଲ ହେବା ସହ ପୁଲିସ କାର୍ଯ୍ୟାନୁଷ୍ଠାନ ନେଇଥିଲା। ବର୍ତ୍ତମାନ ତାଙ୍କୁ ତୁତିକୋରିନ ପୁଲିସ ଅଧୀକ୍ଷକଙ୍କ କାର୍ଯ୍ୟାଳୟରେ ପଚରାଉଚରା କରାଯାଉଛି। ଗିରଫ ପରେ ଡିଏମ୍‌କେ ସମର୍ଥକମାନେ ବିରୋଧ ପ୍ରଦର୍ଶନ କରି ପୁଲିସ ପଦକ୍ଷେପକୁ ନିନ୍ଦା କରିଛନ୍ତି। ଏହାପୂର୍ବରୁ ଏହି ମାସରେ ଦଳର ଅନ୍ୟ ଜଣେ ବିଧାୟକଙ୍କୁ ମଧ୍ୟ ସମାନ ଅଭିଯୋଗରେ ଗିରଫ କରାଯାଇ ପରେ ଜାମିନରେ ମୁକ୍ତ କରାଯାଇଥିଲା। ଏହି ଘଟଣାକୁ କେନ୍ଦ୍ର କରି ତାମିଲନାଡୁର ରାଜନୀତିରେ ପୁଣିଥରେ ତିକ୍ତତା ବଢ଼ିଥିବା ଦେଖିବାକୁ ମିଳିଛି। ଡିଏମ୍‌କେ ସୁପ୍ରିମୋ ଏମ୍‌କେ ଷ୍ଟାଲିନ୍ କହିଛନ୍ତି ଯେ, ଏହା ଆଇନର ଶାସନ ନା ଏକଛତ୍ରବାଦୀ ଶାସନ? ଟିଭିସି ସରକାର ନିଜର ଭୁଲ୍ ଲୁଚାଇବା ପାଇଁ ବିରୋଧୀଙ୍କ ସ୍ୱରକୁ ଦବାଉଛି। ଗିରଫ ବିଧାୟକଙ୍କୁ ନିଜ ଓକିଲ କିମ୍ବା ଔଷଧ ଆଣିଥିବା ଲୋକଙ୍କ ସହ ଦେଖା କରିବାକୁ ମଧ୍ୟ ସୁଯୋଗ ଦିଆଯାଉନାହିଁ।

## ଗାଡ଼ିରେ ନିଆଁ ଲାଗି ପରିବାରର ୪ ଜଣଙ୍କ ସହ ୬ ଦଗ୍ଧ

ୱାର୍ଦ୍ଧା, ୨୦।୭ (ଏଜେନ୍ସି): ମହାରାଷ୍ଟ୍ରର ୱାର୍ଦ୍ଧା ଜିଲ୍ଲା ସମୃଦ୍ଧି ମହାମାର୍ଗରେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟିଛି। ଏକ ଦ୍ରୁତଗାମୀ ଟ୍ରକ୍ କାର୍ ପଛରେ ପିଟି ହୋଇ ଓଲଟି ପଡ଼ିବା ଫଳରେ ଦୁଇଟିଯାକ ଗାଡିରେ ନିଆଁ ଲାଗିଯାଇଥିଲା। ଏହି



ଅଗ୍ନିକାଣ୍ଡରେ ଜୀବନ୍ତ ଦଗ୍ଧ ହୋଇ ଗୋଟିଏ ପରିବାରର ଚାରି ଜଣଙ୍କ ସମେତ ମୋଟ ଛଅ ଜଣ ପ୍ରାଣ ହରାଇଛନ୍ତି। ସୂଚନା ଅନୁସାରେ, ରାତି ପ୍ରାୟ ତିନିଟା ସମୟରେ ପୂର୍ବରୁ ଘଟିଥିବା ଏକ ଦୁର୍ଘଟଣା ଯୋଗୁଁ ରାସ୍ତାର ଗୋଟିଏ ପାର୍ଶ୍ୱରେ ଯାତାୟାତ ପରିବର୍ତ୍ତନ କରାଯାଇଥିଲା। ଏହି ସମୟରେ ପୁଣେରୁ ନିଜ ଝିଅକୁ ଛାଡି ଫେରୁଥିବା ଏକ କାର୍‌କୁ ଲମ୍ବା ବୋଝେଇ ଟ୍ରକ୍ ପଛପଟୁ ଜୋରରେ ଧକ୍କା ଦେଇଥିଲା। ଦୁର୍ଘଟଣା ପରେ ଦୁଇଟିଯାକ ଗାଡିରେ ନିଆଁ ଲାଗିଯିବାରୁ କାର୍‌ରେ ଥିବା ରାଜେଶ ଟିପ୍ଲେ, ତାଙ୍କ ପତ୍ନୀ ସୁଷମା, ଝିଅ ଜାହ୍ନବୀ, ଗାଡି ଚାଳକ ଅଙ୍କୁଶ ରାଉତ ଏବଂ ଟ୍ରକ୍ ଚାଳକ ସଞ୍ଜୟ କୁମାର ଓ ସହାୟକ ସମରଜିତ୍ ପାଲ୍‌ଙ୍କ ମୃତ୍ୟୁ ଘଟିଛି। ଘଟଣାସ୍ଥଳରେ ହାଇୱେ ପୁଲିସ, ଦମକଳ ବାହିନୀ ଓ ସ୍ଥାନୀୟ ପ୍ରଶାସନ ପହଞ୍ଚି ନିଆଁକୁ ଆୟତ୍ତ କରିବା ସହ ଯାତାୟାତ ସ୍ୱାଭାବିକ କରିଛନ୍ତି। ସମୃଦ୍ଧି ମହାମାର୍ଗରେ ଗତ ବର୍ଷଗୁଡିକରେ ସଡକ ଦୁର୍ଘଟଣା ସଂଖ୍ୟା କ୍ରମାଗତ ଭାବେ ବୃଦ୍ଧି ପାଉଥିବା ନେଇ ଚିନ୍ତା ବୃଦ୍ଧି ପାଇଛି।

## ଶପଥନେଲେ ନବନିର୍ବାଚିତ ୯ ରାଜ୍ୟସଭା ସଦସ୍ୟ



ନୂଆଦିଲ୍ଲୀ, ୨୦।୭ (ଏଜେନ୍ସି): ସଂସଦର ମୌସୁମୀ ଅଧିବେଶନର ପ୍ରଥମ ଦିନରେ ରାଜ୍ୟସଭାର ନବନିର୍ବାଚିତ ନଅ ଜଣ ସଦସ୍ୟ ଶପଥ ଗ୍ରହଣ କରିଛନ୍ତି। ରାଜ୍ୟସଭା ଅଧ୍ୟକ୍ଷ ସିପି ରାଧାକ୍ରିଷ୍ଣନ୍ ଗୃହରେ ସେମାନଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି। ଶପଥ ଗ୍ରହଣ କରିଥିବା ସଦସ୍ୟମାନେ ଗୁଜରାଟ, କର୍ଣ୍ଣାଟକ, ମଧ୍ୟପ୍ରଦେଶ, ମେଘାଳୟ, ମିଜୋରାମ, ରାଜସ୍ଥାନ ଏବଂ ପଶ୍ଚିମବଙ୍ଗ ରାଜ୍ୟର ପ୍ରତିନିଧିତ୍ୱ କରୁଛନ୍ତି। ନବନିର୍ବାଚିତ ସଦସ୍ୟମାନଙ୍କ ମଧ୍ୟରେ ମୁକେଶଭାଇ ଜେ ରାଠୱା, ପବନ ଖେଡା, ମହେଶ କେୱଟ, ଜେମ୍ସ ପାଂସାଙ୍ଗ କୋଙ୍ଗକାଲ ସାଙ୍ଗମା, ଖିଆଙ୍ଗତେ ଲାଲତଲୁଆଙ୍ଗକିମା, ସତୀଶ ପୁନିଆ, ପ୍ରକାଶ ଚିକ୍ ବଡାଇକ, ସୁସ୍ମିତା ଦେବ ଏବଂ ସୁଖେନ୍ଦୁ ଶେଖର ରାୟ ପ୍ରମୁଖ ସାମିଲ ଅଛନ୍ତି। ପୂର୍ବରୁ ନିର୍ବାଚିତ ଅନ୍ୟ କେତେକ ସଦସ୍ୟ ଅଧିବେଶନ ଆରମ୍ଭ ହେବା ପୂର୍ବରୁ ହିଁ ଶପଥ ଗ୍ରହଣ କରିସାରିଥିଲେ।

## ଚତୁର୍ଥ ସନ୍ତାନ ଲାଭ କଲେ ଭାନ୍ସ-ଉଷା

ୱାସିଂଟନ, ୨୦।୭ (ଏଜେନ୍ସି): ଆମେରିକା ଉପରାଷ୍ଟ୍ରପତି ଜେଡି ଭାନ୍ସ ଏବଂ ତାଙ୍କ ଭାରତୀୟ ବଂଶୋଦ୍ଭବ ପତ୍ନୀ ଉଷା ଭାନ୍ସ ଚତୁର୍ଥ ସନ୍ତାନକୁ ସ୍ୱାଗତ କରିଛନ୍ତି। ସେମାନେ ନିଜ ନବଜାତ ପୁତ୍ରର ନାମ 'ଆଲେକ୍ ନୀଲ୍ ଭାନ୍ସ' ରଖିଛନ୍ତି। ମେରୀଲ୍ୟାଣ୍ଡସ୍ଥିତ ୱାଲ୍ଟର ରିଡ୍ ନ୍ୟାସନାଲ ମିଲିଟାରୀ ମେଡିକାଲ ସେଣ୍ଟରରେ ଏହି ଶିଶୁର ଜନ୍ମ



ହୋଇଛି। ଆମେରିକାର ରାଜନୀତିକ ଇତିହାସରେ ଏହା ଏକ ବିରଳ ଘଟଣା, କାରଣ ଦୀର୍ଘ ଦେଢ଼ ଶହ ବର୍ଷରୁ ଅଧିକ ସମୟ ପରେ କୌଣସି ପଦବୀରେ ଥିବା ଉପରାଷ୍ଟ୍ରପତିଙ୍କ କୋଳକୁ ସନ୍ତାନ ଆସିଛି। ଏହା ପୂର୍ବରୁ ୧୮୭୦ ମସିହାରେ ସ୍କାଏଲର କୋଲଫ୍ୟାକ୍ସ ଉପରାଷ୍ଟ୍ରପତି ଥିବା ସମୟରେ ତାଙ୍କ ପୁତ୍ର ଜନ୍ମଗ୍ରହଣ କରିଥିଲେ। ଭାନ୍ସ ଦମ୍ପତିଙ୍କର ପୂର୍ବରୁ ଦୁଇ ପୁଅ ଏବଂ ଜଣେ ଝିଅ ଅଛନ୍ତି। ଉଷା ଭାନ୍ସଙ୍କ ପରିବାର ଭାରତର ଆନ୍ଧ୍ରପ୍ରଦେଶରୁ ଯାଇ ଆମେରିକାରେ ବସବାସ କରିଥିବାରୁ, ଏହି ସମ୍ବାଦ ଭାରତୀୟ-ଆମେରିକୀୟ ସମୁଦାୟ ମଧ୍ୟରେ ମଧ୍ୟ ବେଶ୍ ଆନନ୍ଦ ଆଣିଦେଇଛି।

# ଏସ୍‌ଆଇଟି ଦ୍ୱାରା ତଦନ୍ତ ପାଇଁ ପରାମର୍ଶ ଦେଲେ ସୁପ୍ରିମକୋର୍ଟ

## ରାମ ମନ୍ଦିର ଚାନ୍ଦା ଚୋରି



ନୂଆଦିଲ୍ଲୀ, ୨୦।୭ (ଏଜେନ୍ସି): ଅଯୋଧ୍ୟା ରାମ ମନ୍ଦିରରେ ମିଳିଥିବା ଦାନ ଅର୍ଥ ଆତ୍ମସାତ୍ ମାମଲାକୁ ନେଇ ଚାଲିଥିବା ବିବାଦ ଉପରେ ସୁପ୍ରିମ୍ କୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ସୋମବାର ଏହି ମାମଲାର ଶୁଣାଣି କରି ସର୍ବୋଚ୍ଚ ଅଦାଲତ କହିଛନ୍ତି ଯେ, ଏହା ଏକ ସାଧାରଣ ଅପରାଧିକ ଘଟଣା ଏବଂ ଏହାର ରାଜନୀତିକରଣ କରାଯିବା ଉଚିତ୍ ନୁହେଁ। ମାମଲାର ନିରପେକ୍ଷ ଓ ସଠିକ୍ ତଦନ୍ତ ସୁନିଶ୍ଚିତ କରିବା ହିଁ କୋର୍ଟଙ୍କର ମୁଖ୍ୟ ଉଦ୍ଦେଶ୍ୟ ବୋଲି ବେଞ୍ଚ ସ୍ପଷ୍ଟ କରିଛନ୍ତି। ପ୍ରଧାନ ବିଚାରପତି ସୂର୍ଯ୍ୟ କାନ୍ତଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି ସମୟରେ କହିଛନ୍ତି, 'ଏହା କେବଳ ଏକ ଅପରାଧିକ ଘଟଣା। ଆମେ ଏଠାରେ କେବଳ ସଠିକ୍ ତଦନ୍ତ ନିଶ୍ଚିତ କରିବାକୁ ଅଛୁ। ଅଦାଲତ ରାଜନୀତି କରିବାର ସ୍ଥାନ ନୁହେଁ।' ଏହା ସହ କୌଣସି ପକ୍ଷ ଏହି ସମ୍ବେଦନଶୀଳ ପ୍ରସଙ୍ଗକୁ ନେଇ ରାଜନୀତି ନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଶ୍ରୀ ରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟର ହିସାବପତ୍ରର ଫୋରେନ୍ସିକ୍ ଅଡିଟ୍, କମ୍ପଟ୍ରୋଲର୍ ଏବଂ ଅଡିଟର୍ ଜେନେରାଲ୍ (ସିଏଜି)ଙ୍କ ଦ୍ୱାରା ଯାଞ୍ଚ ଏବଂ ସିବିଆଇ କିମ୍ବା କୋର୍ଟ-ପରିଚାଳିତ ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସ୍‌ଆଇଟି) ଦ୍ୱାରା ମାମଲାର ତଦନ୍ତ କରାଯିବାକୁ ଦାବି କରି ଏକାଧିକ ପିଟିସନ୍ ଦାୟର ହୋଇଥିଲା। ଶୁଣାଣି ବେଳେ ସୋଲିସିଟର ଜେନେରାଲ୍ ତୁଷାର ମେହେଟ୍ଟା କୋର୍ଟଙ୍କୁ ଜଣାଇଥିଲେ ଯେ, ଉତ୍ତର ପ୍ରଦେଶ ପୋଲିସ ଦ୍ୱାରା ଗଠିତ ଏସଆଇଟି ଏହି ମାମଲାର ତଦନ୍ତ କରୁଛି। ଏହି ତଦନ୍ତ ଆଧାରରେ ଏପର୍ଯ୍ୟନ୍ତ ୮ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯିବା ସହ ପ୍ରାୟ ୮୦ ଲକ୍ଷ ଟଙ୍କା ଜବତ କରାଯାଇଛି। ଏହି ବିବାଦ ପରେ ଟ୍ରଷ୍ଟର ସାଧାରଣ ସମ୍ପାଦକ ଚମ୍ପତ୍ ରାୟ ଏବଂ ଟ୍ରଷ୍ଟି ଅନିଲ ମିଶ୍ର ନିଜ ପଦବୀରୁ ଇସ୍ତଫା ଦେଇଛନ୍ତି। ସୁପ୍ରିମ୍ କୋର୍ଟ ଏହି ମାମଲାର ପରବର୍ତ୍ତୀ ଶୁଣାଣି ଜୁଲାଇ ୨୭ ତାରିଖକୁ ଧାର୍ଯ୍ୟ କରିଛନ୍ତି। ସେହିଦିନ ଉତ୍ତର ପ୍ରଦେଶ ସରକାର ଏସଆଇଟି ତଦନ୍ତର ଅଗ୍ରଗତି ସମ୍ପର୍କରେ କୋର୍ଟଙ୍କୁ ଅବଗତ କରାଇବେ। ସେପଟେ ଜୁଲାଇ ୨୨ ତାରିଖରେ ଅଯୋଧ୍ୟାରେ ଟ୍ରଷ୍ଟର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସି ଏସଆଇଟିର ପ୍ରାରମ୍ଭିକ ରିପୋର୍ଟ ଓ ପରବର୍ତ୍ତୀ ସଂସ୍କାରମୂଳକ ପଦକ୍ଷେପ ଉପରେ ଆଲୋଚନା ହେବ।



ସୋମବାର ଦିନ ଦିଲ୍ଲୀରେ ନ୍ୟାୟ ମାଗୁଥିବା ଆନ୍ଦୋଳନକାରୀ ଛାତ୍ରଛାତ୍ରୀଙ୍କ ଉପରେ ପୁଲିସ ବର୍ବର ଦମନଲୀଳା

# ସ୍ଥଳପଥ ଆକ୍ରମଣ ପାଇଁ ଆମେରିକାର ଧମକ

## ଆମେ ଅପେକ୍ଷା କରିଛୁ: ଇରାନ

ତେହରାନ୍, ୨୦।୭ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସାମରିକ କାର୍ଯ୍ୟାନୁଷ୍ଠାନ ଏବଂ ଇରାନର ଗୁରୁତ୍ୱପୂର୍ଣ୍ଣ ତୈଳ ଦ୍ୱୀପ ଖାର୍ଗ ଦଖଲ କରିବା ନେଇ ଦେଇଥିବା ଚେତାବନୀ ପରେ ଦୁଇ ଦେଶ ମଧ୍ୟରେ ଉତ୍ତେଜନା ଚରମ ସୀମାରେ ପହଞ୍ଚିଛି। ଆମେରିକାର ଯେକୌଣସି ସ୍ଥଳପଥ ଆକ୍ରମଣ କିମ୍ବା ଦୁଃସାହସିକ ପଦକ୍ଷେପର କଡ଼ା ଜବାବ ଦିଆଯିବ ବୋଲି ଇରାନ ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ଚେତାବନୀ ଦିଆଯାଇଛି। ଇରାନ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ଇସମାଇଲ୍ ବାଘେଇ କହିଛନ୍ତି ଯେ, ଆମେରିକୀୟ ସୈନ୍ୟମାନଙ୍କୁ ସ୍ୱାଗତ କରିବା ପାଇଁ ଇରାନର ସେନା ଓ ଜନସାଧାରଣ ସଜାଗ ହୋଇ ରହିଛନ୍ତି। ଆମେରିକା ଯଦି କୌଣସି ଆକ୍ରମଣ କରେ, ତେବେ ତାହାର ଗମ୍ଭୀର ପରିଣାମ ଭୋଗିବାକୁ ପଡ଼ିବ ବୋଲି ସେ ସ୍ପଷ୍ଟ କରିଛନ୍ତି। ଇରାନର ବୁଶେହର ପ୍ରଦେଶ ଉପକୂଳରୁ ୫୫ କିଲୋମିଟର ଦୂରରେ ଅବସ୍ଥିତ 'ଖାର୍ଗ' ଦ୍ୱୀପ ହେଉଛି ଇରାନର ତୈଳ ଶିଳ୍ପର ପ୍ରମୁଖ କେନ୍ଦ୍ର। ଇରାନର ମୋଟ ଅଶୋଧିତ ତୈଳ ରପ୍ତାନିର ପ୍ରାୟ ୯୦ ପ୍ରତିଶତ ଏହି ଦ୍ୱୀପ ମାଧ୍ୟମରେ ହୋଇଥାଏ। ଏହି ସ୍ଥାନକୁ କବଜା କରି ଇରାନର ଅର୍ଥନୀତିକୁ ପଙ୍ଗୁ କରିବାକୁ ଆମେରିକା ଯୋଜନା କରୁଥିବା ନେଇ ଆଲୋଚନା ହେଉଛି। ବାଘେଇ ପୂର୍ବରୁ ସ୍ୱାକ୍ଷରିତ ମଧ୍ୟବର୍ତ୍ତୀକାଳୀନ ୧୪-ଦଫା ସମ୍ବଳିତ ଚୁକ୍ତିନାମାକୁ ସ୍ମରଣ କରାଇ କହିଛନ୍ତି ଯେ, ଚୁକ୍ତିରେ କୌଣସି ଅସ୍ପଷ୍ଟତା ନାହିଁ ଏବଂ ଆମେରିକା ଏଥିରୁ ଓହରିଯିବା ପାଇଁ କୌଣସି ବାହାନା କରିପାରିବ ନାହିଁ। ଏହା ସହିତ ହର୍ମୁଜ ପ୍ରଣାଳୀର ପରିଚାଳନା ଦାୟିତ୍ୱ ଇରାନ ନିକଟରେ



ରହିବ ବୋଲି ସେ ଦୋହରାଇଛନ୍ତି। ଆମେରିକା ରାଷ୍ଟ୍ରପତିଙ୍କ ନିର୍ଦ୍ଦେଶରେ ଆମେରିକୀୟ ସେନା ବିମାନ ଆକ୍ରମଣ ସହ ସ୍ଥଳପଥରେ ଖାର୍ଗ ଦ୍ୱୀପ ଓ ଇରାନର ପରମାଣୁ କେନ୍ଦ୍ର ସହ ଜଡ଼ିତ ସ୍ଥାନଗୁଡ଼ିକୁ ଲକ୍ଷ୍ୟ କରିବାକୁ ପ୍ରସ୍ତୁତି ଚଳାଇଛି। ସାମରିକ ବିଶେଷଜ୍ଞଙ୍କ ମତରେ, ଆମେରିକା ପାଖରେ ଦ୍ୱୀପ ଦଖଲ କରିବାର କ୍ଷମତା ଥିଲେ ମଧ୍ୟ ସେଠାରେ ନିଜର ନିୟନ୍ତ୍ରଣ ବଜାୟ ରଖିବା ଏବଂ ଇରାନର ମିସାଇଲ୍ ଓ ଡ୍ରୋନ ଆକ୍ରମଣରୁ ନିଜ ସୈନ୍ୟଙ୍କୁ ରକ୍ଷା କରିବା ଅତ୍ୟନ୍ତ କଷ୍ଟକର ହେବ। ମଧ୍ୟପ୍ରାଚ୍ୟରେ ଆମେରିକାର ପ୍ରାୟ ୫୦,୦୦୦ ସୈନ୍ୟ ମୁତୟନ ଥିବା ବେଳେ ଉଭୟ ଦେଶ ମଧ୍ୟରେ ବୃଦ୍ଧି ପାଉଥିବା ଏହି ସାମରିକ ଉତ୍ତେଜନା କେବଳ ସେହି ଅଞ୍ଚଳ ନୁହେଁ, ବରଂ ସାରା ବିଶ୍ୱର ତୈଳ ଯୋଗାଣ ଓ ଶାନ୍ତି ପ୍ରତି ବଡ଼ ବିପଦ ସୃଷ୍ଟି କରିଛି।

## ମାଳଦ୍ୱୀପର ୪୨ଟି ଦ୍ୱୀପରେ ମନୋରଞ୍ଜନ କେନ୍ଦ୍ର ପାଇଁ ଭାରତର ସହାୟତା

ମାଲେ, ୨୦।୭ (ଏଜେନ୍ସି): ଭାରତ ଏବଂ ମାଳଦ୍ୱୀପ ମଧ୍ୟରେ ଦ୍ୱିପାକ୍ଷିକ ବିକାଶମୂଳକ ସମ୍ପର୍କକୁ ଆହୁରି ସୁଦୃଢ଼ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଏହି ଚୁକ୍ତିନାମା ଅଧୀନରେ ମାଳଦ୍ୱୀପର ୪୨ଟି ଦ୍ୱୀପରେ ସାଧାରଣ ନାଗରିକଙ୍କ ପାଇଁ ଫିଟନେସ୍ ଏବଂ ମନୋରଞ୍ଜନ କେନ୍ଦ୍ର ପ୍ରତିଷ୍ଠା ପାଇଁ ଭାରତ ସରକାର ଆବଶ୍ୟକୀୟ ଉପକରଣ ଯୋଗାଇଦେବେ। ମାଲେଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମାଳଦ୍ୱୀପର ବିଦେଶ ମନ୍ତ୍ରୀ ଇରୁଥିଶାମ୍ ଆଦମ୍, ଭାରତୀୟ ହାଇକମିଶନର ଜି ବାଲାସୁବ୍ରମଣ୍ୟମ୍ ଏବଂ ମାଳଦ୍ୱୀପର ଯୁବ ସଶକ୍ତୀକରଣ ଓ କ୍ରୀଡା ମନ୍ତ୍ରୀ ଅବଦୁଲ୍ଲା ରାଫିଉ ଏହି ସମ୍ପର୍କିତ ବୁଝାମଣା ପତ୍ର (ଏମ୍‌ଓୟୁ)ରେ ସ୍ୱାକ୍ଷର କରିଛନ୍ତି। ଏହି ପ୍ରକଳ୍ପର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଆଞ୍ଚଳିକ ଦ୍ୱୀପଗୁଡିକରେ ସ୍ୱାସ୍ଥ୍ୟକର ଜୀବନଶୈଳୀକୁ ପ୍ରୋତ୍ସାହିତ କରିବା ସହ ବିଶେଷ କରି ମହିଳା, ଯୁବତୀ ଏବଂ ଯୁବବର୍ଗଙ୍କୁ ସାମାଜିକ ଓ ଶାରୀରିକ ବିକାଶ କ୍ଷେତ୍ରରେ ସାମିଲ କରିବା। ଏହି ସହାୟତା ଭାରତର 'ଉଚ୍ଚ ପ୍ରଭାବଶାଳୀ ଗୋଷ୍ଠୀ ବିକାଶ ପ୍ରକଳ୍ପ'ର ଅନୁଦାନ ଅଧୀନରେ ଦିଆଯାଉଛି।

# ଆସାମରେ ପ୍ରଳୟଙ୍କରୀ ବନ୍ୟା, ୨ ଲକ୍ଷରୁ ଅଧିକ ପ୍ରଭାବିତ

ଗୌହାଟୀ, ୨୦।୭ (ଏଜେନ୍ସି): କ୍ରମାଗତ ପ୍ରବଳ ବର୍ଷା ଯୋଗୁଁ ଅସାମରେ ବନ୍ୟା ପରିସ୍ଥିତି ଅତି ଗମ୍ଭୀର ରୂପ ଧାରଣ କରିଛି। ରାଜ୍ୟର ୧୨ଟି ଜିଲ୍ଲାର ୩୦ଟି ରାଜସ୍ୱ ମଣ୍ଡଳ ଅନ୍ତର୍ଗତ ୫୮୦ଟି ଗାଁର ପ୍ରାୟ ୧.୭ ଲକ୍ଷରୁ ଅଧିକ ଲୋକ ଏହି ବନ୍ୟାରେ ପ୍ରଭାବିତ ହୋଇଛନ୍ତି। ଶିବସାଗର, ଚରାଇଦେଓ, ଜୋରହାଟ ଏବଂ ଦିବ୍ରୁଗଡ଼ ଭଳି ଜିଲ୍ଲାଗୁଡିକ ସବୁଠାରୁ ବେଶି କ୍ଷତିଗ୍ରସ୍ତ ହୋଇଛନ୍ତି। ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ଭାରତୀୟ ସେନା ପକ୍ଷରୁ 'ଅପରେସନ୍ ଜଲ୍ ରାହତ୍' ଅଭିଯାନ ଆରମ୍ଭ କରାଯାଇଛି। ସେନାବାହିନୀ, ଅସାମ ରାଇଫଲ୍ସ, ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ (ଏନ୍‌ଡିଆରଏଫ୍) ଏବଂ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବଳ (ଏସ୍‌ଡିଆରଏଫ୍) ମିଳିତ ଭାବେ ଉଦ୍ଧାର ଓ ରିଲିଫ୍ କାର୍ଯ୍ୟ ଜାରି ରଖିଛନ୍ତି। ବନ୍ୟା ଜଳରେ ବହୁ ଘରଦ୍ୱାର, ଚାଷଜମି ଏବଂ ରେଳଧାରଣା ବୁଡିଯିବା ଯୋଗୁଁ ଯାତାୟାତ ସମ୍ପୂର୍ଣ୍ଣ ବ୍ୟାହତ ହୋଇଛି। ଗୌହାଟୀ ସହରରେ ମଧ୍ୟ ବ୍ୟାପକ କୃତ୍ରିମ ବନ୍ୟା ଦେଖାଦେଇଛି, ଯାହା ଫଳରେ ଲୋକଙ୍କ ଘରେ ପାଣି ପଶି ନାହିଁ ନଥିବା ଅସୁବିଧା ସୃଷ୍ଟି ହୋଇଛି। ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା ପରିସ୍ଥିତି ଉପରେ କ୍ରମାଗତ ନଜର ରଖିଛନ୍ତି ଏବଂ ଚାରିଜଣ କ୍ୟାବିନେଟ୍ ମନ୍ତ୍ରୀଙ୍କୁ ସିଧାସଳଖ ବନ୍ୟା ପ୍ରଭାବିତ ଅଞ୍ଚଳକୁ ଯାଇ ରିଲିଫ୍ କାର୍ଯ୍ୟ ତଦାରଖ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ପ୍ରବଳ ବର୍ଷା ଓ ଭୂସ୍ଖଳନ: ସାମୟିକ ଭାବେ ବନ୍ଦ ରହିଲା ଚାରିଧାମ ଯାତ୍ରା

ଡେରାଡୁନ୍, ୨୦।୭ (ଏଜେନ୍ସି): ଉତ୍ତରାଖଣ୍ଡରେ ଜାରି ରହିଥିବା ପ୍ରବଳ ବର୍ଷା, ଭୂସ୍ଖଳନ ଆଶଙ୍କା ଏବଂ ପାଣିପାଗ ବିଭାଗର ସତର୍କତା ସୂଚନାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ସୁରକ୍ଷାମୂଳକ ପଦକ୍ଷେପ ସ୍ୱରୂପ ଚାରିଧାମ ଯାତ୍ରାକୁ ସାମୟିକ ଭାବେ ସ୍ଥଗିତ ରଖାଯାଇଛି। ଗଢ଼ୱାଲ କମିଶନର ସମସ୍ତ ଜିଲ୍ଲାପାଳ ଓ ସମ୍ପୃକ୍ତ ଅଧିକାରୀମାନଙ୍କୁ ଆବଶ୍ୟକୀୟ ନିର୍ଦ୍ଦେଶ ଜାରି କରିଛନ୍ତି। ମାର୍ଗରେ ଥିବା ତୀର୍ଥଯାତ୍ରୀମାନଙ୍କୁ ନିରାପଦ ସ୍ଥାନରେ ରଖିବା ସହ, ରାସ୍ତା ସମ୍ପୂର୍ଣ୍ଣ ସୁରକ୍ଷିତ ଘୋଷଣା ହେବା ପରେ ହିଁ ଯାତ୍ରା ପୁଣି ଆରମ୍ଭ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସାଧାରଣ ଜନତା ଓ ଯାତ୍ରୀମାନଙ୍କୁ କୌଣସି ଗୁଜବରେ ବିଶ୍ୱାସ ନକରି କେବଳ ସରକାରୀ ସୂଚନା ଉପରେ ନିର୍ଭର କରିବାକୁ କୁହାଯାଇଛି। ଅପରପକ୍ଷରେ, ରୁଦ୍ରପ୍ରୟାଗ ଜିଲ୍ଲାରେ କ୍ରମାଗତ ବର୍ଷା ହେତୁ ଅଳକନନ୍ଦା ଓ ମନ୍ଦାକିନୀ ନଦୀର ଜଳସ୍ତର ବିପଦ ସଙ୍କେତ ନିକଟତର ହୋଇଛି, ଯାହା ଫଳରେ ଗାଙ୍ଗେୟ ଘାଟଗୁଡିକ ଜଳମଗ୍ନ ହୋଇଛି। ଜିଲ୍ଲା ଜରୁରୀକାଳୀନ ପରିଚାଳନା କେନ୍ଦ୍ର ପକ୍ଷରୁ ସମସ୍ତ ବିଭାଗକୁ ଆଲର୍ଟରେ ରଖାଯିବା ସହ ନଦୀକୂଳକୁ ନଯିବା ପାଇଁ ଲୋକଙ୍କୁ ସଚେତନ କରାଯାଇଛି।

# ମୌସୁମୀ ସକ୍ରିୟ, ଜାରି ରହିବ ବର୍ଷା

ଭୁବନେଶ୍ୱର,୨୦।୭(ସମିସ): : ରାଜ୍ୟରେ ମୌସୁମୀ ବାୟୁ ସକ୍ରିୟ ରହିଥିବାରୁ ଅଧିକାଂଶ ସ୍ଥାନରେ ମେଘୁଆ ପାଗ ଲାଗି ରହିଛି। ବିଭିନ୍ନ ଅଞ୍ଚଳରେ ମଧ୍ୟମରୁ ହାଲୁକା ବର୍ଷା ଜାରି ରହିଛି। ମୌସୁମୀ ନିମ୍ନଚାପ ରେଖା ସ୍ୱାଭାବିକ ସ୍ଥିତିରେ ଥିବାରୁ କୌଣସି ଘୂର୍ଣ୍ଣିବଳୟ କିମ୍ବା ଲଘୁଚାପ ସୃଷ୍ଟି ନ ହୋଇଥିଲେ ମଧ୍ୟ ରାଜ୍ୟରେ ବର୍ଷା ଜାରି ରହିଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ଗତ ୨୪ ଘଣ୍ଟାରେ ଢେଙ୍କାନାଳରେ ରାଜ୍ୟର ସର୍ବାଧିକ ୧୧୮ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ସେହିପରି ପାରାଦୀପରେ ୩୮ ମିଲିମିଟର, ସୋନପୁରରେ ୩୭ ମିଲିମିଟର, କେନ୍ଦୁଝରରେ ୩୦.୪ ମିଲିମିଟର, ଭଦ୍ରକରେ ୧୭ ମିଲିମିଟର ଏବଂ ଭୁବନେଶ୍ୱରରେ ୧୦ ମିଲିମିଟର ବର୍ଷା ରେକର୍ଡ ହୋଇଛି। ମଙ୍ଗଳବାର କେନ୍ଦୁଝର, ମୟୂରଭଞ୍ଜ ଓ ସୁନ୍ଦରଗଡ଼ ଜିଲ୍ଲାରେ ପ୍ରବଳ ବର୍ଷାର ସମ୍ଭାବନା ଥିବାବେଳେ ଭଦ୍ରକ, ବାଲେଶ୍ୱର, ଯାଜପୁର,



କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ଖୋର୍ଦ୍ଧା, ପୁରୀ, ନୟାଗଡ଼, ଗଞ୍ଜାମ ଓ ଗଜପତି ଜିଲ୍ଲାରେ ହାଲୁକାରୁ ମଧ୍ୟମ ବର୍ଷା ହେବାର ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ଭାରତୀୟ ପାଣିପାଗ ବିଭାଗ ସମ୍ପୃକ୍ତ ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରିଛି।ପାଣିପାଗ ବିଭାଗର ପୂର୍ବାନୁମାନ ଅନୁଯାୟୀ, ଜୁଲାଇ ୨୪ ପର୍ଯ୍ୟନ୍ତ ରାଜ୍ୟରେ ଏଭଳି ବର୍ଷା ଜାରି ରହିବ। ବାହୁଡ଼ା ଯାତ୍ରା ସମୟରେ ମଧ୍ୟ ବର୍ଷା ହେବାର ସମ୍ଭାବନା ରହିଛି। ଅନ୍ୟପକ୍ଷରେ, ଚଳିତ ବର୍ଷ ଜୁନ୍ ୧ରୁ ଏପର୍ଯ୍ୟନ୍ତ ରାଜ୍ୟରେ ମୋଟ ୪୬୯.୪ ମିଲିମିଟର ବର୍ଷା ରେକର୍ଡ ହୋଇଛି। ଏହି ସମୟରେ ସ୍ୱାଭାବିକ ବର୍ଷାର ପରିମାଣ ୪୦୭.୫ ମିଲିମିଟର ଥିବାବେଳେ ଚଳିତ ବର୍ଷ ବର୍ଷା ସ୍ୱାଭାବିକଠାରୁ ୧୨ ପ୍ରତିଶତ ଅଧିକ ରହିଛି। ଗତ ୨୪ ଘଣ୍ଟାରେ ରାଜ୍ୟର ଅନେକ ସ୍ଥାନରେ ବର୍ଷା ହୋଇଥିବାବେଳେ ୫ଟି ଜିଲ୍ଲାରେ ପ୍ରବଳ ବର୍ଷା ରେକର୍ଡ କରାଯାଇଛି।

# ପରିବା ବଜାରରେ ନିଆଁ

## ଡିସେମ୍ବର ଯାଏ ନିସ୍ତାର ନାହିଁ



ଭୁବନେଶ୍ୱର,୨୦।୭(ସମିସ): ରାଜ୍ୟରେ ପରିବା ଦରରେ ଅସ୍ୱାଭାବିକ ବୃଦ୍ଧି ଦେଖାଦେଇଛି। ମାତ୍ର ଦୁଇ ଦିନ ମଧ୍ୟରେ ପ୍ରାୟ ସମସ୍ତ ପରିବାର ଦର କିଲୋ ପିଛା ୧୦ରୁ ୧୫ ଟଙ୍କା ପର୍ଯ୍ୟନ୍ତ ବଢ଼ିଛି। ଲଗାଣ ବର୍ଷା ଯୋଗୁଁ ରାଜ୍ୟରେ ବ୍ୟାପକ ପରିମାଣରେ ପରିବା ଫସଲ ନଷ୍ଟ ହୋଇଥିବାବେଳେ ସ୍ଥାନୀୟ ଉତ୍ପାଦନ ହ୍ରାସ ପାଇଛି। ଫଳରେ ବଜାରରେ ପରିବାର ଅଭାବ ସୃଷ୍ଟି ହୋଇ ବ୍ୟବସାୟୀମାନେ ପ୍ରାୟ ସମ୍ପୂର୍ଣ୍ଣ ଭାବେ ବାହାର ରାଜ୍ୟରୁ ଆମଦାନୀ ଉପରେ ନିର୍ଭର କରୁଛନ୍ତି। ଏହାର ପ୍ରଭାବ ସିଧାସଳଖ ଭାବେ ଖାଉଟିଙ୍କ ପକେଟ୍ ଉପରେ ପଡ଼ିଛି। ସପ୍ତାହକ ପୂର୍ବରୁ ଯେଉଁ ପରିବାର ଦର କିଲୋ ପିଛା ୫୦ ଟଙ୍କା ମଧ୍ୟରେ ସୀମିତ ଥିଲା, ବର୍ତ୍ତମାନ ତାହା ୭୦ ଟଙ୍କା ଛୁଇଁଛି। କେତେକ ପରିବା ଦର ୧୦୦ ଟଙ୍କା ଅତିକ୍ରମ କରିଥିବାବେଳେ ଅଧିକାଂଶ ପରିବା ଦର ୬୦ ଟଙ୍କାରୁ କମ୍ ନାହିଁ। ଭେଣ୍ଡି କିଲୋ ୬୦ ଟଙ୍କା, କଖାରୁ ୪୦ ଟଙ୍କା, କ୍ୟାପସିକମ୍ ୧୨୦ ଟଙ୍କା, ଗାଜର ୬୦ ଟଙ୍କା, ବିନ୍ସ ୧୬୦ ଟଙ୍କା, କାକୁଡ଼ି ୬୦ ଟଙ୍କା, ଜହ୍ନି ୬୦ ଟଙ୍କା, ବାଇଗଣ ୬୦ ଟଙ୍କା, ପୋଟଳ ୬୦ ଟଙ୍କା, ଧନିଆ ପତ୍ର ଓ ପୁଦିନାର ଗୋଟିଏ ବିଡ଼ା ୪୦ ଟଙ୍କାରେ ବିକ୍ରି ହେଉଛି। ସେହିପରି କୋଶଳା ଶାଗ, କଳମ ଶାଗ, ଖଡ଼ା ଶାଗ ଓ ଲେଉଟିଆ ଶାଗର ଦର ମଧ୍ୟ ଯଥେଷ୍ଟ ବୃଦ୍ଧି ପାଇଛି। କିଛି ଦିନ ପୂର୍ବରୁ କିଲୋ ପିଛା ୩୦ ଟଙ୍କାରେ ବିକ୍ରି ହେଉଥିବା ଟମାଟୋ ବର୍ତ୍ତମାନ ୪୦ ଟଙ୍କା ଅତିକ୍ରମ କରିଛି। ଦେଶୀ କାଙ୍କଡ଼ ଦର କିଲୋ ପିଛା ୨୦୦ ଟଙ୍କାରେ ପହଞ୍ଚିଥିବାବେଳେ ଫୁଲକୋବି ଗୋଟାକୁ ୬୦ ଟଙ୍କାରେ ବିକ୍ରି ହେଉଛି। ଆଳୁ କିଲୋ ୨୦ ଓ ପିଆଜ କିଲୋ ୪୦ରେ ପହଞ୍ଚିଛି।

ୟୁନିଟ୍-୧ କଞ୍ଚା ପରିବା ବ୍ୟବସାୟୀ ସଂଘର ସମ୍ପାଦକ କବିରାଜ ସ୍ୱାଇଁ କହିଛନ୍ତି ଯେ, ବର୍ତ୍ତମାନ ଓଡ଼ିଶାରେ ସ୍ଥାନୀୟ ପରିବାର ଯୋଗାଣ ପ୍ରାୟ ଶେଷ ହୋଇଯାଇଛି। ଏହି କାରଣରୁ ବ୍ୟବସାୟୀମାନେ ପ୍ରାୟ ସମସ୍ତ ପରିବା ପାଇଁ ବାହାର ରାଜ୍ୟ ଉପରେ ନିର୍ଭର କରୁଛନ୍ତି। ଜହ୍ନି, କଲରା, ଭେଣ୍ଡି, ପୋଟଳ, କାଙ୍କଡ଼ ଓ ଲଙ୍କା ପଶ୍ଚିମବଙ୍ଗରୁ ଆସୁଥିବାବେଳେ ବନ୍ଧାକୋବି, ଫୁଲକୋବି, ଟମାଟୋ ଓ ବିନ୍ସ ମହାରାଷ୍ଟ୍ରରୁ ଆମଦାନୀ ହେଉଛି। ସେହିପରି ସଜନା ଛୁଇଁ ଓ କଖାରୁ ତାମିଲନାଡୁରୁ, ଅମୃତଭଣ୍ଡା, କଦଳୀ ଓ ମାଟିଆଳୁ ଆନ୍ଧ୍ରପ୍ରଦେଶରୁ ଏବଂ ଗାଜର ରାଜସ୍ଥାନର ଯୋଧପୁରରୁ ଆସୁଛି। ବାହାର ରାଜ୍ୟରୁ ପରିବା ଆମଦାନୀ କରିବାକୁ ଅଧିକ ପରିବହନ ଖର୍ଚ୍ଚ ବହନ କରିବାକୁ ପଡୁଛି। ତେଣୁ ପରିବାର ଦର ବୃଦ୍ଧି ପାଇବା ସ୍ୱାଭାବିକ। ଓଡ଼ିଶାରେ ନୂଆ ଫସଲ ବଜାରକୁ ଆସିବା ପର୍ଯ୍ୟନ୍ତ, ଅର୍ଥାତ୍ ଡିସେମ୍ବର ମାସ ପର୍ଯ୍ୟନ୍ତ ଏହି ଉଚ୍ଚ ଦର ଜାରି ରହିପାରେ।

ଓଡ଼ିଶା ବର୍ଷସାରା ପ୍ରାୟ ୮୦ ପ୍ରତିଶତ ପରିବା ପାଇଁ ଅନ୍ୟ ରାଜ୍ୟ ଉପରେ ନିର୍ଭରଶୀଳ। ବ୍ୟବସାୟୀମାନଙ୍କ ମତରେ, ଚାଷୀଙ୍କୁ ପରିବା ଚାଷ ପାଇଁ ଅଧିକ ପ୍ରୋତ୍ସାହନ, ଉନ୍ନତ ବିହନ, ସଂରକ୍ଷଣ ବ୍ୟବସ୍ଥା ଓ ଉପଯୁକ୍ତ ବଜାର ସୁବିଧା ଯୋଗାଇ ଦିଆଗଲେ ରାଜ୍ୟରେ ପରିବା ଉତ୍ପାଦନ ବୃଦ୍ଧି ପାଇବ। ଏହାଦ୍ୱାରା ବାହାର ରାଜ୍ୟ ଉପରେ ନିର୍ଭରଶୀଳତା କମିବା ସହ ଖାଉଟିମାନେ ମଧ୍ୟ ଦରବୃଦ୍ଧିରୁ ଆଶ୍ୱସ୍ତି ପାଇପାରିବେ।

## ଗାନ୍ଧୀମାର୍ଗରେ ଗର୍ଜିଲେ ୬୬୨ ବର୍ଗ କଲେଜ ଅଧ୍ୟାପକ ଓ କର୍ମଚାରୀ

# ଅଗଷ୍ଟ ୯ରୁ ପାଠପଢ଼ା ବନ୍ଦ




ଭୁବନେଶ୍ୱର,୨୦।୭(ସମିସ):: ୪ ଦଫା ଦାବି ପୂରଣ ନିମନ୍ତେ ବିଧାନସଭା ସମ୍ମୁଖ ଗାନ୍ଧୀମାର୍ଗରେ ୬୬୨ ବର୍ଗ କଲେଜର ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନେ ବିଶାଳ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ବାରମ୍ବାର ସରକାରଙ୍କ ପକ୍ଷରୁ ପ୍ରତିଶ୍ରୁତି ମିଳିଥିଲେ ମଧ୍ୟ ଦୀର୍ଘଦିନ ଧରି ସେମାନଙ୍କ ନ୍ୟାୟସଙ୍ଗତ ଦାବି ପୂରଣ ହୋଇନଥିବାରୁ ଆନ୍ଦୋଳନକାରୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ବର୍ତ୍ତମାନ ସରକାରରେ ଥିବା ନେତାମାନେ ବିରୋଧୀ ଦଳରେ ଥିବାବେଳେ ସେମାନଙ୍କ ଦାବି ପୂରଣ ପାଇଁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ କ୍ଷମତାକୁ ଆସିବା ପରେ ସେହି ପ୍ରତିଶ୍ରୁତିକୁ ପାଳନ କରିବା ପରିବର୍ତ୍ତେ ବିପରୀତ ଆଭିମୁଖ୍ୟ ଗ୍ରହଣ କରୁଥିବା ସେମାନେ ଅଭିଯୋଗ କରିଛନ୍ତି।

ସଂଘର ସଭାପତି ଗୋଲକ ନାୟକ କହିଛନ୍ତି ଯେ, ୬୬୨ ବର୍ଗ କଲେଜର ଅଧ୍ୟାପକ ଓ କର୍ମଚାରୀମାନେ ରାଜ୍ୟର ଗ୍ରାମାଞ୍ଚଳରେ ପ୍ରାୟ ୭୦ ପ୍ରତିଶତ ଉଚ୍ଚଶିକ୍ଷାର ଦାୟିତ୍ୱ ବହନ କରୁଛନ୍ତି। ତଥାପି ସେମାନେ ଦୀର୍ଘ ବର୍ଷ ଚାକିରି କରିବା ପରେ ଅବସର ଗ୍ରହଣ କଲେ କୌଣସି ପେନସନ କିମ୍ବା ଅବସରକାଳୀନ ସାମାଜିକ ସୁରକ୍ଷା ସୁବିଧା ପାଉନାହାନ୍ତି। ସୁପ୍ରିମକୋର୍ଟ ଓ ଓଡ଼ିଶା ହାଇକୋର୍ଟ ପେନ୍‌ସନ ପ୍ରଦାନ ସମ୍ପର୍କରେ ଅନୁକୂଳ ରାୟ ଦେଇଥିଲେ ମଧ୍ୟ ସରକାର ତାହାକୁ କାର୍ଯ୍ୟକାରୀ କରୁନାହାନ୍ତି। ଦାବି ସମାଧାନ କରିବା ପରିବର୍ତ୍ତେ କେବଳ କମିଟି ଗଠନ କରି ସମୟ ଗଡ଼ାଯାଉଛି। ଏହା ଫଳରେ ହଜାର ହଜାର ଶିକ୍ଷକ ଓ କର୍ମଚାରୀ ଅନିଶ୍ଚିତତା ମଧ୍ୟରେ ଜୀବନଯାପନ କରୁଛନ୍ତି। ସମସ୍ତ ଯୋଗ୍ୟ ଅଧ୍ୟାପକ ଓ କର୍ମଚାରୀଙ୍କୁ ପେନ୍‌ସନ ପ୍ରଦାନ, ଅବସର ବୟସ ସୀମାକୁ ୬୨ ବର୍ଷକୁ ବୃଦ୍ଧି, ଅନୁଦାନରୁ ବଞ୍ଚିତ କର୍ମଚାରୀଙ୍କୁ ଅନୁଦାନ ପ୍ରଦାନ ଏବଂ ୬୬୨ ବର୍ଗ କଲେଜକୁ ସରକାରୀକରଣ ପାଇଁ ସେମାନେ ଦାବି କରିଛନ୍ତି। ସରକାର ଯଦି ତୁରନ୍ତ ସେମାନଙ୍କ ଦାବି ଉପରେ ସକାରାତ୍ମକ ନିଷ୍ପତ୍ତି ନ ନିଅନ୍ତି, ତେବେ ଆସନ୍ତା ଅଗଷ୍ଟ ୯, କ୍ରାନ୍ତି ଦିବସଠାରୁ ସମସ୍ତ ୬୬୨ ବର୍ଗ କଲେଜରେ ପାଠପଢ଼ା ବନ୍ଦ କରାଯିବ। ଏହା ସହ ଆନ୍ଦୋଳନକୁ ରାଜ୍ୟବ୍ୟାପୀ ତୀବ୍ର କରାଯିବ ଏବଂ ଆବଶ୍ୟକ ପଡ଼ିଲେ ଆମରଣ ଅନଶନ ମଧ୍ୟ କରାଯିବ ବୋଲି ସଂଘ ସ୍ପଷ୍ଟ କରିଛି। ସଂଘର ସାଧାରଣ ସମ୍ପାଦକ ସଦାପ ଉଦ୍ଦିନ ଅହମ୍ମଦ, ଡ. ଗଗନ ବେଉରା, ରଞ୍ଜନ ପ୍ରଧାନ, ଡ. ତପନ ଜେନା, ଡ. ଜ୍ୟୋତି ବସ୍ତିଆ, ଅଶୋକ ପୁରୋହିତ, ଗଜେନ୍ଦ୍ର ନାୟକ, ସଞ୍ଜୟ ଷଡ଼ଙ୍ଗୀ, ସଂଗ୍ରାମ ମଲ୍ଲିକଙ୍କ ସମେତ ବହୁ ସଂଖ୍ୟକ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ସାମିଲ ହୋଇଥିଲେ। ଆନ୍ଦୋଳନକୁ ସାମାଜିକ କର୍ମୀ ପ୍ରଫୁଲ୍ଲ ସାମନ୍ତରାୟ, ଏଆଇଏସ୍‌ଏଫ୍‌ର ରାଜ୍ୟ ସଭାନେତ୍ରୀ ସଂଘମିତ୍ରା ଜେନା, ଜାତୀୟ ଶିକ୍ଷକ ସଂଗଠନର ସଭାପତି ଅମିୟ ମହାନ୍ତି, ସରକାରୀ କଲେଜ ସଂଘର ସଭାପତି ଡ. ମାନସ ବେହେରାଙ୍କ ସମେତ ବହୁ ବିଶିଷ୍ଟ ଶିକ୍ଷାବିତ ଓ ସାମାଜିକ କର୍ମୀ ସମର୍ଥନ ଜଣାଇଛନ୍ତି।

# ଘେରିଲା ବିଜେଡି — ରଥଯାତ୍ରା ପରିଚାଳନାରେ ସରକାର ଅସମର୍ଥ

ଭୁବନେଶ୍ୱର,୨୦।୭(ସମିସ): ରଥଯାତ୍ରାର ପରିଚାଳନାରେ ରାଜ୍ୟ ସରକାରଙ୍କ ବିଫଳତା ଯୋଗୁଁ ଶ୍ରଦ୍ଧାଳୁଙ୍କ ପ୍ରାଣହାନି ଘଟିଛି। ଗତ ତିନିଟି ରଥଯାତ୍ରାରେ ଅବ୍ୟବସ୍ଥା ଜାରି ରହିଥିବାବେଳେ ଚଳିତ ବର୍ଷର ରଥଯାତ୍ରାରେ ଘଟିଥିବା ଦଳାଚକଟା ଘଟଣାକୁ ମଧ୍ୟ ସରକାର ଲୁଚାଇବାକୁ ଉଦ୍ୟମ କରୁଛନ୍ତି। ଏହାସହ ସ୍ୱାସ୍ଥ୍ୟମନ୍ତ୍ରୀ ସର୍ବସାଧାରଣଙ୍କୁ ଭୁଆଁ ବୁଲାଇବାକୁ ମିଛ କହିଥିବା ଅଭିଯୋଗ କରିଛି ବିଜେଡି। ଶଙ୍ଖ ଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ବିଜେଡିର ରାଜ୍ୟ ଉପସଭାପତି ତଥା ପୂର୍ବତନ ମନ୍ତ୍ରୀ ସଞ୍ଜୟ କୁମାର ଦାସବର୍ମା ଏବଂ ଗଣମାଧ୍ୟମ ସଂଯୋଜକ ତଥା ମୁଖପାତ୍ର ଡ. ଲେନିନ ମହାନ୍ତି ଏହି ପ୍ରସଙ୍ଗରେ ସରକାରଙ୍କୁ କଟୁ ସମାଲୋଚନା କରିଛନ୍ତି ।

ଶ୍ରୀ ଦାସବର୍ମା କହିଛନ୍ତି ଯେ ରଥଯାତ୍ରା ସମୟରେ ଘଟିଥିବା ଏହି ଅଘଟଣ କୋଟି କୋଟି ଜଗନ୍ନାଥପ୍ରେମୀଙ୍କୁ ମର୍ମାହତ କରିଛି। ସରକାର ଏହାର ଉତ୍ତରଦାୟିତ୍ୱ ନେବା ପରିବର୍ତ୍ତେ ଘଟଣାକୁ ଲୁଚାଇବାକୁ ଉଦ୍ୟମ କରୁଛନ୍ତି ବୋଲି ସେ କହିଛନ୍ତି। ସ୍ୱାସ୍ଥ୍ୟମନ୍ତ୍ରୀ ଦଳାଚକଟାରେ କୌଣସି ମୃତ୍ୟୁ ହୋଇନଥିବା କହିଥିଲେ ମଧ୍ୟ, ଶବ ବ୍ୟବଚ୍ଛେଦ ରିପୋର୍ଟରେ ଦଳାଚକଟା ଯୋଗୁଁ ମୃତ୍ୟୁ ଘଟିଥିବା ଉଲ୍ଲେଖ ରହିଛି। ସରକାର ରଥଯାତ୍ରା ସମୟରେ ପ୍ରକୃତରେ କ'ଣ ଘଟିଥିଲା, କେତେ ଜଣଙ୍କ ମୃତ୍ୟୁ ଓ କେତେ ଜଣ ଆହତ ହୋଇଥିଲେ, ସେ ନେଇ ସ୍ପଷ୍ଟ ସରକାର କୌଣସି ତଥ୍ୟ ସାର୍ବଜନୀନ କରୁନାହାନ୍ତି। ଦଳାଚକଟା ପରେ ଚାରିଜଣ ଗୁରୁତର ଆହତଙ୍କୁ ପୁରୀ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଥିମଧ୍ୟରୁ



■ ଦଳାଚକଟା ଘଟଣାକୁ ଚାପି ଦେବାକୁ ହୋଇଛି ଉଦ୍ୟମ
■ ମିଥ୍ୟା କହି ରାଜ୍ୟବାସୀଙ୍କୁ ଭୁଆଁ ବୁଲାଉଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ
■ ମହାପ୍ରଭୁଙ୍କ ନାଁ ନେଇ ଖସିଯିବାକୁ ସରକାରଙ୍କ ଉଦ୍ୟମ

ତିନିଜଣଙ୍କ ମୃତ୍ୟୁ ଘଟିଥିବା ସହ ୩୫୦ରୁ ଅଧିକ ଲୋକ ଆହତ ହୋଇଥିବା ସିଡିଏମଓଙ୍କ ପକ୍ଷରୁ ସୂଚନା ଦିଆଯାଇଥିଲା। କିନ୍ତୁ ରାଜ୍ୟ ସରକାର କେବଳ ଦୁଇଜଣଙ୍କ ମୃତ୍ୟୁ ସମ୍ପର୍କରେ ସୂଚନା ଦେଇ ଅନ୍ୟ ଘଟଣା ସମ୍ପର୍କରେ ନିରବତା ଅବଲମ୍ବନ କରିଛନ୍ତି। ରଥଯାତ୍ରାର ସୁପରିଚାଳନା ପାଇଁ ବାରମ୍ବାର ବୈଠକ ହୋଇଥିଲେ ମଧ୍ୟ ପ୍ରଶାସନର ବିଫଳତା ଯୋଗୁଁ ଏଭଳି ଅଭାବନୀୟ ଘଟଣା ଘଟିଛି। ରଥଯାତ୍ରା ଦେଖିବାକୁ ଆସିଥିବା ଶ୍ରଦ୍ଧାଳୁମାନେ ଶବ ହୋଇ ଘରକୁ ଫେରିଥିବାବେଳେ ସରକାର ନିଜ ଦୋଷ ସ୍ୱୀକାର କରିବାକୁ ମଧ୍ୟ ପ୍ରସ୍ତୁତ ନାହାନ୍ତି ବୋଲି ସେ କହିଛନ୍ତି। ଏହି ଘଟଣାର ବିଚାରବିଭାଗୀୟ ତଦନ୍ତ କରି ତାହାର ରିପୋର୍ଟ ସାର୍ବଜନୀନ କରିବାକୁ ଦାବି କରାଯାଇଛି। ସେହିପରି ପୂର୍ବବର୍ଷର ରଥଯାତ୍ରା ସମୟରେ ଘଟିଥିବା ଦଳାଚକଟା ଏବଂ ପହଣ୍ଡି ବିଜେ ବେଳେ ଚାରମାଳରୁ ପ୍ରଭୁ ବଳଭଦ୍ର ଖସିପଡ଼ିବା ଘଟଣାର ତଦନ୍ତ ରିପୋର୍ଟ ମଧ୍ୟ ଏପର୍ଯ୍ୟନ୍ତ ସାର୍ବଜନୀନ ହୋଇନଥିବାରୁ ତାହାକୁ ମଧ୍ୟ ପ୍ରକାଶ କରିବାକୁ ସେ ଦାବି କରିଛନ୍ତି। ଶ୍ରୀ ଦାସବର୍ମା ସୂର୍ଯ୍ୟାସ୍ତ ପରେ ରଥ ଟଣାଯିବା ସଂପର୍କରେ ମଧ୍ୟ ପ୍ରଶ୍ନ ଉଠାଇଛନ୍ତି। ପାରମ୍ପରିକ ନୀତିକାନ୍ତି ଅନୁଯାୟୀ ସୂର୍ଯ୍ୟାସ୍ତ ପରେ ରଥ ଟଣାଯିବାର ବ୍ୟବସ୍ଥା ନଥିବାବେଳେ କେଉଁ ପରିସ୍ଥିତିରେ ଏହି ନିଷ୍ପତ୍ତି ନିଆଗଲା, ସେନେଇ ରାଜ୍ୟ ସରକାର ସ୍ପଷ୍ଟୀକରଣ ଦିଅନ୍ତୁ ବୋଲି ସେ ଦାବି କରିଛନ୍ତି।

ବିଜେଡିର ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି କହିଛନ୍ତି ଯେ, ପୁରୀରେ ଘଟିଥିବା ଦଳାଚକଟା ଘଟଣା ସମସ୍ତ ଗଣମାଧ୍ୟମରେ ପ୍ରସାରିତ ହୋଇଥିଲେ ମଧ୍ୟ ସରକାର ତାହାକୁ ସ୍ୱୀକାର କରୁନାହାନ୍ତି। ସରକାରୀ ଅବ୍ୟବସ୍ଥାକୁ ଲୁଚାଇବା ପାଇଁ ସ୍ୱାସ୍ଥ୍ୟମନ୍ତ୍ରୀ ରାଜ୍ୟବାସୀଙ୍କୁ ଭୁଲ୍ ତଥ୍ୟ ଦେଇଥିବା ସେ ଅଭିଯୋଗ କରିଛନ୍ତି। ବିଜେପି ସରକାର ଗଠନ ପରଠାରୁ କ୍ରମାଗତ ଭାବେ ରଥଯାତ୍ରା ପରିଚାଳନାରେ ଅବ୍ୟବସ୍ଥା ଦେଖାଦେଉଛି। ଓଡ଼ିଆ ଅସ୍ମିତାର ପ୍ରତୀକ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାର ସୁପରିଚାଳନାରେ ସରକାର ବିଫଳ ହୋଇଥିବାରୁ ରାଜ୍ୟର ଭାବମୂର୍ତ୍ତି କ୍ଷୁଣ୍ଣ ହୋଇଛି। ସରକାର ନିଜର ତ୍ରୁଟି ସ୍ୱୀକାର କରି ଦାୟିତ୍ୱ ନେବା ସହ ଘଟଣାର ସତ୍ୟାସତ୍ୟ ସାର୍ବଜନୀନ କରନ୍ତୁ ବୋଲି ସେ ଦାବି କରିଛନ୍ତି।

# ଦୁଇ ଆଇଏଏସ୍‌ଙ୍କୁ ନୂଆ ଦାୟିତ୍ୱ

ଭୁବନେଶ୍ୱର,୨୦।୭(ସମିସ): ରାଜ୍ୟ ସରକାର ଦୁଇ ଜଣ ଆଇଏଏସ୍‌ଙ୍କ ବଦଳି କରିଛନ୍ତି। ସରକାରଙ୍କ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, ଡଃ ପୋମା ଟୁଡୁଙ୍କୁ ଏସ୍‌ଟି, ଏସ୍‌ସି ବିଭାଗର ଅତିରିକ୍ତ ସଚିବ ଭାବେ ନିଯୁକ୍ତ ମିଳିଛି। ଏହାସହିତ ପୂର୍ବଭଳି ସେ ଖାଦ୍ୟ ସୁରକ୍ଷା କମିଶନର, ଟିଡିସିସିଓଏଲ୍‌ର ଏମ୍‌ଡି ଭାବେ ଅତିରିକ୍ତ ଦାୟିତ୍ୱରେ ରହିବେ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଏହା ପୂର୍ବରୁ ଡଃ ପୋମା ଟୁଡୁ ଓଡ଼ିଶା ଷ୍ଟେଟ୍ ମେଡିକାଲ କର୍ପୋରେସନ୍ ଲିମିଟେଡ୍‌ର ଏମ୍‌ଡି ଭାବେ କାର୍ଯ୍ୟରତ ଥିଲେ ଏବଂ ଉପରୋକ୍ତ ଅତିରିକ୍ତ ଦାୟିତ୍ୱ ମଧ୍ୟ ସମ୍ଭାଳୁଥିଲେ। ସେହିପରି, ୨୦୨୦ ବ୍ୟାଚ୍ ଆଇଏଏସ୍ ସ୍ମିତା ପାଣିଙ୍କୁ ଓଡ଼ିଶା ଷ୍ଟେଟ୍ ମେଡିକାଲ କର୍ପୋରେସନ୍ ଲିମିଟେଡ୍ 'ଓଏସ୍‌ଏମ୍‌ସିଏଲ୍'ର ଏମ୍‌ଡି ଭାବେ ନିଯୁକ୍ତ କରାଯାଇଛି।

# ରାଜନଗରରେ ଝାଡ଼ାବାନ୍ତି; ୨୦ ଆକ୍ରାନ୍ତ

ରାଜନଗର, ୨୦।୭(ସମିସ): ରାଜନଗର ଅଞ୍ଚଳରେ ଝାଡ଼ାବାନ୍ତି ବ୍ୟାପିବାରେ ଲାଗିଛି। ଲଗାଣ ବର୍ଷା ସାଙ୍ଗକୁ ଭୋଜିଭାତ କାରଣରୁ ଝାଡ଼ାବାନ୍ତି ଆକ୍ରାନ୍ତଙ୍କ ସଂଖ୍ୟା ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବଢ଼ି ଚାଲିଛି। ଅଧିକାଂଶ ରୋଗୀ ମେଡିସିନ ନେଇ ଘରକୁ ଚାଲିଯାଇଥିବାବେଳେ ଗତ ୩ ଦିନରେ ୨୦ ଜଣ ରୋଗୀ ଚିକିତ୍ସାଧୀନ ଥିବା ଜଣାପଡ଼ିଛି। ମହିଷାଁସୁର ଗ୍ରାମର ଚନ୍ଦ୍ରମଣି ଜେନା, ଚକ୍ରଧରପୁରର ଲିସାରାଣୀ ପାତ୍ର, ଏଣ୍ଡୁଲପୁରର ବାସନ୍ତୀ ରାଉତ, କହ୍ନୁଆର ପାଣ୍ଡବ ପ୍ରଧାନ, ବଳରାମପୁରର ସୀମା ନାୟକ, ନଡକଣାର ମଧୁସ୍ମିତା ନାୟକ, ପ୍ରମିଳା ପ୍ରଧାନ, ମଦନପୁରର ଶ୍ରୀମତୀ ନାୟକ, ରାଜନଗରର ପ୍ରଜ୍ଞାନ ମିଶ୍ର, ଗୋପାଳପୁରର ପ୍ରୀତିପ୍ରଜ୍ଞା ମହାନ୍ତି, ନୁରୁଗାଁର ମହେଶ୍ୱର ସାହୁ, ବେଲପାଳର କଳାକାର ସେଠୀ, ଯଦୁଚନ୍ଦ୍ରପୁର ଲକ୍ଷ୍ମୀପ୍ରିୟା ରାଉତ, ଜୁଣୁପାଙ୍ଗରାର ଶ୍ୟାମସୁନ୍ଦର ଜେନା, ଓକିଲପାଳ ସୀତାଞ୍ଜଳି ରାଉତ, ବାହାରଗଡ଼ର ଦେବଜିତ ସେଠୀ, ମାଣପଡ଼ାର ବିନୋଦ ଦାସ, ବିତାଶ୍ରୀ ସ୍ୱାଇଁ, କେରେଡାଗଡ଼ର ବର୍ଷା ମାଝି ପ୍ରମୁଖ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି। ଅନ୍ୟପକ୍ଷରେ ଦୈନିକ ୫୦ରୁ ଅଧିକ ରୋଗୀ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସି ମେଡିସିନ ନେଇ ଘରକୁ ଯାଉଥିବା ନେଇ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ କୁହାଯାଇଛି।

## କଟକ-ଚାନ୍ଦବାଲି ରାସ୍ତାର ଭଣଗାଁ ନିକଟରେ ଦୁର୍ଘଟଣା

# ଟ୍ରକ୍‌କୁ ପଛରୁ ଧକ୍କାଦେଲା ଟ୍ରକ୍; ୨ ମୃତ, ୨ ଗୁରୁତର

ଡେରାବିଶ, ୨୦।୭(ସମିସ): କଟକ-ଚାନ୍ଦବାଲି ରାଜରାସ୍ତାର କେନ୍ଦ୍ରାପଡ଼ା ସଦରଥାନା ତଥା ଚାନ୍ଦୋଳ 'ାଣ୍ଡି ଅଧୀନ ଭଣଗାଁ ଛକ ନିକଟରେ ଭୋର ସମୟରେ ରାସ୍ତାକଡ଼ରେ ରହିଥିବା ଏକ ଟ୍ରକ ପଛରେ ଅନ୍ୟ ଏକ ଦ୍ରୁତଗାମୀ କଂଟେନର ପିଟି ହୋଇ ଘଟଣା ସ୍ଥଳରେ ଦୁଇଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଦୁଇଜଣ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। ସୂଚନା ଅନୁଯାୟୀ କଟକ-ଚାନ୍ଦବାଲି ରାଜରାସ୍ତାର ଭଣଗାଁ ଛକ ନିକଟରେ ଏକ ୧୬ ଚକିଆ ମାଲ ବୋଝେଇ ଟ୍ରକର ଚକ ଫାଟି ଯିବାରୁ ଡ୍ରାଇଭର ଜଣକ ଟ୍ରକଟିକୁ କେନ୍ଦ୍ରାପଡ଼ା ଆଡ଼କୁ ମୁହଁ କରି ରାସ୍ତା କଡ଼ରେ



ରଖିଥିଲେ। ପରେ କଟକରୁ କେନ୍ଦ୍ରାପଡ଼ା ଅଭିମୁଖେ ଏକ ଟ୍ୟାଙ୍କ (ଓଡ଼ି-୩୩-ଏଡି-୧୭୧୪)ର ଯାଉଥିବା ବେଳେ ଟ୍ୟାଙ୍କରଟି ଭାରସାମ୍ୟ ହରାଇ ରଖାଯାଇଥିବା ଟ୍ରକ (ଓଡ଼ି-୦୪-ଏଭି-୬୬୨୫)ପଛରେ ଖୁବ୍ ଜୋରରେ ପିଟି ହୋଇଥିଲା। ଫଳରେ ଟ୍ୟାଙ୍କର ମଧ୍ୟରେ ବସିଥିବା ଡ୍ରାଇଭର ସମେତ ଚାରିଜଣଙ୍କ ମଧ୍ୟରୁ ଦୁଇଜଣ ଘଟଣା ସ୍ଥଳରେ ପ୍ରାଣ ହରାଇଥିବା ବେଳେ ଡ୍ରାଇଭର ଓ ଅନ୍ୟ ଜଣେ ବ୍ୟକ୍ତିଙ୍କୁ ଗୁରୁତର ଅବସ୍ଥାରେ ଅଗ୍ନିଶମ କର୍ମଚାରୀମାନେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ମୃତକ ଦ୍ୱୟ ହେଉଛନ୍ତି କେନ୍ଦ୍ରାପଡ଼ା ଜିଲ୍ଲା ତାଳଚୁଆ ଥାନା ଅଧୀନ ରବିନ୍ଦ୍ର କୁମାର ଜେନା (୫୧) ଓ ଭଦ୍ରକ ବାସୁଦେବପୁର ଥାନା ଅଂଚଳର ଶାନ୍ତନୁ କୁମାର ଜେନା (୫୦)। ଡ୍ରାଇଭର ନୟାଗଡ଼ ଅଂଚଳର ବୁଧିଆ ସାହୁ ଓ ଅନ୍ୟଜଣେ ଭଦ୍ରକ ବାସୁଦେବପୁର ଅଂଚଳର ସ୍ୱାଧୀନ ଦାସ ଗୁରୁତର ଅବସ୍ଥାରେ କଟକ ମେଡ଼ିକାଲ୍‌ରେ ଚିକିତ୍ସିତ ହେଉଛନ୍ତି। ତେବେ ଦୁର୍ଘଟଣା ଏତେ ଜୋରରେ ହୋଇଥିଲା ଯେ, ଟ୍ୟାଙ୍କରରେ ଥିବା ଡ୍ରାଇଭର ଓ ଅନ୍ୟମାନେ ଏହା ଭିତରେ ଚାପି ହୋଇ ରହିଥିଲେ। ଅଗ୍ନିଶମ ବିଭାଗ କର୍ମଚାରୀମାନେ କଟର ଲଗାଇ ଟ୍ୟାଙ୍କରର ଡ୍ରାଇଭର କ୍ୟାବିନ୍‌କୁ କାଟି ମୃତ ଓ ଗୁରୁତରମାନଙ୍କୁ ବାହାର କରିଥିଲେ। ଏଥିମଧ୍ୟରୁ ଜଣେ ମୃତକଙ୍କ ଦୁଇଟି ଗୋଡ଼ ସମ୍ପୂର୍ଣ୍ଣ ଛିଣ୍ଡି ଯାଇଥିବା ବେଳେ ଅନ୍ୟଜଣଙ୍କର ଚାପି ହୋଇ ମୃତ୍ୟୁ ହୋଇଯାଇଥିଲା। ତେବେ ଡ୍ରାଇଭରଙ୍କ ଗୋଡ଼ ଭାଙ୍ଗିଯାଇଥିବା ଅନ୍ୟ ଜଣେ ମଧ୍ୟ ଗୁରୁତର ଆହାତ ହୋଇ ଚିକିତ୍ସିତ ହେଉଥିବା ଜଣାଯାଇଛି। ଘଟଣା ସ୍ଥଳରେ କେନ୍ଦ୍ରାପଡ଼ା ସଦର ଥାନା ଅଧିକାରିଣୀ ପଦ୍ମାଳୟା ପ୍ରଧାନ ପହଂଚି ଓ ଚାନ୍ଦୋଳ ଫାଣ୍ଡି ପୋଲିସ୍ ପହଂଚି ଦୁର୍ଘଟଣା ଗ୍ରସ୍ତ ଗାଡ଼ି ଦୁଇଟିକୁ ରାସ୍ତାରୁ ହଟାଇଥିଲେ। ପରେ ରାସ୍ତାର ଉଭୟ ପଟରେ ଅଟକି ରହିଥିବା ଶହଶହ ଗାଡ଼ିଗୁଡ଼ିକ ଚଳାଚଳ ସ୍ୱାଭାବିକ କରିଥିଲେ

# ଚାରି ମାସରେ ବଦଳିଗଲା ରମାକାନ୍ତଙ୍କ ରଙ୍ଗ !

ଭୁବନେଶ୍ୱର,୨୦।୭(ସମିସ): ବିଜେଡି ଟିକଟରେ ତିର୍ତ୍ତୋଲରୁ ବିଜୟୀ ହୋଇଥିବା ରମାକାନ୍ତ ଭୋଇଙ୍କ ମୋହଭଙ୍ଗ ହୋଇଛି। କେଉଁ କାରଣରୁ ସେ ଦଳ ହ୍ୱିପ୍ ଭାଙ୍ଗି ରାଜ୍ୟସଭା ନିର୍ବାଚନରେ ବିଜେପି ସମର୍ଥିତ ସ୍ୱାଧୀନ ପ୍ରାର୍ଥୀଙ୍କୁ ଭୋଟ ଦେଲେ; ସେ ସମ୍ପର୍କରେ ୫ ମାସରେ ଥରେ ବି ମୁହଁ ଖୋଲି ନାହାନ୍ତି। ମାତ୍ର ନିଲମ୍ବନର ୫ ମାସ ପରେ ଏବେ ସେ ବିଜେଡିରେ ଅଛନ୍ତି ଓ ଭବିଷ୍ୟତରେ ରହିବେ ବୋଲି କହିଛନ୍ତି ରମାକାନ୍ତ । ମାତ୍ର ଲୋକମାନେ ତାଙ୍କର ଏହି ମନ୍ତବ୍ୟକୁ କେତେ ବିଶ୍ୱାସ କରିବେ ତାହା ଜଣାନାହିଁ, ବିଜେଡି ବି ରମାକାନ୍ତଙ୍କ ପ୍ରତି କି ଆଭିମୁଖ୍ୟ ଦେଖାଇବ ତାହା ବି ସ୍ପଷ୍ଟ ନୁହେଁ । ତଥାପି ଏତେ କମ୍ ଦିନରେ ରମାକାନ୍ତଙ୍କ ବିଜେପି ପ୍ରତି ଆକର୍ଷଣ ହ୍ରାସର କାରଣ ସ୍ପଷ୍ଟ ହୋଇପାରି ନାହିଁ ।

ରାଜ୍ୟସଭା ନିର୍ବାଚନ ସମୟରେ ରମାକାନ୍ତ ପ୍ରାୟ ସବୁଦିନ ନବୀନ ନିବାସ ଯାଉଥିଲେ। ବୈଠକରେ ବସୁଥିଲେ, ମତଦାନ ସମ୍ପର୍କରେ ବିଭିନ୍ନ ପ୍ରସଙ୍ଗରେ ବିଭାଗ ନେଉଥିଲେ। ଏପରିକି ନିର୍ବାଚନ ପୂର୍ବଦିନ ରାତିରେ ନବୀନ ନିବାସରେ ରାତ୍ରିଯାପନ ଓ ଲୁଙ୍ଗି ପିନ୍ଧା ଫଟୋ ପୋଷ୍ଟ ସେ କରିଥିବା ଦେଖା ଯାଇଥିଲା। ମାତ୍ର ସକାଳୁ ଦଳୀୟ ହ୍ୱିପ୍ ଭାଙ୍ଗି ବିଜେପି ସମର୍ଥିତ ସ୍ୱାଧୀନ ପ୍ରାର୍ଥୀଙ୍କୁ ଭୋଟ ଦେଇଥିଲେ ରମାକାନ୍ତ ଭୋଇ। କ୍ରସ ଭୋଟିଂ ଅଭିଯୋଗରେ ତାଙ୍କୁ ଦଳର ସଭାପତି ନବୀନ ପଟ୍ଟନାୟକ ବିଜେଡ଼ିରୁ ନିଲମ୍ବିତ କରିଥିଲେ ମଧ୍ୟ ରମାକାନ୍ତ ନିରବ ରହିଥିଲେ। ମାତ୍ର ପାଖାପାଖି ୫ ମାସ ପରେ ତାଙ୍କର ଆଭିମୁଖ୍ୟରେ ପରିବର୍ତ୍ତନ ରାଜ୍ୟ ରାଜନୀତିରେ ଆଲୋଡ଼ନ ସୃଷ୍ଟି କରିଛି । ସେ ବିଜେଡିରେ ଥିଲେ ଓ ଅଛନ୍ତି ବୋଲି ଉଲ୍ଲେଖ କରି ଶ୍ରୀ ଭୋଇ ରାଜ୍ୟରେ ବିଜେଡିର ବିକଳ୍ପ ନାହିଁ ବୋଲି କହିଛନ୍ତି । ପଞ୍ଚାୟତ ନିର୍ବାଚନ ପାଇଁ ମୁଁ କାମ କରୁଛି, ନବୀନଙ୍କ ନେତୃତ୍ୱରେ ବିଜେଡି ଭଲ ପ୍ରଦର୍ଶନ କରିବ ବୋଲି ସେ କହିଛନ୍ତି । ମାତ୍ର ଦଳୀୟ ହ୍ୱିପ୍ ଭାଙ୍ଗି କାହିଁକି ସେ ବିଜେପି ସମର୍ଥିତ ସ୍ୱାଧୀନ ପ୍ରାର୍ଥୀଙ୍କୁ ଭୋଟ ଦେଲେ; ତାହାର ଉତ୍ତର ସେ ଦେଇ ନାହାନ୍ତି।

ଗତ ରାଜ୍ୟସଭା ନିର୍ବାଚନ ବେଳେ କ୍ରସ ଭୋଟିଂ କରି ବିଜେଡିରୁ ନିଲମ୍ବିତ ୬ ବିଧାୟକଙ୍କ ମଧ୍ୟରୁ ରମାକାନ୍ତ ଭୋଇ ଅନ୍ୟତମ। ତାଙ୍କ ପୂର୍ବରୁ ଦଳ ବିରୋଧୀ କାର୍ଯ୍ୟ ପାଇଁ ଅନ୍ୟ ଦୁଇଜଣଙ୍କୁ ନିଲମ୍ବିତ କରିଥିଲା। ଦଳର ଆଦର୍ଶ ଓ ସଂଗଠନଠାରୁ କେହି ବଡ଼ ନୁହଁନ୍ତି ଏବଂ ଦଳବିରୋଧୀ କାର୍ଯ୍ୟକଳାପ ପ୍ରତି କୌଣସି କୋହଳ ମନୋଭାବ ଗ୍ରହଣ କରାଯିବ ନାହିଁ ବୋଲି ସେତେବେଳେ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ ସ୍ପଷ୍ଟ ବାର୍ତ୍ତା ଦେଇଥିଲେ। ଏହାପରେ ନିଲମ୍ବିତ ବିଧାୟକମାନଙ୍କ ରାଜନୈତିକ ଭବିଷ୍ୟତକୁ ନେଇ ଯାବତୀୟ କଳ୍ପନାଜଳ୍ପନା ଆରମ୍ଭ ହୋଇଥିଲା। ଅନ୍ୟପକ୍ଷରେ ତିର୍ତ୍ତୋଲରେ ବିଜେଡି ମଧ୍ୟ ରମାକାନ୍ତଙ୍କୁ ବାଦ ଦେଇ ବିକଳ୍ପ ନେତୃତ୍ୱକୁ ଗୁରୁତ୍ୱ ଦେଇଥିଲା। ଏହାପରେ ରମାକାନ୍ତ ଆଗାମୀ ଦିନରେ ଅନ୍ୟ ଦଳକୁ ଯିବା ନେଇ ଚର୍ଚ୍ଚା ଓ ଆଲୋଚନା ଆରମ୍ଭ ହୋଇଥିଲା।

ରାଜନୈତିକ ସମୀକ୍ଷକଙ୍କ ମତରେ ମାତ୍ର ଚାରି ମାସ ମଧ୍ୟରେ ରମାକାନ୍ତ ଭୋଇଙ୍କ ମତ ପରିବର୍ତ୍ତନ ଅନେକ ଦିଗକୁ ଇଙ୍ଗିତ ଦେଉଛି। ଏହାକୁ ବିଜେଡି ସହ ସମ୍ପର୍କକୁ ସ୍ୱାଭାବିକ କରିବାର ପ୍ରୟାସ ବୋଲି ଅନେକ ମନେ କରୁଛନ୍ତି । ସେହିପରି ବର୍ତ୍ତମାନ ପରିସ୍ଥିତିକୁ ଉପଲବ୍ଧି କରିବା ପରେ ନିଜ ରାଜନୈତିକ ଭବିଷ୍ୟତ ପାଇଁ ରମାକାନ୍ତ ରଙ୍ଗ ବଦଳାଇଥିବା ମଧ୍ୟ ଅନେକ ମତପ୍ରକାଶ କରିଛନ୍ତି । ୨୦୨୪ ବିଧାନସଭା ନିର୍ବାଚନ ପରେ ବିଜେଡି ଦଳୀୟ ଶୃଙ୍ଖଳାକୁ ସର୍ବାଧିକ ଗୁରୁତ୍ୱ ଦେଉଛି। ଦଳବିରୋଧୀ କାର୍ଯ୍ୟକଳାପ ପ୍ରତି କଠୋର ଆଭିମୁଖ୍ୟ ଗ୍ରହଣ କରି ନେତୃତ୍ୱ ସ୍ପଷ୍ଟ ବାର୍ତ୍ତା ଦେଇଛି ଯେ, ଦଳର ନିଷ୍ପତ୍ତି ସମସ୍ତଙ୍କ ପାଇଁ ସମାନ। ସେହି ପରିପ୍ରେକ୍ଷୀରେ ନିଲମ୍ବିତ ବିଧାୟକ ରମାକାନ୍ତ ଭୋଇଙ୍କ ନୂଆ ବୟାନ ସ୍ୱାଭାବିକ ଭାବେ ରାଜନୈତିକ ମହଲରେ କୌତୂହଳ ସୃଷ୍ଟି କରିଛି।


# ଆନନ୍ଦପୁର ଆଦର୍ଶ ବିଦ୍ୟାଳୟର ସଫଳତା

**ଆନନ୍ଦପୁର,୨୦।୭ (ସମିସ):** ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରି ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଅଞ୍ଚଳ ପାଇଁ ଗୌରବ ଆଣିଛି। ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଶାଳପଡ଼ା ଆନନ୍ଦପୁର ଶିକ୍ଷାବର୍ଷ ୨୦୨୫-୨୬ ପାଇଁ ବିଦ୍ୟାଳୟର ଶିକ୍ଷାର୍ଥୀମାନେ ସିବିଏସ୍‌ଇ ଦଶମ ବୋର୍ଡ ପରୀକ୍ଷାରେ ଉତ୍କର୍ଷ ପ୍ରଦର୍ଶନ କରିଛନ୍ତି। ବିଦ୍ୟାଳୟର ସମସ୍ତ ୭୫ ଜଣ ଛାତ୍ରଛାତ୍ରୀଙ୍କ ସଫଳତାର ସହ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ତନ୍ମଧ୍ୟରୁ ୧୯ ଜଣ ୯୦ପ୍ରତିଶତରୁ ଊର୍ଦ୍ଧ୍ୱ ଏବଂ ୩୨ ଜଣ ୮୦ପ୍ରତିଶତରୁ ଅଧିକ ନମ୍ବର ରଖି ବିଦ୍ୟାଳୟର ଗୌରବକୁ ଦ୍ୱିଗୁଣିତ କରିଛନ୍ତି। ମେଧାବୀ ଛାତ୍ରୀ ପ୍ରାଚୀ ପ୍ରିୟାନି ସୁର ସର୍ବାଧିକ ୯୭.୮୦ପ୍ରତିଶତ ମାର୍କ ରଖି ସର୍ବୋଚ୍ଚ ସ୍ଥାନ ଅଧିକାର କରିଛନ୍ତି। ଏହି ସଫଳତା ପାଇଁ ବିଦ୍ୟାଳୟର ଅଧ୍ୟକ୍ଷ ସୌମ୍ୟରଞ୍ଜନ ବେହେରା ସମସ୍ତ ସଫଳ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇବା ସହ ଶିକ୍ଷକ-ଶିକ୍ଷୟିତ୍ରୀ, ଅଭିଭାବକ ଓ ବିଦ୍ୟାଳୟ ପରିଚାଳନା କମିଟିର ସହଯୋଗ ପାଇଁ କୃତଜ୍ଞତା ଜଣାଇଛନ୍ତି। ଛାତ୍ରଛାତ୍ରୀଙ୍କ ନିଷ୍ଠା, ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ନିରନ୍ତର ପ୍ରୟାସ ଓ ଅଭିଭାବକମାନଙ୍କ ସହଯୋଗ ହିଁ ଏହି ସଫଳତାର ମୁଖ୍ୟ ଆଧାର ବୋଲି ସେ ପ୍ରକାଶ କରିଛନ୍ତି।



# ସ୍ୱାଧୀନତା ସଂଗ୍ରାମୀ ସନାତନ ଚକ୍ରଙ୍କ ଦେହାନ୍ତ

**ଆନନ୍ଦପୁର,୨୦।୭ (ସମିସ):** ଆନନ୍ଦପୁର ଉପଖଣ୍ଡ ଓ ଘସିପୁରା ବ୍ଲକ୍ ଗଡ଼ ବାନ୍ଧ ଗୋଡ଼ା ଗ୍ରାମର ବଡ଼ସର୍ଦ୍ଦାର ତଥା ସ୍ୱାଧୀନତା ସଂଗ୍ରାମୀ ସନାତନ ଚକ୍ରଙ୍କର ୧୦୫ବର୍ଷରେ ଦେହାନ୍ତ ହୋଇଯାଇଛି। ତାଙ୍କୁ ନିଜସ୍ୱ ବାସଭବନ ଓ ଗାଁ ଗଡ଼ବାନ୍ଧ ଗୋଡ଼ାକୁ ଅଣାଯିବା ବାଟରେ ପ୍ରଥମେ ରାମଚନ୍ଦ୍ରପୁର ଥାନା ନିକଟରେ ଭାରପ୍ରାପ୍ତ ଅଧିକାରୀ ମନୋଜ ସ୍ୱାଇଁଙ୍କ ସମେତ ଥାନାର ଅଧିକାରୀ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ପରେ ତାଙ୍କୁ ଏକ ପଟୁଆରରେ ବାସଭବନକୁ ଆଣିବା ପରେ ସଙ୍କୀର୍ତ୍ତନ ସହ ଗାଁ ପରିକ୍ରମା କରି ଶ୍ମଶାନରେ ଶେଷକୃତ୍ୟ ସଂପନ୍ନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ସରକାରୀ ଓକିଲ ବିଚିତ୍ର କୁମାର ଚକ୍ରଙ୍କ ନେତୃତ୍ୱରେ ସମ୍ପାଦିତ ହୋଇଥିବାବେଳେ ମରଶରୀର ନିକଟରେ ସ୍ୱର୍ଗତ ଚକ୍ରଙ୍କ ପତ୍ନୀ ବିଷ୍ଣୁ ପ୍ରିୟା ଚକ୍ର, ଝିଅ ମଞ୍ଜୁଲତା ଚକ୍ର ଓ ବନ୍ଦିତା ଦେଓ, ଝିଆରୀ ଜୟନ୍ତୀ ପାତ୍ର, କଳ୍ପନା ବିଶ୍ୱାଳ, ବବିତା ଜେନା, ନନ୍ଦିତା ଜେନା, ଆର୍ଯ୍ୟସୂତା ମିଶ୍ରଙ୍କ ସମେତ ଘରର ବରିଷ୍ଠ ସର୍ଦ୍ଦାର ପ୍ରବୋଧ ଚକ୍ର, ପ୍ରଦୀପ୍ତ ଚକ୍ର, ପ୍ରଫୁଲ୍ଲ ଚକ୍ର ଓ ସ୍ୱୟଂସେବକ ପ୍ରଶାନ୍ତ ଚକ୍ର, ବୋହୂ ମୋହିନୀ ଚକ୍ର, ବୀଣାପାଣି ବିଶ୍ୱାଳ, ବିଳାସିନୀ ଦେଓ ପ୍ରମୁଖ ଉପସ୍ଥିତ ଥିଲେ।



# ବୀରଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟ ପରିଚାଳନା କମିଟି ଗଠିତ



**ଆନନ୍ଦପୁର,୨୦।୭ (ସମିସ):** ସରକାରଙ୍କ ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମରେ ଘସିପୁରା ବ୍ଲକ୍ ବୀରଗୋବିନ୍ଦପୁର ଉଚ୍ଚବିଦ୍ୟାଳୟର ପରିଚାଳନା କମିଟି ସର୍ବସମ୍ମତି କ୍ରମେ ଗଠନ କରାଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସଞ୍ଜୟ କୁମାର ଦତ୍ତଙ୍କ ତତ୍ତ୍ୱାବଧାନରେ ଏହି କମିଟିକୁ ସଦସ୍ୟ ଭାବେ ଆଦିକନ୍ଦ ଦତ୍ତ, ବାବୁଲା ମାଝୀ, ସୁଦର୍ଶନ ଶଙ୍ଖୁଆ, ସୁଶାନ୍ତ କୁମାର ପତି, ସିଦ୍ଧେଶ୍ୱର ମୁର୍ମୁ, ରାଇସେନ ମୁର୍ମୁ, ପ୍ରଦୀପ କୁମାର ପତି, ଶିକ୍ଷକ ପ୍ରତିନିଧି ରବୀନ୍ଦ୍ର କୁମାର ମୁଦୁଲି, ପ୍ରଧାନଶିକ୍ଷକ ସଞ୍ଜୟ ଦତ୍ତ, ମଧୁସ୍ମିତା ତ୍ରିପାଠୀ, ଚମ୍ପା ବାରିକ, ସକୁନ୍ତଳା ନାୟକ, ମାନସୀ ନାୟକ, ଝରଣା ପାତ୍ର, ସବିତା ନାୟକ, ରାଇମଣି ସୋରେନ, ସର ନାଇକ, ୱାର୍ଡ ସଦସ୍ୟା ଜୟନ୍ତୀ ନାଇକ, ଅଙ୍ଗନବାଡ଼ି କର୍ମୀ ସୌଦାମିନୀ ମିଶ୍ର, ଆଶାକର୍ମୀ ପ୍ରଭାତୀ ପଣ୍ଡା ପ୍ରମୁଖ ମନୋନୀତ ହୋଇଥିବା ଜଣାଯାଇଛି।

# ଆଧାର କାର୍ଡ ଦେଇ ୫ ଦିନ ଅପେକ୍ଷା; ତଥାପି ମିଳୁନି ସାର

## ୧୮ ହଜାର ଚାଷୀଙ୍କ ପାଇଁ ମାତ୍ର ୯୦୦ କ୍ୱିଣ୍ଟାଲ



**ଚମ୍ପୁଆ,୨୦।୭ (ସମିସ)**

ଖରିଫ ଚାଷ ଋତୁ ଆରମ୍ଭ ହୋଇଥିବା ବେଳେ ଚମ୍ପୁଆ ଲ୍ୟାମ୍ପସ୍‌ରେ ସାରର ଘୋର ଅଭାବ ଚାଷୀଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ପ୍ରାୟ ୧୮ ହଜାର ପଞ୍ଜୀକୃତ ଚାଷୀ ଥିବା ସତ୍ତ୍ୱେ ଏ ପର୍ଯ୍ୟନ୍ତ ମାତ୍ର ୯୦୦ କ୍ୱିଣ୍ଟାଲ ସାର ଯୋଗାଣ ହୋଇଥିବାରୁ ଚାହିଦା ତୁଳନାରେ ସାର ଅତ୍ୟନ୍ତ କମ୍ ପଡ଼ିଛି। ଫଳରେ ପ୍ରତିଦିନ ସକାଳୁ ଲ୍ୟାମ୍ପସ ପରିସରରେ ଶତାଧିକ ଚାଷୀଙ୍କ ଭିଡ଼ ଜମୁଥିବା ବେଳେ ସାର ନ ପାଇ ଅନେକ ଚାଷୀ ନିରାଶ ହୋଇ ଫେରୁଛନ୍ତି। ଏହାକୁ ନେଇ ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ସୂଚନା ଅନୁସାରେ ପୂର୍ବରୁ ଚମ୍ପୁଆ, ଜାମୁଦଲକ, କରଞ୍ଜିଆ ଓ ରିମୁଲିରେ ପୃଥକ୍ ଲ୍ୟାମ୍ପସ୍ ରହିଥିଲେ ମଧ୍ୟ ବର୍ତ୍ତମାନ ଜାମୁଦଲକ ଲ୍ୟାମ୍ପସ୍‌କୁ କୋଦଗାଡ଼ିଆ ସହ ବିଭକ୍ତ କରାଯାଇଛି। ଏହାପରେ ଚମ୍ପୁଆ ଲ୍ୟାମ୍ପସ୍ ଉପରେ ଚମ୍ପୁଆ, ଜାମୁଦଲକ, କୋଦଗାଡ଼ିଆ ଓ କରଞ୍ଜିଆ ଅଞ୍ଚଳର ହଜାର ହଜାର ଚାଷୀ ନିର୍ଭରଶୀଳ ହୋଇପଡ଼ିଛନ୍ତି। କିନ୍ତୁ ଆବଶ୍ୟକତା ଅନୁଯାୟୀ ସାର ଯୋଗାଣ ନ ହେବାରୁ ପରିସ୍ଥିତି ଦିନକୁ ଦିନ ଜଟିଳ ହେବାରେ ଲାଗିଛି।

ଲ୍ୟାମ୍ପସ୍‌ରୁ ମିଳିଥିବା ସୂଚନା ଅନୁଯାୟୀ ଏପର୍ଯ୍ୟନ୍ତ ୬୦୦ କ୍ୱିଣ୍ଟାଲ ୟୁରିଆ ଏବଂ ୩୦୦ କ୍ୱିଣ୍ଟାଲ ଡିଏପି ମିଶାଇ ମୋଟ ୯୦୦ କ୍ୱିଣ୍ଟାଲ ସାର ପହଞ୍ଚିଛି। ଏହି ପରିମାଣ ୧୮ ହଜାର ଚାଷୀଙ୍କ ଆବଶ୍ୟକତା ତୁଳନାରେ ନଗଣ୍ୟ ବୋଲି ଚାଷୀମାନେ କହିଛନ୍ତି। ସାର ବଣ୍ଟନ ସମୟରେ ଲ୍ୟାମ୍ପସ୍ ପରିସରରେ ଦୀର୍ଘ ଧାଡ଼ି ଲାଗୁଥିବା ବେଳେ ଅନେକ ଚାଷୀ

### ଚମ୍ପୁଆ ଲ୍ୟାମ୍ପସ୍‌ରେ ଅବ୍ୟବସ୍ଥା

ଘଣ୍ଟା ଘଣ୍ଟା ଅପେକ୍ଷା କରି ମଧ୍ୟ ଖାଲି ହାତରେ ଫେରୁଛନ୍ତି। ଅନ୍ୟପକ୍ଷରେ ଚାଷୀମାନେ ଗୁରୁତର ଅଭିଯୋଗ କରି କହିଛନ୍ତି ଯେ, ସାର ଦେବା ନାଁରେ ସେମାନଙ୍କ ଆଧାର କାର୍ଡର ଜେରକ୍ସ କପି ଜମା କରାଯାଉଛି। କିନ୍ତୁ ଜମା କରିବାର ୫ ଦିନ ପରେ ମଧ୍ୟ ନା ଆଧାର କାର୍ଡ ଫେରି ମିଳୁଛି, ନା ସାର ମିଳୁଛି। ଏପରି ପ୍ରକ୍ରିୟାକୁ ନେଇ ଚାଷୀମାନେ ପ୍ରଶ୍ନ ଉଠାଇବା ସହ ଏଥିରେ ବ୍ୟତିକ୍ରମ ହୋଇଥିବା ସନ୍ଦେହ ପ୍ରକାଶ କରିଛନ୍ତି। ପ୍ରଶାସନ ଏହାର ତଦନ୍ତ କରିବାକୁ ସେମାନେ ଦାବି କରିଛନ୍ତି। ଧାନ ଚାଷର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସମୟରେ ସାର ନ ମିଳିଲେ ଫସଲ ଉତ୍ପାଦନ ଉପରେ ଗୁରୁତର ପ୍ରଭାବ ପଡ଼ିବ ବୋଲି ଚାଷୀମାନେ ଚିନ୍ତା ପ୍ରକାଶ କରିଛନ୍ତି। ତୁରନ୍ତ ପର୍ଯ୍ୟାପ୍ତ ପରିମାଣରେ ସାର ଯୋଗାଇବା ସହ ବଣ୍ଟନ ବ୍ୟବସ୍ଥାକୁ ସ୍ୱଚ୍ଛ ଓ ସୁବ୍ୟବସ୍ଥିତ କରିବାକୁ ସେମାନେ ଦାବି କରିଛନ୍ତି। ଏ ନେଇ ଏଆରସିଏସ୍ ମଙ୍ଗଳ ସୋରେନ କହିଛନ୍ତି ଯେ, ଚାହିଦା ଅନୁଯାୟୀ ସାର ଯୋଗାଣ ହେଲେ ପର୍ଯ୍ୟାୟକ୍ରମେ ସମସ୍ତ ଚାଷୀଙ୍କୁ ସାର ବଣ୍ଟନ କରାଯିବ। ତେବେ ଆବଶ୍ୟକ ପରିମାଣର ସାର ଶୀଘ୍ର ନ ପହଞ୍ଚିଲେ ଖରିଫ ଚାଷ ଗୁରୁତର ଭାବେ ପ୍ରଭାବିତ ହେବା ସହ ଚାଷୀଙ୍କ ଅସନ୍ତୋଷ ଆହୁରି ବଢ଼ିବ ବୋଲି ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି।

# ବଢୁଛି ଅସନ୍ତୋଷ; ମେଳିହେଲେ ପୁରୁଖା ବିଜେପି କର୍ମୀ



**ଆନନ୍ଦପୁର,୨୦।୭ (ସମିସ):** ଆନନ୍ଦପୁର ନିର୍ବାଚନ ମଣ୍ଡଳୀର ହାଟଡ଼ିହୀ ବ୍ଲକ୍ ପୁରୁଖା ବିଜେପି କର୍ମୀଙ୍କ ଅଣଆନୁଷ୍ଠାନିକ ବୈଠକକୁ ନେଇ ରାଜନୈତିକ ମହଲରେ ଜୋରଦାର ଆଲୋଚନା ହେବାରେ ଲାଗିଛି। ସ୍ଥାନୀୟ ପୋଡ଼ାସିଙ୍ଗିଡ଼ିସ୍ଥିତ ମାଆ ରାମଚଣ୍ଡୀଙ୍କ ମନ୍ଦିର ପ୍ରାଙ୍ଗଣରେ ବିଜେପିର ବରିଷ୍ଠ ନେତା ପ୍ରେମାନନ୍ଦ ମିଶ୍ରଙ୍କ ଆବାହକତ୍ୱରେ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ବନ୍ଧୁମିଳନ କାର୍ଯ୍ୟକ୍ରମରେ ହାଟଡ଼ିହୀ ବ୍ଲକ୍‌ର ୩୧ଗୋଟି ପଞ୍ଚାୟତର ପୂର୍ବତନ ବିଜେପି ସଂଗଠକ, କର୍ମୀ ଏବଂ ଶୁଭେଚ୍ଛୁମାନେ ଯୋଗ ଦେଇ ନିଜ ନିଜର ମତାବ୍ୟକ୍ତ କରିଥିଲେ। ହାଟଡ଼ିହୀ ବ୍ଲକ୍‌ର ସାମ୍ପ୍ରତିକ ରାଜନୈତିକ ପରିସ୍ଥିତି ଉପରେ ଆଲୋଚନା କରାଯାଇଥିଲା। ଯେଉଁ ଉଦ୍ଦେଶ୍ୟ ଓ ମହତ୍ୱ ନେଇ କର୍ମୀମାନେ ପଞ୍ଚାୟତସ୍ତର ଠାରୁ ବ୍ଲକସ୍ତର ଯାଏଁ ନିଜର ଲୁହଲହୁ ଦେଇ ସଂଗଠନର ମୂଳଦୁଆ ପକାଇଥିଲେ ତାହା କେତେକ କୁଚକ୍ରୀ ଓ ସ୍ୱାର୍ଥାନ୍ୱେଷୀ ଗୋଷ୍ଠୀ ନିଜର ସ୍ୱାର୍ଥ ପାଇଁ କରାୟତ କରି ନେଇଥିବା ମତପ୍ରକାଶ ପାଇଥିଲା। ଜିଲ୍ଲା ସ୍ତରର ସଂଗଠନ ଏବଂ ନିର୍ବାଚିତ ଲୋକ ପ୍ରତିନିଧିଙ୍କର ଅହଂଭାବ, ପୂର୍ବ ସଂଗଠକ ଓ ତୃଣମୂଳସ୍ତରର କର୍ମୀ ମାନଙ୍କୁ ଅଣଦେଖା ଏବଂ ନିଜର ସ୍ୱାର୍ଥପାଇଁ ଅନ୍ୟ ଦଳରୁ ଡିଆଁମାରି ଆସିଥିବା ଲୋକଙ୍କୁ ଅହେତୁକ ଗୁରୁତ୍ୱ ଆଗାମୀ ଦିନରେ ଦଳକୁ ବିପର୍ଯ୍ୟୟମୁଖୀ କରିବା ନିଶ୍ଚିତ ବୋଲି ମତ ସହ କ୍ଷୋଭ ପ୍ରକାଶ ପାଇଥିଲା। ସମସ୍ତ ଆଲୋଚନାକୁ ଦୃଷ୍ଟିରେ ରଖି କାର୍ଯ୍ୟକ୍ରମରେ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଥିଲା। ନିଷ୍ପତ୍ତି ଅନୁଯାୟୀ, ଆଗାମୀ ଦିନରେ ୩୧ଗୋଟି ପଞ୍ଚାୟତରୁ ସମସ୍ତ ପୂର୍ବ ସଂଗଠକ, କର୍ମୀ ଏବଂ ଶୁଭେଚ୍ଛୁ ମାନଙ୍କୁ ନେଇ ସେମାନଙ୍କୁ ଗୋଟିଏ ମଞ୍ଚରେ ଏକତ୍ରିତ କରିବା, ଉପସ୍ଥିତ ବନ୍ଧୁମାନଙ୍କୁ ନେଇ ୧୫ଜଣିଆ କମିଟି ଗଠନ କରିବା, ଉକ୍ତ କମିଟି ମାଧ୍ୟମରେ ଓଡ଼ିଶାର ରାଜ୍ୟ ସଭାପତି ମନମୋହନ ସାମଲ, ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀଙ୍କୁ ସାକ୍ଷାତ କରି ସମସ୍ତ ସମସ୍ୟା ସମ୍ପର୍କରେ ଅବଗତ କରାଯିବା ନେଇ ସ୍ଥିର କରାଯାଇଥିବା ଜଣାଯାଇଛି।

# କୁମୁଣିଆରେ ନୂତନ ଭୋଟଗ୍ରହଣ କେନ୍ଦ୍ର

**ଆନନ୍ଦପୁର,୨୦।୭ (ସମିସ):** ଘସିପୁରା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଗୋହିରା ପଞ୍ଚାୟତର କୁମୁଣିଆ ଗ୍ରାମରେ ନୂତନ ଭାବେ ଭୋଟ ଗ୍ରହଣ କେନ୍ଦ୍ର ହେବାକୁ ସରକାରୀ ନିଷ୍ପତ୍ତି ହୋଇଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି। ସ୍ୱାଧୀନତାର ପରବର୍ତ୍ତୀ କାଳରୁ ଅସୁବିଧା ଭୋଗ କରୁଥିବା ଗ୍ରାମଗୁଡ଼ିକରେ ନୂତନ ବୁଥ୍ ଘୋଷଣା କରାଯାଇଥିବା ଜଣାଯାଇଛି। ଏଥିପାଇଁ ଘଷିପୁରା ନିର୍ବାଚନ ମଣ୍ଡଳୀର ବିଜେପି ବିଧାୟକ ପ୍ରାର୍ଥୀ ଡଃ ଶମ୍ଭୁନାଥ ରାଉତ ସରକାରଙ୍କୁ ଧନ୍ୟବାଦ ଦେବା ସହ ସେହି ଗ୍ରାମର ଜନସାଧାରଣଙ୍କୁ ଏ ସମ୍ପର୍କରେ ଅବଗତ କରାଇବା ସହ ମିଠା



ଏଯାବତ୍ କୁମୁଣିଆ ଗ୍ରାମର ଅଧିବାସୀଙ୍କୁ ବିଧାନ ସଭା ନିର୍ବାଚନରେ ଭୋଟ ଦେବା ପାଇଁ ତାଳଗାଁ ପର୍ଯ୍ୟନ୍ତ ଚାଲି ଚାଲି ଯିବାକୁ ପଡୁଥିବାରୁ ନବେ ପ୍ରତିଶତରୁ ଅଧିକ ଆଦିବାସୀ ଗରିବ ଶ୍ରେଣୀର ଲୋକେ ମତଦାନ କରିବାକୁ ଅନିଚ୍ଛା ପ୍ରକାଶ କରୁଥିଲେ। ସରକାରଙ୍କ ପକ୍ଷରୁ ନିକଟରେ ଶେଷ ହୋଇଥିବା ସ୍ୱତନ୍ତ୍ର ସଘନ ସଂଶୋଧନ ସମୟରେ ଏହିଭଳି ଖୁଆଇ ଖୁସି ମନାଇଛନ୍ତି। ଗ୍ରାମର ସମସ୍ତ ମା, ଭଉଣୀ, ଯୁବବନ୍ଧୁ ଏକତ୍ରିତ ହୋଇ ଶ୍ରୀ ରାଉତଙ୍କୁ ସାଧୁବାଦ ଜଣାଇଛନ୍ତି। ଏହି କାର୍ଯ୍ୟକ୍ରମରେ ଡଃ ରାଉତଙ୍କ ସମେତ ଅଭି ନାଏକ, ଭୋଳା ନାଏକ, ଅନୀଲ ନାଏକ, ହାଡ଼ିଆ ନାଏକ, ସୁଧୀର ବାରିକ, ତପନ ଧୀର, ଶକ୍ତି ମହାନ୍ତି, ରଞ୍ଜନ ସାହୁ, ଦିଲ୍ଲୀପ ସାହୁଙ୍କ ସମେତ ଶତାଧିକ ପୁରୁଷ ମହିଳା ଉପସ୍ଥିତ ଥିଲେ।

# ନିଟ୍‌ରେ କୃତିତ୍ୱ ହାସଲ କରିଥିବା ୨ ଛାତ୍ରଙ୍କୁ ସମ୍ବର୍ଦ୍ଧନା

**ବାଲିବନ୍ଧ,୨୦।୭ (ସମିସ):** ଝୁମ୍ପୁରା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ ନିଟ୍‌ରେ କୃତକାର୍ଯ୍ୟ ହୋଇଥିବା ଦୁଇ ଛାତ୍ରଙ୍କୁ ସୋମବାର ବିଦ୍ୟାଳୟ ପରିସରରେ ସମ୍ବର୍ଦ୍ଧନା ଦିଆଯାଇଛି। ଝୁମ୍ପୁରା ବ୍ଲକ୍ ନିଶ୍ଚିନ୍ତପୁର ପଞ୍ଚାୟତ ସାନହୁଣ୍ଡାଳ ଗ୍ରାମର ସୁରେନ୍ଦ୍ର ବାରିକ ଓ ସହଧର୍ମିଣୀ ରେଖାରାଣୀ ବାରିକଙ୍କ ପୁତ୍ର ଦିଗବିଜୟ ବାରିକ ୭୨୦ ନମ୍ବରରୁ ୬୪୮ ନମ୍ବର ରଖି ୧୫୪୯ ସ୍ଥାନ ଏବଂ ବାଲିବନ୍ଧ ପଞ୍ଚାୟତ କାଶିପାଳ ଗ୍ରାମର ଅବସରପ୍ରାପ୍ତ ପ୍ରିନ୍ସପାଲ କୁଞ୍ଜବିହାରୀ ପ୍ରଧାନ ଓ ମମତା ପ୍ରଧାନଙ୍କ ପୁତ୍ର ୭୨୦ ରୁ ୬୩୪ ନମ୍ବର ରଖି ୨୯୩୪ ସ୍ଥାନ ପ୍ରାପ୍ତ କରି ଏ ଅଞ୍ଚଳ ତଥା ଝୁମ୍ପୁରା ଶିଶୁ ବିଦ୍ୟାମନ୍ଦିରର ଗୌରବ ବୃଦ୍ଧି କରିଛନ୍ତି। ଏହି ଅବସରରେ ଆୟୋଜିତ ଉତ୍ସବରେ ବିଦ୍ୟାଳୟର ବରିଷ୍ଠ ଗୁରୁଜୀ ଦୁଷ୍ମନ୍ତ କୁମାର ପ୍ରଧାନ ଅତିଥି ପରିଚୟ ପ୍ରଦାନଚରିଥିଲେ। ଝୁମ୍ପୁରା ଖଣ୍ଡର ସିଆର୍‌ସିସି ତନ୍ମୟ କୁମାର ଗିରି ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟର ଶିଶୁ ଭାଇ ଭଉଣୀମାନେ କୃତୀ ଛାତ୍ରଙ୍କୁ ସ୍ୱାଗତ କରିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ପୁରୁଜିତ୍ ମୁନି ବିଦ୍ୟା ଭାରତୀର ଲକ୍ଷ୍ୟ ଅନୁସାରେ ଶିଶୁମାନେ ଭଲ ଡାକ୍ତର ହୋଇ ଗରିବ ଦୁଃଖି ମାନଙ୍କରେ ସେବା କରନ୍ତୁ ବୋଲି କହିଥିଲେ। ବରିଷ୍ଠ ଗୁରୁଜୀ ମନୋଜ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉତ୍ସବକୁ ପରିଚାଳନା କରିଥିଲେ ବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟ ପ୍ରହ୍ଲାଦ ମହାନ୍ତ। ବିଦ୍ୟାଳୟର ପ୍ରାକ୍ତନ ସଭାପତି ତଥା ଅବସରପ୍ରାପ୍ତ ପ୍ରିନ୍ସପାଲ କୁଞ୍ଜବିହାରୀ ପ୍ରଧାନ ନିଜ ଲକ୍ଷ୍ୟ ସ୍ଥିର କରି ଆଗକୁ ବଢ଼ିବାକୁ ପରାମର୍ଶ ଦେଇଥିଲେ।



# ୱାଙ୍ଗଚୁକ୍‌ଙ୍କ ସମର୍ଥନରେ ଆପ୍‌ର ବିକ୍ଷୋଭ

**କେନ୍ଦୁଝର,୨୦।୭ (ସମିସ):** ସୋନମ ୱାଙ୍ଗଚୁକଙ୍କ ସମର୍ଥନରେ କେନ୍ଦୁଝରରେ ଆମ୍ ଆଦମୀ ପାର୍ଟି (ଆପ୍) ପକ୍ଷରୁ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ପ୍ରତିବାଦ ସଭା ଓ ବିକ୍ଷୋଭ ପ୍ରଦର୍ଶିତ ହୋଇଛି। ଏହି ଅବସରରେ ଆମ୍ ଆଦ୍‌ମୀ ପାର୍ଟି କେନ୍ଦୁଝରର ସଭାପତି ପ୍ରେମାନନ୍ଦ ସିଂହ କେନ୍ଦ୍ରର ବିଜେପି ସରକାର, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଓଡ଼ିଶା ବିଜେପି ସରକାରଙ୍କୁ କଡ଼ା ସମାଲୋଚନା କରି କହିଥିଲେ ଯେ, ବାରମ୍ବାର ପ୍ରଶ୍ନପତ୍ର ଲିକ୍, ଶିକ୍ଷା କ୍ଷେତ୍ରରେ ଅନିୟମିତତା ଏବଂ ଛାତ୍ରଛାତ୍ରୀଙ୍କ ସମସ୍ୟା ପ୍ରତି ସରକାରଙ୍କ ଆଭିମୁଖ୍ୟ ଦେଶର ଯୁବପିଢ଼ିର ଭବିଷ୍ୟତକୁ ବିପଦରେ ପକାଉଛି। ସେ କହିଥିଲେ ଯେ, ବିଜ୍ଞାପନ ଓ ପ୍ରଚାରରେ ନୁହେଁ, ବରଂ ସ୍ୱଚ୍ଛ ଏବଂ ଜବାବଦେହୀ ଶିକ୍ଷା ବ୍ୟବସ୍ଥା ଗଢ଼ିବାରେ ସରକାରର ସଫଳତା ମାପାଯିବା ଉଚିତ। ସେ ଆହୁରି କହିଥିଲେ ଯେ, ଯଦି ଶିକ୍ଷା ନୀତିରେ ସୁଧାର ଅଣାଯିବ ନାହିଁ, ପ୍ରଶ୍ନପତ୍ର ଲିକ୍ ଘଟଣାରେ ଦାୟୀ ବ୍ୟକ୍ତିଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ହେବ ନାହିଁ ଏବଂ ଛାତ୍ରଛାତ୍ରୀଙ୍କ ସ୍ୱାର୍ଥକୁ ଅବହେଳା କରାଯିବ, ତେବେ ଆମ୍ ଆଦମୀ ପାର୍ଟି ଗାଁ ଗାଁ ବୁଲି ଲୋକଙ୍କୁ ସଚେତନ କରି ଏକ ବ୍ୟାପକ ଗଣଆନ୍ଦୋଳନ ଆରମ୍ଭ କରିବ। ଉକ୍ତ ପ୍ରତିବାଦ ସଭା ରେ କେନ୍ଦୁଝର ଆମ୍ ଆଦମୀ ପାର୍ଟିର ଅରୁଣ କୁମାର ନାଏକ, ଲୁଲୁ ମହାକୁଡ଼, ସନ୍ତୋଷ ବାରିକ, ଜୈନୁଲ ଅବେଦିନ, ଦାଶରଥି ମହାନ୍ତ, ଭବାନୀ ମହାନ୍ତ, କମଳ ଲୋଚନ, ଗୋପବନ୍ଧୁ ମହାନ୍ତ, ପ୍ରଫୁଲ୍ଲ ସର୍ଦ୍ଦାର, ଦେବାଶିଷ ଚାନ୍ଦ, ଲିପୁ ବାରିକ, ଜିତୁ ନାଏକ, ଲୋହିତ ମହାନ୍ତ ଙ୍କ ସହ ରାଜ୍ୟ ଆଦିବାସୀ ମୋର୍ଚ୍ଚା ସଭାପତି ମେଘନାଦ ମାଝୀ ଉପସ୍ଥିତ ଥିଲେ।




# ପୁରୁଣାପାଣି ଛକରେ ନୂତନ ବସ୍‌ଷ୍ଟାଣ୍ଡ ନିର୍ମାଣ ଦାବି

**ହାଟଡିହୀ,୨୦।୭ (ସମିସ)**

ହାଟଡିହୀ ବ୍ଲକ୍ ଢେଙ୍କା ପଞ୍ଚାୟତ ପୁରୁଣାପାଣି ଛକରେ ଏକ ବସଷ୍ଟାଣ୍ଡ ନିର୍ମାଣ ପାଇଁ ଦାବି ହୋଇଛି। ପୂର୍ବ ସରକାରଙ୍କ ସମୟରେ ବ୍ଲକ୍‌ର ବିଭିନ୍ନ ପଞ୍ଚାୟତରୁ ଲକ୍ଷ୍ମୀ ବସ୍ ଯୋଗେ ଗ୍ରାମାଞ୍ଚଳର ଲୋକମାନେ ସୁରୁଖୁରୁରେ ଯା'ଆସ କରିବା ନେଇ ପ୍ରାୟ ସମସ୍ତ ପଞ୍ଚାୟତରେ ବସଷ୍ଟାଣ୍ଡ ନିର୍ମାଣ ହୋଇଥିଲା। କିନ୍ତୁ ଦୁଃଖ ଏବଂ ପରିତାପର ବିଷୟ ହାଟଡ଼ିହୀ ବ୍ଲକ୍ ଢେଙ୍କା ପଞ୍ଚାୟତର ପୁରୁଣାପାଣି ଠାରେ ଆଜିଯାଏଁ କୌଣସି ବସ୍‌ଷ୍ଟାଣ୍ଡଟିଏ ନିର୍ମାଣ ହୋଇପାରିଲା ନାହିଁ। ଗାଁଟି ଅନୁସୂଚିତ ଜନଜାତିପୂର୍ଣ୍ଣ ଜନବସତି ହୋଇଥିଲା ବେଳେ ଏଠାରେ ୨ଶହରୁ ଊର୍ଦ୍ଧ୍ୱ ପରିବାର ବସବାସ କରନ୍ତି। ଏହି ଛକରୁ ସ୍ଥାନୀୟ ଗ୍ରାମ ସହ ଆଖପାଖ ଗ୍ରାମରୁ ଶହ ଶହ ଲୋକେ ପ୍ରତିଦିନ ବିଭିନ୍ନ ଗନ୍ତବ୍ୟ ସ୍ଥଳକୁ ଯିବା ପାଇଁ କେତେବେଳେ ଗଛମୂଳ କିମ୍ବା ଖୋଲା ଆକାଶ ତଳେ ବସକୁ ଅପେକ୍ଷା କରୁଥିଲା ବେଳେ ଅନେକ ଶିକ୍ଷାର୍ଥୀ ମଧ୍ୟ ସ୍କୁଲ କଲେଜକୁ ଯିବା ପାଇଁ ଗଛତଳେ ତ ପୁଣି କେତେବେଳେ ଉଠା ଦୋକାନୀଙ୍କ ଜରିପାଲ ତଳେ ରହି ବସକୁ ଅପେକ୍ଷା କରିଥା'ନ୍ତି। ସ୍ଥାୟୀ ବସଷ୍ଟାଣ୍ଡଟିଏ ନଥିବାରୁ ସାଧାରଣତଃ ବର୍ଷାଦିନେ ଏଠାକାର ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଭଳି ସମସ୍ୟା ସତ୍ତ୍ୱେ ଆଜିଯାଏଁ ଏହି ଛକରେ ଏକ ନୂତନ ବସ୍‌ଷ୍ଟାଣ୍ଡ ନିର୍ମାଣ ହୋଇ ନପାରିବା ନିହାତି ଦୁର୍ଭାଗ୍ୟ ବୋଲି କୁହାଯାଇଛି। ଅନାବଶ୍ୟକସ୍ଥଳେ ଗଣ୍ଡା ଗଣ୍ଡା ବସଷ୍ଟାଣ୍ଡ କରାଯାଇ ଥିବାବେଳେ ଆବଶ୍ୟକସ୍ଥଳେ ଆଦୌ ନାହିଁ। ଏଭଳି ସମସ୍ୟା ପ୍ରତି ସ୍ଥାନୀୟ ବିଡିଓ ଓ ଆନନ୍ଦପୁର ଉପଜିଲ୍ଲାପାଳ ତୁରନ୍ତ ଦୃଷ୍ଟି ଦେଇ ସେଠାକାର ବାସିନ୍ଦାଙ୍କ ପାଇଁ ଏକ ବସ୍‌ଷ୍ଟାଣ୍ଡ ନିର୍ମାଣ ଦିଗରେ ତତ୍ପରତା ଦେଖାଇବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ତୁରନ୍ତ ଏ ଦିଗରେ ପ୍ରଶାସନ ପଦକ୍ଷେପ ନେବାକୁ ସମାଜସେବୀ ଶେଷଦେବ ସାମଲ ନିବେଦନ କରିଛନ୍ତି।




# ଆନନ୍ଦପୁର ମାଉସୀ ମା' ବାଡ଼ିରେ ସାଂସ୍କୃତିକ କାର୍ଯ୍ୟକ୍ରମ



**ଆନନ୍ଦପୁର,୨୦।୭ (ସମିସ):** ଶ୍ରୀଶ୍ରୀ ଦଧିବାମନଜିଉଙ୍କ ଘୋଷଯାତ୍ରା ପରିପ୍ରେକ୍ଷୀରେ ବୀଣାପାଣି କଳାନିକେତନ ନୃତ୍ୟାନୁଷ୍ଠାନର ନୃତ୍ୟଶିଳ୍ପୀମାନେ ଗୁରୁ ଜିତୁ ଦାଶଙ୍କ ନିର୍ଦ୍ଦେଶନାରେ ପ୍ରଥମେ ଓଡ଼ିଶୀ ନୃତ୍ୟାଭିନୟ ଶ୍ରୀଜଗନ୍ନାଥ ମହାନ, ପରେ ପରେ ଭଜନ, ପଲ୍ଲୀ ନୃତ୍ୟକୁ ୩୬ ଜଣ ନୃତ୍ୟଶିଳ୍ପୀ ମଞ୍ଚରେ ପରିବେଷଣ କରିଥିଲେ। ଅତିଥି ରୂପେ ଶିକ୍ଷାବିତ ଉମାକାନ୍ତ ନାୟକ ଯୋଗ ଦେଇ ଅନୁଷ୍ଠାନର ଗୁଣ ଗାରିମା ବଖାଣିବା ସହିତ ମାଟିର କଳାକାରମାନଙ୍କୁ ପ୍ରଶଂସା କରିଥିଲେ। ପରେ ନୃତ୍ୟ ଗୁରୁ ଶ୍ରୀ ଦାଶ ତାଙ୍କ ବକ୍ତବ୍ୟରେ ନିଜ ମାଟିରେ ସୁଯୋଗ ପାଇଁ ଦେବୋତ୍ତର ବିଭାଗର ଅଧିକାରୀ ଉପଜିଲ୍ଲାପାଳଙ୍କୁ କୃତଜ୍ଞତା ଜଣାଇଥିଲେ। ଶେଷରେ ନୃତ୍ୟ ଗୁରୁ ଓ ନୃତ୍ୟ ଶିଳ୍ପୀମାନଙ୍କୁ ଅତିଥି ଶ୍ରୀ ନାୟକ ସମ୍ବର୍ଦ୍ଧିତ କରିଥିଲେ।

## ବଜ୍ରପାତରେ ଗୋଟିଏ ପରିବାରର ୪ ଗୁରୁତର



୩ ଛେଳି ଓ ୪ କୁକୁଡ଼ା ମୃତ

**ନୀଳଗିରି,୨୦।୭ (ସମିସ):** ଘରେ ଶୋଇଥିବା ଅବସ୍ଥାରେ ହଠାତ୍ ପଡ଼ିଲା ବଜ୍ରପାତ, ଗୋଟିଏ ପରିବାରର ୮ ଜଣଙ୍କ ମଧ୍ୟରୁ ୪ ଜଣ ଆହତ ଓ ୪ ଜଣ ଗୁରୁତର ହୋଇଛନ୍ତି। ଏହି ବଜ୍ରାଘାତରେ ୩ଟି ଛେଳି ଓ ୪ କୁକୁଡା ମରି ଯାଇଛନ୍ତି। ସୂଚନା ନୀଳଗିରି ବ୍ଲକ ବରହମପୁର ଥାନା କେସିପୁର ପଞ୍ଚାୟତର ବୁଦୁଡ଼ାହି ଗ୍ରାମର ରଘୁ ସିଂ ଓ ତାଙ୍କ ଭାଇର ପରିବାର ଲୋକେ ଘରେ ଶୋଇଥିବା ବେଳେ ହଠାତ୍ ବିଳମ୍ବିତ ରାତ୍ରିରେ ବଜ୍ରପାତ ହୋଇଥିଲା। ବଜ୍ରାଘାତ ହେବା ଯୋଗୁଁ ରଘୁ ସିଂ ର ସ୍ତ୍ରୀ, ଭାଇ, ପୁଅ, ଝିଅ।ରୀ, ଭଉଣୀ, ଭାଣିଜୀ, ଭଣଜାଙ୍କ ମଧ୍ୟରୁ ୪ ଜଣ ଆହତ ହୋଇଛନ୍ତି। ଅନ୍ୟ ୪ ଜଣ ଗୁରୁତର ହୋଇଛନ୍ତି। ପରେ ଗାଁ ଲୋକେ ଉଦ୍ଧାର କରି ପ୍ରଥମେ ବରହମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲେ। ପରେ ଅଧିକ ଗୁରୁତର ହେବାରୁ ପାଞ୍ଚ ଜଣଙ୍କୁ ରେମୁଣା ମେଡିକାଲ୍ କଲେଜକୁ ସ୍ଥାନାନ୍ତର କରାଯାଇଛି। ଖବର ଲେଖିବା ବେଳକୁ ଚାରି ଜଣ ଗୁରୁତର ମଧ୍ୟରୁ ଜଣକର ଅବସ୍ଥା ଗୁରୁତର ହେବାରୁ ରେମୁଣା ମେଡିକାଲ୍ କଲେଜରୁ କଟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ବଜ୍ରାଘାତ ପରିବାରର ୩ ଜଣ ମହିଳା, ଦୁଇ ଜଣ ପୁରୁଷ ଓ ୩ ଜଣ ଶିଶୁ ଅଛନ୍ତି। ରେମୁଣା ମେଡିକାଲ୍ କଲେଜରେ ଚିକିତ୍ସା ହେଉଥିବା ଜଣେ ପାଞ୍ଚ ବର୍ଷ, ତିନି ବର୍ଷ ଆଉ ଜଣେ ସାତ ମାସର ଶିଶୁ ସହିତ ଉକ୍ତ ପରିବାର ର ଜଣେ ମହିଳା ଙ୍କ ଚିକିତ୍ସା ଚାଲିଥିବା ବେଳେ ଏଭଳି ଏକ ଦୁଃଖ ସମୟରେ ସେଠାରେ ଉପସ୍ଥିତ ଥିବା ପରିବାର ଲୋକଙ୍କ ପାଖରେ ନୀଳଗିରି ବ୍ଲକ ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝୀ ଏବଂ ସେହି ପଞ୍ଚାୟତର କିଛି ବିସିନ୍ଦା ମେଡିକାଲରେ ପହଞ୍ଚି ଦିନ ତମାମ ସେଠାରେ ରହି ସହଯୋଗର ହାତ ବଢାଇଥିଲେ।

## ଶିକ୍ଷା ବଞ୍ଚାଅ ଦାବି ନେଇ ସିଟୁର ଆନ୍ଦୋଳନ

**ନୀଳଗିରି,୨୦।୭ (ସମିସ):** ସାରା ଭାରତ ବର୍ଷରେ ଡାକ୍ତର ମାନଙ୍କ ପରୀକ୍ଷା ପ୍ରଶ୍ନପତ୍ର ପ୍ରଘଟ ମାମଲାର ରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଙ୍କ ଇସ୍ତଫା ଦାବିକରି ଆନ୍ଦୋଳନ ଚାଲିଛି। ଏହି ଦାବିକୁ ନେଇ ପରିବେଶ ଓ ସାମାଜିକ କର୍ମୀ ସୋନମ ୱାଙ୍ଗଚୁକ୍ ଦିଲ୍ଲୀର ଜନ୍ତରମନ୍ତର ଠାରେ ଦୀର୍ଘ ଏକୋଇଶ ଦିନ ଅନଶନ ରେ ବସି ଥିଲେ। କେନ୍ଦ୍ର ସରକାର ତାଙ୍କ ସହିତ କୌଣସି ଆଲୋଚନା ନକରି ପୁଲିସ ଲଗାଇ ଉଠାଇ ନେବା ସହିତ ଭୁଲ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ତତ୍ ସହିତ ନୂତନ ଶିକ୍ଷା ବ୍ୟବସ୍ଥାର ପରିବର୍ତ୍ତନ, ଛାତ୍ର/ ଛାତ୍ରୀ ମାନଙ୍କୁ ନିର୍ଭୁଲ ପାଠ୍ୟ ପୁସ୍ତକ ଯୋଗାଇଦେବା ଦାବୀ ର ଆଜି ପୂର୍ବାହ୍ନରେ ଭାରତର କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ) ଓ ସିଟୁ ନୀଳଗିରି ଆଞ୍ଚଳିକ କମିଟି ତରଫରୁ ଏକ ପଟୁଆର ପାର୍ଟୀ କାର୍ଯ୍ୟାଳୟରୁ ବାହାରି ସହର ପରିକ୍ରମା କରି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସାଥୀ ସତ୍ୟଜିତ ଦାସ ଙ୍କ ସଭାପତିତ୍ୱରେ ରେ ପ୍ରତିବାଦ ସଭା କରାଯାଇଛି। ଉକ୍ତ ସଭାରେ ସିଟୁ ବାଲେଶ୍ୱର ଜିଲ୍ଲା କମିଟି ସମ୍ପାଦକ ବିଜୟ କୁମାର ପାତ୍ର, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନୀତି ବିରୁଦ୍ଧରେ ଆଲୋଚନା କରିଥିଲେ। ଭାରତର କମ୍ୟୁନିଷ୍ଟ ପାର୍ଟି ମାର୍କ୍ସବାଦୀ ନୀଳଗିରି ଆଂଚଳିକ କମିଟି ସମ୍ପାଦକ ଜ୍ୟୋତିର୍ମୟ ରାଉତ, ଯୋଗନନ୍ଦ ଦାଶ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଶିକ୍ଷା ନିତୀ ବିରୁଦ୍ଧରେ ଆଲୋଚନା କରିଥିଲେ। ଏହା ପରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଉପଜିଲ୍ଲାପାଳ ଙ୍କୁ ଦାବୀ ପତ୍ର ଦିଆଯାଇଛି। ଉକ୍ତ କାର୍ଯ୍ୟକ୍ରମ ରେ ଉମାକାନ୍ତ ଷଡ଼ଙ୍ଗୀ, ହେମେନ୍ଦ୍ର ସେଠୀ, ଅମରେନ୍ଦ୍ର ନାୟକ, ପୁରୁଷୋତ୍ତମ ଖଣ୍ଡିଏ, ଗଜେନ୍ଦ୍ର ସିଂ, ଲକ୍ଷ୍ମୀଧର ସାହୁ, କାଳିଆ ପାତ୍ର, ଶ୍ୟାମ ସିଂ, ଗିରିଧାରୀ ପ୍ରଧାନଙ୍କ ସମେତ ବହୁ ସାଥୀ ଉପସ୍ଥିତ ଥିଲେ।




## ରଥଯାତ୍ରା ପାଇଁ କୁମ୍ଭାରମୂଳି ଗାଁ ଉତ୍ସବ ମୁଖର

**ଚନ୍ଦନେଶ୍ୱର,୨୦।୭ (ସମିସ):** ଉତ୍କଳୀୟ ସଂସ୍କୃତିର ଏକ ଦିବ୍ୟ ଉତ୍ସବ ଶ୍ରୀଗୁଣ୍ଡିଚା ରଥଯାତ୍ରା ଅବସରରେ ଭୋଗରାଇର କୁମ୍ଭାରମୂଳି ଗାଁ ଉତ୍ସବ ମୁଖର ହୋଇ ଉଠିଛି। ରଥଯାତ୍ରାରୁ ମହାପ୍ରଭୁଙ୍କ ବାହୁଡ଼ା ପର୍ଯ୍ୟନ୍ତ ୯ ଦିନ ୯ ବେଶରେ ମହାପ୍ରଭୁଙ୍କ ଦିବ୍ୟ ବେଶ ଦର୍ଶନ ସହିତ ହରିନାମ ସଂକୀର୍ତ୍ତନ,ଅନ୍ନ ମହୋତ୍ସବ ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଏହି ଉତ୍ସବ ବେଶ ଚଳଚଂଚଳ ହୋଇ ଉଠୁଛି ୯ ଦିନ ଯାକ ଗାଁ ଏକ ଅଧ୍ୟାତ୍ମିକ ଓ ମନୋରଞ୍ଜନ ଧର୍ମୀ ପରିବେଶ ମଧ୍ୟରେ ଗତି କରୁଛି। ବିବରଣୀରୁ ପ୍ରକାଶ,କୁମ୍ଭାରମୂଳି ପଂଚାୟତ ଅଧୀନ ସେହି ଗାଁର ଚକାଆଖି ଫାଉଣ୍ଡେସନ ଉଦ୍ୟମରେ ଦୀର୍ଘ ୪ ବର୍ଷ ହେବ ଗାଁରେ ଏହି ଦିବ୍ୟ କାର୍ଯ୍ୟକ୍ରମ ଆୟୋଜନ ହୋଇ ଆସୁଛି। ରଥଯାତ୍ରା ଦିନ ଚତୁର୍ଦ୍ଧା ମୂର୍ତି ରଥାରୂଢ ହୋଇ ଏକ ବିଶାଳ ପଟୁଆରରେ ମାଉସୀ ବାଡି ଅଭିମୁଖେ ଯାତ୍ରା କରିଥିଲେ। ଶୁକ୍ରବାର ସକାଳେ ମଙ୍ଗଳ ଆଳତି ପରେ ହରିନାମ ସଂକୀର୍ତ୍ତନରେ ଶୁଭାରମ୍ଭ ହୋଇ ଥିଲା ବାହୁଡା ଯାତ୍ରା ପର୍ଯ୍ୟନ୍ତ ଏହି ହରିନାମ ସଂକୀର୍ତ୍ତନ ଓ ଅନ୍ନମହୋତ୍ସବ ଜାରି ରହିବ। ଏହାଛଡା ଗଜାନନ, ଉରଗ, ଗୋପାଳ, ରାଜାଧିରାଜ, ହଂସ, ବାହୁଡା, ସୂର୍ଯ୍ୟ, ଫୁଲ ଏବଂ ସୁନାବେଶରେ ଚତୁର୍ଦ୍ଧା ମୂର୍ତ୍ତିଙ୍କ ଦର୍ଶନକୁ କେହି ହାତଛଡା କରୁ ନାହାନ୍ତି। ଏହାଛଡା ସନ୍ଧ୍ୟାରେ ଓଡିଶା ସରକାରଙ୍କ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ନୃତ୍ୟ ପରିବେଷଣ, ନୈବିଦ୍ୟ ଭଜନ ସନ୍ଧ୍ୟା, ଶ୍ରଦ୍ଧା କ୍ରିଏଟିଭ ଆର୍ଟସ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମମାନ ପରିବେଷଣ ହୋଇ ଆସୁଛି। ଗାଁର ବହୁ ଲୋକ ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମକୁ ସହଯୋଗ କରିବା ସହିତ ମନଭରି ଉପଭୋଗ କରି ଆସୁଛନ୍ତି। ଚକାଆଖି ଫାଉଣ୍ଡେସନର ସଭାପତି ତଥା ସାମ୍ବାଦିକ ଜଗନ୍ନାଥ ଗିରିଙ୍କ ଆପ୍ରାଣ ଉଦ୍ୟମ ଫଳରେ ଗାଁରେ ଏଭଳି ଏକ ଦିବ୍ୟ କାର୍ଯ୍ୟକ୍ରମ ସମ୍ଭବ ହୋଇ ପାରୁଥିବା ଗାଁ ଲୋକେ ପ୍ରତିକ୍ରିୟାରେ କହନ୍ତି। ଫାଉଣ୍ଡେସନ୍ର ସମ୍ପାଦିକା ସବିତା ଗିରି, ବରିଷ୍ଠ ସଦସ୍ୟ ରଜନୀକାନ୍ତ କରଣ, ଉପଦେଷ୍ଟା ନମିତା ଗିରି, ମୋନାଲିସା ଗିରି,କୁମ୍ଭାରମୂଳି ପଞ୍ଚାୟତର ନାଏବ ସରପଞ୍ଚଙ୍କ ପ୍ରତିନିଧି ହରିପଦ ପାଲ,ସପନ ଦାସ ଅଧିକାରୀ, ବାବୁ ପ୍ରଧାନ, ଶମ୍ଭୁ କରଣ, ଧନଞ୍ଜୟ ଘଡାଇ, ରବୀନ୍ଦ୍ର ଗିରି, ମନରଞ୍ଜନ କରଣ, ନରେନ୍ଦ୍ର କରଣ,ବରେନ୍ଦ୍ର କରଣ,ଅନନ୍ତ କରଣ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରୁଛନ୍ତି।

### ସରକାରୀ କାର୍ଯ୍ୟାଳୟ ନା ବ୍ୟକ୍ତିଗତ ଘର

# ୮ ବର୍ଷ ଧରି ଜବରଦଖଲରେ ଜିପିଏଚ୍ ସବ୍‌ଡିଭିଜନ

**ବାଲେଶ୍ୱର,୨୦।୭ (ରୁଚିକ ରଞ୍ଜନ ମହାପାତ୍ର)**




ବାଲେଶ୍ୱର ଜିପିଏଚ୍ ସବ୍-ଡିଭିଜନ ପରି ଏକ ଗୁରୁତ୍ୱପୂର୍ଣ୍ଣ ସରକାରୀ କାର୍ଯ୍ୟାଳୟକୁ ନେଇ ଏବେ ଗୁରୁତର ପ୍ରଶ୍ନ ଉଠିଛି। ଜଣେ ବ୍ୟକ୍ତି, ଯିଏ କୌଣସି ସରକାରୀ କର୍ମଚାରୀ କିମ୍ବା ଅସ୍ଥାୟୀ କର୍ମଚାରୀ ନୁହନ୍ତି, ସେ ଗତ ପ୍ରାୟ ଆଠ ବର୍ଷ ଧରି ନିଜ ପରିବାର ସହ କାର୍ଯ୍ୟାଳୟ ପରିସରରେ ସରକାରୀ ଅଫିସ ଭିତରେ ବସବାସ କରୁଥିବାନେଇ ଅଭିଯୋଗ ହୋଇଛି। ଏହି ଘଟଣାକୁ ନେଇ କେବଳ ସରକାରୀ ସମ୍ପତ୍ତିର ବ୍ୟବହାର ନୁହେଁ, ବରଂ ପ୍ରଶାସନିକ ବିଫଳତା , ସୁରକ୍ଷା ବ୍ୟବସ୍ଥା ଓ ସରକାରୀ ତହବିଲର ବ୍ୟବହାରକୁ ନେଇ ମଧ୍ୟ ଗମ୍ଭୀର ପ୍ରଶ୍ନ ଉଠିଛି। ଅଭିଯୋଗ ଅନୁସାରେ, ସମ୍ପୃକ୍ତ ବ୍ୟକ୍ତି କେବଳ ରାତି କାଟୁନାହାନ୍ତି, ବରଂ ସ୍ଥାୟୀ ଭାବରେ ସଂସାର କରି ପରିବାର ସହ ରହୁଛନ୍ତି। ପରିବାର ସହ ବସବାସ, ଘରୋଇ ସାମଗ୍ରୀ ରଖିବା, ଦୈନନ୍ଦିନ ଘରୋଇ କାର୍ଯ୍ୟକଳାପ ଚଳାଇବା ଭଳି ବିଷୟ ମଧ୍ୟ ଅଭିଯୋଗ ହୋଇଛି। ଏମିତି କି ସରକାରୀ ବିଦ୍ୟୁତ, ପାଣି ଓ ଅନ୍ୟାନ୍ୟ ସୁବିଧା ବ୍ୟବହାର ହେଉଥିବା ଏବଂ ତାହାର ଖର୍ଚ୍ଚ ସରକାରୀ ତହବିଲରୁ ବହନ ହେଉଥିବା କଥା ମଧ୍ୟ ସାମ୍ନାକୁ ଆସିଛି। ଯଦି ଏହା ତଦନ୍ତରେ ସ୍ପଷ୍ଟ ହୁଏ, ତେବେ ଗତ ଆଠ ବର୍ଷରେ ସରକାରୀ ଅର୍ଥରୁ କେତେ ଖର୍ଚ୍ଚ ହୋଇଛି, ତାହାର ହିସାବ ମଧ୍ୟ ଜନସାଧାରଣଙ୍କ ସାମ୍ନାକୁ ଆସିବା ଦରକାର ବୋଲି ଦାବି ହେଉଛି। ଏହି ପ୍ରସଙ୍ଗରେ ଜି.ପି.ଏଚ୍. ସବ୍-ଡିଭିଜନର କନିଷ୍ଠ ଯନ୍ତ୍ରୀ ଦୁର୍ଗା ଚରଣ ମାଝୀ କହିଛନ୍ତି ଯେ, ସେ ଏହି କାର୍ଯ୍ୟାଳୟରେ ଯୋଗଦେବା ଦିନଠାରୁ ଉକ୍ତ ବ୍ୟକ୍ତିଙ୍କୁ ପରିବାର ସହ କାର୍ଯ୍ୟାଳୟ ପରିସରରେ ରହୁଥିବା ଦେଖିଆସୁଛନ୍ତି। ଏହି ସମ୍ପର୍କରେ ସେ ଏସଡିଓ ସମେତ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଇଥିବା ମଧ୍ୟ ପ୍ରକାଶ କରିଛନ୍ତି।

ଅନେକ ସ୍ଥାନରେ ଉଚ୍ଛେଦ ଅଭିଯାନ ଚାଲିଥିଲା ଏବଂ ସରକାରୀ ସମ୍ପତ୍ତିକୁ ଦଖଲମୁକ୍ତ କରାଯାଇଥିଲା। ସରକାର ସେତେବେଳେ ସ୍ପଷ୍ଟ ବାର୍ତ୍ତା ଦେଇଥିଲେ ଯେ ସରକାରୀ ସମ୍ପତ୍ତିର ଅନଧିକୃତ ବ୍ୟବହାର କୌଣସି ପରିସ୍ଥିତିରେ ଗ୍ରହଣୀୟ ନୁହେଁ। ତେବେ ବାଲେଶ୍ୱରର ଏହି ପ୍ରସଙ୍ଗରେ ସମାନ ନୀତି ପ୍ରୟୋଗ ହେଉଛି କି ନାହିଁ, ତାହା ଏହି ଘଟଣାରୁ ସ୍ପଷ୍ଟ ହୋଇଛି। ଜିଲ୍ଲାପାଳ ତୁରନ୍ତ ହସ୍ତକ୍ଷେପ କରି ସମ୍ପୂର୍ଣ୍ଣ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ସହ ଉପଲବ୍ଧ ସରକାରୀ ରେକର୍ଡ, ଦଲିଲ, ବିଦ୍ୟୁତ ଓ ଜଳ ବ୍ୟବହାରର ହିସାବ, ବିଭାଗୀୟ ପତ୍ରବ୍ୟବହାର ଏବଂ ଦାୟିତ୍ୱପ୍ରାପ୍ତ ଅଧିକାରୀଙ୍କ ଭୂମିକାକୁ ଯାଞ୍ଚ କରି ପ୍ରକୃତ ସତ୍ୟ ପଦାକୁ ଆଣିବା ସହିତ, ଯଦି କୌଣସି ନିୟମ ଉଲ୍ଲଂଘନ ହୋଇଥାଏ, ତେବେ ଆଇନ ଅନୁଯାୟୀ ସମ୍ପୃକ୍ତ ସମସ୍ତଙ୍କ ବିରୋଧରେ ଦୃଢ଼ ବିଭାଗୀୟ ଓ ଆଇନଗତ ପଦକ୍ଷେପ ଗ୍ରହଣ କରାଯାଉ ବୋଲି ସାଧାରଣରେ ଦାବି ହୋଇଛି।

### କୋଷ୍ଟ କେନାଲର ପୁନରୁଦ୍ଧାର ବାଟ ଫିଟିବ

## ରିପୋର୍ଟ ଦାଖଲ ପାଇଁ ଜଳସମ୍ପଦ ବିଭାଗର ନିର୍ଦ୍ଦେଶ

**ବାଲେଶ୍ୱର(ଉତ୍ତର),୨୦।୭ (ସମିସ):** ପଶ୍ଚିମବଙ୍ଗରୁ ଓଡ଼ିଶାକୁ ପ୍ରବେଶ କଲା ପରେ ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ୍‌ର ପ୍ରାୟ ୧୪ କିମି ଅଞ୍ଚଳ ଦେଇ ପ୍ରବାହିତ ଐତିହାସିକ କୋଷ୍ଟ କେନାଲର



ପୁନରୁଦ୍ଧାର ପାଇଁ ଦୀର୍ଘଦିନ ଧରି ଦାବି ହୋଇଆସୁଛି। ମାତ୍ର କେନ୍ଦ୍ର ସରକାରଙ୍କ ଅଧୀନରେ ଥିବା ଏହି କେନାଲର ପୁନରୁଦ୍ଧାର ପ୍ରସଙ୍ଗରେ କୌଣସି ପଦକ୍ଷେପ ନିଆଯାଉ ନାହିଁ।ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ପ୍ରାୟ ୬ ମାସ ତଳେ ଏନେଇ କେନ୍ଦ୍ର ସରକାରଙ୍କ ଜଳଶକ୍ତି ମନ୍ତ୍ରଣାଳୟକୁ ଚିଠି ଲେଖିଥିଲେ। ଏହାପରେ କେନ୍ଦ୍ରୀୟ ଜଳ ଆୟୋଗ (ସିଡବ୍ଲ୍ୟୁସି)ର ଏକ ପ୍ରତିନିଧିଦଳ କୋଷ୍ଟ କେନାଲର ପରିଦର୍ଶନରେ ଆସିଥିଲେ ଏବଂ ଏହାର ସର୍ଭେ ମଧ୍ୟ କରିଥିଲେ। ଏ ନେଇ ଜଳଶକ୍ତି ମନ୍ତ୍ରଣାଳୟକୁ ଶ୍ରୀ ଦାସ ପୁଣି ଦ୍ୱିତୀୟ ଚିଠି ଲେଖିବା ପରେ ଏହାର ଉତ୍ତରରେ କେନ୍ଦ୍ର ଜଳ ଆୟୋଗଙ୍କ କାର୍ଯ୍ୟାଳୟରୁ ଓଡ଼ିଶା ସରକାରଙ୍କ ଜଳସମ୍ପଦ ବିଭାଗର ପ୍ରମୁଖ ସଚିବଙ୍କୁ ଏ ବିଷୟରେ ପଦକ୍ଷେପ ନେବା ଲାଗି ନିର୍ଦ୍ଦେଶ ଦେଇଥିଲେ। ଅପରପକ୍ଷରେ ଜଳଶକ୍ତି ମନ୍ତ୍ରଣାଳୟର ଏହି ପତ୍ରର ନକଲ ପାଇବା ପରେ ବିଧାୟକ ଶ୍ରୀ ଦାସ ରାଜ୍ୟ ଜଳସମ୍ପଦ ବିଭାଗର ପ୍ରମୁଖ ସଚିବ ଶୁଭା ଶର୍ମାଙ୍କୁ ସାକ୍ଷାତ କରି ଏ ପ୍ରସଙ୍ଗରେ ଆଲୋଚନା କରିବା ସହ ତୁରନ୍ତ କୋଷ୍ଟ କେନାଲର ପୁନରୁଦ୍ଧାର ପାଇଁ ପଦକ୍ଷେପ ନେବାକୁ ଚଳିତ ମାସ ୭ ତାରିଖରେ ଏକ ଦାବିପତ୍ର ଦେଇଥିଲେ। ଗତ ୧୪ ତାରିଖ ଦିନ ରାଜ୍ୟ ସରକାରଙ୍କ ଜଳ ସମ୍ପଦ ବିଭାଗ ପକ୍ଷରୁ ବିଭାଗୀୟ ପ୍ରମୁଖ ଯନ୍ତ୍ରୀ (ଇଆଇସି)ଙ୍କୁ ଏକ ପତ୍ର ଲେଖାଯାଇଛି ଏବଂ ଫିଲ୍ଡ ଷ୍ଟାଫଙ୍କ ଦ୍ୱାରା କୋଷ୍ଟ କେନାଲର ବୈଷୟିକ ଦିଗର ତର୍ଜମା କରି ଏକ ସବିଶେଷ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ନେଇ ବିଭାଗୀୟ କର୍ତ୍ତୃପକ୍ଷ ଏ ସମ୍ପର୍କରେ ଶ୍ରୀ ଦାସଙ୍କୁ ମେଲ୍ ମାଧ୍ୟମରେ ଅବଗତ କରିଥିବା ଜଣାପଡ଼ିଛି। ଜଳ ସମ୍ପଦ ବିଭାଗ ଏହାକୁ ଗୁରୁତ୍ୱ ଦେବା ସହ ଆଗାମୀ ଦିନରେ ଭୋଗରାଇବାସୀଙ୍କ ଅନ୍ୟତମ ପ୍ରମୁଖ ଦାବି କୋଷ୍ଟ କେନାଲର ପୁନରୁଦ୍ଧାର ପାଇଁ ବାଟ ଫିଟିବ ବୋଲି ବିଧାୟକ ଶ୍ରୀ ଦାସ ଆଶା ପୋଷଣ କରିଛନ୍ତି।

## ସହରୀ ବିକାଶ ନାମରେ କୋଟିକୋଟି ଟଙ୍କା ବରବାଦ ଅଭିଯୋଗ

**ଜଳେଶ୍ୱର,୨୦।୭ (ସମିସ):** ଜଳେଶ୍ୱର ପୌରାଞ୍ଚଳରେ ସହରୀ ବିକାଶ ନାମରେ କୋଟିକୋଟି ଟଙ୍କା ବ୍ୟୟ କରାଯାଉଥିବା ବେଳେ କୌଣସି କାର୍ଯ୍ୟ ସଫଳତାର ସହିତ ପୂର୍ଣ୍ଣାଙ୍ଗ ହୋଇ ନ ପାରିବା ଏବଂ ଜନହିତରେ ନ ଲାଗିବାକୁ ନେଇ ବିଭିନ୍ନ ୱାର୍ଡରେ ଜନଅସନ୍ତୋଷ ଲାଗିରହିଛି। ବିଭିନ୍ନ ୱାର୍ଡରେ ଜଳାଶୟ ଗୁଡିକର ପୁନଉଦ୍ଧାର କରାଯିବା ପାଇଁ ଅମୃତ ଯୋଜନା ଓ ମୋ ପୋଖରୀ ଯୋଜନାରେ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ମାତ୍ର ଖରାଦିନରେ କାର୍ଯ୍ୟ ନ କରି ବର୍ଷା ଦିନରେ କାର୍ଯ୍ୟ କରାଯାଇ କାର୍ଯ୍ୟ ନାମରେ ଅର୍ଥ ବାଟମାରଣା ହେଉଥିବାର ଅଭିଯୋଗ ହେଉଛି। ଜଳେଶ୍ୱର ପୌରାଞ୍ଚଳର ବିଭିନ୍ନ ୱାର୍ଡରେ ଏହି ଅବସ୍ଥା ଲାଗିରହିଥିବା ବେଳେ ୧୭ନଂ ୱାର୍ଡ ଚକବିଷ୍ଣୁ(ଭାଦା)ର ଦକ୍ଷିଣ ପୋଖରୀ କାର୍ଯ୍ୟର ଅଭିଯୋଗ କରିଛନ୍ତି ଗ୍ରାମବାସୀ ଓ କାଉନସିଲର ନିଜେ। ଅଭିଯୋଗ ଅନୁଯାୟୀ ଏହି ଗ୍ରାମର ଦକ୍ଷିଣ ପୋଖରୀ ପାଇଁ ୩୦ଲକ୍ଷ ଟଙ୍କା ୨୦୨୩-୨୪ ମସିହାରେ ଅର୍ଥ ମଞ୍ଜୁରୀ ହୋଇଥିଲା। ଏବେ ମଧ୍ୟ ପଙ୍କ ଉଦ୍ଧାର କାର୍ଯ୍ୟ ଚାଲୁରହିଛି। ମା ବାସନ୍ତୀ ଓ ମୁକ୍ତେଶ୍ୱର ନାମକ ଦୁଇଟି ଏସ୍‌ଏଚ୍‌ଜି ଗ୍ରୁପର ମହିଳା ମାନଙ୍କୁ ଏହି କାର୍ଯ୍ୟ ଦିଆଯାଇଥିବା ବେଳେ କାର୍ଯ୍ୟ ସମାପ୍ତ ହୋଇ ପାରିନାହିଁ ବରଂ ପୋଖରୀର ତିନିପଟ ବନ୍ଧ ଧୋଇଯାଇ ଥିବାର ଦେଖିବାକୁ ମିଳୁଛି। ପୋଖରୀ ସୌନ୍ଦର୍ଯ୍ୟ କରଣ ନାମରେ ପୋଖରୀକୁ



ନଷ୍ଟ କରି ଦିଆଯାଇ ଥିବାର ଅଭିଯୋଗ କରିଛନ୍ତି ଗ୍ରାମବାସୀ। ତୁରନ୍ତ ଏହି ପୋଖରୀର କାର୍ଯ୍ୟଶେଷ ନ ହେଲେ ଆସନ୍ତା ଦିନରେ ଆନ୍ଦୋଳନ କରାଯିବ ବୋଲି କାଉନସିଲର ରଶ୍ମି ନନ୍ଦୀ ଚେତାବନୀ ଦେଇଛନ୍ତି।

### ଶ୍ରାବଣ ପ୍ରଥମ ସୋମବାର

## ପଞ୍ଚଲିଙ୍ଗେଶ୍ୱର ପୀଠରେ କାଉଡ଼ିଆଙ୍କ ଜଳାଭିଷେକ



**ନୀଳଗିରି,୨୦।୭ (ସମିସ):** ଶ୍ରାବଣ ମାସର ପ୍ରଥମ ସୋମବାରରେ ଉତ୍ତର ଓଡ଼ିଶାର ଅନ୍ୟତମ ପ୍ରସିଦ୍ଧ ଶୈବପୀଠ ବାବା ପଞ୍ଚଲିଙ୍ଗେଶ୍ୱର ପୀଠରେ ଶହ ଶହ କାଉଡିଆ ଜଳାଭିଷେକ କରିଛନ୍ତି। ନୀଳଗିରି ନିକଟରେ ବହୁ ବର୍ଷ ପୂର୍ବରୁ ଦେବଗିରି ପର୍ବତ ମାଳାର ଅଂଶବିଶେଷର ଏକ ଚିରସ୍ରୋତା ଝରଣାର ପଥର ଖୋଲ ମଧ୍ୟରେ ଆବିର୍ଭୂତ ହୋଇଥିବା ପାଞ୍ଚଟି ଲିଙ୍ଗଙ୍କୁ ବାବା ପଞ୍ଚଲିଙ୍ଗେଶ୍ୱର ନାମରେ ଶ୍ରଦ୍ଧାଳୁ ପୂଜାର୍ଚ୍ଚନା କରିଆସୁଛନ୍ତି। ରାଜ୍ୟ ଏବଂ ରାଜ୍ୟ ବାହାରୁ ଶହ ଶହ କାଉଡ଼ିଆ ବିଭିନ୍ନ ନଦୀ ତଥା ବାଲେଶ୍ୱରସ୍ଥିତ ବାଲିଘାଟ, ନୀଳଗିରିର କାଠପାଳ, ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ସୋନ ଇତ୍ୟାଦି ନଇରୁ ରିତି ନୀତି ଅନୁଯାୟୀ ପୁଜାଅର୍ଚ୍ଚନା କରି ଜଳ ଆଣି ଚାଲି ଚାଲି ଆସିବା ସହ ୩୧୧ଟି ପାହାଚ ଚଢ଼ି ଲାଇନରେ ଆସି ରବିବାର ରାତ୍ରୀ ୧୨ଟା ପରେ ମହାଦେବଙ୍କୁ ଜଳାଭିଷେକ କରିଥିଲେ। ପ୍ରଥମ ପାଳିରେ ପ୍ରଶାସନ ଜନସମାଗମକୁ ଦୃଷ୍ଟିରେ ରଖି ପୁଲିସ ମୁତୟନ ସହ ପୀଠରେ ଶୌଚାଳୟ, ଅଧିକ ଗୁରୁତ୍ୱ ଦିଆଯାଇଥିଲା ବେଳେ ପିଠର ଭିତରେ ଓ ବାହାରେ ଉଜ୍ଜ୍ୱଳ ଆଲୋକ ଉପରେ ଗୁରୁତ୍ୱ ଦିଆଯାଇନଥିଲା ବୋଲି ସାଧାରଣରେ ଆଲୋଚନା ହେଉଛି।

## ଶ୍ରାବଣ ପ୍ରଥମ ସୋମବାରରେ ବାବା ସିଦ୍ଧେଶ୍ୱରଙ୍କ ପୀଠରେ ଜଳାଭିଷେକ



**କାଳିପଦା,୨୦।୭ (ସମିସ):** ବାଲିଆପାଳ ବ୍ଲକର ମଧୁପୁରା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଚରବସ୍ତକାଳରୁଇ ଓ ଚୌଧୁରୀକୁଦ ଗ୍ରାମର ବୋଲବମ୍ବ ଭକ୍ତମାନେ ଆଜି ଶ୍ରାବଣ ମାସର ପ୍ରଥମ ସୋମବାରରେ ଚୌଧୁରୀକୁଦ ବାବା ସିଦ୍ଧେଶ୍ୱର ଶୈବ ପୀଠରେ ଜଳାଭିଷେକ କରିଛନ୍ତି। ଶହଶହ ମହିଳା ପୁରୁଷ ବୋଲବମ୍ବ ଭକ୍ତ ମାନେ ସୋମବାର ସକାଳେ ସୁବର୍ଣ୍ଣରେଖା ନଦୀର ଅବବାହିକା ପାରୁଲିଆ ପୋଲ ନିକଟସ୍ଥ ପକ୍କା ଘାଟରୁ ମାନସିକ କରି ଓ ମାନସିକ ପୂରଣ ହୋଇଥିବାରୁ ନିଷ୍ଠାର ସହିତ ନଦୀରୁ ଜଳ ଆଣି ବାବା ସିଦ୍ଧେଶ୍ୱରଙ୍କ ଉପରେ ଜଳାଭିଷେକ କରିଛନ୍ତି। ବୋଲବମ ଯାତ୍ରା ସମୟରେ ଭକ୍ତଙ୍କ ବୋଲବମ ଧ୍ୱନି ସହିତ ଶିବଙ୍କ ପଞ୍ଚାକ୍ଷରୀ ନାମର ଧ୍ୱନି ଖଣ୍ଡମଣ୍ଡଳ ପ୍ରକମ୍ପିତ ହେଉଥିଲା। ଭକ୍ତମାନେ ଏକ ଭକ୍ତିମୟ ପରିବେଶ ମଧ୍ୟରେ ଲମ୍ବା ପଟୁଆରରେ ଶାନ୍ତି ପୂର୍ଣ୍ଣ ଭାବରେ ନଦୀର ମାନସିକ ଧାରୀ ଓ ମାନସିକ ପୂରଣ ହୋଇଥିବା ଭକ୍ତ ମାନେ ଜଳ ଆଣି ବାବାଙ୍କ ଉପରେ ଜଳ ଲାଗି କରିଥିଲେ। ଚରବସ୍ତକାଳରୁଇ ଓ ଚୌଧୁରୀକୁଦ ଗ୍ରାମର ସମସ୍ତ ସକ୍ରିୟ ଯୁବକ ଓ ବୋଲବମ କମିଟିର ସଦସ୍ୟଙ୍କ ସହଯୋଗରେ ସମସ୍ତ କାର୍ଯ୍ୟ ସମାପନ ହୋଇଥିଲା। ଯୁବକମାନଙ୍କର ଏତାଦୃଶ କାର୍ଯ୍ୟକୁ ଉଭୟ ଗ୍ରାମ ସହିତ ସ୍ଥାନୀୟ ବରିଷ୍ଠ ନାଗରିକ ଓ ବୁଦ୍ଧିଜୀବିମାନେ ପ୍ରଶଂସା କରିଛନ୍ତି।

## ଗଣତନ୍ତ୍ର ବଞ୍ଚାଅ ଲଢ଼େଇରେ ସାମିଲ ପାଇଁ ସିପିଏମ୍‌ର ଆହ୍ୱାନ

**ଜଳେଶ୍ୱର ବ୍ଲକ,୨୦।୭ (ସମିସ):** ବିଶିଷ୍ଟ ପରିବେଶବିତ ଓ ବୈଜ୍ଞାନିକ ସୋନମ୍ ୱାଙ୍ଗଚୁକ୍‌ଙ୍କୁ ଅନଶନସ୍ଥଳୀରୁ କେନ୍ଦ୍ର ସରକାରର ନିର୍ଦ୍ଦେଶକ୍ରମେ ପୁଲିସ ଜବରଦସ୍ତ ଉଠାଇ ନେବା ଗଣତନ୍ତ୍ରକୁ ହତ୍ୟା କରିବା ସହିତ ସମାନ। ଗଣତନ୍ତ୍ରକୁ ସୁରକ୍ଷା ଦିଅ ଓ ଶିକ୍ଷା ବଞ୍ଚାଅ ଡାକରାରେ ଦିଲ୍ଲୀରେ ଚାଲିଥିବା ସର୍ବଭାରତୀୟ ଛାତ୍ର ଆନ୍ଦୋଳନକୁ ସମର୍ଥନ ଜଣାଇବା ସହିତ ସୋନମ୍ ୱାଙ୍ଗଚୁକଙ୍କ ଆନ୍ଦୋଳନକୁ ସଂହତି ଜଣାଇବା ପାଇଁ ଆଜି ସାରା ଦେଶରେ ବାମପନ୍ଥୀ ଦଳମାନଙ୍କର ସଂସଦ ଅଭିଯାନ।ଏହି ଅଭିଯାନକୁ ସମର୍ଥନ ଜଣାଇବା ସହିତ ଶିକ୍ଷା ବ୍ୟବସ୍ଥାକୁ ତିଳ ତିଳ କରି ହତ୍ୟା କରୁଥିବା କେନ୍ଦ୍ର ଓ ରାଜ୍ୟ ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବିରେ ଆଜି ଭାରତର କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ) ର ଜଳେଶ୍ୱର ଆଞ୍ଚଳିକ କମିଟି ତରଫରୁ ଷ୍ଟେସନ ଛକ ଠାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ସୂଚନା ଥାଉକି




ନିଟ୍ ପରୀକ୍ଷା ସମେତ ସମସ୍ତ ପ୍ରବେଶିକା ପରୀକ୍ଷା ଓ ଚାକିରି ପାଇଁ ଯୋଗ୍ୟତା ହାସଲ ପରୀକ୍ଷାରେ ବାରମ୍ବାର ପ୍ରଶ୍ନପତ୍ର ପ୍ରଘଟ ହେବା ପରୀକ୍ଷାର ସ୍ୱଚ୍ଛତା ଓ ନିରପେକ୍ଷତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଫଳରେ ଦେଶର କୋଟି କୋଟି ଶିକ୍ଷିତ ଯୁବକ ଯୁବତୀଙ୍କ ଭବିଷ୍ୟତ ଅନ୍ଧକାର ଭିତରକୁ ଠେଲି ହୋଇଯାଇଛି। ପ୍ରତିଦିନ ମେଧାବୀ ଛାତ୍ରଛାତ୍ରୀମାନେ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରିଚାଲିଥିବା ବେଳେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନିଜର ବ୍ୟର୍ଥତାକୁ ଲୁଚାଇବା ପାଇଁ ଖାମଖିଆଲି ବିବୃତିମାନ ଦେଇ ଚାଲିଛନ୍ତି।ଏହାର ପ୍ରତିବାଦରେ ଓ ଶିକ୍ଷା ବଞ୍ଚାଇବା ଦାବିରେ ସୋନମ୍ ୱାଙ୍ଗଚୁକଙ୍କ ଆହରଣ ଅନଶନ ପ୍ରତି ଯେତେବେଳେ ସମର୍ଥନ ଜୁଆର ଉଠିଛି ସେଥିରେ କେନ୍ଦ୍ର ସରକାର ଭୟଭୀତ ହୋଇ ପୋଲିସ ଲଗାଇ ଜୋର୍ ଜବରଦସ୍ତ ଉଠାଇ ନେଇଛନ୍ତି ଏବଂ ତାଙ୍କର ନିରାପତ୍ତା ପ୍ରତି ଏବେ ବିପଦ ସୃଷ୍ଟି ହୋଇଛି। ଏଣୁ ତୁରନ୍ତ ଏମାନେ ଇସ୍ତଫା ଦିଅନ୍ତୁ ନଚେତ୍ ବହିଷ୍କାର କରାଯାଉ ବୋଲି ଆଜିର ପ୍ରତିବାଦ ସଭାରେ ଦାବୀ କରାଯାଇଛି।ଏହି ସଭାରେ ଆଞ୍ଚଳିକ କମିଟି ସମ୍ପାଦକ ଅକ୍ଷୟ କୁମାର ମିଶ୍ର ସଭାପତିତ୍ୱ କରିଥିବା ବେଳେ ଦଳର ବରିଷ୍ଠ ନେତା ଦିଲ୍ଲୀପ କୁମାର ଗିରି, ଦୀପ୍ତିମାନ ଆଚାର୍ଯ୍ୟ, ଦିଲ୍ଲୀପ ପରିଡ଼ା, ପ୍ରକାଶ ଦେ, ଜଗନ୍ନାଥ ପରିଡ଼ା, ଲକ୍ଷ୍ମୀଧର ପଲାଇ, ଖଗେନ୍ଦ୍ର ମହୁରୀ ପ୍ରମୁଖ ବକ୍ତବ୍ୟ ରଖି ସରକାରର ଗଣତାନ୍ତ୍ରିକ ଆନ୍ଦୋଳନ ପ୍ରତି ମୁକାବିଲା ମନୋଭାବକୁ ତୀବ୍ର ନିନ୍ଦା କରିବା ସହିତ ମନ୍ତ୍ରୀ ଦ୍ୱୟଙ୍କୁ ବରଖାସ୍ତ କରନ୍ତୁ।

## ବିଦ୍ୟାଳୟ ସମ୍ମୁଖରେ ଅଭିଭାବକଙ୍କ ଧାରଣା



**ସିମୁଳିଆ,୨୦।୭ (ସମିସ):** ବିଦ୍ୟାଳୟର ପରିଚାଳନା କମିଟି ଗଠନ ନକରାଇଦେବା ପ୍ରତିବାଦରେ ଅଭିଭାବକଙ୍କ ପକ୍ଷରୁ ବିଦ୍ୟାଳୟ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି। ବାଲେଶ୍ୱର ଜିଲ୍ଲା ସିମୁଳିଆ ବ୍ଲକ କନ୍ହେଇବିନ୍ଧା ଦଶଭୁଜା ସରକାରୀ ଉଚ୍ଚ ବିଦ୍ୟାଳୟରେ ଗତ ୧୪ ତାରିଖରେ ବିଦ୍ୟାଳୟରେ ପରିଚାଳନା ଗଠନ ନେଇ ବିଦ୍ୟାଳୟ ପକ୍ଷରୁ ଅଭିଭାବକମାନଙ୍କୁ ଡକାଯାଇଥିଲା। କମିଟି ଗଠନ ନେଇ ସରକାରଙ୍କର ନିୟନ ଅନୁସାରେ ପରିଚାଳନା ଗଠନ ନେଇ ଆବଶ୍ୟକ ଅଭିଭାବକମାନେ ମଧ୍ୟ ଉପସ୍ଥିତ ଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀଙ୍କ ତତ୍ତ୍ୱାବଧାନରେ କମିଟି ଗଠନ ହୋଇଥିଲା। ୧୪ଜଣ ସଭ୍ୟସଭ୍ୟାମାନେ ମନୋନୀତ ହୋଇଥିଲେ। ୧୭ ତାରିଖ ରେ ଗଠନ ହୋଇଥିବା କମିଟିର ସଭ୍ୟସଭ୍ୟାଙ୍କ ଭିତରୁ ଚ୍ୟାୟରମେନ ମନୋନୀତ ଥିବା ବେଳେ ଏହି କମିଟିକୁ ଅସିଦ୍ଧ ଘୋଷଣା କରି ପୁର୍ନବାର କମିଟି ଗଠନ ନେଇ ବିଶେଷ ସୂତ୍ରରୁ ଖବର ପାଇବା ପରେ ନିର୍ବାଚିତ ହୋଇଥିବା ସଭ୍ୟସଭ୍ୟା ମାନେ ଆଜି ବିଦ୍ୟାଳୟ କାର୍ଯ୍ୟଳୟ ସମ୍ମୁଖରେ ଧାରଣା ବସିଛନ୍ତି। ଏ ବିଷୟରେ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀଙ୍କୁ ପଚାରିବାରୁ ସରକାରଙ୍କର ସମସ୍ତ ନିୟମ ଅନୁସାରେ କମିଟି ଗଠନ ହୋଇଥିଲା। କିନ୍ତୁ କାହିଁକି ଏ କମିଟି ଠିକ ହୋଇନାହିଁ କହି ତଦନ୍ତ କାରିବାକୁ ଉପରିସ୍ଥ ଅଧିକାରୀ କହିଛନ୍ତି ମୁଁ ଜାଣି ନାହିଁ। ଏ ବିଷୟରେ ବ୍ଲକ ଶିକ୍ଷାଧିକାରୀଣିଙ୍କୁ ପଚାରିବାରୁ ପ୍ରଧାନଶିକ୍ଷୟିତ୍ରୀ ଠିକ ରୂପେ କମିଟି ଗଠନ ହୋଇନାହିଁ, ତଦନ୍ତ ରିପୋର୍ଟ ଆସିବା ପରେ ଯାହା ଆଗାମୀ ପଦକ୍ଷେପ ନିଆଯିବ।

ସକାଳ
THE SAKALA

# ସମ୍ପାଦକୀୟ



ଈଶ୍ୱର ଆରାଧନା ଅପେକ୍ଷା ସ୍ୱଧର୍ମ ନିୟମ ଅନୁପାଳନ କରିବା ଶ୍ରେୟସ୍କର।
-ଗୌତମ ବୁଦ୍ଧ

## ପ୍ରତିବାଦର ଅଧିକାର

ସଂସଦର ମୌସୁମୀ ଅଧିବେଶନ ବିଭିନ୍ନ ଆଭ୍ୟନ୍ତରୀଣ ଓ ରାଜନୈତିକ କାରଣରୁ ଉଷ୍ମ ରହିବ ବୋଲି ଅନୁମାନ କରାଯାଇଥିବା ବେଳେ ଅପ୍ରତ୍ୟାଶିତ ଭାବେ କକ୍ରୋଚ୍ ଜନତା ପାର୍ଟି(ସିଜେପି) ପକ୍ଷରୁ ସଂସଦ ଘେରାଉ ଅଭିଯାନ ଶାସନ-ପ୍ରଶାସନ ପାଇଁ ଅସ୍ୱସ୍ତିକର ସ୍ଥିତି ସୃଷ୍ଟି କରିଛି। ନିଟ୍ ପରୀକ୍ଷା ପ୍ରଶ୍ନ ପତ୍ର ପ୍ରଘଟ, ସିବିଏସ୍ଇ ଦ୍ୱାଦଶ ଶ୍ରେଣୀ ବାର୍ଷିକ ପରୀକ୍ଷା ମୂଲ୍ୟାଙ୍କନରେ ବିଭ୍ରାଟ ଆଦିର ପୃଷ୍ଠଭୂମିରେ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବିରେ ଦୀର୍ଘ ତିନିସପ୍ତାହରୁ ଊର୍ଦ୍ଧ୍ୱ ସମୟ ଧରି ଦିଲ୍ଲୀର ଜନ୍ତରମନ୍ତରଠାରେ ଅନଶନରେ ବସିଥିବା ପରିବେଶବିତ, ଶିକ୍ଷାବିତ୍, ବୈଜ୍ଞାନିକ ସୋନମ୍ ୱାଙ୍ଗଚୁକ୍‌ଙ୍କୁ ପୁଲିସ ବଳପୂର୍ବକ ଡାକ୍ତରଖାନାରେ ଭର୍ତ୍ତି କରିବା ପରେ ସିଜେପି ନେତା ଅଭିଜିତ୍ ଦୀପ୍‌କେ ଅନଶନରେ ବସିଛନ୍ତି ଏବଂ ୧୨୦୦ରୁ ଊର୍ଦ୍ଧ୍ୱ ସିଜେପି ସଦସ୍ୟ ସଂସଦ ଅଭିମୁଖେ ପ୍ରତିବାଦ ଯାତ୍ରା କରିଛନ୍ତି। ପୁଲିସ୍ ପ୍ରଶାସନ ପକ୍ଷରୁ ଏହି ପ୍ରତିବାଦ ଶୋଭାକୁ ପ୍ରତିହତ କରାଯିବା ପରେ ପ୍ରତିବାଦ/ବିକ୍ଷୋଭ/ବିରୋଧ ଆଦିର ଅଧିକାର ଓ ସାମ୍ବିଧାନିକ ଔଚିତ୍ୟ ଉପରେ ପ୍ରଶ୍ନ ଉଠିଛି।

ଭାରତୀୟ ସମ୍ବିଧାନର ଧାରା ୧୯(୧) ଦେଶବାସୀଙ୍କୁ ବିକ୍ଷୋଭ/ପ୍ରତିବାଦ ଆଦି କରିବାର ଅଧିକାର ପ୍ରଦାନ କରିଥିବା ବେଳେ ଧାରା ୧୯(୨)ରେ କେତେକ କଟକଣା ରହିଛି। ଯଦି ଉକ୍ତ ବିକ୍ଷୋଭ/ପ୍ରତିବାଦ ଦେଶର ସାର୍ବଭୌମତ୍ୱ, ପ୍ରତିରକ୍ଷା, ଅଖଣ୍ଡତା ପ୍ରତି ବିପଦ ସୃଷ୍ଟି କରିବାର ଆଶଙ୍କା ଥାଏ ତେବେ ସମ୍ବିଧାନ(୧୯(୨) ଅନୁଯାୟୀ ସରକାର ତାହାକୁ ନିଷିଦ୍ଧ ଘୋଷଣା କରିପାରିବେ କିମ୍ବା ପ୍ରତିରୋଧ କରିପାରିବେ। ତେଣୁ ପ୍ରତିବାଦ ପୂର୍ବରୁ ଭାରତୀୟ ନ୍ୟାୟ ସଂହିତାର ଧାରା ୧୬୩ ଅନୁଯାୟୀ ବିକ୍ଷୋଭ/ପ୍ରତିବାଦକାରୀ ପୁଲିସ ପ୍ରଶାସନଠାରୁ ପ୍ରାକ୍ ଅନୁମତି ଆଣିବାକୁ ପଡ଼ିବ। ଜାତିସଂଘର ମାନବାଧିକାର ପରିଷଦର ୪୭ତମ ବୈଠକରେ ଭାରତ ପ୍ରତିନିଧିତ୍ୱ କରି ସ୍ପଷ୍ଟ କରିଥିଲା ଯେ ଶାନ୍ତିପୂର୍ଣ୍ଣ ଓ ଅହିଂସ ବିକ୍ଷୋଭ/ପ୍ରତିବାଦ/ଆନ୍ଦୋଳନ ଭାରତର ସ୍ୱାଧୀନତାର ମୂଳଭିତ୍ତି ଏବଂ ଏଭଳି ଆଚରଣକୁ ଆପରାଧିକ ଭାବେ ବିବେଚନା କରାଯିବ ନାହିଁ। ବିଶ୍ୱର ସର୍ବବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ର ଭାରତରେ ସମସ୍ତଙ୍କର ସମାନ ରାଜନୈତିକ ଅଧିକାର ରହିଥିବାରୁ ପ୍ରତିବାଦ କରିବାର ଅଧିକାର ମଧ୍ୟ ରହିଛି।

ଏ ସମ୍ପର୍କିତ ବିଭିନ୍ନ ମାମଲା ବିଭିନ୍ନ ସମୟରେ ଅଦାଲତକୁ ଯାଇଛି ଏବଂ ଦେଶର ସର୍ବୋଚ୍ଚ ଅଦାଲତ ବିଭିନ୍ନ ଦୃଷ୍ଟିକୋଣରୁ ତର୍ଜମା କରି ରାୟମାନ ଦେଇଛନ୍ତି। ୧୯୭୩ ମସିହାରେ ହିମତ ଲାଲ୍ କେ ଶାହ ବନାମ ପୁଲିସ କମିଶନର ମାମଲାରେ ରାୟରେ କହିଥିଲେ ଯେ ଶାନ୍ତିପୂର୍ଣ୍ଣ ବିକ୍ଷୋଭ/ପ୍ରତିବାଦ କରିବାର ଅଧିକାର ଦେଶର ଜନତାଙ୍କର ରହିଛି, କିନ୍ତୁ ଯଦି ତାହା ହିଂସାର ରୂପ ନିଏ ପ୍ରଶାସନ ବିହିତ ପଦକ୍ଷେପ ନେଇପାରିବ। ସେହିପରି ୨୦୧୮ ରେ ମଜଦୁର କିସାନ ଶକ୍ତି ସଂଗଠନ ବନାମ ଭାରତ ସରକାର ମାମଲାରେ ଏବଂ ୨୦୨୦ରେ ସାହିନବାଗ ମାମଲାରେ ସର୍ବୋଚ୍ଚ ଅଦାଲତ କହିଥିଲେ ଯେ ସଂସଦ, ବିଧାନସଭା ଆଦି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ/ପ୍ରତିବାଦ ପାଇଁ ଅନୁମତି ଆଣିବାକୁ ପଡ଼ିବ, ନିର୍ଦ୍ଦିଷ୍ଟ ସୀମାରେଖା ଭିତରେ ଅନୁମତି ଦିଆଯାଇପାରିବ ନାହିଁ ଏବଂ ବିକ୍ଷୋଭ/ପ୍ରତିବାଦ ଆଳରେ ସର୍ବସାଧାରଣଙ୍କୁ ଅସୁବିଧା ସୃଷ୍ଟି କଲା ଭଳି କୌଣସି ସ୍ଥାନକୁ ଅବରୋଧ କରାଯାଇପାରିବ ନାହିଁ।

ଏହି ରାୟ ଓ ନିୟମ ଆଧାରରେ ଦିଲ୍ଲୀ ପ୍ରଶାସନ ବିଭିନ୍ନ ସମୟରେ ପରିସ୍ଥିତିକୁ ଦେଖି ଭାରତୀୟ ନ୍ୟାୟ ସଂହିତା ଧାରା ୧୬୩ ଏବଂ ସିଆରପିସିର ଧାରା ୧୪୪ ଜାରି କରୁଛି। କିନ୍ତୁ ସୂଚନା ଅଧିକାର କର୍ମୀଙ୍କ ଅଭିଯୋଗ ଅନୁଯାୟୀ ପୁଲିସ ପ୍ରଶାସନ ବିନା କାରଣରେ ଏଭଳି କରୁଥିବାରୁ ସାଧାରଣ ଜନତାଙ୍କ ସାମ୍ବିଧାନିକ ଅଧିକାର କ୍ଷୁଣ୍ଣ ହେଉଛି ଏବଂ ସରକାରଙ୍କ ମନମୁଖି କାର୍ଯ୍ୟ କରିବାକୁ ସୁବିଧା ମିଳୁଛି। ଏକ ଅନୁସନ୍ଧାନ ଅନୁଯାୟୀ ୨୦୨୧ ରୁ ୨୦୨୨ ମଧ୍ୟରେ ଦିଲ୍ଲୀର ୧୮ ଟି ଜିଲ୍ଲାରେ ୬୧୦୦ଟି ୧୪୪ ଧାରା ଜାରିରୁ ମାତ୍ର ୮୧ଟି ବା ୧.୫%ର ଯଥାର୍ଥତା ଥିଲା। ତେଣୁ ସିଜେପିର ପ୍ରତିବଦ ଓ ସଂସଦ ଚଲୋ ଅଭିଯାନ ଉପରେ କଟକଣାକୁ ମଧ୍ୟ ସନ୍ଦେହ ଦୃଷ୍ଟିରେ ଦେଖାଯାଉଛି। ଦିଲ୍ଲୀ ପୁଲିସର ସ୍ପଷ୍ଟୀକରଣ ଅନୁଯାୟୀ ପ୍ରତିବାଦ/ବିକ୍ଷୋଭ ପୂର୍ବରୁ ବିହିତ ଅନୁମତିର ବ୍ୟବସ୍ଥା ରହିଥିଲେ ମଧ୍ୟ ସିଜେପି ପକ୍ଷରୁ ଏଥିପାଇଁ ଅବେଦନ କରାଯାଇ ନଥିଲା ଏବଂ ସେମାନେ ହଠାତ୍ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। କିନ୍ତୁ କୌଣସିଠାରେ ହିଂସାତ୍ମକ କାର୍ଯ୍ୟକଳାପର ସୂଚନା ନାହିଁ।

ସଂସଦ ପର୍ଯ୍ୟନ୍ତ ପହଞ୍ଚିବାର ଅନୁମତି ମିଳିବ ନାହିଁ ବୋଲି ଯେ ସିଜେପି ସଦସ୍ୟମାନେ ଜାଣି ନଥିଲେ ତାହା ନୁହେଁ। କିନ୍ତୁ ସେମାନେ ଏହା ମାଧ୍ୟମରେ ଶକ୍ତି ପ୍ରଦର୍ଶନ କରିଛନ୍ତି ଏବଂ ଏହା ମଧ୍ୟ ଆଗକୁ ଦେଶର ଯୁବଶକ୍ତି ଉପରେ ସକାରାତ୍ମକ ପ୍ରଭାବ ପକାଇବ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି। ଶାନ୍ତିପୂର୍ଣ୍ଣ ପ୍ରତିବାଦ ପୁଣି ଥରେ ସ୍ୱାଧୀନତା ଆନ୍ଦୋଳନରେ ମହାତ୍ମା ଗାନ୍ଧୀଙ୍କ ଅହିଂସା ଆନ୍ଦୋଳନ ଏବଂ ଏହାର ଫଳାଫଳକୁ ସ୍ମରଣ କରାଇଛି। ସିଜେପିର ଏହି ପ୍ରତିବାଦ ଓ ବିକ୍ଷୋଭ ନିରାଧାର ଏହି ଅଭିଯୋଗ ଭାରତର ସିଜେଆଇ ମଧ୍ୟ ବୋଧହୁଏ ଆଣିପାରିବେ ନାହିଁ। କାରଣ ତାଙ୍କର 'ନିରାଧାର ପ୍ରତିବାଦ କରୁଥିବା ବ୍ୟବସ୍ଥାର ଅସରପା' ଟିପ୍ପଣୀରୁ ହିଁ ସିଜେପି ଜନ୍ମ ନେଇଥିଲା।

# ମଧ୍ୟରାତ୍ରିର ଅଶ୍ୱାରୋହଣ ଓ ଅଢ଼େଇ ଶତାବ୍ଦୀର ଯାତ୍ରା

**ପ୍ରଫେସର ନିରଞ୍ଜନ ବାରିକ**

୧୭୭୫ ମସିହାର ଏପ୍ରିଲ ମାସ। ସେତେବେଳେ ନା ଥିଲା ଟେଲିଫୋନ୍, ନା ଥିଲା ଆଧୁନିକ ଯୋଗାଯୋଗ ବ୍ୟବସ୍ଥା। ଖବର ଲୋକମାନଙ୍କ ମୁଖରୁ ମୁଖକୁ ଏବଂ ଘୋଡ଼ାରେ ସବାର ଦୂତମାନଙ୍କ ମାଧ୍ୟମରେ ପହଞ୍ଚୁଥିଲା। ବୋଷ୍ଟନରୁ ମାସାଚୁସେଟ୍ସ ଅଭିମୁଖେ ବ୍ରିଟିଶ୍ ସୈନ୍ୟମାନେ ଉପନିବେଶବାସୀଙ୍କ ସାମରିକ ଅସ୍ତ୍ରଶସ୍ତ୍ର ଭଣ୍ଡାର ଦଖଲ କରିବା ପାଇଁ ଅଗ୍ରସର ହେଉଥିବା ବେଳେ ଦେଶପ୍ରେମୀ ତଥା ରୁପା କାରିଗର(ବଣିଆ) ପଲ୍ ରିଭିଅର୍ ତାଙ୍କ ଘୋଡ଼ାରେ ଆରୋହଣ କରି ସାରା ରାତି ଦ୍ରୁତଗତିରେ ଗ୍ରାମରୁ ଗ୍ରାମ ଘୂରି ଲୋକମାନଙ୍କୁ ସତର୍କ କରିଥିଲେ ଯେ ବ୍ରିଟିଶ୍ ସୈନ୍ୟମାନେ ଆଗକୁ ମାଡ଼ି ଆସୁଛନ୍ତି। ତାଙ୍କର ଏହି ଐତିହାସିକ ମଧ୍ୟରାତ୍ରିର ଅଶ୍ୱାରୋହଣ ଆମେରିକୀୟ ଉପନିବେଶବାସୀଙ୍କୁ ସଜାଗ କରିଦେଇଥିଲା। ସେମାନଙ୍କ ମଧ୍ୟରୁ ଅନେକଙ୍କୁ 'ମିନିଟମେନ୍' ବୋଲି କୁହାଯାଉଥିଲା। କାରଣ ସେମାନେ ମାତ୍ର ଏକମିନିଟ୍‌ର ସୂଚନାରେ ଯୁଦ୍ଧ ପାଇଁ ପ୍ରସ୍ତୁତ ହୋଇପାରୁଥିଲେ। ସେମାନଙ୍କର ଏହି ଦ୍ରୁତ ସମାବେଶର ପରିଣାମ ସ୍ୱରୂପ ଲେକ୍ସିଙ୍ଗଟନ୍ ଓ କନ୍‌କର୍ଡର ଐତିହାସିକ ଯୁଦ୍ଧ ସଂଘଟିତ ହୋଇଥିଲା, ଯେଉଁଠାରେ ଆମେରିକାର ସ୍ୱାଧୀନତା ଯୁଦ୍ଧର ପ୍ରଥମ ଗୁଳି ଫୁଟିଥିଲା ଏବଂ ତାହା ସହିତ ସ୍ୱାଧୀନତା ପାଇଁ ଉପନିବେଶଗୁଡ଼ିକର ସଂଗ୍ରାମର ଶୁଭାରମ୍ଭ ହୋଇଥିଲା।

୨୦୨୬ ଜୁଲାଇ ୪ ତାରିଖରେ ଯୁକ୍ତରାଷ୍ଟ୍ର ଆମେରିକା ତାହାର ସ୍ୱାଧୀନତା ଘୋଷଣାର ୨୫୦ ବର୍ଷ ପୂର୍ତ୍ତି ପାଳନ କରିଛି। ଏହା କେବଳ ଯୁକ୍ତରାଷ୍ଟ୍ର ଆମେରିକାର ଏକ ଜାତୀୟ ଉତ୍ସବ ନୁହେଁ; ବରଂ ମାନବ ଇତିହାସର ଅନ୍ୟତମ ପ୍ରଭାବଶାଳୀ ଚିରସ୍ମରଣୀୟ ଘଟଣା। ଏହି ଅବସର, ଗଣତାନ୍ତ୍ରିକ ପରୀକ୍ଷା, ତାହାର ଉଲ୍ଲେଖନୀୟ ସଫଳତା, ଅବିରତ ଆହ୍ୱାନ ଏବଂ ବିଶ୍ୱବ୍ୟାପୀ ପିଢ଼ି ପରେ ପିଢ଼ିକୁ ପ୍ରେରଣା ଦେଇ ଆସୁଥିବା ଆଦର୍ଶଗୁଡ଼ିକୁ ପୁନର୍ବିଚାର କରିବାର ଏକ ସୁଯୋଗ।

ଆମେରିକାର ଜନ୍ମ ହୋଇଥିଲା ଔପନିବେଶିକ ଶାସନ ବିରୋଧରେ ଏକ ଦୃଢ଼ ସଂଗ୍ରାମରୁ। ତେରଟି ଉପନିବେଶ ପ୍ରତିନିଧିତ୍ୱ, ବିନା କର ଆଦାୟ, ସ୍ୱେଚ୍ଛାଚାରୀ ଶାସନ ଏବଂ ବ୍ରିଟିଶ୍ ରାଜମୁକୁଟର ଅଧୀନତାକୁ ପ୍ରତ୍ୟାଖ୍ୟାନ କରିଥିଲେ। ପ୍ରଧାନତଃ ଥୋମାସ୍ ଜେଫରସନଙ୍କ ଦ୍ୱାରା ପ୍ରଣୀତ ସ୍ୱାଧୀନତା ଘୋଷଣାପତ୍ର କେବଳ ରାଜନୈତିକ ବିଚ୍ଛେଦର ଘୋଷଣା କରି ନ ଥିଲା; ଏହା ଏକ ଗଭୀର ଦାର୍ଶନିକ ସତ୍ୟକୁ ପ୍ରତିପାଦିତ କରିଥିଲା। ସମସ୍ତ ମଣିଷ ସମାନ ଭାବରେ ସୃଷ୍ଟି ହୋଇଛନ୍ତି ଏବଂ ସେମାନଙ୍କର 'ଜୀବନ, ସ୍ୱାଧୀନତା ଓ ସୁଖର ସନ୍ଧାନ' ପରି ଅବିଚ୍ଛିନ୍ନ ଅଧିକାର ରହିଛି। ଆମେ ଏହି ସତ୍ୟଗୁଡ଼ିକୁ ସ୍ୱୟଂସିଦ୍ଧ ବୋଲି ବିଶ୍ୱାସ କରୁ। ସେହି ଅଧିକାରମାନଙ୍କ ମଧ୍ୟରେ ଜୀବନ, ସ୍ୱାଧୀନତା ଓ ସୁଖ ପ୍ରାପ୍ତିର ପ୍ରୟାସ ଅଧିକାର ପ୍ରମୁଖ। ଏହି ଘୋଷଣା ଏକ ଉପନିବେଶୀୟ ବିଦ୍ରୋହକୁ ମାନବ ମର୍ଯ୍ୟାଦାର ସାର୍ବଜନୀନ ଘୋଷଣାରେ ପରିଣତ କରିଥିଲା।

ଆମେରିକୀୟ ସ୍ୱାଧୀନତା ସଂଗ୍ରାମ ଅସୀମ ତ୍ୟାଗ ଓ ବଳିଦାନ ଉପରେ ପ୍ରତିଷ୍ଠିତ। ସାଧାରଣ କୃଷକ, ବ୍ୟବସାୟୀ, କାରିଗର, ବୁଦ୍ଧିଜୀବୀ ଓ ସୈନିକମାନେ ସ୍ୱଶାସନର ସ୍ୱପ୍ନକୁ ସାକାର କରିବା ପାଇଁ ଅସଂଖ୍ୟ କଷ୍ଟ ସହିଥିଲେ। ଜର୍ଜ ୱାଶିଂଟନ, ବେଞ୍ଜାମିନ୍ ଫ୍ରାଙ୍କଲିନ୍, ଜନ୍ ଆଡାମ୍ସ, ଆଲେକ୍ସାଣ୍ଡର ହାମିଲଟନ୍, ଜେମ୍ସ ମାଡିସନ୍ ପ୍ରମୁଖ ନେତାମାନଙ୍କର ଦୂରଦର୍ଶୀ ନେତୃତ୍ୱ ବିପ୍ଳବୀ ଆକାଂକ୍ଷାକୁ ସ୍ଥାୟୀ ଗଣତାନ୍ତ୍ରିକ ପ୍ରତିଷ୍ଠାନରେ ପରିଣତ କରିଥିଲା। ସେମାନଙ୍କର ସଫଳତା କେବଳ ସାମରିକ ବିଜୟରେ ସୀମିତ ନଥିଲା; ବରଂ ଜନସମ୍ମତି ଉପରେ ଆଧାରିତ ଏକ ସାମ୍ବିଧାନିକ ଗଣରାଜ୍ୟର ସ୍ଥାପନାରେ ନିହିତ ଥିଲା। ୧୭୮୭ ମସିହାରେ ସମ୍ବିଧାନର ଗ୍ରହଣ ଆମେରିକାର ଇତିହାସରେ ଆଉ ଏକ ମାଇଲଖୁଣ୍ଟ ସୃଷ୍ଟି କରିଥିଲା। ଏହା ଆଜି ମଧ୍ୟ ବିଶ୍ୱର ସର୍ବପୁରାତନ ଲିଖିତ ଏବଂ କାର୍ଯ୍ୟକ୍ଷମ ସମ୍ବିଧାନମାନଙ୍କ ମଧ୍ୟରୁ ଅନ୍ୟତମ। କ୍ଷମତାକୁ ଗୋଟିଏ ସ୍ଥାନରେ କେନ୍ଦ୍ରୀଭୂତ ନକରି, ଏହା ସଂଘୀୟ ବ୍ୟବସ୍ଥା, କ୍ଷମତାର ପୃଥକୀକରଣ ଏବଂ ପରସ୍ପର ନିୟନ୍ତ୍ରଣ ଓ ସନ୍ତୁଳନ ମାଧ୍ୟମରେ ଶାସନର ସନ୍ତୁଳିତ ଢାଞ୍ଚା ଗଢ଼ିଥିଲା। କାର୍ଯ୍ୟନିର୍ବାହୀ, ବିଧାୟିକା ଓ ନ୍ୟାୟପାଳିକା ପରସ୍ପରକୁ ନିୟନ୍ତ୍ରଣ କରିବେ ଏବଂ ଏହି ବ୍ୟବସ୍ଥା ଏହି ବିଶ୍ୱାସ ଉପରେ ଆଧାରିତ ଥିଲା ଯେ କ୍ଷମତା ସୀମିତ ଓ ଉତ୍ତରଦାୟୀ ହେଲେ ହିଁ ସ୍ୱାଧୀନତା ସୁରକ୍ଷିତ ରହିପାରିବ। ଯୁକ୍ତରାଷ୍ଟ୍ର ଆମେରିକାର ସମ୍ବିଧାନ ଅତ୍ୟନ୍ତ ସଂକ୍ଷିପ୍ତ ଓ ସୁସଂହତ। ଅଢ଼େଇ ଶହ ବର୍ଷର ପୁରୁଣା ହୋଇଥିଲେ ମଧ୍ୟ ଏହା ଆଜି ସୁଦ୍ଧା ବିଶ୍ୱର ସବୁଠାରୁ ସଂକ୍ଷିପ୍ତ ଲିଖିତ ଜାତୀୟ ସମ୍ବିଧାନମାନଙ୍କ ମଧ୍ୟରୁ ଅନ୍ୟତମ।

ଗତ ଅଢ଼େଇ ଶତାବ୍ଦୀରେ ଆମେରିକାର ଜାତୀୟ ଯାତ୍ରା ଅସାଧାରଣ ରହିଛି। ଆଟଲାଣ୍ଟିକ୍ ଉପକୂଳର ଏକ ନବଗଠିତ ଗଣରାଜ୍ୟ ବିଶ୍ୱର ଅଗ୍ରଣୀ ଅର୍ଥନୀତି, ବୈଜ୍ଞାନିକ ନବସୃଷ୍ଟି, ଉଚ୍ଚଶିକ୍ଷା, ଉଦ୍ୟୋଗୀକରଣ ଓ ପ୍ରଯୁକ୍ତିଗତ ବିକାଶର କେନ୍ଦ୍ରରେ ପରିଣତ ହୋଇଛି। ଏହାର ବିଶ୍ୱବିଦ୍ୟାଳୟଗୁଡ଼ିକ ଗବେଷଣାର ପ୍ରମୁଖ କେନ୍ଦ୍ର ହୋଇଉଠିଛି। ଚିକିତ୍ସା ବିଜ୍ଞାନ, ଯୋଗାଯୋଗ, କମ୍ପ୍ୟୁଟିଂ ଓ କୃତ୍ରିମ ବୁଦ୍ଧିମତ୍ତା କ୍ଷେତ୍ରରେ ଏହାର ଅବଦାନ ବିଶ୍ୱକୁ ନୂଆ ଦିଗ ଦେଇଛି। ଅସଂଖ୍ୟ ନୋବେଲ ପୁରସ୍କାର ବିଜେତା, ବୈଜ୍ଞାନିକ, ଚିନ୍ତକ ଏବଂ ବିଶ୍ୱସ୍ତରୀୟ ପ୍ରତିଷ୍ଠାନ ଏହି ଭୂମିରୁ ଉଦ୍ଭବ ହୋଇଛନ୍ତି। ଯୁକ୍ତରାଷ୍ଟ୍ର ଆମେରିକା ଦୀର୍ଘଦିନ ଧରି ସୁଯୋଗର ଭୂମି ଭାବେ ପରିଚିତ। ଏହାର ସଜୀବ ଅର୍ଥନୀତି, ଉଦ୍ଭାବନକୁ ପ୍ରୋତ୍ସାହନ ଦେଉଥିବା ସଂସ୍କୃତି ଏବଂ ବିଶ୍ୱଖ୍ୟାତ ବିଶ୍ୱବିଦ୍ୟାଳୟଗୁଡ଼ିକ ପୃଥିବୀର ବିଭିନ୍ନ ପ୍ରାନ୍ତରୁ ଲକ୍ଷ ଲକ୍ଷ ପ୍ରବାସୀ, ଛାତ୍ରଛାତ୍ରୀ, ବୈଜ୍ଞାନିକ ଏବଂ ଉଦ୍ୟୋଗୀଙ୍କୁ ଆକର୍ଷିତ କରିଆସିଛି। ସେମାନଙ୍କର ମେଧା, ପରିଶ୍ରମ ଓ ସୃଜନଶୀଳତା ଆଧୁନିକ ବିଶ୍ୱରେ ଆମେରିକାର ଅଭିବୃଦ୍ଧି, ସମୃଦ୍ଧି ଓ ନେତୃତ୍ୱକୁ ସୁଦୃଢ଼ କରିବାରେ ଅପାର ଅବଦାନ ରଖିଛି।

ଆମେରିକାର ଇତିହାସ କେବଳ ବିଜୟର କାହାଣୀ ନୁହେଁ। ଗୃହଯୁଦ୍ଧ, ଜାତିଗତ ବୈଷମ୍ୟ, ଅର୍ଥନୈତିକ ମାନ୍ଦାବସ୍ଥା, ସାମାଜିକ ଆନ୍ଦୋଳନ, ରାଜନୈତିକ ମେରୁକରଣ, ପ୍ରବାସନ, ଅସମାନତା ଓ ସ୍ୱାଧୀନତା-ସୁରକ୍ଷାର ସନ୍ତୁଳନକୁ ନେଇ ଅନେକ ଆହ୍ୱାନର ସମ୍ମୁଖୀନ ହୋଇଛି। କିନ୍ତୁ ଏହାର ବିଶେଷତା ହେଉଛିଏହି ସମସ୍ତ ସଙ୍କଟ ମଧ୍ୟରେ ମଧ୍ୟ ଏହାର ସାମ୍ବିଧାନିକ ପ୍ରତିଷ୍ଠାନଗୁଡ଼ିକର ସ୍ଥିରତା ଓ ସ୍ଥିତିସ୍ଥାପକତା। ଗଣତନ୍ତ୍ରର ଅର୍ଥ ମତଭେଦର ଅନୁପସ୍ଥିତି ନୁହେଁ; ବରଂ ଆଇନ ଓ ପ୍ରତିନିଧିମୂଳକ ଶାସନ ବ୍ୟବସ୍ଥା ମାଧ୍ୟମରେ ମତଭେଦର ଶାନ୍ତିପୂର୍ଣ୍ଣ ସମାଧାନ। ଭାରତ ସମେତ ବିଶ୍ୱର ସମସ୍ତ ଗଣତାନ୍ତ୍ରିକ ଦେଶ ପାଇଁ ଆମେରିକାର ସାମ୍ବିଧାନିକ ଅନୁଭବ ମୂଲ୍ୟବାନ ଶିକ୍ଷା ପ୍ରଦାନ କରେ। ସ୍ୱାଧୀନ ପ୍ରତିଷ୍ଠାନ, ନ୍ୟାୟପାଳିକାର ସ୍ୱାଧୀନତା, ସଂଘୀୟ ବ୍ୟବସ୍ଥା, ମତପ୍ରକାଶର ସ୍ୱାଧୀନତା, ନାଗରିକଙ୍କ ସକ୍ରିୟ ଅଂଶଗ୍ରହଣ ଓ ଆଇନର ଶାସନ ଏସବୁ ଆଜି ମଧ୍ୟ ସୁସ୍ଥ ଗଣତନ୍ତ୍ରର ମୂଳ ସ୍ତମ୍ଭ। ଭାରତ ଓ ଆମେରିକାର ସାମ୍ବିଧାନିକ ପରମ୍ପରା ଆମକୁ ଶିଖାଏ ଯେ ଗଣତାନ୍ତ୍ରିକ ମୂଲ୍ୟବୋଧ ଓ ସାମ୍ବିଧାନିକ ସୁରକ୍ଷା ରହିଲେ ବିବିଧତା ହିଁ ଜାତୀୟ ଶକ୍ତିରେ ପରିଣତ ହୁଏ।

ସ୍ୱାଧୀନତାର ତୃତୀୟ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ପଦାର୍ପଣ କରୁଥିବା ଆମେରିକା ଏକ ନୂତନ ବାସ୍ତବତାର ସମ୍ମୁଖୀନ। ଭୂ-ରାଜନୈତିକ ପ୍ରତିଦ୍ୱନ୍ଦ୍ୱିତା, ପ୍ରଯୁକ୍ତିଗତ ବିପ୍ଳବ, ଜଳବାୟୁ ପରିବର୍ତ୍ତନ, ସାଇବର ବିପଦ, ମହାମାରୀ ଏବଂ ପରିବର୍ତ୍ତିତ ଆନ୍ତର୍ଜାତିକ ବ୍ୟବସ୍ଥା ଗଣତାନ୍ତ୍ରିକ ନେତୃତ୍ୱ ଓ ବୈଶ୍ୱିକ ସହଯୋଗର ନୂତନ ଆବଶ୍ୟକତା ସୃଷ୍ଟି କରିଛି। ୧୭୭୬ ଓ ୧୭୮୭ର ଆଦର୍ଶଗୁଡ଼ିକ ଆଜି ମଧ୍ୟ ପ୍ରାସଙ୍ଗିକ। କାରଣ ସେଗୁଡ଼ିକ ସ୍ୱାଧୀନତା, ଆଇନ ସମ୍ମୁଖରେ ସମାନତା, ଉତ୍ତରଦାୟୀ ସରକାର ଓ ବ୍ୟକ୍ତିଗତ ଅଧିକାରର ସାର୍ବଜନୀନ ମୂଲ୍ୟବୋଧକୁ ପ୍ରତିପାଦନ କରେ। ଏହି ୨୫୦ତମ ବାର୍ଷିକୀ କେବଳ ଆମେରିକାର ଅତୀତର ଉତ୍ସବ ନୁହେଁ; ଏହା ଆମକୁ ସ୍ମରଣ କରାଏ ଯେ ଗଣତନ୍ତ୍ର ଏକ ଅବିରତ ସାଧନା, ଯାହା ପାଇଁ ସତର୍କତା, ନାଗରିକ ଦାୟିତ୍ୱବୋଧ ଓ ନୈତିକ ସାହସର ଆବଶ୍ୟକତା ରହିଛି। କୌଣସି ରାଷ୍ଟ୍ରର ମହାନତା ତାହାର ସାମରିକ କିମ୍ବା ଅର୍ଥନୈତିକ ଶକ୍ତିରେ ନୁହେଁ; ବରଂ ନ୍ୟାୟ, ସାମ୍ବିଧାନିକତା ଓ ମାନବ ମର୍ଯ୍ୟାଦା ପ୍ରତି ତାହାର ଅତୁଟ ପ୍ରତିଶ୍ରୁତିବଦ୍ଧତାରେ ନିର୍ଭର କରେ।

୨୫୦ ବର୍ଷରେ ପଦାର୍ପଣ କରିଥିବା ଆମେରିକା ଏକପଟେ ସଫଳତାର ପ୍ରତୀକ, ଅନ୍ୟପଟେ ଏକ ନିରନ୍ତର ବିକାଶଶୀଳ ଗଣତାନ୍ତ୍ରିକ ପ୍ରକଳ୍ପ। ତାହାର ସର୍ବଶ୍ରେଷ୍ଠ ଐତିହ୍ୟ, ସମ୍ପଦ କିମ୍ବା ସାମରିକ ଶକ୍ତି ନୁହେଁ; ବରଂ ଆଇନର ଶାସନ ଅଧୀନରେ ସ୍ୱାଧୀନ ନାଗରିକମାନେ ଏକ ଅଧିକ ଉତ୍ତମ ସମାଜ ଗଢ଼ିପାରିବେ ବୋଲି ତାହାର ଅବିଚଳ ବିଶ୍ୱାସ। ଏହାହିଁ ବିଶ୍ୱର ଗଣତାନ୍ତ୍ରିକ ଚେତନା ପ୍ରତି ଆମେରିକାର ସବୁଠାରୁ ବଡ଼ ଅବଦାନ। ଫ୍ରାନ୍ସର ପ୍ରଖ୍ୟାତ ଦାର୍ଶନିକ ଓ ରାଜନୈତିକ ଚିନ୍ତକ ଆଲେକ୍ସିସ୍ ଦେ ଟୋକ୍‌ଭିଲ୍ ଥରେ କହିଥିଲେ, 'ଆମେରିକାର ମହାନତା ଅନ୍ୟ ଦେଶମାନଙ୍କ ଅପେକ୍ଷା ଅଧିକ ଜ୍ଞାନୀ କିମ୍ବା ଆଲୋକିତ ହେବାରେ ନୁହେଁ, ବରଂ ନିଜର ତ୍ରୁଟିଗୁଡ଼ିକୁ ଚିହ୍ନଟ କରି ସେଗୁଡ଼ିକୁ ସଂଶୋଧନ କରିବାର କ୍ଷମତାରେ ନିହିତ।' ଗଣତାନ୍ତ୍ରିକ ଆତ୍ମସଂଶୋଧନର ଏହି କ୍ଷମତା ଆମେରିକୀୟ ଗଣରାଜ୍ୟର ସବୁଠାରୁ ବଡ଼ ଶକ୍ତି ହୋଇ ରହିଛି। ଅନିଶ୍ଚିତତାରେ ପରିପୂର୍ଣ୍ଣ ଆଜିର ବିଶ୍ୱରେ, ଯେତେବେଳେ ସ୍ଥିରତା ଓ ସୁଶାସନର ସନ୍ଧାନ ଜାରି ରହିଛି, ସେତେବେଳେ ସାମ୍ବିଧାନିକ ସ୍ୱାଧୀନତାର ଏହି ଚିରନ୍ତନ ପ୍ରତିଶ୍ରୁତି କେବଳ ଆମେରିକାରେ ନୁହେଁ, ଭାରତ ସମେତ ସମଗ୍ର ବିଶ୍ୱର ଗଣତାନ୍ତ୍ରିକ ଚେତନାକୁ ଆଜି ମଧ୍ୟ ଆଲୋକିତ କରୁଛି।

(ପ୍ରାକ୍ତନ ପ୍ରଫେସର ରେଭେନ୍ସା ବିଶ୍ୱବିଦ୍ୟାଳୟ),
ମୋ: ୯୦୭୮୪୧୮୯୫୬

# ମନରେ ଘୃଣା ଓ ଭାଷାରେ ବିଷ

**ଡ. ପ୍ରଦୀପ କୁମାର ନାୟକ**

ରାଜନୈତିକ ଦଳଗୁଡ଼ିକ ଗଣତନ୍ତ୍ରର କାର୍ଯ୍ୟକାରିତା ପାଇଁ ଆବଶ୍ୟକ। କାରଣ ସେମାନେ ନିର୍ବାଚନରେ ଅଂଶଗ୍ରହଣ କରନ୍ତି, ବିଭିନ୍ନ ଗୋଷ୍ଠୀ, ସମ୍ପ୍ରଦାୟ, ଧର୍ମ ଓ ଅଞ୍ଚଳକୁ ପ୍ରତିନିଧିତ୍ୱ କରନ୍ତି। ସେମାନେ ସଂଖ୍ୟାଗରିଷ୍ଠତା ଭିତ୍ତିରେ ଗୋଟିଏ ଦଳ କିମ୍ବା ମେଣ୍ଟ ଗଠନ କରି ସରକାର ଗଠନ କରନ୍ତି। ଯେହେତୁ ପ୍ରତ୍ୟେକ ଦଳର ନିଜସ୍ୱ ସ୍ୱତନ୍ତ୍ର ଇସ୍ତାହାର ଓ ଦଳୀୟ ସ୍ୱାର୍ଥ ରହିଥାଏ ସେ ଅନ୍ୟଦଳର ଦୋଷ, ଦୁର୍ବଳତାକୁ ପଦାରେ ପକାଇବା ପାଇଁ ପ୍ରୟାସ କରିଥାଏ। ରାଜନୀତି ଏକ କ୍ଷମତାର ଖେଳ, ଯେଉଁଥିରେ ଅଂଶୀଦାର ହେବା ପାଇଁ ବିଭିନ୍ନ ଦଳ ସଂଘର୍ଷ କରନ୍ତି। ଗତ କିଛିବର୍ଷ ହେଲା ଦେଖାଯାଇଛି, ରାଜନୈତିକ ଦଳମାନଙ୍କ ମଧ୍ୟରେ ଥିବା ଅହି-ନକୁଳ ସମ୍ପର୍କ ଦେଶର ରାଜନୈତିକ ବାତାବରଣକୁ ସମ୍ପୂର୍ଣ୍ଣ ହିଂସ୍ର ଓ ବିଷାକ୍ତ କରିସାରିଲାଣି। ଭୋଟଦାତା ଓ ସର୍ବସାଧାରଣଙ୍କୁ ବିଭିନ୍ନ ଆଧାରରେ ଭାଗ ଭାଗ କରିସାରିଲାଣି। ଭାରତର ସମସ୍ତ ରାଜନୈତିକ ଦଳ ପରସ୍ପରଙ୍କ ନେତାଙ୍କ ଚରିତ୍ର ସଂହାର ଓ ପରସ୍ପରଙ୍କ ଉପରେ କାଦୁଅ ଫୋପାଡ଼ିବା କାର୍ଯ୍ୟ ସର୍ବଦା କରି ଆସୁଛନ୍ତି। ଯେହେତୁ ସେମାନଙ୍କ ନିଜ ନିଜର ବିଚାରଧାରାରେ ପାର୍ଥକ୍ୟ ଓ ଅମେଳ ରହିଛି ସେମାନେ ନିର୍ବାଚନ ସମୟରେ ଏବଂ ସମୟ ସୁବିଧା ଦେଖି ପରସ୍ପର ବିରୁଦ୍ଧରେ ବିଷୋଦଗାର କରି ଆସୁଛନ୍ତି।

ଭାରତୀୟ ରାଜନୀତିରେ ବର୍ତ୍ତମାନ ବିଭିନ୍ନ ଅସଂସଦୀୟ ଶବ୍ଦ ଯଥା- ଶାହଜାଦା, ପପୁ, ମିଆଁ, ଚୌକିଦାର, ମୁଲ୍ଲା, ବିଦେଶୀ ଏଜେଣ୍ଟ, ଦେଶଦ୍ରୋହୀ, ଚୋର, ପାକିସ୍ତାନୀ ଏଜେଣ୍ଟ ଆଦି ବ୍ୟାପକ ବ୍ୟବହୃତ ହେଉଛି। ଟେଲିଭିଜନ ଚାନେଲମାନଙ୍କରେ ତର୍କ ସମୟରେ ବିଭିନ୍ନ ନିମନ୍ତ୍ରିତ ଆଲୋଚକଙ୍କ ମଧ୍ୟରେ ଯୁକ୍ତି ଓ କଟୁ ଭାଷାର ବିନିମୟ ଦେଖିବାକୁ ମିଳୁଛି। ରାଜନେତାମାନେ କୌଣସି ସାଧାରଣ ସ୍ଥାନରେ ଭାଷଣ ଦେଲା ବେଳେ ଅନ୍ୟଦଳର ନେତାଙ୍କ ଉପରେ ଅସହିଷ୍ଣୁତା ପ୍ରକାଶ କରି ଅତି ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ଏକ ସାଧାରଣ ଘଟଣାରେ ପରିଣତ ହେଲାଣି। ନିର୍ବାଚନ ସମୟର ଦୃଶ୍ୟପଟ୍ଟ ନେତାମାନଙ୍କର ଘୃଣାପୂର୍ଣ୍ଣ ଭାଷଣବାଜିରେ ବିଷାକ୍ତ ଓ ଶ୍ୱାସରୋଧକାରୀ ଜଣାପଡ଼େ।

ଆମ ଭାରତର ସମ୍ବିଧାନର ଧାରା ୧୯(୧) ପ୍ରତ୍ୟେକ ନାଗରିକଙ୍କୁ ବାଚନିକ ସ୍ୱାଧୀନତା ପ୍ରଦାନ କରିଛି। କିନ୍ତୁ ଧାରା ୧୯(୨) ଅନୁଯାୟୀ ଜଣକର ଯେଉଁ ବକ୍ତବ୍ୟ ସାମାଜିକ ବିଭେଦ, ଅଶାନ୍ତି ସୃଷ୍ଟି କରେ ତାହା ବିରୁଦ୍ଧରେ ସରକାର କାର୍ଯ୍ୟାନୁଷ୍ଠାନ କରିପାରିବେ। ଆଜିକାଲି ଯାହାକୁ 'ଘୃଣାର ଭାଷା' କୁହାଯାଏ ତାକୁ ଭାରତର ସର୍ବୋଚ୍ଚ ନ୍ୟାୟାଳୟର ଦୁଇଜଣିଆ ଖଣ୍ଡପୀଠ ୨୦୨୬ ମସିହା ଏପ୍ରିଲ ମାସ ୨୯ ତାରିଖରେ ନିଷେଧ କରିଥିଲେ। କୌଣସି ଭାଷଣ 'ଘୃଣାର ଭାଷା' ଶ୍ରେଣୀରେ ଆସୁଛି ନା ନାହିଁ ତାହାକୁ ତାହାର ଉଦ୍ଦେଶ୍ୟରୁ ହିଁ ସ୍ପଷ୍ଟ ହୁଏ ବୋଲି ସର୍ବୋଚ୍ଚ ନ୍ୟାୟାଳୟ କହିଛନ୍ତି। ଭାରତୀୟ ପିଙ୍ଗଳ କୋଡ ଧାରା-୧୫୩ ( ଇ) ଜାତି, ଧର୍ମ, ଭାଷା ଆଧାରରେ ସମ୍ପ୍ରଦାୟମାନଙ୍କ ମଧ୍ୟରେ ବିଭେଦ ଓ ଶତ୍ରୁତା ସୃଷ୍ଟି କରିବା ଆଇନତଃ ଦଣ୍ଡନୀୟ ବୋଲି ସ୍ପଷ୍ଟ କରିଛି। ସେହିପରି ଧାରା ୧୫୩ (ଈ), ଧାରା ୨୯୫ (ଇ), ଧାରା ୨୯୮, ଧାରା ୫୦୫ (୧ଓ୨) ଏବଂ ଭାରତୀୟ ନ୍ୟାୟ ସଂହିତା, ଯାହା ୨୦୨୪ ଠାରୁ କାର୍ଯ୍ୟକାରୀ ହେଉଛି, ତାହାର ଧାରା- ୧୯୬, ୧୯୭, ୨୯୯, ୩୦୨ ଓ ୩୫୩ ମଧ୍ୟ ଘୃଣା ଉଦ୍ରେକ କରୁଥିବା ଭାଷଣ କିମ୍ବା ଭାଷାକୁ ବିଭିନ୍ନ ଦଣ୍ଡ ମାଧ୍ୟମରେ ନିଷେଧ କରିଛି ତଥା ତିନି ବର୍ଷ ଠାରୁ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ଜେଲ ଦଣ୍ଡ ପ୍ରାବଧାନ କରିଛି।


କାହିଁକି ଜଣେ ରାଜନୈତିକ ନେତା ଅନ୍ୟ ଦଳର ନେତା ମାନଙ୍କ ବିରୁଦ୍ଧରେ ଘୃଣାପୂର୍ଣ୍ଣ ଓ ବିଷାକ୍ତ ଭାଷାର ପ୍ରୟୋଗ କରିଥାଏ ତାହା ରାଜନୀତି ବିଜ୍ଞାନୀ ଓ ସମାଜ ବିଜ୍ଞାନୀମାନଙ୍କର ଗବେଷଣାର ବିଷୟରେ ପରିଣତ ହୋଇଛି। ଆମେରିକାର ମେରୀଲ୍ୟାଣ୍ଡ ୟୁନିଭରସିଟିର ଜଣେ ପ୍ରଫେସର ଓ ଗବେଷିକା ଫ୍ରାନସିସ୍କା ସ୍ୱେଜାନୋ 'ଘୃଣାପୂର୍ଣ୍ଣ ଭାଷଣ' ଉପରେ ବିଷଦ ଗବେଷଣା କରିଛନ୍ତି। ମଣିଷର ଦୁର୍ବଳ ମନୋଭାବ ସହ ଏହାକୁ ସେ ଯୋଡ଼ିଛନ୍ତି। ସେହିପରି ଦମିନିକ ହଙ୍ଗଗର୍ତନେର, ଫାବ୍ରିଜିଓ ଗିଲାରଡି ଓ ମାର୍ତା ପେରିଜ ପରି ଅନେକ ରାଜନୀତି ବିଶ୍ଳେଷକ ଘୃଣାପୂର୍ଣ୍ଣ ଭାଷା ଓ ମତଦାତାମାନଙ୍କ ଉପରେ ଏହାର ପ୍ରଭାବ ସମ୍ବନ୍ଧରେ ବିସ୍ତୃତ ଭାବେ ଗବେଷଣା କରି ଏହାର ପରିଣାମ ସମାଜ ଭୋଗିବ ବୋଲି ସ୍ପଷ୍ଟ ଭାବରେ କହିଛନ୍ତି।

(ଅବସରପ୍ରାପ୍ତ ଅଧ୍ୟକ୍ଷ)
ଭୁବନେଶ୍ୱର, ମୋ: ୯୪୩୭୬୪୩୪୧

# ମହାବେଦୀରେ ମହାପ୍ରଭୁଙ୍କ ମାଧୁର୍ଯ୍ୟଲୀଳା

**ଅନନ୍ତ ଗୋପାଳ ପଣ୍ଡା**

**ତତ୍ତ୍ୱ ଓ ତଥ୍ୟରେ ଶ୍ରୀଜଗନ୍ନାଥ**



ଋଗ୍ ବେଦର ଦଶମ ମଣ୍ଡଳ ୧୫୫ ସୂକ୍ତର ବର୍ଣ୍ଣନା ଯଥା- 'ଅଦୋ ଯଦ୍ଦାରୁ ପ୍ଲବତେ ସିନ୍ଧୋଃ ପାରେ ଅପୁରୁଷମ୍, ତଦାରଭସ୍ୱ ଦୁର୍ହଣୋ ତେନ ଗଚ୍ଛ ପରସ୍ତରମ୍' ଅନୁସାରେ ମହୋଦଧି କୂଳରେ ଭାସମାନ ଅପୁରୁଷେୟ ଦାରୁ ପରବର୍ତ୍ତୀ ସମୟରେ ଦାରୁବ୍ରହ୍ମ ଭାବରେ ଚତୁର୍ଦ୍ଧାମୂର୍ତ୍ତି ରୂପରେ ଶ୍ରୀବସ୍ତ୍ର ଖଣ୍ଡଶାଳର ରତ୍ନମଣ୍ଡପରେ ବିରାଜମାନ ପୂର୍ବକ ପରମପଦ ପ୍ରାପ୍ତିର ଅବଲମ୍ବନ ହୋଇ ପ୍ରଦର୍ଶନ କରୁଛନ୍ତି ମାନବୀୟ ଲୀଳା। ମନୁଷ୍ୟର ଚାଲିଚଳଣି ତଥା ଜୀବନଚର୍ଯ୍ୟା ସହିତ ମହାପ୍ରଭୁଙ୍କର ରୀତିନୀତିର ରହିଛି ସାମଞ୍ଜସ୍ୟ। ମାନବର ଯେପରି ଜନ୍ମସ୍ଥାନ ପ୍ରତିଥାଏ ଆକର୍ଷଣ, ଠିକ୍ ସେହିପରି ଛପନ ଭୋଗ, ଷାଠିଏ ପଉଟି ଅନ୍ନ ତଥା ଛତିଶା ନିଯୋଗଙ୍କର ସେବା ପ୍ରାପ୍ତ ହୋଇ ମଧ୍ୟ ଜନ୍ମବେଦୀର ଆକର୍ଷଣରେ ପ୍ରଭୁ ଭାଇଭଉଣୀଙ୍କ ସାଥିରେ ରଥରେ ଯାତ୍ରା କରନ୍ତି ଜନ୍ମସ୍ଥଳୀ ଗୁଣ୍ଡିଚା ମନ୍ଦିରକୁ। ଆଷାଢ଼ ଶୁକ୍ଳ ପୁଷ୍ୟା ନକ୍ଷତ୍ର ଯୁକ୍ତ ଦ୍ୱିତୀୟା ତିଥିରେ ଅନୁଷ୍ଠିତ ଏହି ଯାତ୍ରା 'ଆଡ଼ପ ମଣ୍ଡପ ଯାତ୍ରା', 'ଦଶାବତାର ଯାତ୍ରା', 'ମହାବେଦୀ ଯାତ୍ରା', 'ନବଦିନାତ୍ମକ ଯାତ୍ରା', 'ଘୋଷଯାତ୍ରା' ନାମରେ ପ୍ରସିଦ୍ଧି ଲାଭ କରିଛି। ପୁନଶ୍ଚ ଏହି ଯାତ୍ରା ରତ୍ନମଣ୍ଡପରୁ ଆଡ଼ପ ମଣ୍ଡପକୁ ଯାତ୍ରା କିମ୍ବା କର୍ମଭୂମିରୁ ଜନ୍ମଭୂମିକୁ ଯାତ୍ରା ଭାବେ ମଧ୍ୟ ହୋଇଥାଏ ନାମିତ।

ପ୍ରଭୁ ନୀଳାଦ୍ରିବିହାରୀ ମୁଖ୍ୟତଃ ତ୍ରିବିଧ ଲୀଳା କରିଥା'ନ୍ତି ପ୍ରଦର୍ଶନ। ଏହି ଲୀଳାମାନ ହେଲେ ଐଶ୍ୱର୍ଯ୍ୟ ଲୀଳା, ମାଧୁର୍ଯ୍ୟ ଲୀଳା ଓ ଔଦାର୍ଯ୍ୟ ଲୀଳା। ଶ୍ରୀମନ୍ଦିରରେ ଅବସ୍ଥାନ କାଳରେ ଶତାଧିକ ସେବକମାନଙ୍କ ସେବ୍ୟ ଭାବରେ ତିନି ଧୂପ, ପଞ୍ଚଅବକାଶ ସହିତ ବିବିଧ ପୁଷ୍ପାଳଙ୍କାରରେ ଭୂଷିତ ହେବା ସହିତ ଏକ ସମ୍ବତ୍ସରରେ ପାଞ୍ଚଥର ସୁବର୍ଣ୍ଣ ଅଳଙ୍କାରରେ ବିଭୂଷିତ ହୋଇ ପ୍ରଭୁ ପ୍ରଦର୍ଶନ କରିଥା'ନ୍ତି ଐଶ୍ୱର୍ଯ୍ୟ ଲୀଳା। ଦଇତାପତି ସେବକମାନଙ୍କ ଦ୍ୱାରା ସେନାପଟାରେ ପାଟଡୋରରେ ବନ୍ଧନଯୁକ୍ତ ହୋଇ ଛେଚା କଚା ଖାଇ ପହଣ୍ଡି ହୋଇ ଯିବାରେ ପ୍ରଭୁ କରନ୍ତି ନାହିଁ ପ୍ରତିବାଦ। ମୁଖମଣ୍ଡଳ କେତେବେଳେ ଊର୍ଦ୍ଧ୍ୱକୁ ଅବା ନିମ୍ନକୁ କିମ୍ବା ବାମକୁ ଓ ଦକ୍ଷିଣକୁ ହେଲେ ମଧ୍ୟ ରଙ୍ଗ ଅଧରରେ ସଦା ବିରାଜମାନ କରୁଥାଏ ସ୍ମିତହାସ୍ୟ ରେଖା। ପ୍ରଭୁଙ୍କର ଏହି ଉଦାରତାର ପ୍ରତିଫଳନ ଔଦାର୍ଯ୍ୟ ଲୀଳାକୁ କରିଥାଏ ପ୍ରଖ୍ୟାପିତ।

ଅନୁରୂପ ଭାବରେ ପହଣ୍ଡିହୋଇ ଯିବା ସମୟରେ, ରଥରେ ଅବସ୍ଥାନ କାଳରେ ଏବଂ ଆଡ଼ପ ମଣ୍ଡପ ରହଣି ମଧ୍ୟରେ ପ୍ରଭୁ ଭକ୍ତମାନଙ୍କୁ କୃପା କୈବଲ୍ୟ ବିତରଣ ପୂର୍ବକ ମଧୁର୍ଯ୍ୟଲୀଳା ପ୍ରଦର୍ଶନ କରିଥା'ନ୍ତି। ଦୁଇ ପ୍ରଲମ୍ବିତ ଭୁଜରେ ଭକ୍ତମାନଙ୍କୁ କରନ୍ତି ଆଲିଙ୍ଗନ। ବୁଝନ୍ତି ସୁଖ ଦୁଃଖ। ଭକ୍ତମାନଙ୍କ ସହିତ ହୋଇଯା'ନ୍ତି ଏକାକାର। କଳାବାମନ ରୂପକୁ ଦର୍ଶନ କରି ଭକ୍ତବୃନ୍ଦ ଲାଭ କରନ୍ତି ଦିବ୍ୟାନନ୍ଦ। ଆଡ଼ପ ମଣ୍ଡପ ଅବସ୍ଥାନ କାଳରେ ତ୍ରିଦିବସ ବ୍ୟାପୀ ଅର୍ଥାତ୍ ସପ୍ତମୀ, ଅଷ୍ଟମୀ ତଥା ନବମୀ ତିଥିରେ ଅନୁଷ୍ଠିତ ରାସୋତ୍ସବରେ ମା' ରାଧାରାଣୀ ଓ ଗୋପାଙ୍ଗନାମାନଙ୍କ ସହିତ ପ୍ରଭୁଙ୍କର ହୁଏ ମିଳନ। ସେମାନଙ୍କର ମନସ୍କାମନାକୁ ପ୍ରଭୁ କରିଥା'ନ୍ତି ପରିପୂର୍ଣ୍ଣ।

ଏହି ମହାବେଦୀ ବା ଆଡ଼ପ ମଣ୍ଡପର ମହିମା 'ସ୍କନ୍ଦ ପୁରାଣ', 'ନୀଳାଦ୍ରି ମହୋଦୟ' ଆଦି ଗ୍ରନ୍ଥରେ ହୋଇଛି ବର୍ଣ୍ଣିତ। 'ନୀଳାଦ୍ରି ମହୋଦୟ' ଷଷ୍ଠ ଅଧ୍ୟାୟରେ ମହାପ୍ରଭୁ ଅବନ୍ତୀ ନୃପତିଙ୍କୁ କହୁଛନ୍ତି, 'ତତ୍ର ସଂସ୍ଥାପ୍ୟ ମାଂ ଭୂପ ମହୋତ୍ସବ ତୟା ପୁନଃ, ପୁଣ୍ୟା ସା ଯଜ୍ଞବେଦୀ ଚ ମମ ଜନ୍ମ ପ୍ରଦାୟିନୀ' - ଅର୍ଥାତ୍ ହେ କ୍ଷିତିଶ୍ୱର, ତୁମେ ଆମ୍ଭର ପ୍ରୀତିବିଧାନ ନିମନ୍ତେ ଯେଉଁସ୍ଥାନରେ ସହସ୍ର ଅଶ୍ୱମେଧ ଯଜ୍ଞ କରାଇଥିଲ ଏବଂ ଯେଉଁସ୍ଥାନରେ ମୁଁ ପ୍ରଥମେ ଆବିର୍ଭୂତ ହୋଇଥିଲି ସେହି ଯଜ୍ଞ ମହାବେଦୀ ମୋର ଅତୀବ ପ୍ରିୟ ସ୍ଥାନ। ମହୋତ୍ସବ ମଧ୍ୟରେ ଦିବ୍ୟରଥରେ ମୋତେ ବସାଇ ସେହି ଯଜ୍ଞବେଦୀରେ ଅବସ୍ଥାପିତ କରାଇବ। ନବଦିନ ଯାତ୍ରା ମଧ୍ୟରୁ ସପ୍ତଦିବସ ସେଠାରେ ଅବସ୍ଥାନ କରିବା ପରେ ପୁନର୍ବାର ରଥରେ ବାହୁଡ଼ାଇ ଆଣିବ...।' ... 'ହେ ରାଜନ! ମହାବେଦୀ ନିକଟରେ ତୁମର କୀର୍ତ୍ତିକୁ ପ୍ରଖ୍ୟାପିତ କରୁଥିବା ଯେଉଁ ଇନ୍ଦ୍ରଦ୍ୟୁମ୍ନ ସରୋବର ରହିଛି ତା'ର ଜଳ ମଧ୍ୟ ପବିତ୍ର। ଜନ୍ମବେଦୀରେ ଅବସ୍ଥାନ ସମୟରେ ମୋର ସାନ୍ନିଧ୍ୟ ଲାଭ ନିମନ୍ତେ ତ୍ରିଭୁବନରେ ଥିବା ସାଢ଼େ ତିନି କୋଟି ତୀର୍ଥ ସେଠାରେ ହୁଅନ୍ତି ଏକତ୍ରିତ। ଯେଉଁ ବ୍ୟକ୍ତି ସେହି ସରୋବର ଜଳରେ ସ୍ନାନ କରି ଆଡ଼ପ ମଣ୍ଡପରେ ମୋତେ ଦର୍ଶନ କରିବେ, ସେମାନେ ଜନନୀ ଜଠର ଯନ୍ତ୍ରଣାରୁ ହେବେ ମୁକ୍ତ। ପୁନର୍ବାର ମର୍ତ୍ତ୍ୟରେ ଜନ୍ମଗ୍ରହଣ ନକରି ମୋର ଦର୍ଶନର ପୁଣ୍ୟବଳରେ ବୈକୁଣ୍ଠରେ କରିବେ ଅବସ୍ଥାନ।'

ଏହି ମଣ୍ଡପର ନାମକରଣ ପଛରେ ରହିଛି ଏକାଧିକ କାରଣ। ରାଜା ଇନ୍ଦ୍ରଦ୍ୟୁମ୍ନ ଚତୁର୍ଦ୍ଧାମୂର୍ତ୍ତିଙ୍କ ଆବିର୍ଭାବ ପାଇଁ ଏହି ସ୍ଥାନରେ ପୂର୍ବରୁ ପ୍ରତିଷ୍ଠା କରାଇଥିବା ନୃସିଂହ ମନ୍ଦିରକୁ ଆଡ଼କରି ଏହି ଯଜ୍ଞବେଦୀ ନିର୍ମାଣ କରାଇଥିବାରୁ ଏହାକୁ ଆଡ଼ପ ମଣ୍ଡପ କୁହାଯାଏ। ଅନ୍ୟ ଏକ ମତରେ ସମସ୍ତଙ୍କ ଦୃଷ୍ଟି ଆଢୁଆଳରେ ମହାବେଦୀରେ ମହାଦାରୁରୁ ଚତୁର୍ଦ୍ଧା ବିଗ୍ରହ ନିର୍ମାଣ ହୋଇଥିବାରୁ ଏହାର ନାମ ଆଡ଼ପ ମଣ୍ଡପ। ଐତିହାସିକମାନଙ୍କ ମତରେ ଗଙ୍ଗବଂଶର ରାଜତ୍ୱ ପୂର୍ବରୁ ଏହି ମଣ୍ଡପ କାଷ୍ଠ ନିର୍ମିତ ଥିଲା। ଦ୍ୱିତୀୟ ନରସିଂହ ଦେବଙ୍କ ରାଜତ୍ୱ କାଳରେ (ଖ୍ରୀ ୧୨୭୮-୧୩୦୬) ଆଡ଼ପ ମଣ୍ଡପ ପ୍ରସ୍ତରରେ ନିର୍ମିତ ହୋଇଥିଲା। ପିତାମହ ବ୍ରହ୍ମା ଏହି ମଣ୍ଡପର ମହତ୍ତ୍ୱ ବର୍ଣ୍ଣନା କରିବାକୁ ଯାଇ କହିଛନ୍ତି ଯେ 'ନିରନ୍ତର ଭାବେ ଦଶବର୍ଷ ଧରି ନୀଳାଦ୍ରିରେ ପ୍ରାତଃ, ମଧ୍ୟାହ୍ନ ଓ ସାଙ୍ଗକାଳରେ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କଲେ ଯେଉଁ ପୁଣ୍ୟ ଲାଭ ହୁଏ, ମହାବେଦୀରେ ଦିନେ ମାତ୍ର ଦର୍ଶନ କଲେ ସେହି ଫଳ ପ୍ରାପ୍ତି ହୋଇଥାଏ। ଯଥା:- 'ନୀଳାଦ୍ରୌ ଦଶ ବର୍ଷାଣି ଆଡ଼ପ ମଣ୍ଡପେ ଦିନେ, ଦିବାତି ଦର୍ଶନଂ ପୁଣ୍ୟଂ ରାତ୍ରୌ ଦଶଗୁଣଂ ଭବେତ୍।' ଅର୍ଥାତ୍ ଦିନରେ ମହାପ୍ରଭୁଙ୍କୁ ଦର୍ଶନ କରିବା ଅପେକ୍ଷା ରାତ୍ରିରେ ଦର୍ଶନ କଲେ ଦଶଗୁଣ ଉତ୍ତମ ଫଳ ପ୍ରାପ୍ତି ହୋଇଥାଏ। ଆଡ଼ପ ମଣ୍ଡପରେ ନବମୀ ସନ୍ଧ୍ୟା ଦର୍ଶନ ଅଧିକ ଫଳପ୍ରଦ। କାରଣ ଏହି ନବମୀ ଦିନ ସନ୍ଧ୍ୟା ସମୟରେ ଠାକୁରମାନେ ଇନ୍ଦ୍ରଦ୍ୟୁମ୍ନଙ୍କୁ ପ୍ରଥମେ ଦର୍ଶନ ଦେଇଥିଲେ।

ଗୁଣ୍ଡିଚା ମନ୍ଦିରକୁ ବୈଷ୍ଣବମାନେ 'ଗୁପ୍ତ ବୃନ୍ଦାବନ' ଏବଂ ଆଡ଼ପ ମଣ୍ଡପକୁ 'ରାସ ମଣ୍ଡପ' ଭାବରେ ଅଭିହିତ କରିଥା'ନ୍ତି। ଏହି ମଣ୍ଡପରେ ତ୍ରିଦିବସ ବ୍ୟାପୀ ଅର୍ଥାତ୍ ଆଷାଢ଼ ଶୁକ୍ଳ ସପ୍ତମୀ ଠାରୁ ନବମୀ ପର୍ଯ୍ୟନ୍ତ ମହାଭାବ ସ୍ୱରୂପିଣୀ ମା'ରାଧାରାଣୀ ଓ ଗୋପାଙ୍ଗନାମାନଙ୍କ ସହିତ କଳାକାହ୍ନୁ ରାସୋତ୍ସବରେ ହୁଅନ୍ତି ନିମଗ୍ନ। ଶ୍ରୀଜଗନ୍ନାଥଙ୍କ ମହାବେଦୀ ମହୋତ୍ସବରେ ଭକ୍ତ, ଆଶ୍ରିତ ଓ ଶ୍ରଦ୍ଧାଳୁମାନେ ମହାପ୍ରଭୁଙ୍କ ପ୍ରଦର୍ଶିତ ମାଧୁର୍ଯ୍ୟଲୀଳା ସନ୍ଦର୍ଶନରେ ହୁଅନ୍ତି ବିମୋହିତ।

ଜୟ ଜଗନ୍ନାଥ
ଭୁବନେଶ୍ୱର, ମୋ: ୯୮୬୧୪୭୦୧୯୮



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

**ପୁରୀ ବିମାନ ବନ୍ଦର କାର୍ଯ୍ୟକାରିତା**

# ବାଆଁରେଇଲେ କେନ୍ଦ୍ର ବିମାନ ଚଳାଚଳ ମନ୍ତ୍ରୀ

ନୂଆଦିଲ୍ଲୀ, ୨୦।୭ (ସମିସ): ଓଡ଼ିଶାରେ ବର୍ତ୍ତମାନ ୫ଟି ବିମାନବନ୍ଦର କାର୍ଯ୍ୟକ୍ଷମ ରହିଛି। ପୁରୀରେ ପ୍ରସ୍ତାବିତ ଆନ୍ତର୍ଜାତିକ ଗ୍ରୀନଫିଲ୍ଡ ବିମାନବନ୍ଦରକୁ କେନ୍ଦ୍ର ସରକାରଙ୍କ ନୀତିଗତ ଅନୁମୋଦନ ମିଳିସାରିଛି। ତେବେ ଜମି ଅଧିଗ୍ରହଣ, ଆବଶ୍ୟକ ଅନୁମତି ଓ ଆର୍ଥିକ ବ୍ୟବସ୍ଥା ସମେତ ବିଭିନ୍ନ ପ୍ରକ୍ରିୟା ଉପରେ ପ୍ରକଳ୍ପର ସମୟସୀମା ନିର୍ଭର କରିବ ବୋଲି କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ କିଞ୍ଜରାପୁ ରାମମୋହନ ନାଇଡୁ ସୂଚନା ଦେଇଛନ୍ତି। ରାଜ୍ୟସଭାରେ ସୋମବାର ବିଜେଡି ସଂସଦୀୟ ଦଳନେତା ତଥା ସାଂସଦ ମାନସ ରଞ୍ଜନ ମଙ୍ଗରାଜଙ୍କ ତାରକା ପ୍ରଶ୍ନର ଉତ୍ତରରେ ଏପରି ବାଆଁରେଇଛନ୍ତି କେନ୍ଦ୍ର ମନ୍ତ୍ରୀ ଶ୍ରୀ ନାଇଡୁ।

ଶ୍ରୀ ମଙ୍ଗରାଜ ଓଡ଼ିଶାର ବିମାନବନ୍ଦର ଭିତ୍ତିଭୂମିର ବିକାଶ ସମ୍ପର୍କରେ ତିନୋଟି ପ୍ରଶ୍ନ ଉଠାଇଥିଲେ। ବର୍ତ୍ତମାନ ରାଜ୍ୟରେ କେତୋଟି ବିମାନବନ୍ଦର କାର୍ଯ୍ୟକ୍ଷମ ରହିଛି, ସେଠାରୁ ବାଣିଜ୍ୟିକ ବିମାନ ସେବା କେବେ ଆରମ୍ଭ ହୋଇଥିଲା, ରାଜ୍ୟରେ ନୂତନ ବିମାନବନ୍ଦର ବିକାଶ ପାଇଁ କେନ୍ଦ୍ର ସରକାରଙ୍କ କୌଣସି ପ୍ରସ୍ତାବ ରହିଛି କି ଏବଂ ଗଞ୍ଜାମ ଜିଲ୍ଲାର ରଙ୍ଗେଇଲୁଣ୍ଡା ଏୟାରଷ୍ଟ୍ରିପ୍‌କୁ ବାଣିଜ୍ୟିକ ବିମାନବନ୍ଦରରେ ପରିଣତ କରିବା ପାଇଁ କ'ଣ ପଦକ୍ଷେପ ନିଆଯାଉଛି ବୋଲି ଶ୍ରୀ ମଙ୍ଗରାଜ ପ୍ରଶ୍ନ କରିଥିଲେ।

ଏହାର ଉତ୍ତରରେ ମନ୍ତ୍ରୀ କହିଥିଲେ ଯେ, ବର୍ତ୍ତମାନ ଓଡ଼ିଶାରେ ଭୁବନେଶ୍ୱର, ଝାରସୁଗୁଡ଼ା, ଜୟପୁର, ରାଉରକେଲା ଓ ଉତ୍କେଳା ବିମାନବନ୍ଦର କାର୍ଯ୍ୟକ୍ଷମ ରହିଛି। ଭୁବନେଶ୍ୱର ବିମାନବନ୍ଦରରୁ ୧୭ ଏପ୍ରିଲ ୧୯୬୨ରେ ବାଣିଜ୍ୟିକ ବିମାନ ସେବା ଆରମ୍ଭ ହୋଇଥିବାବେଳେ ଝାରସୁଗୁଡ଼ାରେ ୨୨ ସେପ୍ଟେମ୍ବର ୨୦୧୮, ଜୟପୁରରେ ୩ ଅଗଷ୍ଟ ୨୦୨୨, ରାଉରକେଲାରେ ୭ ଜାନୁଆରୀ ୨୦୨୩ ଏବଂ ଉତ୍କେଳାରେ ୩୧ ଅଗଷ୍ଟ ୨୦୨୩ରୁ ଆରସିଏସ୍–ଉଡାନ ଯୋଜନା ଅଧୀନରେ ବାଣିଜ୍ୟିକ ସେବା ଆରମ୍ଭ ହୋଇଛି। ପୁରୀରେ ପ୍ରସ୍ତାବିତ ଆନ୍ତର୍ଜାତିକ ଗ୍ରୀନଫିଲ୍ଡ ବିମାନବନ୍ଦର ପାଇଁ ୬ ମେ ୨୦୨୫ରେ କେନ୍ଦ୍ର ସରକାର ନୀତିଗତ ଅନୁମୋଦନ ପ୍ରଦାନ କରିଛନ୍ତି। ଏହା ବ୍ୟତୀତ ଗଞ୍ଜାମ ଜିଲ୍ଲାର ରଙ୍ଗେଇଲୁଣ୍ଡା ଏୟାରଷ୍ଟ୍ରିପ୍‌କୁ ଆରସିଏସ୍–ଉଡାନ ଯୋଜନା ଅଧୀନରେ ବିକଶିତ କରି ବାଣିଜ୍ୟିକ ବିମାନବନ୍ଦରରେ ପରିଣତ କରିବା ଦିଗରେ ଓଡ଼ିଶା ସରକାର କାର୍ଯ୍ୟ କରୁଥିବା ସେ ସୂଚନା ଦେଇଥିଲେ।

## ବିମାନ ପ୍ରଶିକ୍ଷଣ ପାଇଁ ଆର୍ଥିକ ସହାୟତା ବ୍ୟବସ୍ଥା ନାହିଁ

ନୂଆଦିଲ୍ଲୀ,୨୦।୭ (ସମିସ): ଓଡ଼ିଶାରେ ବିମାନ ଚଳାଚଳ କ୍ଷେତ୍ରରେ ତାଲିମ ଓ ଦକ୍ଷତା ବିକାଶକୁ କେନ୍ଦ୍ର ସରକାର ଗୁରୁତ୍ୱ ଦେଉଛନ୍ତି। ବର୍ତ୍ତମାନ ରାଜ୍ୟରେ ଡିଜିସିଏ ଅନୁମୋଦିତ ମୋଟ ୮ଟି ପ୍ରଶିକ୍ଷଣ ସଂସ୍ଥା କାର୍ଯ୍ୟକ୍ଷମ ରହିଛି। ତେବେ ବର୍ତ୍ତମାନ ସୁଦ୍ଧା ପାଇଲଟ୍, କ୍ୟାବିନ୍ କ୍ରୁ, ଏୟାରକ୍ରାଫ୍ଟ ମେଣ୍ଟେନାନ୍ସ କିମ୍ବା ଅନ୍ୟ କୌଣସି ବିମାନ ସମ୍ବନ୍ଧୀୟ ପ୍ରଶିକ୍ଷଣ ପାଇଁ ଛାତ୍ରଛାତ୍ରୀଙ୍କ ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ କୌଣସି ଆର୍ଥିକ ସହାୟତା କିମ୍ବା ପ୍ରାୟୋଜକତା ଯୋଜନା ନାହିଁ ବୋଲି ବେସମାରିକ ବିମାନ ଚଳାଚଳ ମନ୍ତ୍ରଣାଳୟର ରାଜ୍ୟମନ୍ତ୍ରୀ ମୁର୍ଲୀଧର ମୋହଲ ସ୍ପଷ୍ଟ କରିଛନ୍ତି।

ଓଡ଼ିଶାରେ କେନ୍ଦ୍ର ସରକାର ପକ୍ଷରୁ ବିମାନ ଚଳାଚଳ ତାଲିମ ଓ ଦକ୍ଷତା ବିକାଶ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯାଉଛି କି? ଏଥିପାଇଁ ପାଇଲଟ୍, କ୍ୟାବିନ୍ କ୍ରୁ, ଏୟାରକ୍ରାଫ୍ଟ ମେଣ୍ଟେନାନ୍ସ କିମ୍ବା ଅନ୍ୟ ବିମାନ ସମ୍ବନ୍ଧୀୟ ପ୍ରଶିକ୍ଷଣ ପାଇଁ ଛାତ୍ରଛାତ୍ରୀଙ୍କୁ କୌଣସି ଆର୍ଥିକ ସହାୟତା ଦିଆଯାଉଥିବା ସଂକ୍ରାନ୍ତରେ ବିଜେଡି ସଂସଦୀୟ ଦଳ ନେତା ମାନସ ରଞ୍ଜନ ମଙ୍ଗରାଜ ପ୍ରଶ୍ନ କରିଥିଲେ। ଏହାର ଉତ୍ତରରେ ମନ୍ତ୍ରୀ ଶ୍ରୀ ମୋହଲ କହିଛନ୍ତି, ଓଡ଼ିଶାରେ ଗୋଟିଏ ସରକାରୀ ଏଭିଏସନ ଟ୍ରେନିଂ ଇନଷ୍ଟିଚ୍ୟୁଟ୍, ୫ଟି ସ୍ୱୀକୃତିପ୍ରାପ୍ତ ରିମୋଟ୍ ପାଇଲଟ୍ ଟ୍ରେନିଂ ଅର୍ଗାନାଇଜେସନ୍ ଏବଂ ୨ଟି ଏୟାରକ୍ରାଫ୍ଟ ମେଣ୍ଟେନାନ୍ସ ଇଞ୍ଜିନିୟରିଂ ପ୍ରଶିକ୍ଷଣ ସଂସ୍ଥାକୁ ଡିଜିସିଏ ଅନୁମୋଦନ ଦେଇଛି। ତେବେ ବର୍ତ୍ତମାନ ସୁଦ୍ଧା ପାଇଲଟ୍, କ୍ୟାବିନ୍ କ୍ରୁ, ଏୟାରକ୍ରାଫ୍ଟ ମେଣ୍ଟେନାନ୍ସ କିମ୍ବା ଅନ୍ୟ କୌଣସି ବିମାନ ସମ୍ବନ୍ଧୀୟ ପ୍ରଶିକ୍ଷଣ ପାଇଁ ଛାତ୍ରଛାତ୍ରୀଙ୍କୁ କେନ୍ଦ୍ର ସରକାର ପକ୍ଷରୁ କୌଣସି ଆର୍ଥିକ ସହାୟତା କିମ୍ବା ପ୍ରାୟୋଜକତା ଯୋଜନା ନଥିବା ମନ୍ତ୍ରୀ ସ୍ପଷ୍ଟ କରିଛନ୍ତି।

**ସରିଲା ପାଠ୍ୟପୁସ୍ତକ ସଂଶୋଧନ**

# ଖୁବ୍‌ଶୀଘ୍ର ଅପ୍‌ଲୋଡ୍ ହେବ ପିଲାଙ୍କ ପଢ଼ାବହି

ଭୁବନେଶ୍ୱର,୨୦।୭(ସମିସ): ପ୍ରଥମରୁ ଅଷ୍ଟମ ଶ୍ରେଣୀ ପିଲାଙ୍କ ବହିରେ ତ୍ରୁଟି ଘଟଣାରେ କ୍ରାଇମ୍‌ବ୍ରାଞ୍ଚ ତନାଘନା ଜାରିରଖିଛି। ପୂର୍ବତନ ନିର୍ଦ୍ଦେଶକଙ୍କୁ ଗିରଫ କରିଥିବାବେଳେ ନିଲମ୍ବିତ ହୋଇଥିବା ସହକାରୀ ନିର୍ଦ୍ଦେଶକଙ୍କୁ ପଚରାଉଚରା କରୁଛି। ବ୍ୟାପକ ଅସନ୍ତୋଷ ମଧ୍ୟରେ ସରକାର ତ୍ରୁଟିଶୂନ୍ୟ ପୁସ୍ତକ ପ୍ରସ୍ତୁତି ପାଇଁ କସରତ ଆରମ୍ଭ କରିଛନ୍ତି। ପ୍ରାଥମିକ ପର୍ଯ୍ୟାୟରେ ଏସ୍‌ସିଇଆରଟି ପକ୍ଷରୁ ଚିହ୍ନଟ ହୋଇଥିବା ତ୍ରୁଟିକୁ ସଂଶୋଧନ କରାଯାଇଛି। ସାଧାରଣ ଲୋକଙ୍କ ନିକଟରୁ ପାଇଥିବା ହଜାରହଜାର ପ୍ରସ୍ତାବକୁ ଅନୁଶୀଳନ କରି ତ୍ରୁଟି ସଂଶୋଧନ ଜାରି ରଖିଛି। ପୂର୍ବରୁ ପ୍ରଥମରୁ ଚତୁର୍ଥ ଶ୍ରେଣୀ ବହିର ସଂଶୋଧିତ ସଫ୍ଟକପି ୱେବସାଇଟ୍‌ରେ ଅପଲୋଡ୍ କରାଯାଇଥିବାବେଳେ ଅବଶିଷ୍ଟ ଶ୍ରେଣୀର ବହିର ସଫ୍ଟ କପିକୁ ଖୁବଶୀଘ୍ର ୱେବସାଇଟ୍‌ରେ ଅପଲୋଡ୍ କରାଯିବ ବୋଲି ସୂଚନା ମିଳିଛି।

ଗତ ଜୁଲାଇ ୩ ତାରିଖରେ ପ୍ରଥମରୁ ଚତୁର୍ଥ ଶ୍ରେଣୀର ସଂଶୋଧିତ ପୁସ୍ତକ ୱେବସାଇଟ୍‌ରେ ଅପଲୋଡ୍ ହେବାପରେ ଚତୁର୍ଥରୁ ଅଷ୍ଟମ ଶ୍ରେଣୀ ପିଲାଙ୍କ ବହି ସଂଶୋଧନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ଜୁଲାଇ ୭ରୁ ୧୩ ତାରିଖ ମଧ୍ୟରେ ତ୍ରୁଟି ସଂଶୋଧନ କରାଯାଇଛି। ନିର୍ଦ୍ଧାରିତ ସମୟରେ ସଂଶୋଧନ ନ ସରିବାରୁ ୧୫ ଓ ୧୬ ତାରିଖରେ ମଧ୍ୟ ତ୍ରୁଟି ସଂଶୋଧନ କରାଯାଇଛି। ପ୍ରାୟ ଶହେରୁ ଅଧିକ ବିଷୟ ଭିତ୍ତିକ ଶିକ୍ଷକ ବହିରେ ଥିବା ତ୍ରୁଟିକୁ ସଂଶୋଧନ କରିଛନ୍ତି। ଏହାସହ ସାଧାରଣ ଲୋକଙ୍କ ଠାରୁ ସଂଶୋଧନ ପାଇଁ ମେଲ୍ ଯୋଗେ ପାଇଥିବା ହଜାର ହଜାର ପ୍ରସ୍ତାବକୁ ଅନୁଶୀଳନ କରାଯାଇ ଏକାଧିକ ସଂଶୋଧନ କରାଯାଇଛି। ପୁସ୍ତକର ସଂଶୋଧନ ପ୍ରକ୍ରିୟା ଶେଷ ହୋଇଥିବାବେଳେ ଏହା ଖୁବଶୀଘ୍ର ୱେବସାଇଟ୍‌ରେ ଉପଲବ୍ଧ ହେବ ବୋଲି ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି।

ଅପରପକ୍ଷରେ କେବଳ ବନାନ୍ ଓ ବାକ୍ୟ ଗଠନରେ ଥିବା ତ୍ରୁଟିକୁ ସଂଶୋଧନ କରାଯାଇଥିଲେ ମଧ୍ୟ ତଥ୍ୟଗତ ତ୍ରୁଟିର ସଂଶୋଧନ କରାଯାଉ ନଥିବା ଜଣା ପଡ଼ିଛି। ଅର୍ଥାତ୍ କେଉଁ ବିଷୟରେ ପିଲାଙ୍କୁ ପଢ଼ାହେବ, କେଉଁଟି ପଢ଼ା ବହିରୁ ବାଦ ପଡ଼ିବ ସେନେଇ ନୀତିଗତ ନିଷ୍ପତ୍ତି ହୋଇନାହିଁ। ଚଳିତ ବର୍ଷ ସଂଶୋଧିତ ପିଡିଏଫ୍ ମାଧ୍ୟମରେ ପିଲାଙ୍କୁ ଶିକ୍ଷାଦାନ କରାଯିବ ଏବଂ ଆଗାମୀ ଶିକ୍ଷାବର୍ଷରୁ ତ୍ରୁଟିଶୂନ୍ୟ ପୁସ୍ତକ ଛପା ଯାଇ ପିଲାଙ୍କୁ ବଣ୍ଟନ କରାଯିବ। ଆବଶ୍ୟକ ହେଲେ ଶିକ୍ଷକଙ୍କୁ ସଂଶୋଧିତ ପୁସ୍ତକ ପଢ଼ାଇବା ପାଇଁ ଅନଲାଇନ୍‌ରେ ପ୍ରଶିକ୍ଷଣ ଦେବାକୁ ଯୋଜନା କରାଯାଉଥିବା ଜଣାପଡ଼ିଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଦିଲ୍ଲୀ ପୁଲିସର...

ସେଣ୍ଟ୍ରାଲ ଦିଲ୍ଲୀ ଅଞ୍ଚଳରେ ଏବେ ବି ହାଇ-ଆଲର୍ଟ ଜାରି ରହିଛି। ପୁଲିସ ଆକ୍ରମଣରେ ସାମାଜିକ କର୍ମୀ ସୋନମ ୱାଙ୍ଗଚୁକଙ୍କ ପତ୍ନୀ ଗୀତାଞ୍ଜଳି ଅଙ୍ଗମୋ ଆହତ ହୋଇଛନ୍ତି। ଏହାସହ ଜଣେ ବାର ବର୍ଷର ନାବାଳିକାର ମୁଣ୍ଡ ଫାଟିଥିବା ଏବଂ ଶହେରୁ ଅଧିକ ପ୍ରତିବାଦକାରୀ ଆହତ ହୋଇଥିବା ଦଳ ପକ୍ଷରୁ କୁହାଯାଇଛି। ପୁଲିସ ଏହି ଆନ୍ଦୋଳନ ସମୟରେ ଦଳର ସଂସ୍ଥାପକ ଅଭିଜିତ୍ ଦୀପକେ ଏବଂ ସମାଜବାଦୀ ପାର୍ଟି ସାଂସଦ ଡିମ୍ପଲ ଯାଦବଙ୍କୁ ଅଟକ ରଖିଛି। ଅପରପକ୍ଷରେ, ଦିଲ୍ଲୀ ପୁଲିସ ଏହି ଅଭିଯୋଗକୁ ଖଣ୍ଡନ କରି କହିଛି ଯେ କୌଣସି ହିଂସା ସୃଷ୍ଟି ହୋଇନାହିଁ ଏବଂ ପୁଲିସ ବୃତ୍ତିଗତ ଭାବେ ଆଇନ ଶୃଙ୍ଖଳା ପରିଚାଳନା କରୁଛି।

### ଆରମ୍ଭରୁ ସଂସଦରେ...

ଉପରେ ପୁଲିସ ଦମନଲୀଳା ଚଳାଇଛି। ଛାତ୍ରଛାତ୍ରୀମାନଙ୍କୁ ଆକ୍ରମଣ କରି ସରକାର ସେମାନଙ୍କର ସ୍ୱର ଚାପିବାକୁ ଉଦ୍ୟମ କରୁଛନ୍ତି ବୋଲି ସେ କହିଥିଲେ। ସରକାଙ୍କର ଏଭଳି ଦମନଲୀଳା ନେଇ ବିରୋଧୀ ସଭ୍ୟ ଉଦବେଗ ପ୍ରକାଶ କରିବା ସହିତ ହଟ୍ଟଗୋଳ କରିଥିଲେ। ହଟ୍ଟଗୋଳ ଯୋଗୁଁ ରାଜ୍ୟସଭା ଆଜି ବିଭିନ୍ନ ସମୟରେ ୬ ଥର ମୁଲତବୀ ହୋଇଥିଲା। ଶେଷରେ ଗୃହକୁ ଆଜି ଦିନକ ପାଇଁ ମୁଲତବୀ ଘୋଷଣା କରାଯାଇଥିଲା। ଲୋକସଭାରେ ମଧ୍ୟ ଅନୁରୂପ ଦୃଶ୍ୟ ଦେଖିବାକୁ ମିଳିଥିଲା। ଆଜି ୧୧ଟା ବେଳେ ଗୃହ ଆରମ୍ଭ ହେବାମାତ୍ରେ ବିରୋଧୀ ଦଳ ଏହି ପ୍ରସଙ୍ଗ ଉଠାଇ ହଙ୍ଗାମା କରିଥିଲେ। ବାଚସ୍ପତି ଗୃହକୁ ୧୨ଟା ପର୍ଯ୍ୟନ୍ତ ମୁଲତବୀ କରିଥିଲେ। କିନ୍ତୁ ପରିସ୍ଥିତିରେ କୌଣସି ପରିବର୍ତ୍ତନ ଘଟିନଥିଲା। ୬ ଥର ମୁଲତବୀ ହେବାପରେ ଗୃହକୁ ଶେଷରେ ଦିନକ ପାଇଁ ମୁଲତବୀ କରି ଦିଆଯାଇଥିଲା। ମୁଲତବୀ ହେବା ପୂର୍ବରୁ ଆଇନ ମନ୍ତ୍ରୀ ସୁପ୍ରିମ କୋର୍ଟରେ ବିଚାରପତିଙ୍କ ସଂଖ୍ୟା ୩୪ରୁ ୩୮କୁ ବୃଦ୍ଧି କରିବା ଲାଗି ବିଲ୍ ଆଗତ କରିଥିଲେ। ଗୃହକୁ ମୁଲତବୀ କରିବା ପୂର୍ବରୁ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜ୍ଜୁ କହିଥିଲେ ଯେ ସରକାର ସମସ୍ତ ପ୍ରସଙ୍ଗରେ ଆଲୋଚନା କରିବାକୁ ପ୍ରସ୍ତୁତ ଅଛନ୍ତି। କିନ୍ତୁ ଗୃହ ଭିତରେ ସଭ୍ୟମାନେ ଯେଉଁଭଳି ସ୍ଲୋଗାନବାଜି କରିବା ସହିତ ବ୍ୟାନର ପ୍ରଦର୍ଶନ କରୁଛନ୍ତି, ତାହା ଗ୍ରହଣୀୟ ନୁହେଁ।

### ବଜ୍ରପାତରେ ଗଲା...

କ୍ଷତିପୂରଣ ରାଶି ପ୍ରଦାନ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ସେହିପରି କେନ୍ଦୁଝର ଜିଲ୍ଲା ହାଟଡିହୀ ବ୍ଲକ ନନ୍ଦିପଦା ଥାନା ଡିମିରିଆ ଗ୍ରାମର ଶ୍ରୀନିବାସ ରାଉଳଙ୍କ ଏକମାତ୍ର ପୁଅ ମିଥୁନ ରାଉଳ(୨୭) ଆଜି ଅପରାହ୍ଣ ପ୍ରାୟ ୪ଟା ସମୟରେ ନିଜ ଚାଷଜମିରୁ ହଳ କରି ଫେରିବାବେଳେ ବଜ୍ରପାତର ଶିକାର ହୋଇଥିଲେ। ତାଙ୍କୁ ତୁରନ୍ତ ଶାଳଣିଆଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ସେଠାରୁ ଆନନ୍ଦପୁର ଉପଖଣ୍ଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି।

### ବିଳମ୍ବିତ ରାତିରେ...

ଥାନାରେ ଅଭିଯୋଗ ଦିଆଯାଇଥିଲା। ଚନ୍ଦନପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଥାନା ଆଇଆଇସି କହିଛନ୍ତି, ଅଭିଯୋଗ ଆଧାରରେ ପୁଲିସ ଏକ ହତ୍ୟା ମାମଲା (ନଂ.୧୬୫/୨୬) ରୁଜୁ କରି ତଦନ୍ତ ଚଳାଇଛି। ତେବେ ମୃତ୍ୟୁର କାରଣ କ'ଣ ଜଣାପଡ଼ିନାହିଁ। ଏତଲାରେ ବି କାହା ନାଁ ନିର୍ଦ୍ଦିଷ୍ଟ ଭାବେ ଉଲ୍ଲେଖ କରାଯାଇନାହିଁ। ପୁଲିସ ତଦନ୍ତ ଜାରି ରଖିଛି ବୋଲି ଆଇଆଇସି କହିଛନ୍ତି।

### ଡେଙ୍ଗୁ ଭଲ କରିବ...

ଟିକାର ୩.୨ କୋଟିରୁ ଅଧିକ ଡୋଜ୍ ବଣ୍ଟନ କରାଯାଇସାରିଛି। ଭାରତରେ ଏହାର ସୁରକ୍ଷା ଓ ପ୍ରତିରୋଧକ କ୍ଷମତା ଯାଞ୍ଚ ପାଇଁ କରାଯାଇଥିବା ତୃତୀୟ ପର୍ଯ୍ୟାୟ କ୍ଲିନିକାଲ୍ ପରୀକ୍ଷଣରେ ଏହା ବେଶ୍ ପ୍ରଭାବଶାଳୀ ଓ ନିରାପଦ ପ୍ରମାଣିତ ହୋଇଛି। ଏହି ଟିକା ଡେଙ୍ଗୁ ଜନିତ ହସ୍ପିଟାଲରେ ଭର୍ତ୍ତି ହେବା ସମ୍ଭାବନାକୁ ୮୪ ପ୍ରତିଶତରୁ ଅଧିକ ହ୍ରାସ କରିଥାଏ। ସମଗ୍ର ବିଶ୍ୱର ଡେଙ୍ଗୁ ଆକ୍ରାନ୍ତଙ୍କ ମଧ୍ୟରୁ ପ୍ରାୟ ଏକ-ତୃତୀୟାଂଶ ଭାରତରେ ରହିଛନ୍ତି। ଗତ ୨୦୨୫ ମସିହାରେ ଦେଶରେ ୧.୧୩ ଲକ୍ଷରୁ ଅଧିକ ଡେଙ୍ଗୁ ମାମଲା ନଜରକୁ ଆସିଥିଲା। ପ୍ରତିବର୍ଷ ବର୍ଷା ଦିନେ ଓ ତାହା ପରବର୍ତ୍ତୀ ସମୟରେ ଡେଙ୍ଗୁ ସଂକ୍ରମଣ ଦେଶର ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ଉପରେ ପ୍ରଚଣ୍ଡ ଚାପ ପକାଇଥାଏ।

### ତ୍ରିପୁରା ପୁଲିସ ଡିଜି...

ଶାସକ ଦଳ ପକ୍ଷରୁ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସତ୍ୟସାମ୍ନାକୁ ଆସିବ ବୋଲି କୁହାଯାଇଛି। ୨୦୨୫ ମେ'ରୁ ତ୍ରିପୁରାର ଡିଜିପି ଭାବେ ଦାୟିତ୍ୱ ତୁଲାଉଥିବା ଅନୁରାଗ ଧନଖଡ଼ ନିଜ ଚାକିରି କାଳ ମଧ୍ୟରେ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା (ସିବିଆଇ) ଏବଂ ସୀମା ସୁରକ୍ଷା ବଳ (ବିଏସ୍ଏଫ) ଭଳି ଗୁରୁତ୍ୱପୂର୍ଣ୍ଣ ସଂସ୍ଥାରେ ମଧ୍ୟ ନିଜର ସେବା ପ୍ରଦାନ କରିଥିଲେ। ଜଣେ ବରିଷ୍ଠ ଆଇପିଏସ ଅଧିକାରୀଙ୍କ ଏପରି ଅକାଳ ମୃତ୍ୟୁ ସମଗ୍ର ରାଜ୍ୟ ପୋଲିସ ପ୍ରଶାସନକୁ ସ୍ତବ୍ଧ କରିଦେଇଛି। ପୋଲିସ ଓ ପ୍ରଶାସନ ପକ୍ଷରୁ ମାମଲାର ଗମ୍ଭୀରତାକୁ ଦୃଷ୍ଟିରେ ରଖି ଘଟଣାର ସମ୍ପୂର୍ଣ୍ଣ ତଦନ୍ତ ପ୍ରକ୍ରିୟା ଜାରି ରହିଛି।

### ରାଜ୍ୟବ୍ୟାପୀ ସାର...

ଚଢ଼ାଦରରେ ମଧ୍ୟ ସାର ବିକ୍ରି ହେଉଥିବାର ଚିତ୍ର ସାମ୍ନାକୁ ଆସୁଛି। ମୌସୁମୀ ତଥା ଲଘୁଚାପ ବର୍ଷା ପରେ ଚାଷୀ ରୁଆ ବେଉଷଣ ଆରମ୍ଭ କରି ଦେଲେଣି। ମାତ୍ର ସଠିକ୍ ସମୟରେ ସାରର ଉପଲବ୍ଧତା କମ୍ ଓ ସରକାରୀ କଟକଣା ସାର କଳାବଜାରୀକୁ ପ୍ରୋତ୍ସାହିତ କରୁଛି। ଏପଟେ ସରକାରଙ୍କ ପକ୍ଷରୁ ଜାରି ଏକ ନିର୍ଦ୍ଦେଶନାମା ରାଜ୍ୟରେ ସାର ସଙ୍କଟ ଆଶଙ୍କାକୁ ଦୃଢ଼ୀଭୂତ କରିଥିବା ବେଳେ ଚାଷୀକୁଳରେ ମଧ୍ୟ ପ୍ରତିକ୍ରିୟା ସୃଷ୍ଟି କରିଛି। ୟୁରିଆ ଓ ଡିଏପି ବଦଳରେ ଆମୋନିୟମ୍ ସଲଫେଟ୍ ଓ କମ୍ପ୍ଲେକ୍ସ ସାର ବ୍ୟବହାର କରିବାକୁ କୃଷି ବିଭାଗ ପକ୍ଷରୁ ରାଜ୍ୟର ସମସ୍ତ ଜିଲ୍ଲାପାଳ, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ, ସମବାୟ ସମିତି ନିବନ୍ଧକଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଚଳିତ ବର୍ଷ ଡିଏପି ସାର ଯୋଗାଣ ପ୍ରଭାବିତ ହୋଇଥିବାରୁ ଏହାର ୬୦ ପ୍ରତିଶତ ବିକଳ୍ପ ଭାବେ କମ୍ପ୍ଲେକ୍ସ ସାର ଏବଂ ୟୁରିଆ ବଦଳରେ ୨୦.୫ ପ୍ରତିଶତ ଯବକ୍ଷାରଜାନ ଓ ୨୩ ପ୍ରତିଶତ ଗନ୍ଧକଯୁକ୍ତ ଆମୋନିୟମ୍ ସଲ୍‌ଫେଟ୍ ପ୍ରଚୁର ପରିମାଣରେ ଯୋଗାଇବାକୁ କେନ୍ଦ୍ର ସରକାର ଯୋଜନା କରିଛନ୍ତି। ଏଥିପାଇଁ ଜିଲ୍ଲା ସ୍ତରରେ ମାର୍କଫେଡ୍ କର୍ମଚାରୀମାନଙ୍କୁ ଆବଶ୍ୟକ ପରିମାଣର ଆମୋନିୟମ୍ ସଲ୍‌ଫେଟ୍ ଓ କମ୍ପ୍ଲେକ୍ସ ସାର ପାଇଁ ତୁରନ୍ତ ବରାଦ ଦେବାକୁ କୁହାଯାଇଛି। ଏହି ନିର୍ଦ୍ଦେଶକୁ ଅତ୍ୟନ୍ତ ଜରୁରୀ ଭାବେ ଗ୍ରହଣ କରିବାକୁ ସୂଚନା ଦିଆଯାଇଛି।

ଅନ୍ୟପଟେ ୟୁରିଆ ବଦଳରେ ଆମୋନିୟମ୍ ସଲ୍‌ଫେଟ୍ ବ୍ୟବହାର କରିବାକୁ ଚାଷୀ ଅନିଚ୍ଛା ପ୍ରକାଶ କରୁଛନ୍ତି। କାରଣ ୧ କୁଇଣ୍ଟାଲ ୟୁରିଆରେ କ୍ଷେତକୁ ୪୬ କିଲୋ ନାଇଟ୍ରୋଜେନ ମିଳେ। ମାତ୍ର ସେହି ୧ କୁଇଣ୍ଟାଲ ଆମୋନିୟମ୍ ସଲ୍‌ଫେଟ୍‌ରେ ୨୦ କିଲୋ ନାଇଟ୍ରୋଜେନ ମିଳିବ, ଯାହାଦ୍ୱାରା ଚାଷୀର ଉତ୍ପାଦନ ପ୍ରଭାବିତ ହେବ। ଏହାବ୍ୟତୀତ ୟୁରିଆ ତୁଳନାରେ ଆମୋନିୟମ୍ ସଲଫେଟର ଦାମ୍ ମଧ୍ୟ ଅଧିକ ରହୁଛି, ଯାହାକୁ ନେଇ ଚାଷୀକୁଳରେ ବ୍ୟାପକ ଅସନ୍ତୋଷ ଦେଖିବାକୁ ମିଳିଛି।

ଅପରପକ୍ଷେ ସାର ସଙ୍କଟକୁ ନେଇ ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି ବିରୋଧୀ। କଂଗ୍ରେସର ବରିଷ୍ଠ ବିଧାୟକ ତାରାପ୍ରସାଦ ବାହିନୀପତି କହିଛନ୍ତି ଯେ ରାଜ୍ୟରେ ପର୍ଯ୍ୟାପ୍ତ ପରିମାଣରେ ସାର ମହଜୁଦ୍ ଅଛି ବୋଲି ସରକାର ପୂର୍ବରୁ ଡିଣ୍ଡିମ ପିଟୁଥିଲେ। ମାତ୍ର ଏବର ସାର ସଙ୍କଟ ସରକାରଙ୍କ ମୁଖା ଖୋଲିଦେଇଛି। ସାର ଉପରେ ସରକାରଙ୍କର ଜ୍ଞାନ ନାହିଁ ବୋଲି ସେ କଡ଼ା ସମାଲୋଚନା କରିଛନ୍ତି। ବିଜେଡିର ବରିଷ୍ଠ ବିଧାୟକ ଡ. ଅରୁଣ କୁମାର ସାହୁ କହିଛନ୍ତି ଯେ ଚାଷୀ ୟୁରିଆ, ଡିଏପି ସାର ଖୋଜୁଥିବା ବେଳେ ସରକାର ଚାଷୀଙ୍କୁ ଆମୋନିୟମ ସଲ୍‌ଫେଟ ବ୍ୟବହାର କରିବାକୁ କହୁଛନ୍ତି। ସରକାର ଚାଷୀକୁଳକୁ ଭୂଆଁ ବୁଲାଉଛନ୍ତି ବୋଲି ସେ କ୍ଷୋଭ ପ୍ରକାଶ କରିଛନ୍ତି।

ଅପରପକ୍ଷେ ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ କହିଛନ୍ତି ଯେ ୟୁରିଆ, ଡିଏପିରେ ଯେଉଁ ମାତ୍ରାରେ ରାସାୟନିକ ଉପାଦାନ ରହିଛି, ସମାନ ଉପାଦାନ ଥିବା ସାର ସରକାର ପ୍ରଦାନ କରୁଛନ୍ତି। ହେଲେ ବିରୋଧୀ କିଛି ନ ବୁଝି ଅଯଥା ବିରୋଧ କରୁଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି। ଅନ୍ୟପକ୍ଷରେ ସାର ଯେତେ କମ୍ ବ୍ୟବହାର କରିବ, ସ୍ୱାସ୍ଥ୍ୟ ସେତେ ଭଲ ରହିବ ବୋଲି କୃଷିମନ୍ତ୍ରୀ ତଥା ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ସଫେଇ ଦେଇଛନ୍ତି। ତେବେ ସାରକୁ ନେଇ ଦେଖାଦେଇଥିବା ସଙ୍କଟକୁ ସରକାର ତୁରନ୍ତ ସମାଧାନ କରିବାର ଆବଶ୍ୟକତା ରହିଛି ବୋଲି ସାଧାରଣରେ ମତପ୍ରକାଶ ପାଇଛି।

# ଅବକାରୀ ଚଢ଼ଉ, ୧୦ ଲକ୍ଷ ଟଙ୍କାର ମହୁଲ ପୋଚ ନଷ୍ଟ



ଡୁରୁମୁଙ୍ଗା,୨୦।୭(ସମିସ): ସୋମବାର ପାଟଣା ବ୍ଲକ ବାଉଁଶୁଳି ପଞ୍ଚାୟତ ହୀରାପଶି ଗ୍ରାମରେ ବେଆଇନ ଦେଶୀ ମହୁଲି ମଦ କାରବାର ଉପରେ ପୁଲିସ ଓ ଅବକାରୀ ବିଭାଗ ପକ୍ଷରୁ ବଡ଼ ଧରଣର ମିଳିତ ଚଢ଼ଉ କରାଯାଇ ୧୦ ଲକ୍ଷ ଟଙ୍କାରୁ ଅଧିକ ମୂଲ୍ୟର ମହୁଲ ପୋଚ ଜବତ କରାଯାଇ ନଷ୍ଟ କରାଯାଇଛି। ଚଢ଼ଉ ସମୟରେ ପୁଲିସ ଓ ଅବକାରୀ ଟିମ୍‌କୁ ଦେଖି ମଦ ମାଫିଆମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ମାଫିଆମାନେ ନଦୀକୂଳ ସମେତ ବିଭିନ୍ନ ସ୍ଥାନରେ ମାଟି ତଳେ ଲୁଚାଇ ରଖିଥିବା ୧୧ ହଜାର କେଜି ମହୁଲ ପୋଚ ସହ ୮ ଶହ ଲିଟର ମହୁଲି ମଦ କୁ ଖୋଳି ବାହାର କରାଯାଇ ନଷ୍ଟ କରାଯାଇଥିଲା। ମାଫିଆ ମାନେ ଏଠାରେ ବେଆଇନ ଭାବେ ଦେଶୀ ମହୁଲି ମଦ ପ୍ରସ୍ତୁତ କରି ବିଭିନ୍ନ ଅଞ୍ଚଳକୁ ଚୋରା ଚାଲାଣ କରୁଥିଲେ। ଏହି ଚଢ଼ଉରେ ମାଜିଷ୍ଟ୍ରେଟ ଭାବେ ପାଟଣା ଅତିରିକ୍ତ ତହସିଲଦାର ରବିଶଙ୍କର ହେମ୍ବ୍ରମ, ସଦର ଅବକାରୀ ଅଭିରାମ ବେହେରାଙ୍କ ସମେତ ପାଟଣା ଅବକାରୀ ଥାନା ଅଧିକାରୀ ପଦ୍ମାବତୀ ମୁର୍ମୁ, ଡୁରୁମୁଙ୍ଗା ଥାନା ଏସ୍ ଆଇ ସୁରେଶ ସାହୁଙ୍କ ସମେତ ଉପସ୍ଥିତ ପୁଲିସ କର୍ମଚାରୀ ଏବଂ ଏପିଆର୍ ଫୋର୍ସ ସାମିଲ ଥିଲେ।

**■ ବାଲିଅନ୍ତା ଭିଡ଼ ହତ୍ୟା ମାମଲା**

## କ୍ରାଇମ୍‌ବ୍ରାଞ୍ଚ ଧରିପାରୁନି, ୫ଜଣଙ୍କୁ ପଳାତକ ଘୋଷଣା

ଭୁବନେଶ୍ୱର,୨୦।୭(ସମିସ): ବହୁ ଚର୍ଚ୍ଚିତ ଜିଆର୍‌ପି କନ୍‌ଷ୍ଟେବଲ ସୌମ୍ୟ ରଞ୍ଜନ ସ୍ୱାଇଁ ଭିଡ଼ହତ୍ୟା ମାମଲାରେ କ୍ରାଇମ୍‌ବ୍ରାଞ୍ଚ ବି ଫେଲ୍ ମାରିଲା। ଏହି ମାମଲାରେ ଉନ୍ନତ ତଦନ୍ତ ପାଇଁ କମିଶନରେଟ୍ ପୁଲିସ ଠାରୁ ମାମଲା ନିଆଯାଇ କ୍ରାଇମ୍‌ବ୍ରାଞ୍ଚକୁ ଦିଆଯାଇଥିଲା। ଏହି ଭରସାରେ ଦିଆଯାଇଥିଲା ଯେ, ସମସ୍ତ ଅଭିଯୁକ୍ତଙ୍କୁ କ୍ରାଇମ୍‌ବ୍ରାଞ୍ଚ ଗିରଫ କରିବ। ହେଲେ କ୍ରାଇମ୍‌ବ୍ରାଞ୍ଚ ଦ୍ୱାରା ସେସବୁ ହୋଇ ପାରିଲା ନାହିଁ। ଭିଡ଼ହତ୍ୟା ମାମଲାରେ ୫ଅଭିଯୁକ୍ତ ଚିହ୍ନଟ ହୋଇଥିଲା ବେଳେ ଏବେବି ସେମାନେ ଗିରଫଦାରୀରୁ ବାହାରେ। ଶେଷରେ ବାଧ୍ୟ ହୋଇ କ୍ରାଇମ୍‌ବ୍ରାଞ୍ଚ ସେମାନଙ୍କୁ ପଳାତକ ଘୋଷଣା କରିଛି।

ସୌମ୍ୟଙ୍କ ତାଙ୍କ ପରିବାର ଲୋକେ ବାରମ୍ବାର ନ୍ୟାୟ ମାଗୁଛନ୍ତି। ଭିଡ଼ହତ୍ୟାରେ ସାମିଲଥିବା ସମସ୍ତ ଅଭିଯୁକ୍ତଙ୍କୁ ଜେଲ ଭିତରେ ଦେଖିବାକୁ ଚାହୁଁଛନ୍ତି। ବାରମ୍ବାର ଏଥିପାଇଁ ଧାରଣା ଦେଉଛନ୍ତି। ଏପରିକି ଭିଡ଼ହତ୍ୟାକୁ ଏହାମଧ୍ୟରେ ୭୫ଦିନ ବିତି ଯାଇଥିଲେ ମଧ୍ୟ କ୍ରାଇମ୍‌ବ୍ରାଞ୍ଚ ସମସ୍ତ ଅଭିଯୁକ୍ତମାନଙ୍କ ନିକଟରେ ପହଁଞ୍ଚି ପାରିଲା ନାହିଁ। ପୁଲିସ ଫାନ୍ଦ ସତେ ଯେମିତି ସେମାନଙ୍କ ପାଇଁ ସମ୍ପୂର୍ଣ୍ଣ ଭାବେ ଅପହଞ୍ଚ।

ସୂଚନାଯୋଗ୍ୟ, ଗତ ମେ' ମାସ ୭ ତାରିଖରେ ଜିଆର୍‌ପି କନ୍‌ଷ୍ଟେବଲ୍‌ଙ୍କୁ ବାଲିଅନ୍ତା କାଜ ନିକଟରେ ଅତ୍ୟନ୍ତ ନିର୍ମମ ଭାବେ ଭିଡ଼ ହତ୍ୟା କରିଥିଲା। ଏହାପରେ ବାଲିଅନ୍ତା ଥାନା ପୁଲିସ ପ୍ରଥମେ ୧୧ଜଣଙ୍କୁ ଗିରଫ କରିଥିଲା ବେଳେ କ୍ରାଇମ୍‌ବ୍ରାଞ୍ଚ ୯ ଜଣଙ୍କୁ ଗିରଫ କରିଥିଲା। ଏହି ମାମଲାରେ ମୋଟ୍ ୨୦ଜଣଙ୍କୁ ରାଜ୍ୟ ପୁଲିସ ଗିରଫ କରିଛି। ଅନ୍ୟପକ୍ଷରେ ଏହି ମାମଲାରେ ସୌମ୍ୟଙ୍କ ସହଯୋଗୀ ଓମ୍‌ଙ୍କ ୩ ଜୁଲାଇରେ ନାର୍କୋଟେଷ୍ଟ ହୋଇଥିଲା। ଯାହାର ରିପୋର୍ଟ ଆସିଯାଇଛି ବୋଲି କ୍ରାଇମ୍‌ବ୍ରାଞ୍ଚ ପକ୍ଷରୁ କୁହାଯାଇଛି।

**■ ଗାଦିମଡା ଓଏଫ୍ଏସ୍‌ଙ୍କୁ ସରକାରଙ୍କ ଚେତାବନୀ**

## ନୂତନ ସ୍ଥାନରେ ଯୋଗ ନ ଦେଲେ ଦରମା ବନ୍ଦ

ଭୁବନେଶ୍ୱର,୨୦।୭(ସମିସ): ବଦଳି ନିର୍ଦ୍ଦେଶନାମା ବାହାରିବା ସତ୍ତ୍ୱେ କିଛି ବାବୁ ନିଜ ପୂର୍ବ ସ୍ଥାନ ଛାଡ଼ି ଯିବାକୁ ମଙ୍ଗୁନାହାନ୍ତି। ଏପରିକି ବାରମ୍ବାର ତାଗିଦା ସତ୍ତ୍ୱେ ସେମାନେ ନୂଆ ସ୍ଥାନରେ ଯୋଗ ମଧ୍ୟ ଦେଉନାହାନ୍ତି। ଏପରି ଗାଦିମଡ଼ା ବାବୁଙ୍କ ବିରୋଧରେ କଠୋର ହୋଇଛନ୍ତି ରାଜ୍ୟ ସରକାର। ଜୁଲାଇ ୨୦ ତାରିଖ ଅର୍ଥାତ୍ ସୋମବାର ସୁଦ୍ଧା ଯଦି ଉକ୍ତ ଅଧିକାରୀମାନେ ନୂତନ କାର୍ଯ୍ୟସ୍ଥଳରେ ଯୋଗ ନ ଦିଅନ୍ତି, ତାହେଲେ ସେମାନଙ୍କ ଦରମା ବନ୍ଦ କରାଯିବ ବୋଲି ରୋକଠୋକ୍ ଶୁଣାଇଦେଇଛି ଅର୍ଥ ବିଭାଗ।

ବଦଳି ଆଦେଶକୁ ଅବହେଳା କରୁଥିବା ଓଏଫଏସ-୧ (ଜୁନିଅର ବ୍ରାଞ୍ଚ) ଅଧିକାରୀଙ୍କ ବିରୋଧରେ ଓଡ଼ିଶା ସରକାର କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଅର୍ଥ ବିଭାଗ ପକ୍ଷରୁ ଗତ ୧୭ ତାରିଖରେ ଜାରି ହୋଇଥିବା ଏକ ନିର୍ଦ୍ଦେଶନାମାରେ ବଦଳି ହୋଇଥିବା ଅଧିକାରୀମାନଙ୍କୁ ୨୦ ତାରିଖ ସୁଦ୍ଧା ନୂତନ କାର୍ଯ୍ୟସ୍ଥଳରେ ନିଶ୍ଚିତ ଭାବେ ଯୋଗ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଅର୍ଥ ବିଭାଗ ପକ୍ଷରୁ କୁହାଯାଇଛି ଯେ ପୂର୍ବରୁ ବଦଳି ଓ ରିଲିଭିଂ ସଂକ୍ରାନ୍ତ ଏକାଧିକ ନିର୍ଦ୍ଦେଶ ଜାରି କରାଯାଇଥିଲେ ମଧ୍ୟ କିଛି ଅଧିକାରୀ ଏପର୍ଯ୍ୟନ୍ତ ପୂର୍ବ କାର୍ଯ୍ୟସ୍ଥଳରୁ ମୁକ୍ତ ହୋଇନାହାନ୍ତି କିମ୍ବା ନୂତନ କାର୍ଯ୍ୟସ୍ଥଳରେ ଯୋଗ ଦେଇନାହାନ୍ତି। ସରକାରଙ୍କ ମତରେ ଏହା ସରକାରୀ ଆଦେଶର ଇଚ୍ଛାକୃତ ଅବମାନନା ସଦୃଶ। ୨୦ ତାରିଖ ସୁଦ୍ଧା ଯୋଗ ନ ଦେଲେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ପ୍ରଚଳିତ ନିୟମ ଅନୁଯାୟୀ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେହିପରି ଯେଉଁ ଅଧିକାରୀମାନେ କାର୍ଯ୍ୟମୁକ୍ତ ହୋଇସାରିଛନ୍ତି; କିନ୍ତୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ନୂତନ କାର୍ଯ୍ୟସ୍ଥଳରେ ଯୋଗ ଦେବେ ନାହିଁ, ସେମାନଙ୍କୁ ୨୧ ତାରିଖଠାରୁ ଯୋଗଦାନ କରିବା ପର୍ଯ୍ୟନ୍ତ ଦରମା ପ୍ରଦାନ ନ କରାଯାଇପାରେ ବୋଲି ସ୍ପଷ୍ଟ କରାଯାଇଛି।

**GOVERNMENT OF ODISHA** 25001/774/2627

**OFFICE OF THE EXECUTIVE ENGINEER, RWS&S DIVISION, NABARANGPUR**

E-Mail: eerwssngp@gmail.com

Bid Identification No. 07/RWSS-NGP/2026-27/Date:20-07-2026

The Executive Engineer, RWS&S Division, Nabarangpur on behalf of the Governor of Odisha invites Percentage Rate Bids in Single cover (P1 contract) from the eligible class of experienced registered contractors through e-Tendering system for the Piped water supply works as detailed in DTCN. The bid should be submitted on-line in the website www.tenderorissa.gov.in separately for the works.

| | | |
|---|---|---|
| 1 | Nature of work | SUPPLYING ALL LABOUR T&P FOR LAYING OF DISTRIBUTION NETWORK PIPELINE INSTALLATION OF SLUICE VALVE & CHAMBER DAMAGED DURING PWD ROAD WIDENING WORK AT PWS TO BADABHARANDI & PUJARIGUDA OF BADABHARANDI G.P UNDER UMERKOTE BLOCK |
| 2 | Time period for completion | Two (2) Month. |
| 3 | Estimated Cost | Rs. 12.04 Lakhs |
| 4 | Total Nos of works | 1 Nos. |
| 5 | Tender cost | Rs. 6,000.00/- Each. |
| 6 | Class of Contractor | "D" & "C" |
| 7 | Availability of Bid document in the web site | Dt.24.07.2026 at 01.00 hours to 31.07.2026 up to 17.00 hours. |
| 8 | Last Date of Seeking clarification | During the Office hours of 30.07.2026 up to 01.00 hours |
| 9 | Date of Opening of Bid | Dt. 01.08.2026 at 11.00 AM |

***Note:** *The amount put to tender is exclusive of GST. The intending bidders should offer their rates which shall be exclusive of GST applicable as per norms. GST applicable on works contract shall be paid over the bill amount at the time of payment of bill.*

Further details can be seen in the bidding documents which is available in the e-procurement portal https://www.tendersorissa.gov.in. Subsequent corrigendum, if required, shall be appeared in the website. Authority reserves the right to reject any or all tenders without assigning any reason thereof.

**Superintending Engineer**
**R.W.S.&S. Division, Nabarangpur**

OIPR-25001/25028/1/26-27/0008

**OFFICE OF THE NOTIFIED AREA COUNCIL, GUDARI**

ବିଜ୍ଞାପିତ ଅଞ୍ଚଳ ପରିଷଦ, ଗୁଡାରି

DIST. – RAYAGADA, PIN CODE – 765026

e-Mail ID: gudarin.hud@gmail.com, gudarinac.hud@gmail.com

No. 1103 /2026 Date: 18/07/2026

13001/11229/2627

**"e"- TENDER NOTICE**

**Bid Identification No. GUD-NAC-01/2026-27**

Bid documents consisting of 01 (One) No. of Sanitation Work with their Estimated Cost (Work Value), Cost of Tender Paper, E.M.D, Time of Completion, Class of Contractors, Additional Performance Security Deposit and the set of Terms and Conditions applicable for the contract and other required necessary documents can be seen in the Government Website (i.e., http://tendersodisha.gov.in).

| | | |
|---|---|---|
| 1 | Name of the Work | Selection of Contractor/ Agency for execution of operation and management of Sanitation Work to maintain sanitation works in 11 (Eleven) Wards of Gudari NAC, Dist.- Rayagada |
| 2 | No of the work | 01 (One) No. |
| 3 | Estimated costs | As mentioned in the DTCN |
| 4 | Periods of the completion | As mentioned against the work in the NIT / DTCN. |
| 5 | Date & Time of Availability of Bid Documents on the Portal | From Dated : 20.07.2026, 11:00 A.M hrs<br>To Dated : 06.08.2026, 05:00 P.M hrs |
| 6 | Bids received online to be opened on | Dated 07.08.2026, 11:00 P.M hrs |
| 7 | Name and Address of the Officer inviting the Bid | The Executive Officer, Gudari NAC, Gudari |

**Further details can be seen from the Procurement Portal:** http://tendersodisha.gov.in.

**Executive Officer**
**Gudari NAC**

OIPR-13001/13184/1/26-27/0001

यूनियन बैंक ऑफ इंडिया Union Bank of India — भारत सरकार का उपक्रम — A Government of India Undertaking

**ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**
**କ୍ଷେତ୍ରୀୟ କାର୍ଯ୍ୟାଳୟ: ଭୁବନେଶ୍ୱର**
**୩/୧ଏ, ସିଭିକ୍ ସେଣ୍ଟର, ଆଇଆର୍‌ସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫**

**ଡିମାଣ୍ଡ ନୋଟିସ୍**

ସିକ୍ୟୁରିଟି ଇଣ୍ଟରେଷ୍ଟର ଏନ୍‌ଫୋର୍ସମେଣ୍ଟ ନିମନ୍ତେ ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ନୋଟିସ୍

**ବିଷୟ:** ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୩) ସହିତ ଧାରା ୧୩(୨) ଅନୁଯାୟୀ ନୋଟିସ୍

ଆମେ ନିମ୍ନଲିଖିତ ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/ବନ୍ଧକଦାତାଙ୍କୁ ଜଣାଇ ଦେଉଛୁ କି ସେମାନେ ଆମର **ସାମନ୍ତପୁର ଶାଖା**ରୁ ନିମ୍ନଲିଖିତ ଋଣ ସୁବିଧା ଉପଲବ୍ଧ କରିଛନ୍ତି ଏବଂ ସେମାନେ ବକେୟା ଦେୟ / କିସ୍ତି / ସୁଧ ପରିଶୋଧ କରିନଥିବାରୁ ଭାରତୀୟ ରିଜର୍ଭ ବ୍ୟାଙ୍କର ନିର୍ଦ୍ଦେଶାବଳୀ ଅନୁସାରେ ସେମାନଙ୍କର ନିମ୍ନଲିଖିତ ଆକାଉଣ୍ଟ ଏନ୍‌ପିଏ ଶ୍ରେଣୀଭୁକ୍ତ ହୋଇଛି। କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସରଫେଶୀ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁଯାୟୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ସାମନ୍ତପୁର ଶାଖା**ର ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/ବନ୍ଧକଦାତାଙ୍କୁ ବ୍ୟାଙ୍କ ଦେୟ ପଇଠ କରିବା ନିମନ୍ତେ ଡିମାଣ୍ଡ ନୋଟିସ୍ ଜାରି କରାଯାଇଥିଲା କିନ୍ତୁ ନିମ୍ନଦର୍ଶିତ ପକ୍ଷମାନଙ୍କୁ ତାହା ପ୍ରଦାନ କରାଯାଇପାରିନଥିଲା। ତେଣୁ ଏହି ପ୍ରକାଶନଟି ସମସ୍ତ ପକ୍ଷଙ୍କୁ ଏକ ବିକଳ୍ପ ସେବା ଅଟେ। ସେମାନଙ୍କର ଆକାଉଣ୍ଟର ମୋଟ ବକେୟା ପରିମାଣ ନିମ୍ନ ଦର୍ଶିତ ସ୍ତମ୍ଭରେ ଦର୍ଶାଯାଇଛି। ସବିଶେଷ ବିବରଣୀ ନିମ୍ନରେ ପ୍ରଦତ୍ତ:

| ଶାଖା / ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/ ବନ୍ଧକଦାତାଙ୍କ ନାମ ଓ ଠିକଣା | ଋଣ ପ୍ରକାର | ଏନ୍‌ପିଏ ତାରିଖ /ଡିମାଣ୍ଡ ତାରିଖ / ମୋଟ ବକେୟା | ସମ୍ପତ୍ତିର ବିବରଣୀ |
|---|---|---|---|
| **ସାମନ୍ତପୁର ଶାଖା / ଋଣଗ୍ରହୀତା/ବନ୍ଧକଦାତା: ଶ୍ରୀ ଧର୍ମପଦ ରାଉତ,** ସା: ସାଇ କୃପା ରେସିଡେନ୍ସି, ଡୁପ୍ଲେକ୍ସ-୭୬, ପ୍ଲଟ୍ ନଂ.: ୬୩୭/୧୬୬୨, ବାଲିଅନ୍ତା, ଭୁବନେଶ୍ୱର-୭୫୨୧୦୧ / **କୋ-ଆପ୍ଲିକାଣ୍ଟ: ଶ୍ରୀ ସୁଧାଂଶୁ କୁମାର ରାଉତ,** ପିତା: ଜଗବନ୍ଧୁ ରାଉତ, ସା: ରାଣିଓଲା, କସରଦା, ନିଆଳି, କଟକ-୭୫୪୧୦୫ | ୧) ୟୁନିୟନ୍ ହୋମ୍ ୨) ୟୁନିୟନ୍ ମଡଗେଜ୍ | ୧୪.୦୬.୨୦୨୬ / ୧୪.୦୭.୨୦୨୬ / ୧୪.୦୬.୨୦୨୬ ସୁଦ୍ଧା ଟ.୪୦,୩୧,୮୮୯.୭୪ | ଶ୍ରୀ ଧର୍ମପଦ ରାଉତଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଦୁଇମହଲା ବିଶିଷ୍ଟ ବିଲ୍ଡିଂର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୬୩୭/୧୬୬୨, ଖାତା ନଂ.: ୫୬୧/୭୮୮, ଡୁପ୍ଲେକ୍ସ – ୭୬, ସାଇ କୃପା ରେସିଡେନ୍ସି, କ୍ଷେତ୍ର: ଏକର୦.୦୪୩ ଡିସିମିଲି, ମୌଜା: ଜିତିକାରସୁଆଁଲୋ, ତହସିଲ: ବାଲିଅନ୍ତା, ଜିଲ୍ଲା: ଖୋର୍ଦ୍ଧା, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: ରେଭିନ୍ୟୁ ପ୍ଲଟ୍ ନଂ.: ୬୪୦, ପୂର୍ବ: ସବ୍ ପ୍ଲଟ୍ ନଂ.: ୭୫, ପଶ୍ଚିମ: ସବ୍ ପ୍ଲଟ୍ ନଂ.: ୮୬ |

ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ଆପଣମାନଙ୍କୁ ଉପରଦର୍ଶିତ ସ୍ତମ୍ଭରେ ଲିଖିତ ମୋଟ ବକେୟା ପରିମାଣ ସହିତ ଚୁକ୍ତି ହାରରେ ପରବର୍ତ୍ତୀ ସୁଧ ଏବଂ ଦେୟ, ଆପଣମାନଙ୍କ ଦ୍ୱାରା ସମ୍ପାଦିତ ଋଣ କାଗଜାତ୍ର ନିୟମ ଓ ସର୍ତ୍ତାବଳୀ ଅନୁଯାୟୀ ସମ୍ପୂର୍ଣ୍ଣ ବକେୟା ପରିମାଣ ଏହି ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପୈଠ କରିବାକୁ ପଡ଼ିବ। ଅନ୍ୟଥା ଆମେ କଥିତ ବନ୍ଧକପ୍ରାପ୍ତ ସମ୍ପତ୍ତିକୁ କଥିତ ଆକ୍ଟରେ ଦିଆଯାଇଥିବା କୌଣସି କିମ୍ବା ସମସ୍ତ ଅଧିକାରର ପ୍ରୟୋଗ କରି ନିଜ ଦଖଲକୁ ନେବାକୁ ବାଧ୍ୟ ହେବୁ। ଆକ୍ଟର ଧାରା ୧୩(୧୩) ଅନୁଯାୟୀ ଆପଣମାନେ ଏହି ନୋଟିସ୍ ପାଇବା ପରେ ବ୍ୟାଙ୍କର ବିନା ଅନୁମତିରେ ଉପରବର୍ଣ୍ଣିତ ବନ୍ଧକ ସମ୍ପତ୍ତିକୁ ବିକ୍ରୟ କିମ୍ବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିପାରିବେ ନାହିଁ। **ଏତଦ୍ୱାରା ଆପଣମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ସରଫେଶୀ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରିପାରିବେ।**

**ସ୍ଥାନ: ଭୁବନେଶ୍ୱର**
**ତାରିଖ: ୨୦.୦୭.୨୦୨୬**

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

**NOTICE**
**(above 18 yeras of age)**

By virtue of an affidavit sworn before Notary Public, Udala, Mayurbhanj, dated 15-07-2026 I, Saban Soren, Villege - Baidakholi, P.O- Badkhaman, P.S- Udala, Dist- Mayurbhanj, Pin- 757077, Odisha declare that I have changed my name from Suban Soren to Saban Soren. Henceforth, I shall be known as **Saban Soren** for all purposes.

(Saban Soren)

**AFFIDAVIT**

By virtue of an affidavit No 2061, dtd- 22/04/2026 sworn before The Executive Magistrate Sambalpur. I, **Sarwan Kumar Dalmia**, S/o Prahallad Rai Dalmia, resident of Sindurpank, PO- Sindurpank, PS- Sadar, Dist- Sambalpur, Odisha, PIN:768005 declare that I have changed my name from **Sraban Chandra Dalmia** to **Sarwan Kumar Dalmia** and my correct date of birth is **17/11/1969.** Henceforth, I shall be known as **Sarwan Kumar Dalmia** (new name) for all purposes.

**AFFIDAVIT**

I, Dashrathi Bayalal Tandi, aged about 47 years, S/o- Late Bayalal Tandi, resident of At/Po- Kotagaon, Mandal Kalampur, Ps-Jaipatna, Dist- Kalahandi, PIN- 766013, Odisha declared by this affidavit No. 1451, dtd- 18/07/2026 that now onwards I shall be known as **DASHRATHI TANDI** for all future purposes.

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.ST-OT-AXLECOUNTER-KUR-576, ତାରିଖ: 13.07.2026

**କାର୍ଯ୍ୟର ନାମ:** ଖୋର୍ଦ୍ଧା ରୋଡ଼ ମଣ୍ଡଳରେ IB ଠାରେ ଓଭରଲାପ୍ ଟ୍ରାକ୍ ସହିତ ସମାନ୍ତରାଳ ଭାବେ ଡିଜିଟାଲ ଏକ୍ସିଲ କାଉଣ୍ଟର ବ୍ୟବସ୍ଥା।

**ଟେଣ୍ଡର ମୂଲ୍ୟ:** ₹5,13,57,153.00, EMD: ₹10,27,200.00.

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** 04.08.2026, 11.00 ଘଣ୍ଟାରେ।

ବିଡ୍ ଆରମ୍ଭ ହେବା ତାରିଖ: 21.07.2026

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ କରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (firm)ର ଲେଟର ହେଡ୍‌ରେ ଦିଆଯାଇଥିବ ଏବଂ ଠିକ୍ ସମୟରେ ମିଳିଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଦ୍ଧକ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ www.ireps.gov.inରେ ଉପଲବ୍ଧ ଅଟେ।

**ଦ୍ରଷ୍ଟବ୍ୟ:** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ଅବଲୋକନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି।

ବରିଷ୍ଠ ମଣ୍ଡଳ ସଂକେତ ଓ ଦୂରସଂଚାର ଯନ୍ତ୍ରୀ/ ଖୋର୍ଦ୍ଧା ରୋଡ

PR-308/R/26-27

**NOTICE FOR LOSS OF DOCUMENTS**

Notice is hereby given from Rina Rani Samantaray, W/o: Dushmanta Samantaray that, he has applied for loan to LIC HFL. But at present, his vendor namely Santanu Kumar Mohapatra has lost the Original Link Documents i.e. **Regd. Sale Deed No.: 969, Dtd.: 25.05.2009** executed by Sri Chakradhar Prusty in favour of Swatik Smriti Das & Original Mutation ROR of Khata No.: 240/557, Plot No.: 20/1199 which were kept with her and in-spite of her best efforts, failed to trace the same. Therefore, notice is hereby given to general public that if anybody has got any right, title, interest over the property on the missing documents, he/she has to claim before the LIC HFL At: Chandrasekharpur, Bhubaneswar within 15 days from the date of publication. And after that the document will lose its legal force and LIC HFL, Bhubaneswar will not be responsible for any claim What-so-ever on the property after 15 days.

**Address for Communication:**
**LIC HFL, Chandrasekharpur, Bhubaneswar, Suvashish Pattanaik, Advocate, Mob. No. 9861096779**

### ବେଆଇନ ଗଚ୍ଛିତ ବାଲିକୁ ନିଲାମ କଲା ପ୍ରଶାସନ

# ମାଫିଆଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଚେତାବନୀ

ରାଜଘାଟ,୨୦।୭ (ସମିସ)



ବେଆଇନ ଭାବେ ଗଚ୍ଛିତ ରଖାଯାଇଥିବା ୧୦ହଜାର ଘନମିଟର ବାଲିକୁ ଆଜି ପ୍ରଶାସନ ନିଲାମ କରିଛି। ଜିଲ୍ଲା ଖଣି ବିଭାଗ, ତହସିଲ ପ୍ରଶାସନ ଓ ଜଳେଶ୍ୱର ପୁଲିସର ମିଳିତ ଚଢ଼ଉରେ ଏହି ବାଲି ଜବତ ହୋଇଥିଲା। ବସ୍ତା ବ୍ଲକ୍ ରାଜଘାଟ ପୋଲ, ସୀମାନ୍ତ ଏକତାଳି ମୌଜାର ସୁବର୍ଣ୍ଣରେଖା ନଦୀ ଗର୍ଭରେ ଦୁଇଟି ସ୍ଥାନରେ ବିନା ଅନୁମତିରେ ବାଲି ଗଚ୍ଛିତ ରଖାଯାଇଥିବା ଖବର ପାଇ ଜିଲ୍ଲା ଖଣିଅଧିକାରୀଙ୍କ ନେତୃତ୍ୱରେ ଏକ ଟିମ୍ ଚଢ଼ଉ କରିଥିଲା। ଚଢ଼ଉ ବେଳେ ପ୍ରାୟ ୧୦ହଜାର ଘନମିଟର ବାଲି ଜବତ କରାଯାଇଥିଲା। ଜବତ ହୋଇଥିବା ବାଲିକୁ ଆଜି ଉକ୍ତ ସ୍ଥାନରେ ସରକାରୀ ନିୟମ ଅନୁଯାୟୀ ଖୋଲା ନିଲାମ କରାଯାଇଥିଲା। ନିଲାମ ପ୍ରକ୍ରିୟାରେ ସାତ ଜଣ ନିଲାମ ଧାରୀ ଭାଗ ନେଇଥିବା ବେଳେ ଯାହାର ସରକାରୀ ମୂଲ୍ୟ ୧୧ଲକ୍ଷରୁ ଆରମ୍ଭ ହୋଇ ସର୍ବାଧିକ ୮୪ଲକ୍ଷ୭୨ହଜାର୫ଶହ ଟଙ୍କା ମୂଲ୍ୟରେ ଭୁବନେଶ୍ୱରର ଏକ ଘରୋଇ କମ୍ପାନୀ ଯାହାର ପ୍ରତିନିଧି ଜିତେନ୍ଦ୍ର ପ୍ରଧାନ ନାମକ ଯୁବକ ହାତେଇଛନ୍ତି। ଖଣି ଅଧିକାରୀ ଅଭିଷେକ ବେହେରା କହିଲେ, ଅଞ୍ଚଳରେ ବେଆଇନ ବାଲି ଉଠାଣ ଓ ଗଚ୍ଛିତ ରଖିବା ଉପରେ କଡା ନଜର ରଖାଯାଇଛି, ଯେଉଁମାନେ ସରକାରୀ ନିୟମ ଉଲଂଘନ କରି ବାଲି ଚୋରା କାରବାର କରୁଛନ୍ତି ସେମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ଏବଂ ଆଗକୁ ଆହୁରି ଜୋରଦାର ଚଢାଉ କରାଯିବ, ସାଧାରଣ ଲୋକେ ବି ବେଆଇନ ବାଲି କାରବାର ଦେଖିଲେ ତୁରନ୍ତ ଖଣି ଅଧିକାରୀଙ୍କୁ ସୂଚନା ଦିଅନ୍ତୁ। ପ୍ରଶାସନର ଏହି ପଦକ୍ଷେପକୁ ସାଧାରଣ ଲୋକେ ସ୍ୱାଗତ କରିଛନ୍ତି।

## ଭକ୍ତି କ୍ଷେତ୍ରରେ ହେରା ପଞ୍ଚମୀ ନୀତି

କାଳିପଦା,୨୦।୭ (ସମିସ): ବାଲିଆପାଳ ବ୍ଲକ ବାଲିକୁଟୀ ପଞ୍ଚାୟତ ମାନ୍ଧାତା ବଜାର ଭକ୍ତି କ୍ଷେତ୍ରରେ ସୋମବାର ପବିତ୍ର ହେରା ପଞ୍ଚମୀ ପାଳିତ ହୋଇଯାଇଛି। ପ୍ରାତଃରୁ ଏଥି ପାଇଁ ଶ୍ରୀଜିଉ ମାନଙ୍କର ସମସ୍ତ ନୀତି କାନ୍ତି ଆରମ୍ଭ ହୋଇ ଥିଲା। ସନ୍ଧ୍ୟାକୁ ମାତା ଲକ୍ଷ୍ମୀଙ୍କ ନିର୍ଦ୍ଦେଶ ରେ କେତେକ ସେବାୟତ ମନ୍ଦିରରୁ ଆସି ରଥ ଗୁଡ଼ିକୁ ଭଙ୍ଗା ରୁଜ୍ଞା କରିଛନ୍ତି। ଏହା ଏକ ପରମ୍ପରା। ମାତା ଲକ୍ଷ୍ମୀଙ୍କୁ ପ୍ରଭୁ ଜଗନ୍ନାଥ ସାଙ୍ଗରେ ନ



ଆଣି ମାଉସୀ ମନ୍ଦିର ଘରକୁ ଆସି ଥିବାରୁ ଲକ୍ଷ୍ମୀ କ୍ରୋଧିତ ହୋଇ ଏପରି କରି ଥାନ୍ତି। ଭକ୍ତିକ୍ଷେତ୍ରରେ ଶହ ଶହ ଭକ୍ତଙ୍କୁ ମଧ୍ୟାହ୍ନରେ ଜଗନ୍ନାଥ ଜୀଉ ସେବକ ନିଯୋଗ ପକ୍ଷରୁ ସମୂହ ପ୍ରସାଦ ବଣ୍ଟନ କରାଯାଇଥିଲା। ଭକ୍ତି କ୍ଷେତ୍ରର ଜଗନ୍ନାଥ ଜୀଉ ସେବକ ନିଯୋଗର ସଭାପତି ଗୋପାଳ କୃଷ୍ଣ ପାତ୍ର, ସମ୍ପାଦକ ସନାତନ ପାତ୍ର , ବରିଷ୍ଠ ସଭ୍ୟ ସରୋଜ କୁମାର ତୋଳା, ବିଜୟ କୁମାର ଦାସ, ମନୋରଞ୍ଜନ ଦାସ, ଅନାଦି ଚରଣ ଗିରି, ସୁକୁମାର ଦାସ, ଅକ୍ଷୟ କୁମାର ପଣ୍ଡା, ସର୍ବେଶ୍ୱର ପାତ୍ର, ଦେବେନ୍ଦ୍ର ଗିରି, ବୈକୁଣ୍ଠ ରାଉତ ଓ ମହାବଳା ଗୁଣ୍ଡିଚା ମନ୍ଦିର ଭକ୍ତବୃନ୍ଦ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ସାବିତ୍ରୀ ହାଇସ୍କୁଲ ପୁରାତନ ଛାତ୍ର ସଂସଦ ପକ୍ଷରୁ ବନମହୋତ୍ସବ ସପ୍ତାହ




ବାଲେଶ୍ୱର,୨୦।୭ (ସମିସ): ବନମହୋତ୍ସବ ସପ୍ତାହ ପାଳନ ଅବସରରେ ସହରର ଗୋପାଳଗାଁ ସ୍ଥିତ ସାବିତ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ପୁରାତନ ଛାତ୍ର ସଂସଦ ପକ୍ଷରୁ ବନ ମହୋତ୍ସବ ପାଳିତ ହୋଇଛି। ଛାତ୍ର ସଂସଦର ସଭାପତି ଡ ଲକ୍ଷ୍ମୀନାରାୟଣ ମହାନ୍ତି ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିଜେ ଗଛ ଲଗାଇବା ସହ ଅନ୍ୟମାନଙ୍କୁ ଗଛ ଲଗାଇବା ପାଇଁ ଆହ୍ୱାନ କରିଥିଲେ। ସେହିପରି ସାମ୍ପ୍ରତିକ ସ୍ଥିତିରେ ପ୍ରଦୂଷଣର ମାତ୍ରା ବଢ଼ି ଚାଲିଥିବା ବେଳେ ଏହାକୁ ନିୟନ୍ତ୍ରଣ କରିବା ପାଇଁ ବୃକ୍ଷ ରୋପଣର ଆବଶ୍ୟକତା ଉପରେ ମଧ ଗୁରୁତ୍ୱାରୋପ କରିଥିଲେ। ଛାତ୍ର ସଂସଦର ସଦସ୍ୟ ଦର୍ପ ନାରାୟଣ ଦାସ, ପ୍ରଶାନ୍ତ ମହାନ୍ତି, ଅନୁପ ଚାଟାର୍ଜୀ, ଦୁଷ୍ମନ୍ତ କୁମାର ଦାସ, ପ୍ରଦୀପ କୁମାର ମହାନ୍ତି, ହସିନା ବିବି, ପ୍ରଧାନଶିକ୍ଷୟିତ୍ରୀ ସ୍ୱପ୍ନା ମହାପାତ୍ର, ବନଲତା ପ୍ରଧାନ, ଲକ୍ଷ୍ମୀପ୍ରିୟା ଜେନା, ସନ୍ଧ୍ୟାରାଣୀ ନାୟକ, ପଙ୍କଜିନୀ ପଣ୍ଡା ପ୍ରମୁଖ ଯୋଗଦେଇ ବନ ମହୋତ୍ସବ ସପ୍ତାହ ପାଳନର ଆଭିମୁଖ୍ୟ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ସଚେତନ କରାଇଥିଲେ। ଏହି ଅବସରରେ ନୂତନ ଭାବେ ଯୋଗଦେଇଥିବା ପ୍ରଧାନ ଶିକ୍ଷୟିତ୍ରୀ ଶ୍ରମତୀ ମହାପାତ୍ରଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।

## ‘ଶିକ୍ଷା ବଞ୍ଚାଅ, ଗଣତନ୍ତ୍ର ସୁରକ୍ଷା କର’




ବାଲେଶ୍ୱର,୨୦।୭ (ସମିସ): ଶିକ୍ଷା ବଞ୍ଚାଅ, ଗଣତନ୍ତ୍ର ସୁରକ୍ଷା କର ଦାବି ନେଇ ଆଜି ଫାଣ୍ଡି ଛକ ଠାରେ ଏକ ପ୍ରତିବାଦ ସଭା ସିଟୁ ଜିଲ୍ଲା ସଭାପତି ରାଜକିଶୋର ଲେଙ୍କାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଡାକ୍ତରୀ ପରୀକ୍ଷା ପ୍ରଶ୍ନପତ୍ର ପ୍ରଘଟ ମାମଲାର ତଦନ୍ତ ସହ ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବିକରି ଆଜି ପ୍ରତିବାଦ ସଭା କରାଯାଇଛି। ପରିବେଶ ବିଜ୍ଞାନୀ ସୋନମ ୱାଙ୍ଗଚୁକ୍ ୨୧ଦିନ ଅନଶନରେ ଦିଲ୍ଲୀର ଜନ୍ତରମନ୍ତର ଠାରେ ବସିଥିଲେ। ତାଙ୍କୁ ପୋଲିସ ପକ୍ଷରୁ ଗିରଫ କରାଯାଇଛି। ଏହାକୁ ତୀବ୍ର ନିନ୍ଦା କରାଯାଇଛି। ଆଗାମୀ ଦିନରେ ଛାତ୍ର, ଛାତ୍ରୀଙ୍କୁ ସଠିକ ପୁସ୍ତକ ଯୋଗାଇ ଦେବା ପାଇଁ ଦାବି କରାଯାଇଛି। ସିଟୁ ର ଉପସଭାପତି ଶିଶିର ହୁଇ, ସିଟୁର ଜିଲ୍ଲା ସାଧାରଣ ସମ୍ପାଦକ ବିଜୟ କୁମାର ପାତ୍ର କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନୀତି ବିରୁଦ୍ଧରେ ଆଲୋଚନା କରିଥିଲେ। ଉକ୍ତ ସଭାରେ ସିଟୁ ରାଜ୍ୟନେତ୍ରୀ ଈଶାନି ଷଡଙ୍ଗୀ, ପୂର୍ଣ୍ଣିମା ବେହେରା, ସୁକାନ୍ତି ବେହେରା ସମେତ ବହୁ ସାଥୀ ଉପସ୍ଥିତ ଥିଲେ।

## ୱାଙ୍ଗଚୁକ୍‌ଙ୍କୁ ସମର୍ଥନ ଜଣାଇ ପ୍ରତୀକ ଅନଶନ

ବାଲେଶ୍ୱର,୨୦।୭ (ସମିସ): ଦେଶ ଓ ରାଜ୍ୟରେ ଶିକ୍ଷା ଓ ପରୀକ୍ଷା ବ୍ୟବସ୍ଥାରେ ସୁଧାର ଆଣିବା ଓ ସୋନମ୍ ୱାଙ୍ଗଚୁକ୍‌ଙ୍କ ଇଂ ଚୁକ୍‌ଙ୍କ ଦାବି ଓ ଆନ୍ଦୋଳନକୁ ସମର୍ଥନ କରି ଆଜି ସକାଳ ୯ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ବାଲେଶ୍ୱର ଶିକ୍ଷା ସୁରକ୍ଷା ମଞ୍ଚ ପକ୍ଷରୁ ୫ ଜଣ ସଦସ୍ୟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତୀକ ଅନଶନରେ ବସିଥିଲେ। ଏହି ଅନଶନକାରୀଙ୍କୁ ସମର୍ଥନ ଜଣାଇ ବାଲେଶ୍ୱରର ସମସ୍ତ ବିରୋଧୀ ରାଜନୈତିକ ଦଳର ନେତୃତ୍ୱ ଓ ବିଭିନ୍ନ ସାମାଜିକ ସଂଗଠନ ଏବଂ ଗଣସଂଗଠନ କର୍ମକର୍ତ୍ତାଙ୍କ ସମେତ ବହୁ ଶିକ୍ଷାବିତ, ଆଇନଜୀବୀ ଓ ବିଶିଷ୍ଟ ବ୍ୟକ୍ତି ବ୍ୟକ୍ତି ବିଶେଷ ଅନଶନ ସ୍ଥଳରେ ଯୋଗ ଦେଇଥିଲେ। ଚଳିତବର୍ଷ ନିଟ୍ ପରୀକ୍ଷା ପ୍ରଶ୍ନପତ୍ର ପ୍ରଘଟ ଫଳରେ କେତେକ ଛାତ୍ରଛାତ୍ରୀ ଆତ୍ମହତ୍ୟା କରିବା ସହ ଅନେକ ଛାତ୍ରଛାତ୍ରୀ ଦ୍ୱିତୀୟ ଥର ପରୀକ୍ଷାରୁ ବଞ୍ଚିତ ହୋଇଛନ୍ତି। କେନ୍ଦ୍ର ଶିକ୍ଷାମନ୍ତ୍ରୀ ନୈତିକତା ଦୃଷ୍ଟିରୁ ଇସ୍ତଫା ଦେବାକୁ ଦାବିକରି ବିଶିଷ୍ଟ ବୈଜ୍ଞାନିକ, ପରିବେଶବିତ୍ ତଥା ଶିକ୍ଷାବିତ୍ ଆମରଣ ଅନଶନରେ ଦୀର୍ଘ ୨୦ ଦିନ ବସିବା ପରେ ଦିଲ୍ଲୀ ପୁଲିସ୍ ତାଙ୍କ ସହ କୌଣସି ଆଲୋଚନା ନକରି ଜୋରଜବରଦସ୍ତ ଉଠାଇନେବା ଘଟଣାକୁ ଅନଶନ ସ୍ଥଳରେ ବକ୍ତାମାନେ ଦୃଢ଼ ନିନ୍ଦାକରିଥିଲେ। ଅନଶନରେ ଶିକ୍ଷା ସୁରକ୍ଷା ମଞ୍ଚର ଆବାହକ ରଘୁନାଥ ଲେଙ୍କାଙ୍କ ସମେତ ସେକ୍ ସଲିମ୍ ରାଜା, ଏମ୍‌ଡି ଇକ୍‌ବାଲ, ଦୁକୁଲ୍‌ଚନ୍ଦ୍ର ଘଡ଼ାଇ ଓ ସେଖ୍ ଅଜଗର ଅଲ୍ଲୀ ଅନଶନକାରୀଙ୍କୁ ବକ୍ତାମାନେ ସମର୍ଥନ ଜଣାଇ ଧନ୍ୟବାଦ ଦେଇଥିଲେ। ଏସ୍‌ଏଫ୍‌ଆଇର ଛାତ୍ରଛାତ୍ରୀ ଶୋଭାଯାତ୍ରରେ ଆସି ଅନଶନସ୍ଥଳରେ ଯୋଗ ଦେଇଥିଲେ। ସାମାଜିକ କର୍ମୀ ଗୌରାଙ୍ଗ ପାଣିଗ୍ରାହୀ ଓ ଡ. ଆମ୍ବେଦକର ବିକାଶ ପରିଷଦର ସଭାପତି ସୁଦର୍ଶନ




ଜେନା ଅନଶନସ୍ଥଳର ସଭାରେ ସଂଯୋଜନା କରିଥିଲେ। ସିପିଆଇ ଜିଲ୍ଲା ସମ୍ପାଦକ ଭାଗବତ ପ୍ରତିହାରୀ, ସିପିଆଇ (ଏମ୍)ର ଜିଲ୍ଲା ସମ୍ପାଦକ ଶିଶିର ହୁଇ, ହୁଜ କଂଗ୍ରେସର ପୂର୍ବତନ ଜିଲ୍ଲା ସଭାପତି ସଞ୍ଜୀବ ଗିରି, ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ, ସୁଦର୍ଶନ ଜେନା, ଇଂ. ସୁକାନ୍ତ ନାୟକ ଓ ସୁଧାଂଶୁ ପରିଡ଼ାଙ୍କ ସମେତ ପୂର୍ବତନ ଜିଲ୍ଲା ପରିଷଦ ସଭାପତି ଗିରୀଶ ଚନ୍ଦ୍ର ଦାଶ, ଛାତ୍ରନେତା ଚନ୍ଦନ କମିଳା, ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ, ଏଆଇଟିୟୁସି ଏଅ ଜାତୀୟ ପରିଷଦ ସଭ୍ୟ ଜୟନ୍ତ ଦାସ ଓ ଜିଲ୍ଲା ସଂପାଦକ ଶ୍ୟାମସୁନ୍ଦର ଜେନା, ସିଆଟିୟୁ ନେତା ନିର୍ମଳ ନାୟକ, ପ୍ରେମରଂଜନ ପାତ୍ର ଓ ଶ୍ୟାମସୁନ୍ଦର ଜେନା, ଆଇନଜୀବୀ ମନୋଜ ନାୟକ, ମହମ୍ମଦ ଇସଲାମ, ତୁଷାରକାନ୍ତି ମହାପାତ୍ର, ଶାନ୍ତନୁ ଦାସ, "ଭିଟାମାଟି ବଞ୍ଚାଅ' ଆନ୍ଦୋଳନର ନେତତା ଅରୁଣ ଜେନା, ବିଜେଡ଼ିର ଯୁବନେତା ଶୁଭେନ୍ଦୁ ମଙ୍ଗରାଜ, ଧିରେନ ନାୟକ, ମାନସ ଦାସପଟ୍ଟନାୟକ, ବରଦାପ୍ରସନ୍ନ ପଟ୍ଟନାୟକ, ବେଣୁଧର ବାରିକ, ଅନିରୁଦ୍ଧ ଦାସ, କମଳାକାନ୍ତ ନାୟକ, ତପନ ସିଟ୍ ଓ ଯତୀନ୍ ପାତ୍ର ପ୍ରମୁଖ ସେମାନଙ୍କ ବକ୍ତବ୍ୟରେ ଅନଶନକାରୀଙ୍କ ଦାବି ଓ ଆନ୍ଦୋଳନକୁ ଦୃଢ଼ ସମର୍ଥନ ଜଣାଇ ଆଗାମୀ ଅନ୍ଦୋଳନ ପାଇଁ ସେମାନଙ୍କ ସହ ଯୋଗର ପ୍ରତିଶ୍ରୁତି ଦେଇଥିଲେ।

## ସିନେମାଛକ ଆଡ଼ପ ମଣ୍ଡପରେ ମହାପ୍ରଭୁଙ୍କ ଦିବ୍ୟଲୀଳା

ବାଲେଶ୍ୱର,୨୦।୭ (ସମିସ): ପବିତ୍ର ଘୋଷଯାତ୍ରାରେ ଶ୍ରୀଗୁଣ୍ଡିଚା ମନ୍ଦିର ଓ ସିନେମା ଛକ ଆଡ଼ପ ମଣ୍ଡପ ଭକ୍ତି ଓ ଉତ୍ସବରେ ଝଲସି ଉଠିଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରହଣି ସମୟର ସ୍ୱତନ୍ତ୍ର ନୀତି ଭକ୍ତଙ୍କ ଆକାଂକ୍ଷା ବଢ଼ାଇ ଦେଇଛି। ପଞ୍ଚମ ଦିବସରେ ଅନୁଷ୍ଠିତ ହୋଇଥିଲା ହେରାପଞ୍ଚମୀ ନୀତି। ପରମ୍ପରା ଅନୁଯାୟୀ ଜଗତଜନନୀ ମା' ଲକ୍ଷ୍ମୀ ମହାପ୍ରଭୁଙ୍କ ଦର୍ଶନ ପାଇଁ ଗୁଣ୍ଡିଚା ମନ୍ଦିରକୁ ଆସିଥିଲେ। ଘଣ୍ଟ, ଘଣ୍ଟା, କାହାଳୀ ଓ ସୁସଜ୍ଜିତ ବିମାନରେ ଆସୁଥିବା ବେଳେ ସେବାୟତମାନେ ତାଙ୍କ ବାଟ ଓଗାଳିଥିଲେ। ରଥ ସମ୍ମୁଖରେ ମହାପ୍ରଭୁଙ୍କୁ ନ ଦେଖି କ୍ରୋଧିତ ମହାଲକ୍ଷ୍ମୀ ରଥର କାଠ



ଭାଙ୍ଗିଥିଲେ। ଦଶମୀ ତିଥିରେ ବଡ଼ ଦେଉଳକୁ ଫେରିବାର ଆଶ୍ୱାସନା ଓ ଅଙ୍ଗଲାଗି ଆଜ୍ଞାମାଳ ପାଇବା ପରେ ସେ ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ପ୍ରତିଶ୍ରୁତି ଅନୁଯାୟୀ ମହାପ୍ରଭୁ ରଥକୁ ଦକ୍ଷିଣ ମୋଡ ପାଇଁ ନିର୍ଦ୍ଦେଶ ଦେଇଥିଲେ। ସିନେମା ଛକ ସ୍ଥିତ ମାଉସୀମା ମନ୍ଦିର ଆଡ଼ପମଣ୍ଡପରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଭକ୍ତଙ୍କର ବେଶ୍ ଭିଡ଼ ଲାଗିରହିଛି। ପ୍ରତିଦିନ ତିନି ବିଗ୍ରହ ନୂତନ ବେଶରେ ଦର୍ଶନ ଦେଉଛନ୍ତି। ବିଶେଷ ନୀତିପୂଜା, ଆରତୀ ଓ ବିଳମ୍ବିତ ରାତି ପର୍ଯ୍ୟନ୍ତ ଭଜନ ସଂଧ୍ୟା ଚାଲିଛି।

## ଶ୍ରୀଜଗନ୍ନାଥ କବିତା ପାଠୋତ୍ସବ



ବାଲେଶ୍ୱର,୨୦।୭ (ସମିସ): ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ପକ୍ଷରୁ ନବଦିବସୀୟ "ରଥରୁ ବାହୁଡ଼ା କାର୍ଯ୍ୟକ୍ରମ'ର ଚତୁର୍ଥ ସନ୍ଧ୍ୟାରେ ଉପସଭାପତି ନିବାରଣ ଜେନାଙ୍କ ପୌରୋହିତ୍ୟରେ ଶ୍ରୀଜଗନ୍ନାଥ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଯୁଗ୍ମ ସମ୍ପାଦକ ଜ୍ଞମରନାଥ ପାତ୍ର ଓ ଶାନ୍ତିଲତା ପଣ୍ଡାଙ୍କ ମିଳିତ ସଂଯୋଜନାରେ ବାସନ୍ତୀ ଦେ, କବିତା ଜେନା, ଅର୍ଚ୍ଚନା କର, ସଙ୍ଗୀତା ବାରିକ, ଅଞ୍ଜଳି ପଣ୍ଡା, ପ୍ରଭାକର ସାହୁ, ସଙ୍ଗୀତା ରଥ, ଶାନ୍ତି ବିଶି, ଡ. ଲକ୍ଷ୍ମଣ ଚରଣ ବିଶ୍ୱାଳ, ହରେରାମ ଦାସ, ମଧୁସୂଦନ ମାଝୀ ପ୍ରମୁଖ କବିତାପାଠ କରିଥିଲେ। ପ୍ରାରମ୍ଭରେ କଲ୍ୟାଣୀ ନନ୍ଦଙ୍କ ନିର୍ଦ୍ଦେଶନାରେ ଦୀନକୃଷ୍ଣ ଦାସଙ୍କ ରଚିତ ଜଗନ୍ନାଥ ଭଜନ ସଦସ୍ୟାମାନେ ସମବେତ ଭାବରେ ଗାନ କରିଥିଲେ। କୋଷାଧ୍ୟକ୍ଷ ଦୀପକ ବୋଷ ପ୍ରାକ୍ ସୂଚନା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦୀପକ ଦାସ, ସୁଷମା ମହାପାତ୍ର, ଉର୍ମିଳା ନାୟକ, ତପନ କୁମାର ପଣ୍ଡା, ଦିବ୍ୟଲୋଚନ ମହାପାତ୍ର, ଭାସ୍କରଚନ୍ଦ୍ର ମିଶ୍ର, ପ୍ରଫୁଲ୍ଲ କୁମାର ଦାସ, କ୍ଷୀତିଶ୍?ର ଦାଶ, ଲମ୍ବୋଦର ନାୟକ, ରମାକାନ୍ତ ମହାନ୍ତି, ହରେକୃଷ୍ଣ ପଲେଇ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ କରୁଣାକର ସ ଧନ୍ୟବାଦ ଅର୍ପଣ କରିଥିଲେ।

## ବ୍ୟାଙ୍କ ଅଫ୍ ବରୋଦାର ପ୍ରତିଷ୍ଠା ଦିବସ

ବାଲେଶ୍ୱର,୨୦।୭ (ସମିସ): ବ୍ୟାଙ୍କ ଅଫ୍ ବରୋଦା ବାଲେଶ୍ୱର ମୁଖ୍ୟ ଶାଖାର ୧୧୯ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ବ୍ୟାଙ୍କର କର୍ପୋରେଟ୍ ସାମାଜିକ ଦାୟିତ୍ୱ (ସିଏସ୍‌ଆର୍) କାର୍ଯ୍ୟକ୍ରମ ଅଧୀନରେ ଶାଖାର ମୁଖ୍ୟ ପ୍ରବନ୍ଧକ ପ୍ରକାଶ କୁମାର ମହାପାତ୍ରଙ୍କ ନେତୃତ୍ୱରେ ବାଲେଶ୍ୱର ଏୟାରଫୋର୍ସ ଆସୋସିଏସନ (ଏଏଫଏ) ଅବସରପ୍ରାପ୍ତ ଭାରତୀୟ ବାୟୁସେନା କର୍ମଚାରୀ ସଂଘ ଏବଂ ବ୍ୟାସକବି ସମିତି, ବାଲେଶ୍ୱରକୁ ସହାୟତା ପ୍ରଦାନ କରାଯାଇଥିଲା। ଏବର୍ଷ ପ୍ରତିଷ୍ଠା ଦିବସର ଥିମ୍ ଥିଲା "ବିଶ୍ୱାସ ସହିତ ନେତୃତ୍ୱ'। ଏହି ଅବସରରେ



ମହାପାତ୍ର କହିଲେ, "ବିଶ୍ୱାସ, ସଚ୍ଚୋଟତା ଏବଂ ଉତ୍କର୍ଷତା ଉପରେ ନିର୍ମିତ ଆମର ଶହବର୍ଷରୁ ଅଧିକ ଯାତ୍ରାକୁ ଆମେ ଗର୍ବର ସହ ମନେ ପକାଉଛୁ। ଏକ ଶତାବ୍ଦୀରୁ ଅଧିକ ସମୟ ଧରି ବ୍ୟାଙ୍କ ଅଫ୍ ବରୋଦା ଜନସାଧାରଣ, ବ୍ୟବସାୟ ଏବଂ ସମାଜର ଜଣେ ବିଶ୍ୱସ୍ତ ଆର୍ଥିକ ସହଯୋଗୀ ଭାବରେ ରହିଆସିଛି।" ସେ ଆହୁରି ମଧ କହିଲେ ଯେ ପ୍ରତିଷ୍ଠା ଦିବସ ଉତ୍ସବ ଏବଂ ସି ଏସ୍ ଆର କାର୍ଯ୍ୟକ୍ରମ ସହିତ ଶାଖା ତରଫରୁ ଏକ ଗ୍ରାହକ ସେବା ବୈଠକ ମଧ ଆୟୋଜିତ ହୋଇଥିଲା ଏବଂ ବ୍ୟାଙ୍କର ଅବସରପ୍ରାପ୍ତ କର୍ମଚାରୀମାନଙ୍କୁ ସେମାନଙ୍କ ମୂଲ୍ୟବାନ ଅବଦାନ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଉତ୍ସବ ଗ୍ରାହକ ସେବା, ସାମାଜିକ ଦାୟିତ୍ୱ ଏବଂ ସମୁଦାୟ ସହଯୋଗ ପ୍ରତି ବ୍ୟାଙ୍କର ନିରନ୍ତର ପ୍ରତିବଦ୍ଧତାକୁ ଦର୍ଶାଇବା ସହିତ ବିଶ୍ୱାସ ଏବଂ ଉତ୍କର୍ଷତାର ଐତିହ୍ୟକୁ ପୁନଃ ଦୃଢ଼ କରିଥିଲା।

## ମେଗା ସ୍ୱାସ୍ଥ୍ୟ ପରୀକ୍ଷା ଓ ପରାମର୍ଶ ଶିବିର

ବାଲେଶ୍ୱର,୨୦।୭ (ସମିସ): ରୋଟାରୀ କ୍ଲବ ଅଫ୍ ବାଲେଶ୍ୱର ପକ୍ଷରୁ ଭୁବନେଶ୍ୱର କଳିଙ୍ଗ ହସ୍ପିଟାଲ ଲିମିଟେଡ୍ ସହଯୋଗରେ ଏକ ମେଗା ସ୍ୱାସ୍ଥ୍ୟ ପରୀକ୍ଷା ଓ ପରାମର୍ଶ ଶିବିର ଆୟୋଜିତ ହୋଇଯାଇଛି। ଏହି ଶିବିରରେ ବହୁ ସଂଖ୍ୟକ ରୋଗୀ ଯୋଗଦେଇ ବିଭିନ୍ନ ବିଶେଷଜ୍ଞ ଡାକ୍ତରଙ୍କଠୁ ନିଆଯାଉଥିବା ଏହି ମହତ୍ ଉଦ୍ୟମର ପ୍ରଶଂସା କରିଥିଲେ। କଳିଙ୍ଗ ହସ୍ପିଟାଲ, ଭୁବନେଶ୍ୱର ବିଭିନ୍ନ ବିଭାଗର ବିଶେଷଜ୍ଞ ଡାକ୍ତରମାନେ କାର୍ଡିଓଲୋଜି, ନ୍ୟୁରୋ ସର୍ଜରୀ, ଅର୍ଥୋପେଡିକ୍ସ, ମେଡିସିନ୍ ଏବଂ ୟୁରୋଲୋଜି ଏହି ଶିବିରରେ ଉପସ୍ଥିତ ରହି ରୋଗୀମାନଙ୍କୁ ଚିକିତ୍ସା ସହ ପରାମର୍ଶ




ନିଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା, ପରାମର୍ଶ ଏବଂ ଆବଶ୍ୟକ ସ୍ୱାସ୍ଥ୍ୟ ସଚେତନତା ସେବାର ସୁଯୋଗ ପାଇଥିଲେ। ଏହି କାର୍ଯ୍ୟକ୍ରମରେ ବାଲେଶ୍ୱରର ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ଖୁଣ୍ଟିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରୋଟାରୀ କ୍ଲବ ଅଫ ବାଲେଶ୍ୱର ଦ୍ୱାରା ସମାଜର ସର୍ବସାଧାରଣଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ଦିଗରେ ପ୍ରଦାନ କରିଥିଲେ। ଏଥିସହ ରୋଟାରୀ କ୍ଲବ ଅଫ ବାଲେଶ୍ୱର ନିଜସ୍ୱ ଚକ୍ଷୁ ବିଭାଗ ମଧ୍ୟ ନିଶୁଳ୍କ ଚକ୍ଷୁ ପରୀକ୍ଷା କରି ଆବଶ୍ୟକ ପରାମର୍ଶ ପ୍ରଦାନ କରିଥିଲା। ଶିବିରରୁ ଆସିଥିବା ସମସ୍ତ ରୋଗୀଙ୍କୁ ସୁବ୍ୟବସ୍ଥିତ ଭାବେ ପଞ୍ଜୀକରଣ, ସ୍ୱାସ୍ଥ୍ୟ ପରୀକ୍ଷା ଓ ବିଶେଷଜ୍ଞ ଡାକ୍ତରଙ୍କ ପରାମର୍ଶ ପ୍ରଦାନ କରାଯାଇଥିଲା।

### ପ୍ରେସ ଇକ୍ସପ୍ରେସ ମିଡିଆ କ୍ଲବ୍‌ର ବାର୍ଷିକ ସମ୍ମିଳନୀ

# ସାମ୍ବାଦିକଙ୍କ ସେବା ସୀମାରେ ପହରାରତ ସୈନିକଙ୍କ କାର୍ଯ୍ୟଠାରୁ ବି କମ୍ ନୁହେଁ

ବାଲେଶ୍ୱର,୨୦।୭ (ସମିସ): ସାମ୍ବାଦିକ ସଂଗଠନ ପ୍ରେସ ଇକ୍ସପ୍ରେସ ମିଡିଆ କ୍ଲବ୍‌ର ବାର୍ଷିକ ସମ୍ମିଳନୀ ସ୍ଥାନୀୟ ଏକ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଛି। ଏହି ପରିପ୍ରେକ୍ଷୀରେ ଆୟୋଜିତ "ପାରମ୍ପରିକ ଗଣମାଧ୍ୟମ ମୌଳିକ ଆଦର୍ଶରୁ ଦୂରେଇବା ଓ ସୋସିଆଲ ମିଡିଆ ପ୍ରତି ଜନସାଧାରଣଙ୍କ ଭରସା ବୃଦ୍ଧି' ଶୀର୍ଷକ ଆଲୋଚନାଚକ୍ରରେ ବସ୍ତା ବିଧାୟିକା ସୁବାସିନୀ ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ସାମ୍ପ୍ରତିକ ସ୍ଥିତିରେ ଓଡ଼ିଶା ସମେତ ଦେଶର ଗଣମାଧ୍ୟମର ସ୍ଥିତି ଓ ଗତି ସମ୍ପର୍କରେ ଆଲୋଚନା କରିଥିଲେ। ସୀମାରେ ପହରାରତ ସୈନିକଙ୍କ କାର୍ଯ୍ୟ ତୁଳନାରେ ସାମ୍ବାଦିକଙ୍କ କାର୍ଯ୍ୟ କୌଣସି ଗୁଣରେ କମ ନୁହେଁ ବୋଲି ସେ ମତ ଦେଇଥିଲେ। ଯେ କୌଣସି ଜରୁରୀକାଳୀନ ସ୍ଥିତିରେ ସାମ୍ବାଦିକ ନିଜ ଜୀବନକୁ ବାଜି ଲଗାଇ ପ୍ରଶାସନ ପୂର୍ବରୁ ଘଟଣା ସ୍ଥଳରେ ପହଞ୍ଚିବା ଛୋଟିଆ କଥା ନୁହେଁ ବୋଲି ଶ୍ରୀମତୀ ଜେନା କହିଥଲେ। ମୁଖ୍ୟବକ୍ତା ଭାବେ ଚନ୍ଦ୍ରବିନ୍ଦୁ ଦାସ ଯୋଗଦେଇ କେବଳ ସାମ୍ବାଦିକତା ନୁହେଁ, ପ୍ରତିଟି କ୍ଷେତ୍ରରେ ରାଜଧର୍ମ ପାଳନର ଆବଶ୍ୟକତା ରହିଛି ବୋଲି କହିଥିଲେ। ବିଶେଷ ଅତିଥି ଭାବେ ସାମ୍ବାଦିକ ଅର୍ଜୁନ ମୁଦୁଲି ଯୋଗଦେଇ ସମ୍ବାଦିକଙ୍କ ସାମାଜିକ ସୁରକ୍ଷା ପ୍ରତି ସରକାରୀ ଉଦାସୀନତା ନିରପେକ୍ଷ ସାମ୍ବାଦିକତାରେ କିଭଳି ଅନ୍ତରାୟ ହୋଇଥାଏ, ସେ ସମ୍ପର୍କରେ କଥା ରଖିଥିଲେ। ଦେଶର ୨୨ ରାଜ୍ୟର ସରକାର ବରିଷ୍ଠ ସାମ୍ବାଦିକଙ୍କୁ ୯ ହଜାର ଟଙ୍କା ପର୍ଯ୍ୟନ୍ତ ମାସିକ ଭତ୍ତା ପ୍ରଦାନ କରୁଥିବାବେଳ ଓଡ଼ିଶାରେ ପୂର୍ବରୁ ସାମ୍ବାଦିକଙ୍କୁ




ମିଳୁଥିବା ରେଳଯାତ୍ରା ଭଡ଼ାର ୫୦ ପ୍ରତିଶତ ରିଆତିକୁ ସରକାର ବନ୍ଦ କରିବା ଦୁର୍ଭାଗ୍ୟର ବିଷୟ ବୋଲି ସେ କହିଥିଲେ। ‘ସେଇଠୁ ଆରମ୍ଭ’ ଖବରକାଗଜ ସମ୍ପାଦକ ଶୁଭେନ୍ଦୁ ଦାସ, ‘ଧ୍ୱନି ପ୍ରତିଧ୍ୱନି’ର ମୁଖ୍ୟ ସମ୍ପାଦକ ସୃଷ୍ଟିଧର ପରିଡ଼ା, ପୂର୍ବତନ ପୌରପାଳ ଆଲୋକ ସାହୁ, ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ, "ଜନପ୍ରିୟ'ର ସମ୍ପାଦକ ସମାଜସେବୀ ନରେନ୍ଦ୍ର ବିହାରୀ ଦାସ, ସମାଜସେବୀ ଅଜୟ କୁମାର ବିଶ୍ୱାଳ ଓ ଗୀତାଞ୍ଜଳି ଫାଉଣ୍ଡେସନ ଅଧ୍ୟକ୍ଷା ଏସ ଗୀତାଞ୍ଜଳି ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନିଜର ମତ ରଖିଥିଲେ। ଏହି ଅବସରରେ ସମାଜର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିଭଳି ନୃତ୍ୟାନୁଷ୍ଠାନ "ନାଚ'ର ସହଯୋଗରେ ବିଶେଷ ନୃତ୍ୟ ପ୍ରଦର୍ଶନ କରିଥିବା କୃତୀ ନୃତ୍ୟାଙ୍ଗନାଙ୍କୁ ଏଥିରେ ପୁରସ୍କୃତ କରାଯାଇଥିଲା। ପ୍ରେସ ଇକ୍ସପ୍ରେସ ମିଡିଆ କ୍ଲବ'ର ସଭାପତି ବରିଷ୍ଠ ସାମ୍ବାଦିକ ଉଜ୍ଜଳ ଚନ୍ଦ୍ର କରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ କାର୍ଯ୍ୟକର୍ତ୍ତା ସନ୍ଦୀପ୍ତ କୁମାର ଦାସ ବିବରଣୀ ଉପସ୍ଥାପନ କରିଥିଲେ। ଗଗନ ସେଠୀ, ଗୟାଧର କର, ଦିଲ୍ଲୀପ କୁମାର ଦାସ ପ୍ରମୁଖ କର୍ମକର୍ତ୍ତା ସଂଗଠନର କାର୍ଯ୍ୟଧାରା ସମ୍ପର୍କରେ କଥା ରଖିଥିଲେ। ସମ୍ପାଦକ ସୁଶାନ୍ତ କୁମାର ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକମ ପରିଚାଳନାରେ କୈଳାସ ଚନ୍ଦ୍ର ବେହେରା, ସୁରେନ୍ଦ୍ର ମୋହନ ଜେନା, ପ୍ରଦୀପ କୁମାର ବେରା, ମଧୁସୂଦନ ମିଶ୍ର, ଦୀପକ କୁମାର ମଲ୍ଲିକ, ରାମଚନ୍ଦ୍ର ମହଲ, ଆଜିମ ବାଲେଶ୍ୱରୀ, ପ୍ରଭାତ କୁମାର ଶର୍ମା, ଶରତ କୁମାର ସାମଲ, ତ୍ରିଲୋଚନ ମହାନ୍ତି, ପୂର୍ଣ୍ଣଚନ୍ଦ୍ର ବେହେରା, ସୁଦିପ୍ତ ମହାନ୍ତି ପାର୍ଥ ସାରଥି ଦାସବାବୁ, ଚକ୍ରଧର ସିଂ, ସୁଶୀଳ ଜେନା, ଚନ୍ଦନ କୁମାର ପାଣିଗ୍ରାହୀ, ପଦ୍ମଲୋଚନ ଦତ୍ତ, କରୁଣା କର ଭୂୟାଁ ପ୍ରମୁଖ ସହଯୋଗ କରିଥିଲେ।

## ଶିବଙ୍କ ଉପରେ ଜଳଲାଗିର ପର୍ବ ଆରମ୍ଭ

# ଶୈବପୀଠରେ କାଉଡ଼ିଆଙ୍କ ଭିଡ଼

ବନ୍ତ/ଆଗରପଡ଼ା,୨୦।୭ (ସମିସ)

ବନ୍ତ ବ୍ଲକ୍ ବହୁ ଐତିହ୍ୟସମ୍ପନ୍ନ ଶୈବପୀଠକୁ ନିଜ କୋଳରେ ଧରି ଏହି ଅଞ୍ଚଳର ଗରିମା ବୃଦ୍ଧି କରିବା ସହ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ଯାହାର ଜ୍ୱଳନ୍ତ ଉଦାହରଣ ଶ୍ରାବଣ ମାସ ସୋମବାର। ଶିବଙ୍କ ଉପରେ ଜଳଲାଗିର ପର୍ବ ଆରମ୍ଭ ହୋଇଯାଇଥିବାରୁ ଏହି ପର୍ବର ପ୍ରଥମ ସୋମବାରରେ ବନ୍ତ ଓ ଏହାର ଆଖପାଖ ଅଞ୍ଚଳରୁ କାଉଡ଼ିଆମାନଙ୍କର ଭିଡ଼ ଲାଗିଥିଲା ଶିବଙ୍କ ଉପରେ ଜଳଲାଗି କରିବା ପାଇଁ। ବନ୍ତରେ ବାବା ବରଡ଼େଶ୍ୱର, ଆଡ଼ିଆରେ ବାବା ଆରଡ଼େଶ୍ୱର, ଆଗରପଡ଼ାରେ ପୂଜା ପାଉଥିବା ବିଭିନ୍ନ ଶୈବପୀଠ ଯଥା-ବିଟିପୁରସ୍ଥିତ ଶିରିଡ଼ି ରାମେଶ୍ୱର, ଅଣିଜୋସ୍ଥିତ ସିଦ୍ଧେଶ୍ୱର ମହାଦେବ, ପୁରୁଷୋତ୍ତମସ୍ଥିତ ବାବା ପାରକେଶ୍ୱର ମହାଦେବ ଏବଂ ରାଉତୁରାପୁର-ମହାନ୍ତିପଡ଼ା-ତ୍ରିସାଲିଆ ଗ୍ରାମର ମଧ୍ୟସ୍ଥଳରେ ପୂଜା ପାଉଥିବା ବାବା ସୁବର୍ଣ୍ଣେଶ୍ୱର ମହାଦେବ ଆଦି ପୀଠରେ କାଉଡ଼ିଆଙ୍କ ଭିଡ଼ ଲାଗିରହିଥିଲା। ବନ୍ତ ଓ ଆଗରପଡ଼ାରୁ ବିଭିନ୍ନ ସ୍ଥାନକୁ ସୋମବାରରେ ବସ୍, ବୋଲେରୋ, ମିନିଟ୍ରକ୍ ଆଦିରେ କାଉଡ଼ିଆମାନେ ବିଭିନ୍ନ ଶୈବପୀଠ ଆଡ଼କୁ ଯାଇଥିଲେ।

ଆରଡ଼ିସ୍ଥିତ ଆଖଣ୍ଡଳମଣୀ, ଭୁବନେଶ୍ୱର ଲିଙ୍ଗରାଜ, ପୁରୀ ଲୋକନାଥ, ନୀଳଗିରି ପଞ୍ଚଲିଙ୍ଗେଶ୍ୱର ଆଦି ଶୈବପୀଠଗୁଡ଼ିକୁ ଶ୍ରାବଣ ମାସର ସୋମବାରରେ ଜଳଲାଗି କରିବାକୁ କାଉଡ଼ିଆମାନେ ଯାଉଥିଲେ। ସେହିପରି ବିଭିନ୍ନ ଅଞ୍ଚଳରୁ ଭକ୍ତମାନେ ସାଳନ୍ଦୀ ନଦୀରୁ ଜଳ ଉଠାଇ ଗେରୁଆ ବସ୍ତ୍ର, କଳସ, କାଉଡ଼ି, ନଡ଼ିଆ ଓ ରଙ୍ଗ ବେରଙ୍ଗର ବସ୍ତ୍ର ପରିଧାନ କରି ବୋଲ୍‌ବମ୍, ଜଟିଆ ବାବା ପାର୍ କରେଗା ଧ୍ୱନି ଦେଇ ଭକ୍ତିପୂର୍ଣ୍ଣ ପରିବେଶରେ ଭକ୍ତମାନେ ଆଗେଇ ଚାଲିଥିବା ଦେଖିବାକୁ ମିଳିଥିଲା। କାଉଡ଼ିଆମାନେ ପ୍ରଭୁଙ୍କ ନାମକୁ ସ୍ମରଣ କରି ଲକ୍ଷ୍ୟ ପଥରେ ଅଗ୍ରସର ହେଉଥିବାର ଭାବପୂର୍ଣ୍ଣ ପରିବେଶ ଏକ ସ୍ୱତନ୍ତ୍ର ଧାର୍ମିକ ଭାବନା ସୃଷ୍ଟି କରିବା ସହ ଓ ତାଙ୍କ ପାଇଁ ବିଭିନ୍ନ ଗ୍ରାମର ଛକରେ ଓ ମନ୍ଦିରରେ ବିଶ୍ରାମ ନେବା ଆଦିର ସୁବିଧା କରିଥିବାର ଦେଖିବାକୁ ମିଳିଥିଲା। ଏହି ଅବସରରେ ବନ୍ତ ବ୍ଲକ୍‌ର ବିଭିନ୍ନ ଅଞ୍ଚଳରେ ଲୁଗା ଓ ଫୁଲଫଳ ଦୋକାନମାନଙ୍କରେ ଭିଡ଼ ଲାଗିଥିବାର ଦେଖିବାକୁ ମିଳିଥିଲା।



## ବାବାମଣିଙ୍କୁ ଜଳାଭିଷେକ କଲେ ୧୫ ହଜାର ଭକ୍ତ



ଆରଡ଼ି,୨୦।୭ (ସମିସ): ଓଡ଼ିଶା ପ୍ରସିଦ୍ଧ ଶୈବପୀଠ ଆରଡ଼ି ଧାମର ବାବା ଆଖଣ୍ଡଳମଣିଙ୍କ ମନ୍ଦିରରେ ଶ୍ରାବଣ ମାସର ପ୍ରଥମ ସୋମବାରରେ ବାବା ଆଖଣ୍ଡଳମଣିଙ୍କ ପାଖରେ ଜଳାଭିଷେକ କରିଥିଲେ ୧୫ ହଜାରରୁ ଊର୍ଦ୍ଧ୍ୱ ବୋଲବମ୍ ଭକ୍ତ। ଆଗନ୍ତୁକ କାଉଡ଼ିଆମାନଙ୍କ ଭିଡ଼କୁ ଦୃଷ୍ଟିରେ ରଖି ରବିବାର ମଧ୍ୟରାତ୍ରରୁ ବାବାଙ୍କ ପାଖରେ ଜଳଲାଗି ଆରମ୍ଭ ହୋଇଥିଲା। କାଉଡ଼ିଆ ଭକ୍ତଙ୍କ ବୋଲବମ୍ ହରହର ବମ୍ ଧ୍ୱନିରେ ପ୍ରକମ୍ପିତ ହୋଇ ଉଠିଥିଲା ସମଗ୍ର ପୀଠ। ଆଗନ୍ତୁକ କାଉଡ଼ିଆ ଭକ୍ତଙ୍କ ଆଗମନକୁ ନେଇ ପୀଠରେ ଶାନ୍ତିଶୃଙ୍ଖଳା ବଜାୟ ସକାଶେ ସ୍ଥଳପଥ ଓ ଜଳପଥରେ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ଏଥିସହ ଭରା ନଦୀରେ ଯାତ୍ରୀ ପରିବହନ ହେଉଥିବାରୁ ତାଙ୍କର ସୁରକ୍ଷା ନିମନ୍ତେ ବୈତରଣୀ ଓ ସାଳନ୍ଦୀ ନଦୀରେ ଓଡ୍ରାଫ୍ ଓ ଅଗ୍ନିଶମ ବାହିନୀ ପଇଁତରା ମାରିଥିଲେ। ତାହାସହ ପୀଠ ସଂଲଗ୍ନରେ ଥିବା ଧାନଖଣିଆ, ତିନିତର ଓ ମୁଆଁ ସମେତ ୩ଟି ନଦୀଘାଟର ଉଭୟ ପାର୍ଶ୍ୱରେ ପୁଲିସ ମୁତୟନ ରହିବା ସହି ରାତିରେ ଉଜ୍ୱଳ ଆଲୋକ ବ୍ୟବସ୍ଥା କରାଯାଇଥିଲା। ବିଶେଷକରି କାଉଡ଼ିଆଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ସନ୍ଧ୍ୟା ୭ଟାରୁ ନଦୀ ଘାଟରେ ଯାତ୍ରୀ ପରିବହନ ବନ୍ଦ ରହିଥିଲା ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପଟେ ବାବାଙ୍କ ପାଖରେ ଶୃଙ୍ଖଳିତ ଜଳଲାଗି ପାଇଁ ସ୍ୱତନ୍ତ୍ର ବ୍ୟାରିକେଡ୍ ବ୍ୟବସ୍ଥା ସହିତ ମନ୍ଦିର ଭିତରେ ଓ ବାହାରେ ଉଜ୍ୱଳ ଆଲୋକ ବ୍ୟବସ୍ଥା କରାଯାଇଥିଲା। ପୀଠରେ ଚାନ୍ଦବାଲି ତହସିଲ୍‌ଦାର ଭବତୋଷ ମଲ୍ଲିକଙ୍କ ସହ ଜିଲ୍ଲା ଗୁଇନ୍ଦା ବିଭାଗର ଅତିରିକ୍ତ ଏସ୍‌ପି ଅଂଶୁମାନ ଦ୍ୱିବେଦୀ ୬ଜଣ ଡିଏସ୍‌ପି ଓ ଏସ୍‌ଡିପିଓ, ୨୦ଜଣ ଇନ୍ସପେକ୍ଟର ଓ ସବ୍ ଇନ୍ସପେକ୍ଟରଙ୍କୁ, ଟ୍ରାଫିକ୍ ପୁଲିସ, ୬ ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ ରହିଥିଲେ।



## ଘାଟରେ କାଉଡ଼ିଆଙ୍କ ପାଇଁ ଅବ୍ୟବସ୍ଥା; ଭକ୍ତ ଅସନ୍ତୁଷ୍ଟ

ଚାନ୍ଦବାଲି,୨୦।୭ (ସମିସ)

ଶ୍ରାବଣ ମାସରେ ଆରଡ଼ି ପୀଠକୁ ଜଳାଭିଷେକ ପାଇଁ ହଜାର ହଜାର କାଉଡ଼ିଆ ଭକ୍ତ ଯାତ୍ରା କରୁଛନ୍ତି। କିନ୍ତୁ ଚାନ୍ଦବାଲି ବ୍ଲକ୍ ଧାନଖଣିଆ ଘାଟ ନିକଟରେ ଭକ୍ତଙ୍କ ପାଇଁ ଆବଶ୍ୟକ ପ୍ରଶାସନିକ ବ୍ୟବସ୍ଥା ନ ଥିବାରୁ ସେମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଆରଡ଼ି ପୀଠରେ ବାବା ଆଖଣ୍ଡଳମଣିଙ୍କ ଜଳାଭିଷେକ ପାଇଁ ଧାନଖଣିଆ ଘାଟରୁ ପବିତ୍ର ଜଳ ନେଇ ହଜାର ହଜାର କାଉଡ଼ିଆ ଭକ୍ତ ପଦଯାତ୍ରା କରୁଛନ୍ତି। ତେବେ ଘାଟ ଅଞ୍ଚଳରେ ପ୍ରଶାସନ ପକ୍ଷରୁ ପାନୀୟ ଜଳ, ଭୋଜନ ବ୍ୟବସ୍ଥା, ବିଶ୍ରାମସ୍ଥଳ, ଶୌଚାଳୟ, ଆଲୋକ ବ୍ୟବସ୍ଥା ଓ ସୁରକ୍ଷା ବ୍ୟବସ୍ଥା ପର୍ଯ୍ୟାପ୍ତ ଭାବେ କରାଯାଇ ନ ଥିବା ଅଭିଯୋଗ ହୋଇଛି। ଏହି ଅବ୍ୟବସ୍ଥା ଯୋଗୁଁ କାଉଡ଼ିଆ ଭକ୍ତମାନେ ନାନା ପ୍ରକାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସ୍ଥାନୀୟ ବାସିନ୍ଦା ଓ ଭକ୍ତମାନେ ତୁରନ୍ତ ଆବଶ୍ୟକ ସୁବିଧା ଯୋଗାଇ ଯାତ୍ରାକୁ ସୁରକ୍ଷିତ ଓ ସୁବିଧାଜନକ କରିବାକୁ ପ୍ରଶାସନକୁ ଦାବି କରିଛନ୍ତି।

## ରେବ ନଦୀ ଜଳରେ ବୁଡ଼ିରହିଛି ଜନବସତି

ବାରିକପୁର,୨୦।୭ (ସମିସ): ମଧ୍ୟମ ଧରଣର ବର୍ଷା ହେଲେ ଭଣ୍ଡାରିପୋଖରୀ ବ୍ଲକ୍ ଦେଇ ଯାଇଥିବା ରେବ ନଦୀ କୂଳ ଲଙ୍ଘି ଜନବସତି ଆଡ଼କୁ ମାଡ଼ି ଆସିଥାଏ। ଡ୍ରେନେଜ୍ ବିଭାଗ ଅଧୀନରେ ଥିବା ରେବ ନଦୀ ପାଣିରେ ପ୍ରତ୍ୟେକ ବର୍ଷ ଚାଷ ଜମି କ୍ଷତିଗ୍ରସ୍ତ ହେଉଥିବାବେଳେ ଗ୍ରାମ୍ୟ ରାସ୍ତା ଓ ବାସଗୃହ ମଧ୍ୟ ନଷ୍ଟ ହୋଇଥାଏ। ଚଳିତ ଲଘୁଚାପ ବର୍ଷା କାରଣରୁ ନଈ ଉଛୁଳି ପାଣି ଏବେ ବାସଗୃହ ମଧ୍ୟରେ ପ୍ରବେଶ କରିଛି।

ସୂଚନା ମୁତାବକ, ନଦୀ ପାଣି ଯୋଗୁଁ ବ୍ଲକ୍‌ର ଡଗରପଡ଼ା ସ୍ୱର ସାହି ସମ୍ପୂର୍ଣ୍ଣ ଜଳମଗ୍ନ ହୋଇଥିବାବେଳେ ୫/୭ ଜଣଙ୍କ ଘର ମଧ୍ୟ ନଷ୍ଟ ହୋଇଛି। ଘର



ବାହାରେ ଓ ଭିତରେ ପାଣି ଲହଡ଼ି ଭାଙ୍ଗୁଛି। ବହୁ ଆସବାବପତ୍ର ନଷ୍ଟ ହୋଇଛି। ପ୍ରଶାସନ ପକ୍ଷରୁ ଯଦିଓ ଗୃହସ୍ଥମାନଙ୍କୁ ପଲିଥିନ୍ ଖଣ୍ଡିଏ ଲେଖାଏଁ ଯୋଗାଇ ଦିଆଯାଇଛି କିନ୍ତୁ ରୋଷେଇବାସ ପାଇଁ ହଇରାଣ ହେଉଛନ୍ତି। ଗୃହପାଳିତ ପଶୁପକ୍ଷୀ ମଧ୍ୟ ଯନ୍ତ୍ରଣା ଭୋଗୁଛନ୍ତି। ଏହାଛଡ଼ା ରେବ ପାଣିରେ ନଦୀ ପାଖାପାଖି ଚାଷଜମିଗୁଡ଼ିକ ବୁଡ଼ିଯାଇଛି। ବିଶେଷକରି ଖରିଫ୍ ଧାନ ଚାଷ ପାଇଁ ପଡ଼ିଥିବା ତଳି କେତେକାଂଶରେ ନଷ୍ଟ ହୋଇଛି। ନଦୀ ପାର୍ଶ୍ୱବର୍ତ୍ତୀ ଶାସନ, ବିମଳବର, ଜୋରାଗଡ଼ିଆ, ନିର୍ଗୁଣ୍ଡି, ନଗୁଆ, ଧୂଳିଗଡ଼ିଆ, ରାଜେନ୍ଦ୍ରପୁର, ପାହି ମୋହୁରା, ବିମଳବର ପ୍ରମୁଖ ଗାଁର ଚାଷଜମି ପ୍ରଭାବିତ ହୋଇଛି। ପ୍ରାୟ ଦଶ ବର୍ଷରୁ ଅଧିକ ହେବ ରେବ ନଦୀର ପୁନରୁଦ୍ଧାର କାର୍ଯ୍ୟ ହୋଇନାହିଁ। ନଗୁଆ ନିକଟବର୍ତ୍ତୀ ବ୍ରିଟିଶ୍ ଅମଳର ସାଇଫନ ଓ ନଦୀ ପୁନରୁଦ୍ଧାର ହୋଇପାରିଲେ ଲୋକମାନେ ଜଳ କଷ୍ଟରୁ ମୁକ୍ତି ପାଇପାରିବେ ବୋଲି ଯୁବ ନେତା ତଥା ସମିତି ସଦସ୍ୟ ପ୍ରତାପ ଚନ୍ଦ୍ର ଦ୍ୱିବେଦୀ କହିଛନ୍ତି। ଏହା ଉପରେ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ଦୃଢ଼ ଦାବି ହୋଇଛି।

## ଛାତ୍ର ଆନ୍ଦୋଳନ ଓ ସ୍ୱନମ୍ ୱାଙ୍ଗଚୁକ୍‌ଙ୍କ ଅନଶନକୁ ସିପିଆଇ(ଏମ୍) ର ସମର୍ଥନ

ଭଦ୍ରକ,୨୦।୭ (ସମିସ)

ଦିଲ୍ଲୀର ଜନ୍ତରମନ୍ତର ରୋଡ୍‌ରେ ଚାଲିଥିବା ସର୍ବଭାରତୀୟ ଯୁବ-ଛାତ୍ର ଆନ୍ଦୋଳନ ଏବଂ ସୋନମ୍ ୱାଙ୍ଗ୍‌ଚୁକ୍‌ଙ୍କ ଆମରଣ ଅନଶନ ପ୍ରତି ସଂହତି ପ୍ରକାଶ କରି ଭଦ୍ରକ ସହରସ୍ଥିତ ଷ୍ଟେଟ୍ ବ୍ୟାଙ୍କ ଛକଠାରେ ଏକ ସଭା ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଭ୍ୟ କମ୍ରେଡ୍ ପ୍ରଫୁଲ୍ଲ ପାଢ଼ୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଯୁବ-ଛାତ୍ରମାନଙ୍କ ଗଣତାନ୍ତ୍ରିକ ଆନ୍ଦୋଳନକୁ ପୁଲିସ୍ ବଳ ପ୍ରୟୋଗ କରି ଦମନ କରିବା ଉଦ୍ୟମକୁ ସଭାରେ ତୀବ୍ର ନିନ୍ଦା କରାଯାଇଛି। ଆନ୍ଦୋଳନସ୍ଥଳକୁ ଭାରତ ସରକାରଙ୍କ ପକ୍ଷରୁ କୌଣସି ପ୍ରତିନିଧି ନ ଆସି ଯୁବ-ଛାତ୍ର ପ୍ରତିନିଧିଙ୍କ ସହ ଆଲୋଚନା ନ କରି ଏହି ଐତିହାସିକ ଆନ୍ଦୋଳନର ମୁଖ୍ୟ ନେତା ଭାରତର ବିଶିଷ୍ଟ ପରିବେଶବିତ୍ ତଥା ବୈଜ୍ଞାନିକ ସ୍ୱନମ୍ ୱାଙ୍ଗ୍‌ଚୁକ୍‌ଙ୍କୁ ବଳପୂର୍ବକ ଅନଶନସ୍ଥଳରୁ ଦିଲ୍ଲୀ ପୁଲିସ ଉଠାଇ ନେଇ ବେଆଇନ ଭାବେ ଅଟକ ରଖି ଭାରତର ଗଣତନ୍ତ୍ରକୁ ହତ୍ୟା କରିବା ଘଟଣାକୁ ସିପିଆଇ(ଏମ୍) ପକ୍ଷରୁ ତୀବ୍ର ନିନ୍ଦା କରାଯାଇଛି। ସେହିପରି ଓଡ଼ିଶାରେ ପ୍ରଥମରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟ ପୁସ୍ତକରେ ୨୨୦୦ରୁ ଅଧିକ ତ୍ରୁଟି ରାଜ୍ୟରେ ଚାଲିଥିବା ବିଜେପି ସରକାରର ଅପାରଗତାକୁ ପଦାରେ ପକାଇଛି ବୋଲି ସିପିଆଇ(ଏମ୍) ନେତୃବୃନ୍ଦ ପ୍ରକାଶ କରିଥିଲେ।

ଭାରତର ଶିକ୍ଷା ବ୍ୟବସ୍ଥାରେ ଦେଖାଯାଇଥିବା ଅରାଜକତା ପାଇଁ ଦାୟୀ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଇସ୍ତଫା ଦେବା, ଏନ୍‌ଟିଏକୁ ବାତିଲ୍ କରି ନିଟ୍ ସମେତ ସମସ୍ତ ଜାତୀୟ ପ୍ରବେଶିକା ପରୀକ୍ଷାରେ ସ୍ୱଚ୍ଛତା, ନିରପେକ୍ଷତା ଓ ଉତ୍ତରଦାୟିତ୍ୱତା ସୁନିଶ୍ଚିତ କରିବା, ଏହି ପ୍ରଶ୍ନପତ୍ର ଲିକ୍ ଘଟଣାରେ ଜଡ଼ିତ ସମସ୍ତ ଅଭିଯୁକ୍ତ ଓ ଷଡ଼ଯନ୍ତ୍ରକାରୀଙ୍କୁ ଗିରଫ କରିବା, ଛାତ୍ର ବିରୋଧୀ ଜାତୀୟ ଶିକ୍ଷାନୀତି-୨୦୨୦ ବାତିଲ୍ କରିବା, ନିଟ୍ ପ୍ରଶ୍ନପତ୍ର ଲିକ୍ ଘଟଣାରେ ପ୍ରାଣ ହରାଇଥିବା ସମସ୍ତ ଛାତ୍ରଛାତ୍ରୀଙ୍କ ପରିବାରଗୁଡ଼ିକୁ ପର୍ଯ୍ୟାପ୍ତ କ୍ଷତିପୂରଣ ପ୍ରଦାନ, ଶିକ୍ଷାର ବ୍ୟାବସାୟୀକରଣ ଓ ସାମ୍ପ୍ରଦାୟୀକରଣ ଶିକ୍ଷାନୀତି ବାତିଲ୍ କରି ଭାରତରେ ଗୁଣାତ୍ମକ ଓ ବୈଜ୍ଞାନିକ ଶିକ୍ଷା ବ୍ୟବସ୍ଥା ପ୍ରଚଳନ କରିବା, ଓଡ଼ିଶାରେ ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ପ୍ରକାଶ ପାଇଁ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଇସ୍ତଫା ଦେବା, ସଂଶୋଧିତ ପାଠ୍ୟ ପୁସ୍ତକ ତୁରନ୍ତ ପ୍ରଚଳନ କରି ଛାତ୍ରଛାତ୍ରୀମାନଙ୍କୁ ଯୋଗାଇଦେବା ଆଦି ଦାବି ସଭାରେ ସିପିଆଇ(ଏମ୍) ନେତୃତ୍ୱ ଉପସ୍ଥାପନ କରିଥିଲେ।



ଏହି ଦାବିଗୁଡ଼ିକ ପୂରଣ ନ ହେଲେ ଆଗାମୀ ଦିନରେ ତୀବ୍ର ଲଢ଼େଇ ହେବ ବୋଲି ସିପିଆଇ(ଏମ୍) ଭଦ୍ରକ ଜିଲ୍ଲା କମିଟି ପକ୍ଷରୁ ଚେତାବନୀ ଦିଆଯାଇଛି। ଏହି ଗୁରୁତ୍ୱପୂର୍ଣ୍ଣ ସଭାରେ ସିପିଆଇ(ଏମ୍) ଜିଲ୍ଲା ସମ୍ପାଦକ ଦିବ୍ୟସିଂହ ନାୟକ, ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଭ୍ୟ ରାଧାନାଥ ଦାସ, ଜିଲ୍ଲା କମିଟି ସଭ୍ୟ ବିକାଶ ନାଥ, କାଳନ୍ଦୀ ପାତ୍ର, ଗିରିଧାରୀ ନାଥ, ଜୟନୁଲ ଆବେଦିନ, ବିଶିଷ୍ଟ ଆଇନଜୀବୀ ଅଶୋକ ନାୟକ, ବରିଷ୍ଠ ନେତା ନିରଞ୍ଜନ ପାଣି, ଯୁବନେତା ସେକ୍ ସନାଉଲ୍ଲା, ବିନୋଦ ସାହୁ, ଯୁବନେତା ଅଶୋକ ବେହେରା, ଯୁବ ଆଇନଜୀବୀ ପାୟଲ ସାହୁ, ଉଷାଶ୍ରୀ ବାରିକ୍ ପ୍ରମୁଖ ଉପସ୍ଥିତ ହୋଇ ସ୍ୱନମ୍ ୱାଙ୍ଗଚୁକ୍‌ଙ୍କ ଆମରଣ ଅନଶନ ପ୍ରତି ସଂହତି ଜଣାଇ ସେମାନଙ୍କ ବକ୍ତବ୍ୟ ରଖିଥିଲେ।

## ନିଟ୍ ସଫଳ ଛାତ୍ର ସିଦ୍ଧାର୍ଥ ପ୍ରିୟଦର୍ଶୀଙ୍କୁ ସମ୍ବର୍ଦ୍ଧନା



ବେତାଳିଗାଁ,୨୦।୭ (ସମିସ): ଧାମନଗର ବ୍ଲକ୍ ଅନ୍ତର୍ଗତ ପାଳସାହି ପଞ୍ଚାୟତର ଗର୍ବ ତଥା ଚଳିତ ବର୍ଷର ନିଟ୍ ୟୁଜି ପରୀକ୍ଷାରେ ଉଲ୍ଲେଖନୀୟ ସଫଳତା ହାସଲ କରି, ସରକାରୀ ମେଡିକାଲ କଲେଜରେ ନାମ ଲେଖାଇବାକୁ ଯୋଗ୍ୟ ବିବେଚିତ ମେଧାବୀ ଛାତ୍ର ସିଦ୍ଧାର୍ଥ ପ୍ରିୟଦର୍ଶୀ ପଲେଇଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧନା ଜଣାଯାଇଛି। ଏହି ଅବସରରେ ବିଶିଷ୍ଟ ସମାଜସେବୀ ଅନିଲ କୁମାର ଦାସ, ସାମ୍ବାଦିକ ଅନ୍ତର୍ଯ୍ୟାମୀ ଦାସ, ରମେଶ ଚନ୍ଦ୍ର ବେହେରା, ଅଧ୍ୟାପକ ନିକୁଞ୍ଜ କିଶୋର ଜେନା, କାଶିନାଥ ମହାନ୍ତି, ହୃଦାନନ୍ଦ ପରିଡ଼ା, କିଶୋର ଚନ୍ଦ୍ର ମହାନ୍ତି ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସିଦ୍ଧାର୍ଥଙ୍କୁ ସମ୍ମାନିତ କରିଥିଲେ। ତାଙ୍କର ଏହି କୃତିତ୍ୱ ଅଞ୍ଚଳର ଅନ୍ୟ ଛାତ୍ରଛାତ୍ରୀଙ୍କୁ ଉଚ୍ଚଶିକ୍ଷା ପାଇଁ ପ୍ରେରଣା ଯୋଗାଇବ ବୋଲି ସେମାନେ ମତ ପ୍ରକାଶ କରିଥିଲେ। ସମ୍ବର୍ଦ୍ଧନା ଗ୍ରହଣ କରି ସିଦ୍ଧାର୍ଥ ସଫଳତାର ଶ୍ରେୟ ତାଙ୍କ ପିତାମାତା, ଜେଜେବାପା, ଜେଜେମାଆ, ଶିକ୍ଷକ ଓ ପରିବାର ସଦସ୍ୟଙ୍କୁ ଦେଇଥିଲେ। ଭବିଷ୍ୟତରେ ସେ ଜଣେ ଦକ୍ଷ ଡାକ୍ତର ହୋଇ ସମାଜର ସେବା କରିବା ତାଙ୍କ ଲକ୍ଷ୍ୟ ବୋଲି ସିଦ୍ଧାର୍ଥ ପ୍ରକାଶ କରିଥିଲେ।

## କମ୍ପ୍ୟୁଟର ଶିକ୍ଷକଙ୍କ ପରଲୋକ

ବାରିକପୁର,୨୦।୭ (ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ବାରିକପୁର ବଜାର ଅନନ୍ତପୁର ଛକସ୍ଥିତ ମାଇକ୍ରୋ କମ୍ପ୍ୟୁଟର ଏକାଡେମୀର ପ୍ରତିଷ୍ଠାତା ତଥା ପ୍ରଶିକ୍ଷକ ଅତିଶ ନନ୍ଦଙ୍କ ଅକାଳ ବିୟୋଗ ହୋଇଛି। ସୂଚନା ମୁତାବକ, ଗତ ରବିବାର ରାତିରେ ତୋଡ଼ଗାଁସ୍ଥିତ ବାସଭବନରେ ଥିବାବେଳେ ସେ ହଠାତ୍ ଅସୁସ୍ଥ ହୋଇଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ଭଦ୍ରକ ଓ ପରେ କଟକ ମେଡିକାଲ ନିଆଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ହୋଇଥିବା କୁହାଯାଉଛି। ମୃତ୍ୟୁ ଖବର ପ୍ରଚାର ହେବା ପରେ ଛାତ୍ରଛାତ୍ରୀଙ୍କ ସମେତ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି। ସ୍ୱର୍ଗତ ନନ୍ଦ ଜଣେ ମେଳାପୀ ଓ ଶାନ୍ତ ସରଳ ବ୍ୟକ୍ତି ଭାବେ ବେଶ୍ ଜଣାଶୁଣା ଥିଲେ। ମରଶରୀରକୁ ଗ୍ରାମ ସମେତ ବଜାର ପରିକ୍ରମା କରାଯାଇଥିଲା। ବୈତରଣୀ ନଦୀ ବାରୁଣୀ ଘାଟ ଶ୍ମଶାନରେ ତାଙ୍କ ପାର୍ଥିବ ଶରୀରର ଶେଷକୃତ୍ୟ ସମ୍ପନ୍ନ ହୋଇଛି।

## ପରିତ୍ୟକ୍ତ ନାଳରୁ ଯୁବକଙ୍କ ମୃତଦେହ ଉଦ୍ଧାର

କୋଠାର/ଅସୁରାଳି,୨୦।୭ (ସମିସ): ଭଦ୍ରକ ଜିଲ୍ଲା ଧୂଷୁରୀ ଥାନା ଅଧୀନ ଗଡ଼ିଆଳି ପଞ୍ଚାୟତର ଝାରିଡ଼ିଆ ଗାଁର ପ୍ରଶାନ୍ତ ବେହେରାଙ୍କ ପୁଅ ରଶ୍ମି ରଞ୍ଜନ ବେହେରା ଗତ ୪ଦିନ ହେବ ନିଖୋଜ ଥିବାବେଳେ ସୋମବାର ସକାଳେ ତାଙ୍କ ମୃତଦେହ ବୟାଙ୍ଗଡିହି-ନୂଆଗାଁ ରାସ୍ତାକଡ଼ରେ ଥିବା ଏକ ପରିତ୍ୟକ୍ତ ନାଳରେ ଭାସୁଥିବା ବେଳେ ଉଦ୍ଧାର ହୋଇଛି। ଏହି ଘଟଣା ସମଗ୍ର ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇ ଦେଇଛି। ପରିବାର ଲୋକଙ୍କ ସୂଚନାନୁଯାୟୀ, ରଶ୍ମି ରଞ୍ଜନ ମାନସିକ ଅସୁସ୍ଥତାରେ ପୀଡ଼ିତ ଥିଲେ। ଗତ ୧୬ ତାରିଖ ରାତିରେ ସେ ଘରୁ କୁଆଡ଼େ ଚାଲିଯାଇଥିଲେ। ସେହିଦିନଠାରୁ ପରିବାର ଲୋକ ଓ ସମ୍ପର୍କୀୟମାନେ ବିଭିନ୍ନ ସ୍ଥାନରେ ତାଙ୍କୁ ଖୋଜାଖୋଜି କରୁଥିଲେ, ମାତ୍ର କୌଣସି ସନ୍ଧାନ ମିଳି ନ ଥିଲା। ସୋମବାର ସକାଳେ ବୟାଙ୍ଗଡିହି-ନୂଆଗାଁ ରାସ୍ତାକଡ଼ରେ ଥିବା ଏକ ପରିତ୍ୟକ୍ତ ନାଳରେ ମୃତଦେହ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ଧୂଷୁରୀ ଥାନାକୁ ଖବର ଦେଇଥିଲେ। ସୂଚନା ପାଇ ଧୂଷୁରୀ ଥାନା ଭାରପ୍ରାପ୍ତ ଅଧିକାରିଣୀ ସୁଜାତା ସାହୁ ଓ ତାଙ୍କର ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ପରେ ଭଣ୍ଡାରିପୋଖରୀ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନାଳରୁ ମୃତଦେହକୁ ଉଦ୍ଧାର କରିଥିଲେ। ପରିବାର ସଦସ୍ୟମାନେ ମୃତଦେହକୁ ରଶ୍ମି ରଞ୍ଜନ ବେହେରା ବୋଲି ଚିହ୍ନଟ କରିଥିଲେ। ପୁଲିସ ମୃତଦେହକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ପଠାଇଥିବାବେଳେ ମୃତ୍ୟୁର ପ୍ରକୃତ କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଥାନାରେ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।



## 'ଶକ୍ତିଶ୍ରୀ' କାର୍ଯ୍ୟକ୍ରମର ଉଦ୍‌ଯାପନୀ ଦିବସ

ଦୋବଲ,୨୦।୭ (ସମିସ): ଧାମନଗର କଲେଜର 'ଶକ୍ତିଶ୍ରୀ ଏମ୍ପାୱାରମେଣ୍ଟ ସେଲ' ଆନୁକୂଲ୍ୟରେ ଦୋବଲ ପଞ୍ଚାୟତ କଲ୍ୟାଣ ମଣ୍ଡପଠାରେ ୫ ଦିନିଆ 'ଶକ୍ତିଶ୍ରୀ' କାର୍ଯ୍ୟକ୍ରମର ଉଦ୍‌ଯାପନୀ ଦିବସ ଅନୁଷ୍ଠିତ ହୋଇଯାଇଛି। ଛାତ୍ରଛାତ୍ରୀମାନଙ୍କୁ ସୁରକ୍ଷା ଯୋଗାଇବା, ସେମାନଙ୍କ ଦକ୍ଷତା ବୃଦ୍ଧି କରିବା ଏବଂ ସମାଜରେ ଆତ୍ମନିର୍ଭରଶୀଳତା ଓ ସଚେତନତା ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା। କଲେଜର ଅଧ୍ୟକ୍ଷ ଅଜୟ ବେଜ୍ ସଭାପତିତ୍ୱ, ଆସିୟାନାର ସଚିବ ସୋଫିଆ ସେକ୍ ମୁଖ୍ୟବକ୍ତା, ଦୋବଲ ସରପଞ୍ଚ ଅଶୋକ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ, ଅଞ୍ଚଳର ମହିଳାମାନେ ଏବଂ ସିଆରପି ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଏଥିରେ ଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସଂଯୋଜିକା ଅମୀତା ଦାସ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଅଧ୍ୟାପିକା ବିଶ୍ୱଜିତା ବାରିକ ଅତିଥି ପରିଚୟ ପ୍ରଦାନ ସହ ସ୍ୱାଗତ ଭାଷଣ ଦେଇଥିଲେ। ଅଧ୍ୟାପିକା ସ୍ମରଣିକା ପ୍ରଧାନ, ଗୀତାଞ୍ଜଳି ଦେବତା, ବାସ୍ତବିକା ଦାସ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ପ୍ରତିଯୋଗୀଙ୍କୁ ମାନପତ୍ର ପ୍ରଦାନ କରିଥିଲେ।

## ସୀତାମଣି ମହାନ୍ତିଙ୍କ ସ୍ମୃତିସଭା



ବେତାଳିଗାଁ,୨୦।୭ (ସମିସ): ଧାମନଗର ବ୍ଲକ୍ ପାଳସାହି ପଞ୍ଚାୟତର ପୂର୍ବତନ ସରପଞ୍ଚ ଭାଗିରଥି ମହାନ୍ତିଙ୍କ ମାଆ ସୀତାମଣି ମହାନ୍ତିଙ୍କ ଏକାଦଶାହ କ୍ରିୟାରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଡିଡିଏ ପ୍ରେସ୍ କ୍ଲବ୍ ପକ୍ଷରୁ ସଭାପତି ସନ୍ତୋଷ ସାହୁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଯୋଗଦେଇ ସ୍ୱର୍ଗତାଙ୍କ ଫଟୋଚିତ୍ରରେ ପୁଷ୍ପାର୍ଘ୍ୟ ଅର୍ପଣ କରିଥିଲେ। ଏହାସହ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ। ଏହି ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ସମ୍ପାଦକ ମାନସ ପରିଡ଼ା, ବରିଷ୍ଠ ଉପଦେଷ୍ଟା ଦୀପ୍ତିରଞ୍ଜନ ନାୟକ, ଉପଦେଷ୍ଟା ସିଦ୍ଧାର୍ଥ ଶଙ୍କର ମିଶ୍ର, କୋଷାଧ୍ୟକ୍ଷ କଳନ୍ଦୀ ବେହେରା, ସାମ୍ବାଦିକ ଅନ୍ତର୍ଯ୍ୟାମୀ ଦାସ ଉପସ୍ଥିତ ରହି ସ୍ୱର୍ଗତା ସୀତାମଣି ମହାନ୍ତିଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ନୟନଯୋରୀରୁ ଜବରଦଖଲ ଉଚ୍ଛେଦ

ଭଦ୍ରକ,୨୦।୭ (ସମିସ): ସୋମବାର ଭଦ୍ରକ ତହସିଲ୍‌ଦାର ପ୍ରିୟଦର୍ଶୀ ସଂଗ୍ରାମ କେଶରୀ ଖୁଣ୍ଟିଆଙ୍କ ଆଦେଶକ୍ରମେ କୁଆପଦା ଗ୍ରାମର ପ୍ଲଟ୍ ନଂ-୬୬, କିଶମ ନୟନଯୋରୀ ଜମିରେ ଏକ ଉଚ୍ଛେଦ କାର୍ଯ୍ୟକ୍ରମ କରାଯାଇଛି। ଉକ୍ତ ନୟନଯୋରୀ ଜମିକୁ ଜଣେ ବ୍ୟକ୍ତି ବହୁ ବର୍ଷ ଧରି ମାଟି ପକାଇ ଅବରୋଧ କରି ରଖିଥିବାରୁ ଜଳନିଷ୍କାସନ ବ୍ୟବସ୍ଥା ବାଧାପ୍ରାପ୍ତ ହେଉଥିଲା। ଏହାକୁ ନେଇ ଗ୍ରାମବାସୀଙ୍କ ଦୀର୍ଘଦିନର ଦାବି ଥିଲା ଯେ ନୟନଯୋରୀ ଜମିକୁ ପୂର୍ବଭଳି ମୁକ୍ତ କରାଯାଇ ଜଳନିଷ୍କାସନର ସୁବିଧା ସୁନିଶ୍ଚିତ କରାଯାଉ। ଏହି ଉଚ୍ଛେଦ କାର୍ଯ୍ୟକ୍ରମରେ ଉକ୍ତ ଅବରୋଧକୁ ହଟାଇ ନୟନଯୋରୀ ଜମିକୁ ସମ୍ପୂର୍ଣ୍ଣ ମୁକ୍ତ କରାଯାଇଛି। ଏହାଫଳରେ ଆଗ ଓ ପଛରେ ଥିବା କେନାଲ ସହ ନୟନଯୋରୀର ସଂଯୋଗ ପୁନଃ ସ୍ଥାପିତ ହୋଇ ଜଳନିଷ୍କାସନ ସ୍ୱାଭାବିକ ଓ ସୁଗମ ହେବ। ଏହି ଉଚ୍ଛେଦ କାର୍ଯ୍ୟରେ ଭଦ୍ରକ ଗ୍ରାମାଞ୍ଚଳ ଥାନା ପୁଲିସ ସହ ରାଜସ୍ୱ ପରିଦର୍ଶକ ଜ୍ୟୋତିରଞ୍ଜନ ପଣ୍ଡା, ଲାଇସେନ୍ସ ସର୍ଭେୟର ସୁବାସ ପଲେଇ ଏବଂ ଅନ୍ୟାନ୍ୟ ସହଯୋଗୀ କର୍ମଚାରୀମାନେ ଉପସ୍ଥିତ ଥିଲେ। ଗ୍ରାମବାସୀଙ୍କର ସମ୍ପୂର୍ଣ୍ଣ ସହଯୋଗ ଏବଂ ପ୍ରଶାସନର ସମନ୍ୱିତ ପ୍ରୟାସରେ ଏହି ଉଚ୍ଛେଦ କାର୍ଯ୍ୟକ୍ରମଟି ଶାନ୍ତିପୂର୍ଣ୍ଣ ଓ ସୁଚାରୁରୂପେ ସଫଳତାର ସହ ସମ୍ପନ୍ନ ହୋଇଛି।



## ବିନା କାଗଜକଲମରେ ଚାଲିଛି ପାଥୋଲାବ୍

# ରୋଗୀଙ୍କ ଚିନ୍ତା ବଢ଼ାଉଛି ତ୍ରୁଟିପୂର୍ଣ୍ଣ ରିପୋର୍ଟ

ବନ୍ତ/ଆଗରପଡ଼ା,୨୦।୭ (ସମିସ)

ବନ୍ତ ବ୍ଲକ୍‌ର ବିଭିନ୍ନ ସ୍ଥାନରେ ଛତୁ ଫୁଟିଲା ଭଳି ବେଆଇନ ପାଥୋଲାବ୍ ପରୀକ୍ଷାଗାର କାମ କରୁଛି। କିନ୍ତୁ ବ୍ଲକ୍‌ର କେତୋଟି ପାଥୋଲାବ୍ ଲାଇସେନ୍ସ ପାଇଛନ୍ତି ତାହା ଅଜଣା ଥିବାବେଳେ ପାଖାପାଖି ୧୦ରୁ ଊର୍ଦ୍ଧ୍ୱ ବେଆଇନ ଭାବେ ଚାଲିଥିବା ଅଭିଯୋଗ ହେଉଛି। ବର୍ଷ ତମାମ ବେଆଇନ ଭାବେ ଚାଲିଥିବା ଏହି ପାଥୋଲାବ୍‌ଗୁଡ଼ିକ ପ୍ରତି ବିଭାଗୀୟ ଅଧିକାରୀଙ୍କ ଅନୁକମ୍ପା ଥିବାରୁ ତଦନ୍ତ ହେଉ ନ ଥିବା ଅଭିଯୋଗ ହେଉଛି। ଏଭଳି ସ୍ଥଳେ ସରକାର ରାଜସ୍ୱ ହରାଉଥିବାବେଳେ ରୋଗୀ ଅଯଥା ଖର୍ଚ୍ଚାନ୍ତ ହେବା ସହ ବେଳେବେଳେ ପ୍ରାଣ ମଧ୍ୟ ହରାଉଛନ୍ତି। ପୁଣି ଅଧିକାଂଶ ରୋଗୀଙ୍କର ରିପୋର୍ଟ ତ୍ରୁଟିପୂର୍ଣ୍ଣ ରହୁଥିବାରୁ ରୋଗ ଭଲ ହେବା ପରିବର୍ତ୍ତେ ବଢ଼ି ଚାଲିଥିବା ଅଭିଯୋଗ ହେଉଛି।

ସୂଚନା ଅନୁଯାୟୀ, ୫ରୁ ୧୦ ହଜାର ଟଙ୍କା ଖର୍ଚ୍ଚ କଲେ ବିଭିନ୍ନ ଅନାମଧେୟ ସଂସ୍ଥାରୁ ଟେକ୍ନିସିଆନ ସାର୍ଟିଫିକେଟ ହାସଲ କରାଯାଇପାରୁଛି। ସାର୍ଟିଫିକେଟ ହାସଲ ପରେ ବ୍ଲକ୍ ସମେତ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ର ନିକଟରେ

### ରାଜସ୍ୱ ହରାଉଛନ୍ତି ସରକାର

ଏକ ଉଡ଼ା ଘରେ ହେଉ ଅବା କ୍ୟାବିନ୍ ଖଣ୍ଡେ ପକାଇ ପାଥୋଲାବ୍ ଫଳକଟିଏ ମାରି ରକ୍ତ, ମଳ, ମୂତ୍ର ଆଦି ପରୀକ୍ଷା କରାଯାଉଛି। ବ୍ୟାବହାରିକ ଓ ବୃତ୍ତିଗତ ଜ୍ଞାନ ଅଭାବରୁ ରୋଗୀମାନେ ଆର୍ଥିକ ଦୃଷ୍ଟିରୁ ଶୋଷିତ ହୋଇ ଚାଲୁଛନ୍ତି। ଅନ୍ୟପକ୍ଷେ ତ୍ରୁଟିପୂର୍ଣ୍ଣ ପରୀକ୍ଷଣ ଯୋଗୁଁ ବ୍ଲଡ୍ ଗ୍ରୁପ୍ ଚିହ୍ନଟ ବେଳେ ଜଣେ ବ୍ୟକ୍ତିର ବ୍ଲଡ୍ ଗ୍ରୁପ୍ ମଧ୍ୟ ଭିନ୍ନହୋଇଯାଉଥିବାର ଅଭିଯୋଗ ହେଉଛି। ପାଥୋଲାବ୍ କରିବା ସହ ସପ୍ତାହର ବିଭିନ୍ନ ଦିନରେ ବିଭିନ୍ନ ଅଞ୍ଚଳରୁ ବିଭିନ୍ନ ବିଭାଗର ଡାକ୍ତର ଡାକି କିଛି ପାଥୋଲାବ୍ ମାଲିକ ସାଧାରଣ ଲୋକଙ୍କୁ ଶୋଷଣ କରୁଥିବା ଅଭିଯୋଗ ମଧ୍ୟ ହେଉଛି। ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ତା' ଅଧୀନରେ ଥିବା ୪ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ନିକଟରେ ଗଢ଼ି ଉଠିଥିବା ପାଥୋଲାବ୍‌ଗୁଡ଼ିକରେ ଏଭଳି ଘଟଣା ବିଭିନ୍ନ ସମୟରେ ଘଟି ଚାଲିଥିଲେ ମଧ୍ୟ ଅଭିଯୋଗ ଉପରେ ସରକାରଙ୍କ ତରଫରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ସେମାନଙ୍କ ମନମାନୀ ଦିନକୁ ଦିନ ବଢ଼ିଚାଲିଛି। ଏ ନେଇ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ର ଅଞ୍ଚଳର କିଛି ଜନସାଧାରଣଙ୍କୁ ଯୋଗାଯୋଗ କରିବାରୁ କେଉଁ ପାଥୋଲାବ୍ ବେଆଇନ ଓ କିଏ ପଞ୍ଜିକୃତ ରୋଗୀ ଜାଣିବେ କିପରି ବୋଲି ପ୍ରକାଶ କରିଛନ୍ତି। ତେଣୁ ସ୍ୱାସ୍ଥ୍ୟ ବିଭାଗ ଏ ଦିଗରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବା ଦରକାର ନଚେତ୍ ରୋଗୀଙ୍କ ଜୀବନ ସହ ଖେଳ ଚାଲିଥିବ ବୋଲି ବୁଦ୍ଧିଜୀବୀମାନେ ମତପ୍ରକାଶ କରିଛନ୍ତି।

ରୋଗୀଙ୍କ ସ୍ୱାସ୍ଥ୍ୟ ସେବା ଉପରେ ଗୁରୁତ୍ୱ ଦେଇ ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ତା' ଅଧୀନରେ ଥିବା ୪ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ନିକଟରେ ଗଢ଼ି ଉଠିଥିବା ବେଆଇନ ପାଥୋଲାବ୍ ଉପରେ ସ୍ୱାସ୍ଥ୍ୟ ବିଭାଗ ଚଢ଼ଉ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ସ୍ୱାସ୍ଥ୍ୟସେବାରେ ଏକ ଭିନ୍ନ ବାତାବରଣ ସୃଷ୍ଟି ହୋଇପାରନ୍ତା ବୋଲି ବିଭିନ୍ନ ମହଲରୁ ମତ ପ୍ରକାଶ ପାଇଛି। ପାଥୋଲାବ୍ ଖୋଲିବା ପାଇଁ ସରକାରଙ୍କ ତରଫରୁ ସ୍ୱତନ୍ତ୍ର ନିୟମ ପ୍ରଣୟନ କରାଯାଇଥିବା ବେଳେ ବିନା କାଗଜକଲମରେ ଏହା ଚାଲିବା କେତେଦୂର ଯୁକ୍ତିଯୁକ୍ତ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।




## କେରଳରେ ଓଡ଼ିଆ ଦାଦନ ଶ୍ରମିକଙ୍କ ମୃତ୍ୟୁ

# ମୃତଦେହ ଆଣିବାକୁ ପରିବାର ଲୋକଙ୍କ ଗୁହାରି

କେନ୍ଦୁଝର,୨୦।୭ (ସମିସ)

କେନ୍ଦୁଝର ଜିଲ୍ଲାର ହରିଚନ୍ଦନପୁର ବ୍ଲକ୍ ରେବଣା ପଳାସପାଳ ପଞ୍ଚାୟତ ବୁଢ଼ିପଦା ଜୁଆଙ୍ଗ ସାହିର ଗଣେଶ ଜୁଆଙ୍ଗ(୨୩) ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଉଥିବାବେଳେ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି। ଗଣେଶ ଜୁଆଙ୍ଗ ଉକ୍ତ ଗ୍ରାମର ଗୁନେଇ ଜୁଆଙ୍ଗ ଏବଂ ଗୌରା ଜୁଆଙ୍ଗଙ୍କ ସହିତ ଅନ୍ୟ ଗ୍ରାମର କେତେକ ଯୁବକଙ୍କ ସହ ବସ୍ ଯୋଗେ କେରଳକୁ ଦାଦନ ଖଟିବାକୁ ଯାଇଥିଲେ। ୧୯ ତାରିଖ ବିଳମ୍ବିତ ରାତିରେ ତାମିଲନାଡୁ ରାଜ୍ୟ ଚିତ୍ତୋର ଥାନା ଅଞ୍ଚଳରେ ସଡ଼କ ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ଘଟିଥିଲା। ତେବେ ତାଙ୍କର ମୃତଦେହ ଗ୍ରାମକୁ ଫେରାଇ ଆଣିବାକୁ ବାପା ଯଦୁ ଜୁଆଙ୍ଗ ସୋମବାର କେନ୍ଦୁଝର ଜିଲ୍ଲା ଶ୍ରମ ଅଧିକାରୀଙ୍କ ନିକଟରେ ଆକୁଳ ନିବେଦନ କରିଛନ୍ତି। ଘରର ଆର୍ଥିକ ସ୍ଥିତି ଖରାପ ଥିବାରୁ ଶବ ଆଣିବାକୁ ସେମାନେ ଅକ୍ଷମ ବୋଲି ଯଦୁ ଜୁଆଙ୍ଗ କହିଛନ୍ତି। ରଜ ଛୁଟିରେ ସେମାନେ କେରଳରୁ ଗାଁ କୁ ଆସିଥିଲେ। ଛୁଟି ପରେ ସେମାନେ ଗତ ୧୭ ତାରିଖରେ ହରିଚନ୍ଦନପୁରରୁ ବସ୍ ଯୋଗେ କେରଳ କୁ ଯାଉଥିଲେ। ସୂଚନାଯୋଗ୍ୟ ଯେ, ଦୈତାରୀ ଥାନା ଅନ୍ତର୍ଗତ ବୁଢ଼ିପଦା ଗ୍ରାମର ୧୦ରୁ ଊର୍ଦ୍ଧ୍ୱ ଜୁଆଙ୍ଗ ଯୁବକ ଦାଦନ ଖଟିବାକୁ ତାମିଲନାଡୁ ଏବଂ କେରଳ ରାଜ୍ୟକୁ ଯାଇଛନ୍ତି। ରେବଣାପଳାସପାଳ ପଞ୍ଚାୟତର ପ୍ରାୟ ୨୦୦ ରୁ ଊର୍ଦ୍ଧ୍ୱ ଆଦିବାସୀ ଯୁବକ/ଯୁବତୀ କାମ କରିବାକୁ ବାହାର ରାଜ୍ୟକୁ ଯାଇଥିବା ଅବସରପ୍ରାପ୍ତ ପାରା ମିଲିଟାରୀ ଯବାନ ବାଲେୟା ହାଁସଦା କହିଛନ୍ତି। ସରକାର ସେମାନଙ୍କୁ ସୁରକ୍ଷିତ



ଭାବେ ଓଡ଼ିଶାକୁ ଫେରାଇ ଆଣି କର୍ମସଂସ୍ଥାନ ଯୋଗାଇ ଦେବାକୁ ଜିଲ୍ଲା ପ୍ରଶାସନ ନିକଟରେ ସେ ନିବେଦନ କରିଛନ୍ତି। ହରିଚନ୍ଦନପୁର ବ୍ଲକ୍ ରେବଣାପଳାସପାଳ ପଞ୍ଚାୟତରେ କାମ କମ୍ ମିଳୁଛି ଏବଂ ଯେଉଁ ଠାରେ କାମ ମିଳୁଛି କମ ମଜୁରି ମିଳୁଛି। ଫଳରେ ଘର ଭରଣପୋଷଣ କରିବା କଷ୍ଟକର ହେଉଥିବାରୁ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି ବୋଲି କହିଛନ୍ତି। ଜିଲ୍ଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଆଜି ଆରକ୍ଷୀ ଅଧୀକ୍ଷକ କେନ୍ଦୁଝରଙ୍କୁ ଚିଠି କରାଯାଇ ମୃତ ଦେହକୁ ତାମିଲନାଡୁରୁ କେନ୍ଦୁଝରକୁ ଆଣିବା ପାଇଁ ନୋ ଅବଜେକସନ ସାର୍ଟିଫିକେଟ ପ୍ରଦାନ ପାଇଁ ଚିଠି କରିଛନ୍ତି। ଏନ୍‌ଓସି ଅନୁଯାୟୀ ମୃତଦେହ ତାଙ୍କ ସହଯୋଗୀଙ୍କୁ ହସ୍ତାନ୍ତର କରାଗଲେ ସେମାନେ ଘରକୁ ଆଣିବେ। କେନ୍ଦୁଝର ଜିଲ୍ଲାର ବିଭିନ୍ନ ଅଂଚଳରୁ ଦାଦନ ଖଟିବାକୁ ତାମିଲନାଡୁ ଯାଇ ଆମୋନିଆ ଗ୍ୟାସ୍ ଦୁର୍ଘଟଣାରେ ୧୪ଜଣ ଜୁଆଙ୍ଗଙ୍କ ମୃତ୍ୟୁ ପରେ ଶ୍ରମ ବିଭାଗ ଉକ୍ତ ସ୍ଥାନରେ କାମ କରୁଥିବା ଅନ୍ୟମାନଙ୍କୁ ଫେରାଇ ଆଣିଥିଲେ ହେଁ ଏବେ ମଧ୍ୟ ଶହ ଶହ ଶ୍ରମିକ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଉଛନ୍ତି। ପ୍ରତି ଶୁକ୍ରବାର ଦିନ ହରିଚନ୍ଦନପୁର ବ୍ଲକ ଅନ୍ତର୍ଗତ ରେଲୱେ ଓଭରବ୍ରିଜ ନିକଟରୁ ହରିଚନ୍ଦନପୁର, ତେଲକୋଇ ଏବଂ ଘଟଗାଁ ଅଂଚଳର ଯୁବକ/ଯୁବତୀମାନେ ବସ ଯୋଗେ ଦାଦନ ଖଟିବାକୁ ତାମିଲନାଡୁ ଏବଂ କେରଳ ରାଜ୍ୟକୁ ବିନା ପଞ୍ଜୀକରଣରେ ଯାଉଥିଲେ ମଧ୍ୟ ପୁଲିସ ଏବଂ ଶ୍ରମ ବିଭାଗ ନିକଟରେ ଏହାର ସୂଚନା ନଥିବା ଅଭିଯୋଗ ହେଉଛି।

## ତାଳବେରୀ ଗ୍ରାମରେ ଘର ଭାଙ୍ଗିଲା ଦନ୍ତା



ଶୁକ୍ଳି, ୨୦।୭ (ସମିସ): ଦିନକୁ ଦିନ ନରହନ୍ତା ହାତୀର ଉତ୍ପାତ ବଢ଼ିବାରେ ଲାଗିଛି। ୧୧ ଦିନ ପୂର୍ବରୁ ସିଙ୍ଗଡ଼ା ସେକ୍ସନର ତୁଟି ସାହି ଗ୍ରାମରେ ଜଣେ ମହିଳାଙ୍କୁ ଦଳି ମାରିଥିଲା। ଦନ୍ତା ବିଗତ ଦିନରେ ଘରେ ପଶି ମଣିଷ ମାରିବାର ନଜିର ରହିଛି। ଘରେ ପଶିବା ସ୍ୱଭାବ ଅଭ୍ୟାସରେ ପରିଣତ ହୋଇଗଲାଣି। ବନ ବିଭାଗର ହାତୀ ଘଉଡ଼ାଇବା କୌଶଳକୁ ବି ଖାତିର ନାହିଁ। ରବିବାର ରାତିରେ କରଞ୍ଜିଆ ବନାଞ୍ଚଳ ଘାଗରବେଡା ସେକ୍ସନ ତାଳବେରୀ ଗ୍ରାମର ନିରଞ୍ଜନ ମହାନ୍ତ ଘର କବାଟ ପେଲି ଘରେ ପଶିଥିଲା। ଘରେ ପଶି ଧାନ, ଚାଉଳ ଖାଇବା ସହ ଆସବାବପତ୍ର ଭାଙ୍ଗିଛି। ବାଜା, ନିଆଁ, ଆଲୁଅ କାହାକୁ ଖାତିର ନାହିଁ। ଅଞ୍ଚଳବାସୀ ଭୟଭୀତ ଅବସ୍ଥାରେ ରହିଥିବାବେଳେ ବନ ବିଭାଗକୁ ଏହାର ପ୍ରତିକାର କରିବାକୁ ଦାବି କରିଛନ୍ତି।

## ନାକେଦମ କଲାଣି ଝାଡ଼ଖଣ୍ଡୀ ହାତୀ



ଆନନ୍ଦପୁର,୨୦।୭ (ସମିସ): ଆନନ୍ଦପୁର ରେଞ୍ଜର ବିଭିନ ଗ୍ରାମରେ ଝାଡ଼ଖଣ୍ଡୀ ଦନ୍ତାହାତୀ ସହ ସ୍ଥାନୀୟ ହାତୀ ମିଶି ଘର ଓ ଫସଲ ନଷ୍ଟ କରି ଲୋକଙ୍କୁ ଅତିଷ୍ଠ କଲେଣି। ଏପରିକି ଘରେପଶି ଖାଦ୍ୟଶସ୍ୟ ଖାଇଯାଉଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି। ବନବିଭାଗ ହାତୀ କବଳରୁ ଗ୍ରାମବାସୀଙ୍କ ଧନଜୀବନକୁ ସୁରକ୍ଷା ଯୋଗାଇବା ପାଇଁ ପ୍ରାଣାନ୍ତକ ଉଦ୍ୟମ କରୁଥିଲେ ମଧ୍ୟ ଦୁର୍ଦାନ୍ତ ହାତପଲ ଉପଦ୍ରବ ଚଳାଇ ପ୍ରତିଦିନ କ୍ଷୟକ୍ଷତି କରିଚାଲିଛନ୍ତି। ଆନନ୍ଦପୁର ରେଞ୍ଜ ଅନ୍ତର୍ଗତ କୋଡପଡ଼ା ପଞ୍ଚାୟତର ଗୋଳାବନ୍ଧ ଓ ବୀରଗୋବିନ୍ଦପୁର ପଞ୍ଚାୟତର ଗୋହିରାବଣୀ, ଧାତିକିଡିହା ପ୍ରଭୃତି ଗାଁରେ ସନ୍ଧ୍ୟା ହେଲେ ହାତୀ ପଲ ଉପଦ୍ରବ କରୁଛନ୍ତି। ବାରମ୍ବାର ଅଭିଯୋଗ ପରେ ବନବିଭାଗ ତରଫରୁ ପଦକ୍ଷେପ ଗ୍ରହଣ କରାଯାଇଥିଲେ ମଧ୍ୟ ଆଜି ସଂପୃକ୍ତ ଅଞ୍ଚଳର ଗ୍ରାମବାସୀ ମିଳିତ ହୋଇ ଘସିପୁରା ପଞ୍ଚାୟତ ସମିତି କାର୍ଯ୍ୟାଳୟଠାରେ ଜିଲ୍ଲାପାଳଙ୍କ ମିଳିତ ଜନଶୁଣାଣିରେ ହାଜର ହୋଇ ଅଭିଯୋଗ କରିଛନ୍ତି। ସାତକୋଶିଆ ଜଙ୍ଗଲରେ ହାତୀଙ୍କୁ ସୋଲାର୍ କରେଣ୍ଟ ଝଟକା ଦେବାରୁ ସେମାନେ କେନ୍ଦୁଝର ଜିଲ୍ଲାର ସୀମାନ୍ତରେ ଥିବା ଏହି ଗାଁଗୁଡ଼ିକୁ ପଶି ଆସୁଥିବା ଅଭିଯୋଗ ହୋଇଛି। ହେଲେ ବନବିଭାଗ ହାତୀଙ୍କୁ ଘଉଡ଼ାଇବା ପାଇଁ ହାତୀ ଆସିଲେ ଗାଁ ମାନଙ୍କରୁ କରେଣ୍ଟ କାଟିଦେଉଥିବା ଭଳି ଅଭିଯୋଗ କରିଛନ୍ତି ଗ୍ରାମବାସୀ। ଏହାର ସ୍ଥାୟୀ ସମାଧାନ ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ରାମଚନ୍ଦ୍ର ରଣା, ପୁଦନା ନାଇକ, ଯୋଗେନ୍ଦ୍ର ସାହୁ ପ୍ରମୁଖ ଦାବି ଜଣାଇଛନ୍ତି।

## ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣି

# ଆବାସ ଯୋଜନାରେ ସାମିଲ୍ ପାଇଁ ନିବେଦନ



ଆନନ୍ଦପୁର,୨୦।୭ (ସମିସ): କେନ୍ଦୁଝର ଜିଲ୍ଲପାଳ ବିଶାଳ ସିଂ ଆଜି ଘସିପୁରା ବ୍ଲକ୍ ଅଭିଯୋଗ ଶୁଣାଣିରେ ଅନୁପସ୍ଥିତ ଥିଲେ ମଧ୍ୟ ବିଭିନ୍ନ ଅଞ୍ଚଳରୁ ଯୋଗଦେଇଥିବା ଲୋକଙ୍କ ଠାରୁ ଅଭିଯୋଗ ଗ୍ରହଣ କରାଯାଇ ସମାଧାନ ନିମନ୍ତେ ବିଭିନ୍ନ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ଭଙ୍ଗାତୁଟା ଚାଳ ଛପର ଘରେ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ଜୀବନ ବିତାଉଛନ୍ତି ଆନନ୍ଦପୁର ବ୍ଲକ୍ ଅନ୍ତର୍ଗତ ମୋଚିନ୍ଦା ଗ୍ରାମର ଆନନ୍ଦ ସାହୁ। ବହୁଥର ଆବେଦନ କରି ସମ୍ପୃକ୍ତ ଅଧିକାରୀଙ୍କ ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ତାଙ୍କୁ ଆବାସ ଯୋଜନାର ସୁବିଧା ମିଳିନାହିଁ। ଫଳରେ ସେ ନ୍ୟାୟ ଆଶାରେ ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣିରେ ନିଜର ଗୁହାରି ଜଣାଇଛନ୍ତି। ଆନନ୍ଦଙ୍କ ଅଭିଯୋଗ ଅନୁଯାୟୀ, ପୂର୍ବରୁ ତାଙ୍କ ନାମ ଆବାସ ଯୋଜନାର ତାଲିକାରେ ସାମିଲ ଥିଲା। କିନ୍ତୁ ପରବର୍ତ୍ତୀ ସମୟରେ କୌଣସି ସ୍ୱଷ୍ଟ କାରଣ ନ ଦର୍ଶାଇ ତାଙ୍କ ନାମକୁ ତାଲିକାରୁ ବାଦ ଦିଆଯାଇଥିବା ସେ ଅଭିଯୋଗ କରିଛନ୍ତି। ଜଣେ ପ୍ରକୃତ ହିତାଧିକାରୀ ହୋଇଥିଲେ ମଧ୍ୟ ସରକାରୀ ସହାୟତାରୁ ବଞ୍ଚିତ ହେବା ତାଙ୍କୁ ଚିନ୍ତାରେ ପକାଇଛି। ଆନନ୍ଦଙ୍କ ପରିବାର ଦୀର୍ଘଦିନ ଧରି ଏକ ଜରାଜୀର୍ଣ୍ଣ ଚାଳ ଛପର ଘରେ ବସବାସ କରୁଛନ୍ତି। ବର୍ଷା ଦିନରେ ଘର ଭିତରକୁ ପାଣି ପଶିଯାଉଥିବାରୁ ପରିବାର ସଦସ୍ୟମାନେ ବହୁ କଷ୍ଟରେ ଦିନ କାଟୁଛନ୍ତି। ବ୍ଲକ୍ ପ୍ରଶାସନ ନିକଟରେ ବାରମ୍ବାର ଗୁହାରି କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିବାରୁ ଶେଷରେ ସେ ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣିରେ ଆବେଦନ କରି ତାଙ୍କ ନାମ ପୁନର୍ବାର ଯାଞ୍ଚ କରି ଆବାସ ଯୋଜନାରେ ସାମିଲ କରିବାକୁ ଦାବି ଜଣାଇଛନ୍ତି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଚନାର ବିଷୟ ପାଲଟିଥିବା ବେଳେ ପ୍ରକୃତ ହିତାଧିକାରୀଙ୍କୁ ସରକାରୀ ଯୋଜନାର ସୁବିଧା ସୁନିଶ୍ଚିତ କରିବା ପାଇଁ ପ୍ରଶାସନ ନିରପେକ୍ଷ ତଦନ୍ତ କରି ଆବଶ୍ୟକ ପଦକ୍ଷେପ ନେବ ବୋଲି ସାଧାରଣରେ ଆଶା ପ୍ରକାଶ ପାଇଛି।

## ବଡ଼ବିଲ ପୁଲିସର ସଫଳତା

# ବ୍ରାଉନ୍‌ସୁଗର ଜବତ, ୬ ଗିରଫ

ବଡ଼ବିଲ,୨୦।୭ (ସମିସ): ନିଶା କାରବାର ବିରୋଧରେ ଚାଲିଥିବା ସ୍ୱତନ୍ତ୍ର ଅଭିଯାନରେ ବଡ଼ବିଲ ପୁଲିସ ଏକ ବଡ଼ ସଫଳତା ହାସଲ କରିଛି। ଆନ୍ତଃରାଜ୍ୟ ବ୍ରାଉନ୍‌ସୁଗର ଚୋରା ଚାଲାଣ ରାକେଟର ପର୍ଦ୍ଦାଫାସ କରି ପୁଲିସ ୬ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏହି ମାମଲାରେ ବଡ଼ବିଲ ଥାନା କେସ୍ ନଂ୩୧୫, ତାରିଖ ୧୯.୦୭.୨୦୨୬ ଅନୁଯାୟୀ ଏନ୍‌ଡିପିଏସ୍ ଆଇନର ଧାରା ୨୧(ବି)/୨୯ରେ ମାମଲା ରୁଜୁ କରାଯାଇଛି। ସୂଚନା ଅନୁଯାୟୀ, ୧୯ ଜୁଲାଇରେ ଉପ-ନିରୀକ୍ଷକ ଦେବାଶିଷ ରାଉଳଙ୍କ ନେତୃତ୍ୱରେ ପୁଲିସ ଦଳ ଭଦ୍ରାସାହିବେଲକୁଣ୍ଡି ଅଞ୍ଚଳରେ ପାଟ୍ରୋଲିଂ କରୁଥିବା ବେଳେ ଭଦ୍ରାସାହି



ପିତୁ ପ୍ଲାଣ୍ଟ ପଛ ମୁଣ୍ଡାସାହି ଜଙ୍ଗଲ ନିକଟରେ କିଛି ବ୍ୟକ୍ତି ବ୍ରାଉନ ସୁଗାର ଧରି ବେପାରୀଙ୍କୁ ଅପେକ୍ଷା କରିଥିବା ନେଇ ବିଶ୍ୱସ୍ତ ସୂଚନା ମିଳିଥିଲା। ଏହା ପରେ ବରିଷ୍ଠ ଅଧିକାରୀଙ୍କ ନିର୍ଦ୍ଦେଶରେ ସ୍ୱାଧୀନ ସାକ୍ଷୀ ଓ ଜଣେ କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଚଢ଼ାଉ କରାଯାଇଥିଲା। ଚଢ଼ଉ ବେଳେ ଚାରି ଜଣ ସନ୍ଦିଗ୍ଧ ଯୋଗାଣକାରୀଙ୍କୁ କାବୁ କରାଯାଇଥିଲା। ସେମାନଙ୍କ ନିକଟରୁ ୩୪ ଗ୍ରାମ ବ୍ରାଉନ୍‌ସୁଗର, ଏକ ମୋବାଇଲ ଫୋନ୍, ନିଶା କାରବାରରୁ ମିଳିଥିବା ସନ୍ଦେହରେ ୫୦ ହଜାର ଟଙ୍କା ନଗଦ ଏବଂ ଓଡି୦୯ଏଲ୬୦୦୨ ନମ୍ବର ବିଶିଷ୍ଟ ଏକ ମୋଟରସାଇକଲ ଜବତ କରାଯାଇଥିଲା। ପରବର୍ତ୍ତୀ ତଦନ୍ତରେ ଏହି ରାକେଟ ସହ ଜଡ଼ିତ ଆଉ ଦୁଇ ଜଣ ପେଡଲରଙ୍କୁ ମଧ୍ୟ ଗିରଫ କରାଯାଇଛି। ଗିରଫ ନିଶା ଚାଲାଣ କାରୀମାନେ ହେଲେ ପଶ୍ଚିମବଙ୍ଗ ମୁର୍ସିଦାବାଦ ଅଞ୍ଚଳର ସମିମ ଅକ୍ତର, ମେହେବୁବ ଏସକେ,ଜୋହାର ଏସକେ ଓ ବଡ଼ବିଲ ବରକତ ନଗର ଅଞ୍ଚଳର ଏମ୍‌ଡି ତୋହିଦ ସେହିପରି ଗିରଫ ଅଭିଯୁକ୍ତମାନଙ୍କ ଠାରୁ ନିଶା ଦ୍ରବ୍ୟ ନେଇ ଖୁଚୁରାରେ ବେପାର କରୁଥିବା ଝୁମ୍ପୁରା ଅଞ୍ଚଳର ଏମ୍‌ଡି ରାମିଜ ରାଜା ଓ ଝାଡ଼ଖଣ୍ଡର ସଫିକୁଲ ଏସ୍‌କେ ଗିରଫ ହୋଇଥିବା ୬ ଜଣଙ୍କୁ ଆବଶ୍ୟକ ଆଇନଗତ ପ୍ରକ୍ରିୟା ପରେ ଅଦାଲତକୁ ଚାଲାଣ କରାଯାଇଛି। ବ୍ରାଉନ ସୁଗାରର ଉତ୍ସ, ଆନ୍ତଃରାଜ୍ୟ ଚୋରା ଚାଲାଣ ନେଟୱର୍କ, ଆର୍ଥିକ କାରବାର ଓ ଏହି ଚକ୍ରରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କ ସନ୍ଧାନରେ ପୁଲିସ ତଦନ୍ତ ଜାରି ରଖିଛି। ବଡ଼ବିଲ ପୁଲିସ ନିଶା କାରବାର ବିରୋଧରେ "ଶୂନ୍ୟ ସହନଶୀଳତା' ନୀତି ଆପଣାଇଥିବା ବଡ଼ବିଲ ଥାନା ଅଧିକାରୀ ଅଶୋକ କୁମାର ନାୟକ ସୂଚନା ଦେଇଛନ୍ତି।

# 'ଜିନ୍ଦଲ ଆରୋଗ୍ୟମ୍ ହସ୍ପିଟାଲ' ଲୋକାର୍ପିତ

ଯୋଡ଼ା,୨୦।୭ (ସମିସ): ପବିତ୍ର ହେରାପଞ୍ଚମୀ ଅବସରରେ ଜିନ୍ଦଲ ଷ୍ଟିଲର ସାମାଜିକ ସଂସ୍ଥା ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ କେନ୍ଦୁଝର ଜିଲ୍ଲା ବଡ଼ବିଲସ୍ଥିତ ଦେଓଝର ଠାରେ ଏକ ଅତ୍ୟାଧୁନିକ ୨୫ ଶଯ୍ୟା ବିଶିଷ୍ଟ ଜିନ୍ଦଲ ଆରୋଗ୍ୟମ କମ୍ୟୁନିଟି ହସ୍ପିଟାଲ ବା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଲୋକାର୍ପଣ ହୋଇଯାଇଛି। ଏଥିସହିତ ଦେବେଶ୍ୱର ମହାଦେବଙ୍କ ମନ୍ଦିରର ପ୍ରାଣ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଛି। ଏହି ଦୁଇ ପ୍ରକଳ୍ପକୁ ଜିନ୍ଦଲ ଫାଉଣ୍ଡେସନର ଚେୟାରପର୍ସନ୍ ଶାଲୁ ଜିନ୍ଦଲ ଲୋକାର୍ପିତ କରିଥିଲେ। କାର୍ଯ୍ୟକ୍ରମରେ ବିଶିଷ୍ଟ ସମାଜସେବୀ ପଦ୍ମଶ୍ରୀ ତୁଳସୀ ମୁଣ୍ଡାଙ୍କ ସହିତ କମ୍ପାନୀର ବରିଷ୍ଠ ଅଧିକାରୀ,



ଜନପ୍ରତିନିଧି ଏବଂ ସ୍ଥାନୀୟ ଜନସାଧାରଣମାନେ ଉପସ୍ଥିତ ଥିଲେ। ନବନିର୍ମିତ ସ୍ୱାସ୍ଥ୍ୟ କେନ୍ଦ୍ରରେ ବହୁମୁଖୀ ଏବଂ ଅତ୍ୟାଧୁନିକ ଚିକିତ୍ସା ଭିତ୍ତିଭୂମି ଉପଲବ୍ଧ କରାଯାଇଛି। ଏଠାରେ ମେଡିସିନ, ଅସ୍ତ୍ରୋପଚାର, ସ୍ତ୍ରୀ ଓ ପ୍ରସୂତି ରୋଗ, ଏବଂ ଶିଶୁ ରୋଗ ବିଭାଗରେ ବିଶେଷଜ୍ଞ ଡାକ୍ତର ମାନେ ଚିକିତ୍ସା ସେବା ଯୋଗାଇବେ। ସେହିପରି ହୃଦ୍‌ରୋଗ, ଅସ୍ଥିଶଲ୍ୟ, ଦନ୍ତ ଚିକିତ୍ସା, ପାଚନ ଓ ଆନ୍ତ୍ରିକ ରୋଗ ଏବଂ ଚକ୍ଷୁ ଚିକିତ୍ସା ପାଇଁ ବିଶେଷଜ୍ଞ ଡାକ୍ତରମାନେ ପରିଦର୍ଶନରେ ଆସି ସେବା ପ୍ରଦାନ କରିବେ। ହସ୍ପିଟାଲରେ ଅତ୍ୟାଧୁନିକ ଅପରେସନ୍ ଥିଏଟର, ଉନ୍ନତ ରୋଗ ନିର୍ଣ୍ଣୟ ପଦ୍ଧତି ଏବଂ ୨୪ ଘଣ୍ଟିଆ ଆଡ୍‌ଭାନ୍ସଡ୍ କାର୍ଡିଆକ୍ ଲାଇଫ୍ ସପୋର୍ଟ (ଇଉଖଝ) ଆମ୍ବୁଲାନ୍ସ ସୁବିଧା ମଧ୍ୟ ଉପଲବ୍ଧ ରହିଛି। ଏଥିସହିତ ଦେବେଶ୍ୱର ମହାଦେବଙ୍କ ମନ୍ଦିରର ପ୍ରାଣ ପ୍ରତିଷ୍ଠା କରାଯାଇଛି। ଆଗାମୀ ଦିନରେ ପୂଜାର୍ଚ୍ଚନା, ପର୍ବପର୍ବାଣି ପାଳନ ଏବଂ ଆଧ୍ୟାତ୍ମିକ ଚେତନାର ଏକ ଅନନ୍ୟ କେନ୍ଦ୍ର ଭାବେ ପରିଗଣିତ ହେବ ଏହି କ୍ଷେତ୍ର ବୋଲି କୁହାଯାଇଛି। ଶ୍ରୀମତୀ ଜିନ୍ଦଲ ଏହି ଅବସରରେ କହିଥିଲେ ଯେ, ସମାଜର ପ୍ରତ୍ୟେକ ବର୍ଗର ଲୋକଙ୍କ ପାଇଁ ଉନ୍ନତ ଏବଂ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପହଞ୍ଚାଇବା ଲକ୍ଷ୍ୟ ନେଇ ଜିନ୍ଦଲ ଆରୋଗ୍ୟମ କମ୍ୟୁନିଟି ହସ୍ପିଟାଲ ସ୍ଥାପନ କରାଯାଇଛି। ଏଥିସହିତ ଦେବେଶ୍ୱର ମହାଦେବଙ୍କ ମନ୍ଦିରର ପ୍ରାଣ ପ୍ରତିଷ୍ଠା ଅଞ୍ଚଳର ଲୋକମାନଙ୍କ ମଧ୍ୟରେ ଶାରୀରିକ ସୁସ୍ଥତା ସହ ଆଧ୍ୟାତ୍ମିକ ଭାବକୁ ସୁଦୃଢ଼ କରିବ। କାର୍ଯ୍ୟକ୍ରମରେ ଦେଓଝର ଗ୍ରାମ ପଞ୍ଚାୟତର ସରପଞ୍ଚ ଧ୍ରୁବ ଚରଣ ନାୟକ, ମନ୍ଦିରର ମୁଖ୍ୟ ସ୍ଥପତି ମୋତିଲାଲ ଜୀ, ପ୍ରେସିଡେଣ୍ଟ ଓ ହେଡ୍‌କର୍ପୋରେଟ୍ କମ୍ୟୁନିକେସନ୍, ଓଡ଼ିଶା ପ୍ରଶାନ୍ତ ହୋତା, ବିଜନେସ୍ ହେଡ୍ ଆଶିଷ ପାଣ୍ଡେ, ବିକେଟିଆର୍ ଲୋକେସନ୍‌ସର କ୍ଲଷ୍ଟର ହେଡ୍ ପ୍ରମୋଦ କୁମାର ପାତ୍ର, ଭାଇସ୍ ପ୍ରେସିଡେଣ୍ଟ ଏସ୍. କେ. ଶର୍ମା, ବଡବିଲ ୟୁନିଟ୍‌ର ୟୁନିଟ୍ ହେଡ୍ ସତୀଶ ସିନ୍ଦୁରିଆ, ସିଏସ୍‌ଆର୍ ହେଡ୍ ଋଷି ପଠାନିଆ, ଆଡମିନିଷ୍ଟ୍ରେସନ୍ ହେଡ୍ କର୍ଣ୍ଣେଲ ଗଗନଦୀପ କୋହଲି, କାସିଆ, ରୋଇଡା-ଓ ଓ ଟେନ୍ସା ଲୁହାପଥର ଖଣିର ବରିଷ୍ଠ ଅଧିକାରୀ, ଜିନ୍ଦଲ ଷ୍ଟିଲର ଅଧିକାରୀ, ସ୍ଥାନୀୟ ଜନପ୍ରତିନିଧି, ବିଶିଷ୍ଟ ବ୍ୟକ୍ତିବିଶେଷ, କର୍ମଚାରୀ ଏବଂ ସେମାନଙ୍କ ପରିବାରବର୍ଗ ଉପସ୍ଥିତ ଥିଲେ।

## ପ୍ରଗତି ମଞ୍ଚ ପକ୍ଷରୁ ଏଡିଏମ୍ ଓ ଏସ୍‌ପିଙ୍କୁ ଦାବିପତ୍ର

# ପାଞ୍ଚପୀଢ଼ ଉପଖଣ୍ଡରେ ନୂତନ ଥାନା ଓ ଫାଣ୍ଡି ପ୍ରତିଷ୍ଠା କରାଯାଉ

କରଞ୍ଜିଆ, ୨୦।୭ (ସମିସ): ପାଞ୍ଚପୀଢ଼ ଉପଖଣ୍ଡରେ ଆଇନଶୃଙ୍ଖଳା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ସହ ସାଧାରଣ ଲୋକଙ୍କୁ ସହଜରେ ପୁଲିସ ସେବା ଯୋଗାଇବା ଦାବିରେ କରଞ୍ଜିଆ ପ୍ରଗତି ମଞ୍ଚ ପକ୍ଷରୁ ରାଇରଙ୍ଗପୁର ଅତିରିକ୍ତ ଜିଲ୍ଲାପାଳ (ଏଡିଏମ୍) ଓ ରାଇରଙ୍ଗପୁର ପୁଲିସ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ (ଏସ୍‌ପି)ଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ଦର୍ଶାଯାଇଛି ଯେ, ପାଞ୍ଚପୀଢ଼ ଉପଖଣ୍ଡ ପାଞ୍ଚଟି ବ୍ଲକ ଓ ଦୁଇଟି ଏନ୍‌ଏସିକୁ ନେଇ ଗଠିତ ହୋଇଥିବାବେଳେ ଏହା ପ୍ରାକୃତିକ ସମ୍ପଦ, ଐତିହ୍ୟ ଓ ପର୍ଯ୍ୟଟନ ସ୍ଥଳରେ ସମୃଦ୍ଧ। ଏଠାରେ ରାଜ୍ୟର ପ୍ରଥମ ସଂଗ୍ରହାଳୟ ସହ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା' କିଚକେଶ୍ୱରୀଙ୍କ ପ୍ରସିଦ୍ଧ ମନ୍ଦିର ରହିଛି। ତଥାପି ଉପଖଣ୍ଡର ଅନେକ ଅଞ୍ଚଳରେ ଲୋକମାନେ ଏପର୍ଯ୍ୟନ୍ତ ପର୍ଯ୍ୟାପ୍ତ ପୁଲିସ ସେବା ପାଇପାରୁନାହାନ୍ତି। ପ୍ରଗତି ମଞ୍ଚ ଦାବି କରିଛି ଯେ, ଶୁକ୍ଳି ବ୍ଲକରେ ଏ ପର୍ଯ୍ୟନ୍ତ କୌଣସି ଥାନା ନ ଥିବାରୁ ସେଠାରେ ଏକ ନୂତନ ଥାନା ପ୍ରତିଷ୍ଠା କରାଯାଉ। ସେହିପରି ଚଢ଼େଇଭୋଳ ଫାଣ୍ଡିକୁ ପୂର୍ଣ୍ଣାଙ୍ଗ ଥାନାରେ ଉନ୍ନୀତ କରିବା ସହ କେଣ୍ଡୁମୁଣ୍ଡି, ତାଟ ଓ ଟଙ୍ଗାବିଲାରେ ନୂତନ ପୁଲିସ ଫାଣ୍ଡି ସ୍ଥାପନ କରାଯାଉ। ଦାବିପତ୍ରରେ ଆହୁରି ଉଲ୍ଲେଖ କରାଯାଇଛି ଯେ, ଖୁଚିଂ ଅଞ୍ଚଳରେ ପ୍ରତିବର୍ଷ ଦୁଇଥର ବଡ଼ ମେଳା ଅନୁଷ୍ଠିତ ହେଉଥିବାବେଳେ ବର୍ଷସାରା ସେଠାରେ ଜନସମାଗମ ଲାଗି ରହିଥାଏ। ହାତୀବାରୀ ଓ ଭୀମକୁଣ୍ଡ ଭଳି ପ୍ରମୁଖ ପର୍ଯ୍ୟଟନ ସ୍ଥଳକୁ ପ୍ରତିଦିନ ବହୁ ସଂଖ୍ୟକ ପର୍ଯ୍ୟଟକ ଆସୁଥିବାରୁ ସେଠାରେ ଆଇନଶୃଙ୍ଖଳା ବଜାୟ ରଖିବା ଓ ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ ନୂତନ ଥାନା ଓ ଫାଣ୍ଡିର ଆବଶ୍ୟକତା ରହିଛି। କରଞ୍ଜିଆ ପ୍ରଗତି ମଞ୍ଚର ଆଇନଜୀବୀ ଦିବ୍ୟପ୍ରସାଦ ସାହୁ, ପ୍ରେସ କ୍ଲବ ସମ୍ପାଦକ କର୍ଣ୍ଣାର୍ଜୁନ ସାହା, ସାମ୍ବାଦିକ ସୁମନ୍ତ ପାତ୍ର, କବିତା ମହାନ୍ତ ଓ ସମାଜସେବୀ ଆର୍ତ୍ତବନ୍ଧୁ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ସ୍ମାରକପତ୍ର ପ୍ରଦାନ କରିଥିଲେ। ପାଞ୍ଚପୀଢ଼ ଉପଖଣ୍ଡର ଜନସାଧାରଣଙ୍କ ସ୍ୱାର୍ଥ ଦୃଷ୍ଟିରୁ ଏହି ଦାବିଗୁଡ଼ିକୁ ସରକାର ଶୀଘ୍ର ପୂରଣ କରିବେ ବୋଲି ପ୍ରଗତି ମଞ୍ଚ ଆଶା ପ୍ରକାଶ କରିଛି।

# ମହିଳାଙ୍କ ଆତ୍ମହତ୍ୟା, କାରଣ ଅସ୍ୱଷ୍ଟ

ଯୋଡ଼ା,୨୦।୭ (ସମିସ): କେନ୍ଦୁଝର ଜିଲ୍ଲା ଯୋଡ଼ା ଥାନା ଶାସ୍ତ୍ରୀନଗର ଅଞ୍ଚଳରେ ସୋମବାର ଜଣେ ମହିଳା ବେକରେ ଫାଶୀ ଲଗାଇ ଆତ୍ମହତ୍ୟା କରିଛନ୍ତି। ମହିଳା ଜଣକ ହେଲେ ଶାସ୍ତ୍ରୀନଗରର ଗୌତମ ଶର୍ମାଙ୍କ ସ୍ତ୍ରୀ ପୁଷ୍ପା ଶର୍ମା (୩୮)। ସୂଚନା ଅନୁଯାୟୀ ପୁଷ୍ପା ନିତିଦିନ ପରି ସକାଳୁ ନିଜ କାମ ସାରିଥିଲେ। ଝିଅଙ୍କୁ କକାଙ୍କ ଘରକୁ ପଠାଇ ମ୍ୟାଗି କରିବାକୁ କହିଥିଲେ। ଝିଅ ଯାଇ ସାରିବା ପରେ ସେ ନିଜ ଘରର ଭିତରୁ କବାଟ ବନ୍ଦ କରି ଓଢ଼ଣି ଲଗାଇ ଝୁଲିପଡ଼ିଥିଲେ। ପରେ ଝିଅ ଆସି ଡାକିବାରୁ କୌଣସି ଜବାବ ନ ମିଳିନଥିଲା। ପରିବାର ଲୋକେ କବାଟ ଭାଙ୍ଗିବା ପରେ ପୁଷ୍ପାଙ୍କୁ ଝୁଲନ୍ତା ଅବସ୍ଥାରେ ପାଇଥିଲେ। ସେମାନେ ତୁରନ୍ତ ଟାଟା ମେଡିକାଲ ନେଇଥିଲେ ସୁଦ୍ଧା ଡାକ୍ତର ତାଙ୍କୁ ସେଠାରୁ ମୃତ ଘୋଷଣା କରିଥିଲେ। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଶବ ବ୍ୟବଚ୍ଛେଦ ପାଇଁ ପଠେଇବା ସହ ତଦନ୍ତ ଜାରି ରଖିଥିବା ଜଣାପଡ଼ିଛି। ପୁଷ୍ପାଙ୍କ ଆତ୍ମହତ୍ୟାର କାରଣ ଅସ୍ୱଷ୍ଟ ରହିଛି।

# ବ୍ୟବସାୟୀଙ୍କ ପରଲୋକ



ଆନନ୍ଦପୁର,୨୦।୭ (ସମିସ): ଘସିପୁରା ନିବାସୀ ତଥା ଲକ୍ଷ୍ମୀ ବଜାରର ବ୍ୟବସାୟୀ ପ୍ରଭାତ କୁମାର ସାହୁ (୫୭)ଙ୍କର ଆଜି ଦେହାନ୍ତ ହୋଇଯାଇଛି। ସେ ଆଜକୁ କିଛିଦିନ ହେବ ଅସୁସ୍ଥତା ଯୋଗୁଁ ଚିକିତ୍ସା ପାଇଁ ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାରୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର ହେଇଥିଲେ। ଆଜି ସନ୍ଧ୍ୟା ୬ଟାରେ ପରଲୋକ ଖବର ମିଳିବା ପରେ ଅଞ୍ଚଳବାସୀଙ୍କ ମଧ୍ୟରେ ଦୁଃଖ ପ୍ରକାଶ ପାଇଛି। ତାଙ୍କର ଦୁଇ ପୁଅ ଚିନ୍ମୟ, ତନ୍ମୟ ଅନ୍ତ୍ୟେଷ୍ଟିକ୍ରିୟାରେ ସାମିଲ୍ ହୋଇଥିଲେ।

# ଗରିବ ମେଧାବୀ ଛାତ୍ର ପଦ୍ମଲୋଚନଙ୍କୁ ସହାୟତା

କରଞ୍ଜିଆ, ୨୦।୭ (ସମିସ): ଦାରିଦ୍ର୍ୟ କେବେ କେବେ ମେଧାବୀ ଛାତ୍ରଛାତ୍ରୀଙ୍କ ସ୍ୱପ୍ନକୁ ଅଧାରେ ଅଟକାଇ ଦିଏ। ତେବେ ସମାଜରେ ଏଭଳି କିଛି ସମ୍ବେଦନଶୀଳ ବ୍ୟକ୍ତିତ୍ୱ ଅଛନ୍ତି, ଯେଉଁମାନଙ୍କ ଛୋଟ ସହଯୋଗ ଜଣେ ଛାତ୍ରର ଭବିଷ୍ୟତକୁ ନୂଆ ଦିଗ ଦେଇପାରେ। ସେଭଳି ଏକ ମାନବିକତାର ପରିଚୟ ଦେଇଛନ୍ତି ରାଇରଙ୍ଗପୁର ପୁଲିସ ଜିଲ୍ଲାର ଆରକ୍ଷୀ ଅଧୀକ୍ଷକ (ଏସ୍‌ପି) ସୁରେଶ କୁମାର ପାତ୍ର। ପଦ୍ମଲୋଚନ ମହାନ୍ତ ନାମକ ଜଣେ ଗରିବ ମେଧାବୀ ଛାତ୍ର ମଣଦା କଲେଜରେ କେମିଷ୍ଟ୍ରି ଅନର୍ସରେ ଅଧ୍ୟୟନ କରୁଥିଲେ। କିନ୍ତୁ ଆର୍ଥିକ ଅନଟନ ଯୋଗୁଁ ସେ ପାଠପଢ଼ା ମଝିରେ ବନ୍ଦ କରି ଜୀବିକା ନିର୍ବାହ ପାଇଁ ଗାଡ଼ି ଚାଳକ ଭାବେ କାମ କରିବାକୁ ବାଧ୍ୟ ହୋଇଥିଲେ। କିଛିଦିନ ପୂର୍ବରୁ ଏସ୍‌ପି ଶ୍ରୀ ପାତ୍ର ପଦ୍ମଲୋଚନଙ୍କୁ ଅଳ୍ପ ବୟସରେ ଗାଡ଼ି ଚଳାଉଥିବା ଦେଖି କାରଣ ପଚାରିଥିଲେ। ସେତେବେଳେ ପଦ୍ମଲୋଚନ ନିଜର ଆର୍ଥିକ ଅସୁବିଧା ଓ ଅଧାରେ ରହିଯାଇଥିବା ପାଠପଢ଼ା ସମ୍ପର୍କରେ ଜଣାଇଥିଲେ। ତାଙ୍କର ପଢ଼ିବା ପ୍ରତି ଅଦମ୍ୟ ଇଚ୍ଛା ଓ ସଂଘର୍ଷର କାହାଣୀ ଏସ୍‌ପିଙ୍କୁ ବେଶ୍ ପ୍ରଭାବିତ କରିଥିଲା। ଆଜି କରଞ୍ଜିଆରେ ଆୟୋଜିତ ଜନଶୁଣାଣି ଶିବିରରେ ଯୋଗଦେବା ଅବସରରେ ଏସ୍‌ପି ସୁରେଶ କୁମାର ପାତ୍ର ପଦ୍ମଲୋଚନ ମହାନ୍ତଙ୍କୁ ୧୦,୫୦୦ ଟଙ୍କାର ଏକ ଚେକ୍ ପ୍ରଦାନ କରି ତାଙ୍କ ଶିକ୍ଷା ଜାରି ରଖିବା ପାଇଁ ସହାୟତାର ହାତ ବଢ଼ାଇଥିଲେ। ଏସ୍‌ପିଙ୍କ ଏହି ମହାନ ଓ ମାନବିକ ପଦକ୍ଷେପ ସ୍ଥାନୀୟ ଅଞ୍ଚଳରେ ପ୍ରଶଂସାର ବିଷୟ ପାଲଟିଛି। ଏଭଳି ସହଯୋଗ ଗରିବ ଓ ମେଧାବୀ ଛାତ୍ରଛାତ୍ରୀଙ୍କ ମନରେ ନୂଆ ଆଶା ସଞ୍ଚାର କରିବା ସହ ସମାଜ ପାଇଁ ଏକ ପ୍ରେରଣାଦାୟକ ଉଦାହରଣ ସୃଷ୍ଟି କରିଛି।



## ସୁଭଦ୍ରା ଶକ୍ତି ଭିଜନ୍ ସମ୍ମିଳନୀର ଦ୍ୱିତୀୟ ଦିନ

# ଅଙ୍ଗନବାଡ଼ି କର୍ମୀ ଓ ସହାୟିକାଙ୍କ ସହ ଉପମୁଖ୍ୟମନ୍ତ୍ରୀଙ୍କ ଆଲୋଚନା

ବାରିପଦା,୨୦।୭ (ସମିସ)

ସ୍ଥାନୀୟ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ କନଭେନସନ୍ ହଲ୍‌ରେ ସୁଭଦ୍ରା ଶକ୍ତି ଭିଜନ୍ ସମ୍ମିଳନୀର ଦ୍ୱିତୀୟ ଦିନ ଅଙ୍ଗନବାଡ଼ି କର୍ମୀ ଓ ସହାୟିକାଙ୍କ ସହ ଏକ ସ୍ୱତନ୍ତ୍ର ବାର୍ତ୍ତାଳାପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଯୋଗ ଦେଇ କହିଥିଲେ, ଅଙ୍ଗନବାଡ଼ି କର୍ମୀ ଓ ସହାୟିକା ସମାଜର ଶେଷ ସ୍ତରର ଲୋକଙ୍କ ପାଖରେ ସରକାରଙ୍କ ଜନହିତକର ଯୋଜନାକୁ ପହଞ୍ଚାଉଥିବା ପ୍ରମୁଖ ଆଧାର। ସେମାନଙ୍କ ତୃଣମୂଳ



## ତୃଣମୂଳ ସ୍ତରର ସମସ୍ୟାର ସମାଧାନକୁ ସର୍ବାଧିକ ପ୍ରାଥମିକତା

ସ୍ତରର ସମସ୍ୟାର ସମାଧାନ ଓ କାର୍ଯ୍ୟ ପରିବେଶର ଉନ୍ନତି ରାଜ୍ୟ ସରକାରଙ୍କ ପ୍ରାଥମିକତା ବୋଲି ସେ କହିଥିଲେ। ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଥିଲେ ଯେ, ସୁଭଦ୍ରା ଯୋଜନାର ସଫଳ କାର୍ଯ୍ୟାନ୍ୱୟନରେ ଅଙ୍ଗନବାଡ଼ି କର୍ମୀ ଓ ସହାୟିକାଙ୍କ ଅବଦାନ ଅତ୍ୟନ୍ତ ପ୍ରଶଂସନୀୟ। ଅଙ୍ଗନବାଡ଼ି କେନ୍ଦ୍ରର ଭିତ୍ତିଭୂମିର ବିକାଶ, ପାଚେରି ନିର୍ମାଣ, ସୁପରଭାଇଜର ପଦବୀ ପୂରଣ, ଏସଏନପି ଅନ୍ତର୍ଗତ ଅଣ୍ଡାର ମୂଲ୍ୟ ବୃଦ୍ଧି ସମେତ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ସରକାର ପର୍ଯ୍ୟାୟକ୍ରମେ ପଦକ୍ଷେପ ଗ୍ରହଣ କରୁଛନ୍ତି। ସେହିପରି ସୁଭଦ୍ରା ଯୋଜନାର ପରବର୍ତ୍ତୀ କିସ୍ତି ପାଇଁ ଯୋଗ୍ୟ ହିତାଧିକାରୀଙ୍କ ଚୟନ ପ୍ରକ୍ରିୟା ଜିଲ୍ଲା ଓ ବ୍ଲକ୍ ସ୍ତରରେ ଚାଲିଥିବା ସୂଚନା ଦେଇଥିଲେ।

ଏ ଅବସରରେ ନଗର ଉନ୍ନୟନ ଓ ଗୃହ ନିର୍ମାଣ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର କହିଥିଲେ ଯେ, ଅଙ୍ଗନବାଡ଼ି କର୍ମୀ ଓ ସହାୟିକା ସମାଜରେ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ, ପୁଷ୍ଟି ଓ ପ୍ରାରମ୍ଭିକ ଶିକ୍ଷାର ଦୃଢ଼ ଭିତ୍ତି ସୃଷ୍ଟି କରୁଛନ୍ତି। ସେମାନଙ୍କ ନିଷ୍ଠାପୂର୍ଣ୍ଣ ସେବା ଯୋଗୁଁ ସରକାରଙ୍କ କଲ୍ୟାଣମୂଳକ ଯୋଜନାଗୁଡ଼ିକ ସଫଳତାର ସହ ଲୋକଙ୍କ ନିକଟରେ ପହଞ୍ଚିପାରୁଛି। ସରକାର ସେମାନଙ୍କ କାର୍ଯ୍ୟକୁ ସର୍ବଦା ସମ୍ମାନ ଦେବା ସହ ସେମାନଙ୍କ କଲ୍ୟାଣ ଓ ସୁବିଧା ପ୍ରତି ପ୍ରତିବଦ୍ଧ ବୋଲି ସେ କହିଥିଲେ। ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ୮୦୦ରୁ ଅଧିକ ଅଙ୍ଗନବାଡ଼ି କର୍ମୀ ଓ ସହାୟିକା ଏହି ବାର୍ତ୍ତାଳାପ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ଉପମୁଖ୍ୟମନ୍ତ୍ରୀଙ୍କ ସହ ସିଧାସଳଖ ମତବିନିମୟ କରିଥିଲେ। ସେମାନେ ତୃଣମୂଳ ସ୍ତରରେ କାର୍ଯ୍ୟ କରିବା ସମୟରେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା, ପରାମର୍ଶ ଓ ଦାବି ଉପସ୍ଥାପନ କରିଥିଲେ। ଉପମୁଖ୍ୟମନ୍ତ୍ରୀ ସେଗୁଡ଼ିକର ଗୁରୁତ୍ୱର ସହ ସମୀକ୍ଷା କରି ଯଥାଶୀଘ୍ର ସମାଧାନ ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଆଶ୍ୱାସନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବାରିପଦା ବିଧାୟକ ପ୍ରକାଶ ସୋରେନ, ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସଏ, ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ, ମହିଳା ଓ ଶିଶୁ ବିକାଶ ବିଭାଗର ଅତିରିକ୍ତ ଶାସନ ସଚିବ କୃତ୍ତିବାସ ରାଉତ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ସଂଯୁକ୍ତା ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

ଅଲ୍ ଓଡ଼ିଶା ଅଙ୍ଗନବାଡି କର୍ମୀ ଓ ସହାୟିକା ମହାସଂଘ ମୟୂରଭଞ୍ଜ ଜିଲ୍ଲା ପକ୍ଷରୁ ଅଙ୍ଗନବାଡି କର୍ମୀଙ୍କ ସହିତ ବାର୍ତ୍ତାଳାପ କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ତଥା ଶିଶୁ କଲ୍ୟାଣ ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ୫୦ ବର୍ଷର ଅଙ୍ଗନବାଡି ଯୋଜନାକୁ ସରକାରୀ ମାନ୍ୟତା ପ୍ରଦାନ, ଜାତୀୟ ଶିକ୍ଷା ନୀତିର ଶିଶୁ ବାଟିକାରେ ଅଙ୍ଗନବାଡି କର୍ମୀଙ୍କୁ ବରିଷ୍ଠତା ଓ ଯୋଗ୍ୟତା ଭିତ୍ତିରେ ଶିଶୁ ସେବିକା ନିଯୁକ୍ତି, ୨୦୨୪ ନିର୍ବାଚନୀ ଇସ୍ତାହାର ପ୍ରତିଶ୍ରୁତି ଅନୁସାରେ ଦରମା ୨୦୦୦ ଟଙ୍କାକୁ ବୃଦ୍ଧି, ୨୦୨୪ଜୁନ ୧୦ତାରିଖରୁ ପିଛିଲା ଭାବେ ଲାଗୁ କରି ପ୍ରଦାନ, କର୍ମୀ ଓ ସହାୟିକା ମାନଙ୍କ ମାସିକ ଭତ୍ତା ପୂର୍ବ ଭଳି ମାସର ପ୍ରଥମ ସପ୍ତାହରେ ୨ଟି ଯାକ କିସ୍ତି ଏକକାଳୀନ ପ୍ରଦାନ, ଏସଏନପିରେ ଟଙ୍କା ମାସିକ ପ୍ରଦାନ, ଅଙ୍ଗନବାଡି କର୍ମୀରୁ ଆଇସିଡିଏସ୍ ସୁପରଭାଇଜର୍ ପଦୋନ୍ନତିରେ ଜିଲ୍ଲାସ୍ତରରେ ସଠିକ୍ ଭାବରେ ଗ୍ରେଡେସନ, ଶିକ୍ଷାଗତ ଯୋଗ୍ୟତା ଓ ଅଭିଜ୍ଞତାକୁ ଆଧାର କରାଯାଉ, ଅବସରକାଳୀନ ଭତ୍ତା ଅଙ୍ଗନବାଡି କର୍ମୀ ମାନଙ୍କ ପାଇଁ ୧ ଲକ୍ଷ୍ୟ ଓ ସହାୟିକାଙ୍କ ପାଇଁ ୫୦ ହଜାର ଟଙ୍କା ଶୀଘ୍ର ପ୍ରଦାନ, ପୋଷଣ କାର୍ଯ୍ୟକ୍ରମ ପାଇଁ କର୍ମୀ ମାନଙ୍କୁ ପ୍ରଦାନ କରାଯାଇଥିବା ମୋବାଇଲ୍ ସହିତ ସିମ୍ ଓ ନେଟ ପ୍ୟାକ୍ ପ୍ରଦାନ ଓ ସାମାଜିକ ସୁରକ୍ଷା ସହିତ ଇପିଏଫ ଓ ଇଆଇଏସ ଲାଗୁ କରିବା ପାଇଁ ଅନୁରୋଧ ଆଦି ମୌଳିକ ସମସ୍ୟା ଉପମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି ରଖିଛନ୍ତି। ସେ ନିଶ୍ଚିତ ଗୁରୁତ୍ୱ ଦେବେ ଓ ସମାଧାନ କରିବା ପାଇଁ ଚେଷ୍ଟା କରିବେ ବୋଲି ସଂଘ ଭରଷା କରିଛନ୍ତି ବୋଲି ସମ୍ପାଦିକା ନନ୍ଦିନୀ ପଣ୍ଡା କହିଛନ୍ତି।

## ଆଜିର ରାଶିଫଳ

**ମେଷ:** ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ପରିବାର ସଦସ୍ୟଙ୍କ ସହ ଉତ୍ତମ ବୁଝାମଣା ରହିବ। ପୁରୁଣା ବନ୍ଧୁଙ୍କ ସହ ଦେଖାସାକ୍ଷାତ ହେବ। ଆର୍ଥିକ ସମସ୍ୟା ଦେଖା ଦେବ।

**ବୃଷ:** ଘରକୁ ନୂଆ ଜିନିଷ ଆଣିବେ। ଭାବିଚିନ୍ତି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ। ଗୁରୁଜନଙ୍କ ଆଶୀର୍ବାଦ ନେବେ। ଆର୍ଥିକ କାରବାରରେ ଲାଭ ମିଳିବ। ଦୀର୍ଘଦିନର ସମସ୍ୟା ସମାଧାନ ହେବ।

**ମିଥୁନ:** ଆତ୍ମବିଶ୍ୱାସର ସହ ସମସ୍ତ କାର୍ଯ୍ୟ କରିବେ। ପରିଶ୍ରମ ଅନୁସାରେ ଫଳ ମିଳିବ। ବାଦବିବାଦରୁ ଦୂରେଇ ରହିବେ। ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପରିଶ୍ରମ କରିବେ।

**କର୍କଟ:** ମାଂସପେଶୀ ଯନ୍ତ୍ରଣା ଅନୁଭବ କରିବେ। ଇଷ୍ଟ ଦେବଙ୍କୁ ସ୍ମରଣ କରିବେ। ସୃଜନାତ୍ମକ କାର୍ଯ୍ୟରେ ସମୟ ଅତିବାହିତ କରିବେ। କାର୍ଯ୍ୟକ୍ଷେତ୍ରରେ ସଫଳ ହେବେ। ଜମି କିଣିବା ଯୋଗ ଅଛି।

**ସିଂହ:** ଦିନଟି ହସଖୁସିରେ କଟିବ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବେ। ପ୍ରେମ ମାମଲାରେ ଦିନଟି ଭଲ। ବନ୍ଧୁଙ୍କ କଥା ଆଘାତ ଦେବ। ଗରିବ ଲୋକଙ୍କୁ ସାମର୍ଥ୍ୟ ମୁତାବକ ସାହାଯ୍ୟ କରିବେ।

**କନ୍ୟା:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ରୋଗମୁକ୍ତ ହେବେ। ପରିବାର ସଦସ୍ୟଙ୍କ ମନ ଜିଣିବେ। ନିଯୁକ୍ତିକୁ ନେଇ ଖୁସି ଖବର ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ତୁଳା:** ବ୍ୟବସାୟରେ ଲାଭ ହେବ। ପାରିବାରିକ ବିବାଦ ଦେଖା ଦେବ। ଜୀବନସାଥୀଙ୍କ ସହ ନୂଆ ସ୍ଥାନ ବୁଲିବାକୁ ଯିବେ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ଯାତ୍ରା ଲାଭଦାୟକ ହେବ।

**ବିଛା:** ବ୍ୟବସାୟ ବୃଦ୍ଧି ପାଇଁ ନୂଆ ଯୋଜନା କରିବେ। ସନ୍ତାନଙ୍କ ସହ ବୁଲିବାକୁ ଯିବେ। ସ୍ୱାଦିଷ୍ଟ ଖାଦ୍ୟ ଖାଇବେ। ବନ୍ଧୁମିଳନ ଯୋଗ ଅଛି। ମାଲିମକଦ୍ଦମା ଲାଗି ସମୟ ଅନୁକୂଳ ନୁହେଁ।

**ଧନୁ:** ଯୋଜନାମୁତାବକ ସମସ୍ତ କାର୍ଯ୍ୟ କରିବେ। ଚିନ୍ତାଗ୍ରସ୍ତ ରହିବେ। ଛାତ୍ରଛାତ୍ରୀ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ। ବିରୋଧୀଙ୍କଠାରୁ ଦୂରେଇ ରହିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ତିକ୍ତତା ଦେଖା ଦେବ।

**ମକର:** ଆଣ୍ଠୁଗଣ୍ଠି ସମସ୍ୟା ଦେଖା ଦେବ। ସମୟର ସଠିକ ଉପଯୋଗ କରିବେ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଉତ୍ତମ। ଯାନବାହନ ଚଳାଇବା ବେଳେ ସତର୍କତା ଅବଲମ୍ବନ କରିବେ।

**କୁମ୍ଭ:** ଭଗବାନ ଶିବଙ୍କୁ ବେଲପତ୍ର ଅର୍ପଣ କରିବେ। ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ। ଅଫିସ୍‌ରେ କାର୍ଯ୍ୟଭାର କମ୍ ହେବ। ବୈବାହିକ ଜୀବନ ମଜଭୁତ୍ ହେବ।

**ମୀନ:** ଇଞ୍ଜିନିୟରିଂ କ୍ଷେତ୍ରରେ ସଫଳତା ମିଳିବ। ବନ୍ଧୁ ମିଳନ ଯୋଗ ଅଛି। ଭାଇଭଉଣୀଙ୍କ ମଧ୍ୟରେ ଝଗଡ଼ା ହେବ। ଛାତ୍ରଛାତ୍ରୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ।

- ୧୮୮୪- ପ୍ରଥମ ଟେଷ୍ଟ କ୍ରିକେଟ୍ ମ୍ୟାଚ୍ ଇଂଲଣ୍ଡର ଲର୍ଡସ୍ ମୈଦାନରେ ଖେଳାଗଲା।
- ୧୯୩୦- ବଲିଉଡ୍‌ର ଜଣାଶୁଣା ଗୀତିକାର ଆନନ୍ଦ ବକ୍ସିଙ୍କ ଜନ୍ମ।
- ୧୯୪୭- ଇଣ୍ଡୋନେସିଆରେ ପ୍ରଥମ ନିର୍ବାଚନ ଆରମ୍ଭ ହେଲା।
- ୧୯୬୩- କାଶୀ ବିଦ୍ୟାପୀଠକୁ ବିଶ୍ୱବିଦ୍ୟାଳୟର ମାନ୍ୟତା ଦିଆଗଲା।

# ଏମିତି ଏକ ଘର

## ଗୋଟିଏ ଛାତ ତଳେ ରୁହନ୍ତି ୮୦୦ ଲୋକ




ଚୀନର କେତେକ ଗାଁରେ ଅତୀତରେ ଡୋନଟ୍ ଆକାରର ଘର ତିଆରି କରାଯାଉଥିଲା। ଏହି ଘରଗୁଡ଼ିକ ବେଶ୍ ମଜବୁତ ହୋଇଥିବାରୁ ଆଜି ବି ଭୂମିକମ୍ପ, ବର୍ଷା ଏବଂ ବଦଳୁଥିବା ପାଣିପାଗରେ ମଧ୍ୟ ଏହା ସିଧା ହୋଇ ଠିଆ ରହିଛି। ଚୀନ୍‌ର ଏହି ବାସ୍ତୁକଳା ଆଜିବି ପର୍ଯ୍ୟଟକମାନଙ୍କୁ ଆଶ୍ଚର୍ଯ୍ୟ କରିଥାଏ। ଏହି ଐତିହାସିକ ଘରଗୁଡ଼ିକୁ 'ଫୁଜିଆନ ତୁଲୁ' କୁହାଯାଏ। ଫୁଜିଆନର ଅଞ୍ଚଳରେ ଅବସ୍ଥିତ ବିଶାଳ ମାଟିର ଦୁର୍ଗ ସଦୃଶ ଏହି ବାସଗୃହଗୁଡ଼ିକ ହାକ୍କା ସମ୍ପ୍ରଦାୟର ଲୋକେ ବାହ୍ୟ ଶତ୍ରୁ ଓ ଡକାୟତମାନଙ୍କ କବଳରୁ ରକ୍ଷା ପାଇବା ପାଇଁ ନିର୍ମାଣ କରିଥିଲେ। ଐତିହାସିକ ଏବଂ ସାଂସ୍କୃତିକ ଗୁରୁତ୍ୱ ପାଇଁ ୨୦୦୮ ମସିହାରେ ୟୁନେସ୍କୋ ଏହାକୁ ବିଶ୍ୱ ଐତିହ୍ୟ ସ୍ଥଳ ଭାବେ ମାନ୍ୟତା ପ୍ରଦାନ କରିଛି। ଏହି ଘରଗୁଡ଼ିକ ପ୍ରାୟତଃ ଗୋଲାକାର କିମ୍ବା ବର୍ଗାକାର ହୋଇଥାଏ। ଏହାର ମଝି ଭାଗଟି ଖୋଲା ଅଗଣା ଭଳି ରହିଥାଏ। ଏହାର ବାହ୍ୟ କାନ୍ଥଗୁଡ଼ିକ ଖୁବ୍ ମୋଟା ଏବଂ ଏଥିରେ କେବଳ ଗୋଟିଏ ମାତ୍ର ପ୍ରବେଶ ଦ୍ୱାର ଥାଏ। ସୁରକ୍ଷା ଦୃଷ୍ଟିରୁ ତଳ ମହଲାରେ କୌଣସି ଝରକା ନ ଥାଏ, କେବଳ ଉପର ମହଲାରେ ଛୋଟ ଛୋଟ ଝରକା ଓ ବନ୍ଧୁକ ଚଳାଇବା ପାଇଁ କଣା ରହିଥାଏ। ଏହା ମାଟି, ବାଉଁଶ, କାଠ ଏବଂ ପଥରରେ ନିର୍ମାଣ ହୋଇଥାଏ। କେବଳ ସେତିକି ନୁହେଁ ଏହା ଭୂମିକମ୍ପ ପ୍ରତିରୋଧୀ ହେବା ସହ ଶୀତ ଦିନେ ଗରମ ଓ ଖରା ଦିନେ ଥଣ୍ଡା ରହିଥାଏ। ଗୋଟିଏ ବିଶାଳକାୟ ତୁଲୁରେ ପ୍ରାୟ ୮୦୦ ଲୋକ ଏକାଠି ରୁହନ୍ତି। ଏହାର ପ୍ରଥମ ମହଲାକୁ ରୋଷେଇ ଘର ଭାବେ ବ୍ୟବହାର କରାଯାଏ। ଦ୍ୱିତୀୟ ମହଲା ଶସ୍ୟ ଏବଂ ସାମଗ୍ରୀ ଗଚ୍ଛିତ ରଖିବା ପାଇଁ ଗୋଦାମ ଭାବେ ବ୍ୟବହାର ହୁଏ। ତୃତୀୟ ଓ ଚତୁର୍ଥ ମହଲା ଶୋଇବା ଘର ବା ପରିବାରର ରହିବା ପାଇଁ ବ୍ୟବହାର କରାଯାଏ। ଅଗଣାର ମଝିରେ ପାନୀୟ ଜଳ ପାଇଁ କୂଅ ଏବଂ ସମସ୍ତଙ୍କର ପୂଜା ଅର୍ଚ୍ଚନା ପାଇଁ ଏକ ମୁଖ୍ୟ ମନ୍ଦିର ଥାଏ। ଆଜି ମଧ୍ୟ ଏହି ତୁଲୁଗୁଡ଼ିକରେ ହାକ୍କା ସମ୍ପ୍ରଦାୟର ବୟସ୍କ ଲୋକମାନେ ବସବାସ କରୁଛନ୍ତି। ୧୯୬୦-୮୦ ଦଶକରେ ଶୀତଳ ଯୁଦ୍ଧ ସମୟରେ ଆମେରିକାର ସାଟେଲାଇଟ୍ ଚିତ୍ରରେ ଏହି ଗୋଲାକାର ତୁଲୁଗୁଡ଼ିକୁ ଦେଖି ଆମେରିକା ଗୋଇନ୍ଦା ସଂସ୍ଥା (ସିଆଇଏ) ଏହାକୁ ଚୀନର ଆଣବିକ କ୍ଷେପଣାସ୍ତ୍ର କେନ୍ଦ୍ର ବୋଲି ଭାବି ଭ୍ରମିତ ହୋଇଥିଲା।

# ପୋଷା ବିଲେଇରୁ ମାନସିକ ରୋଗ



ଘରେ ବିଲେଇ ରଖିବା ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ ହୋଇପାରେ ବୋଲି ନିକଟରେ ଏକ ଗବେଷଣାରୁ ପ୍ରକାଶ ପାଇଛି। ବିଲେଇକୁ ଘରେ ରଖିବା ତଥା ଛୁଇଁବା ଦ୍ୱାରା ମାନସିକ ରୋଗ ହେବାର ଆଶଙ୍କା ବଢ଼ିପାରେ। ମୁଖ୍ୟତଃ ବିଲେଇକୁ ଛୁଇଁବା ଦ୍ୱାରା ସିଜୋଫ୍ରେନିଆ ଆଶଙ୍କା ବୃଦ୍ଧି ପାଉଥିବା କୁହାଯାଉଛି। ଅଷ୍ଟ୍ରେଲିଆର କ୍ୱିନସଲ୍ୟାଣ୍ଡ ବିଶ୍ୱବିଦ୍ୟାଳୟର ଏକ ଗବେଷଣା ଅନୁସାରେ, 'ବିଲେଇ ପାଳିବା ମାନସିକ ସ୍ୱାସ୍ଥ୍ୟ ପାଇଁ ବିପଜ୍ଜନକ ହୋଇପାରେ। ଅନ୍ୟମାନଙ୍କ ତୁଳନାରେ ବିଲେଇ ସଂସ୍ପର୍ଶରେ ଆସୁଥିବା ଲୋକଙ୍କଠାରେ ସିଜୋଫ୍ରେନିଆ ହେବା ଆଶଙ୍କା ଦ୍ୱିଗୁଣ ଅଧିକ ଥାଏ।' ୪୪ ବର୍ଷ ଧରି କରାଯାଇଥିବା ଉକ୍ତ ଗବେଷଣାରେ ୧୭ଟି ଅନ୍ୟ ଗବେଷଣାକୁ ମଧ୍ୟ ବିଶ୍ଳେଷଣ କରାଯାଇଥିଲା। ଏହି ଗବେଷଣାରେ ସମୁଦାୟ ୧୧ ଦେଶର ତଥ୍ୟକୁ ସାମିଲ କରାଯାଇଛି। ଗବେଷଣାରେ ଦେଖାଯାଇଛି, ଯେଉଁମାନଙ୍କ ପାଖରେ ବିଲେଇ ଅଛି, ସେମାନଙ୍କଠାରେ ସିଜୋଫ୍ରେନିଆରେ ଆକ୍ରାନ୍ତ ହେବା ଆଶଙ୍କା ଦୁଇଗୁଣ ହୋଇଥାଏ। ତେବେ ସିଜୋଫ୍ରେନିଆ ରୋଗ ଏବଂ ଟୋକ୍ସୋପ୍ଲାଜମା ଗୋଣ୍ଡି ପରଜୀବୀ ମଧ୍ୟରେ ଏକ ସଂଯୋଗ ଦେଖିବାକୁ ମିଳିଛି। ଏହି ପରଜୀବୀ ବିଲେଇ ମଳରୁ ମିଳିଥାଏ। ଟୋକ୍ସୋପ୍ଲାଜମା ପରଜୀବୀ ମସ୍ତିଷ୍କ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଏ। ଏହାର ପ୍ରଭାବ ନ୍ୟୁରୋଟ୍ରାନ୍ସମିଟର (ଡୋପାମିନ) ଏବଂ ଇନଫ୍ଲାମେସନ ଉପରେ ଦେଖିବାକୁ ମିଳିଥାଏ। ଅନ୍ୟପଟେ ସିଜୋଫ୍ରେନିଆ ରୋଗ ଅନେକ କାରଣରୁ ହୋଇଥାଏ। ଚାପ, ବଂଶଗତ ଏବଂ ମସ୍ତିଷ୍କରେ ରାସାୟନ ଅସନ୍ତୁଳନ ହେଲେ ସିଜୋଫ୍ରେନିଆ ରୋଗ ହୋଇପାରେ। ସେହିପରି ବିଲେଇ ପାଳୁଥିଲେ କିଛି ଦିଗ ଉପରେ ଧ୍ୟାନ ଦେବା ଉଚିତ। ଏଇ ଯେମିତି ବିଲେଇ ରହୁଥିବା ସ୍ଥାନକୁ ସଫା କରିବା ପରେ ହାତ ଭଲ ଭାବେ ଧୋଇବା ଉଚିତ। ତା'ସହ ବିଲେଇର ସ୍ୱଚ୍ଛତା ଉପରେ ସମ୍ପୂର୍ଣ୍ଣ ଧ୍ୟାନ ରଖିବା ଦରକାର।



## 'ଆୱାରାପନ୍ ୨'

# ଇମ୍ରାନ୍ ନେଇଛନ୍ତି ୧୨ କୋଟି

ବଲିଉଡ୍ ଅଭିନେତା ଇମ୍ରାନ୍ ହାସମୀଙ୍କ ଚଳଚ୍ଚିତ୍ର 'ଆୱାରାପନ୍ ୨' ଆସନ୍ତା ୧୪ ଅଗଷ୍ଟରେ ରିଲିଜ୍ ହେବ। ଏହି ଦିନ ଆକ୍ସନ୍ ଷ୍ଟାର୍ ସନ୍ନି ଦେଓଲଙ୍କ ଚଳଚ୍ଚିତ୍ର 'ବଟୱାରା ୧୯୪୭' ମଧ୍ୟ ରିଲିଜ୍ ହେଉଛି। ଏହି ଦୁଇଟି ଫିଲ୍ମ ମଧ୍ୟରେ ଜବରଦସ୍ତ ଟକ୍କର ଦେଖିବାକୁ ମିଳିବ। ଅପରପକ୍ଷରେ 'ଆୱାରାପନ୍ ୨'ର ନିର୍ମାତା ଏହି ଫିଲ୍ମ ମୁକ୍ତିଲାଭ କରିବା ପୂର୍ବରୁ ଦର୍ଶକଙ୍କୁ ଏକ ବଡ଼ ସରପ୍ରାଇଜ୍ ଦେବାକୁ ଯାଉଛନ୍ତି। ଏହାର ମୂଳ ଫିଲ୍ମ 'ଆୱାରାପନ୍' ୨୦୦୭ ରେ ମୁକ୍ତିଲାଭ କରିଥିଲା। ଏହା ପୁଣି ଥରେ ୩୧ ଜୁଲାଇରେ ସନେମାହଲ୍‌ରେ ରିଲିଜ୍ ହେବ। ଏହି ରୋମାଣ୍ଟିକ୍ କ୍ରାଇମ୍-ଆକ୍ସନ ଚଳଚ୍ଚିତ୍ରର ନିର୍ଦ୍ଦେଶନା ମୋହିତ ସୁରୀ ଦେଇଥିଲେ। ଚଳଚ୍ଚିତ୍ରରେ ଇମ୍ରାନ ହାସ୍‌ମୀଙ୍କ ସହ ଶ୍ରୀୟା ସରନ ନଜର ଆସିଥିଲେ। ଇମ୍ରାନ୍ ଏହି ଚଳଚ୍ଚିତ୍ର ପାଇଁ ପାରିଶ୍ରମିକ ବାବଦରେ ପ୍ରାୟ ୧.୫ କୋଟି ଟଙ୍କା ଫିସ୍ ନେଇଥିଲେ। ଇତିମଧ୍ୟରେ 'ଆୱାରାପନ୍ ୨'ର ଟିଜର୍ ମୁକ୍ତିଲାଭ କରିସାରିଛି ଏବଂ ଏହାର ଗୀତଗୁଡ଼ିକ ଦର୍ଶକଙ୍କୁ ବେଶ୍ ପସନ୍ଦ ଆସିଛି। 'ଆୱାରାପନ୍ ୨' ପାଇଁ ଇମ୍ରାନ୍ ୧୦ ରୁ ୧୨ କୋଟି ଟଙ୍କା ପାରିଶ୍ରମିକ ବାବଦରେ ନେଇଥିବା ଚର୍ଚ୍ଚା ହେଉଛି। ଏହି ଚଳଚ୍ଚିତ୍ରରେ ଇମ୍ରାନଙ୍କ ସହ ଦିଶା ପଟାନୀ ମଧ୍ୟ ନଜର ଆସିବେ। ଦିଶା ଏହି ଚଳଚ୍ଚିତ୍ର ପାଇଁ ୫ କୋଟି ଟଙ୍କା ଚାର୍ଜ କରିଛନ୍ତି। ୯ ବର୍ଷ ପୂର୍ବେ ଆସିଥିବା ଇମ୍ରାନ୍‌ଙ୍କ 'ଆୱାରାପନ୍' ଫିଲ୍ମ ୧୮ କୋଟି ଟଙ୍କାର ବଜେଟ୍‌ରେ ନିର୍ମାଣ କରାଯାଇଥିଲା ଏବଂ ଏହା ସାରା ବିଶ୍ୱରେ ୧୨.୨୫ କୋଟି ଟଙ୍କାର ବ୍ୟବସାୟ କରିଥିଲା। ଚଳଚ୍ଚିତ୍ରଟି ବକ୍ସ ଅଫିସ୍‌ରେ ଫ୍ଲପ୍ ସାବ୍ୟସ୍ତ ହୋଇଥିଲା, କିନ୍ତୁ ସମୟ ସହିତ ଏହା ଲୋକପ୍ରିୟତା ହାସଲ କଲା ଏବଂ ଏହା ଏକ କଲ୍ଟ କ୍ଲାସିକ୍ ଫିଲ୍ମ ପାଲଟିଗଲା। ତେବେ ଏହାର ମୂଳ ଫିଲ୍ମ ଭଳି 'ଆୱାରାପନ୍ ୨'କୁ ବକ୍ସ ଅଫିସ୍‌ରେ ସଫଳତା ମିଳୁଛି କି ନାହିଁ ତାହା ଦେଖିବାକୁ ବାକି ରହିଲା।



# ବର୍ଷାରେ ଫସଲର ଯତ୍ନ

**ଅନ୍ୟଋତୁ ଅପେକ୍ଷା ବର୍ଷାଋତୁରେ ଫସଲର ଅଧିକ ଯତ୍ନ ନେବାକୁ ପଡ଼ିଥାଏ। କାରଣ ଏହି ଦିନେ ଫସଲରେ ପାଣି ଜମିବା ଯୋଗୁଁ ବିଭିନ୍ନ ରୋଗପୋକ ଲାଗିପାରେ। ତେଣୁ ବର୍ଷାଋତୁରେ ଫସଲକୁ ସୁରକ୍ଷା ପ୍ରଦାନ କରିବାକୁ କିଛି ଗୁରୁତ୍ୱପୂର୍ଣ୍ଣ ଟିପସ୍ ଆପଣାଇ ପାରିବେ।**

**ଜଳନିଷ୍କାସନ:** ଲଗାଣ ବର୍ଷା ଯୋଗୁଁ ଗଛମୂଳେ ଜଳ ଜମି ମୂଳ ଶଡ଼ିଯାଏ। କାଣ୍ଡ ପଚିଯିବା ସହିତ ବିଭିନ୍ନ ରୋଗ ସୃଷ୍ଟି ହୁଏ। ଗଛମୂଳକୁ ଅମ୍ଳଜାନ ମିଳିପାରେ ନାହିଁ। ଏଥିପାଇଁ ପ୍ରଥମେ ଫସଲରୁ ଜଳ ନିଷ୍କାସନ ବନ୍ଦୋବସ୍ତ କରିବା ଆବଶ୍ୟକ।

**ନିରାକରଣ :** ଫସଲରେ ରୋଗ ଚିହ୍ନଟ କରି କୃଷି ବିଶେଷଜ୍ଞଙ୍କ ପରାମର୍ଶରେ ଔଷଧ ସିଞ୍ଚନ କରିବା ଆବଶ୍ୟକ। କାଣ୍ଡପଚା ରୋଗର ନିରାକରଣ ପାଇଁ କାର୍ବେଣ୍ଡାଜିମ୍ କିମ୍ବା କପର ଅକ୍ସିକ୍ଲୋରାଇଡ ଅନୁମୋଦିତ ହାରରେ ବ୍ୟବହାର କରାଯାଏ। ଫିମ୍ପିଜନିତ ସମସ୍ୟା ପରିଲକ୍ଷିତ ହେଉଥିଲେ, କପର ଅକ୍ସିକ୍ଲୋରାଇଡ୍ ତିନି ଗ୍ରାମ ପ୍ରତି ଲିଟର ପାଣିରେ ମିଶାଇ ସିଞ୍ଚନ କରିବା ଆବଶ୍ୟକ। ସେହିପରି କୁଣ୍ଡରୁ ଜଳନିଷ୍କାସନ କରିବା ସହ ଅନାବନା ଘାସ ଉପାଡ଼ିବା ଜରୁରି। ମାଟିରୁ ଫିମ୍ପି ସମସ୍ୟା ଦୂର କରିବାକୁ ନୂଆ ମାଟି ସହ ଜୈବିକ ଖତ ମିଶାଇ ପାରିବେ। ମାଟି ନ ଶୁଖିବା ଯାଏଁ ଜଳ ସେଚନ କରିବା ଅନୁଚିତ।

**ସାର ପ୍ରୟୋଗରେ ସତର୍କତା :** ବର୍ଷା ସମୟରେ ଫସଲରେ ମାତ୍ରାଧିକ ଖତ, କୀଟନାଶକ, ସାର, ତୃଣନାଶକ, ଉର୍ବରକ, ନିମ ତେଲ ପ୍ରୟୋଗ କରିବା ଅନୁଚିତ। ଶୁଖିଲା ପାଗ ଦେଖି ସନ୍ଧ୍ୟା ସମୟରେ ଏହି ଔଷଧ ବ୍ୟବହାର କରିପାରିବେ। ପୋକ ଆକ୍ରମଣରୁ ସୁରକ୍ଷା ପାଇଁ ନିମ୍ବଜାତୀୟ କୀଟନାଶକ ପ୍ରୟୋଗ କରି ପାରିବେ। ଏହାସହ ଗଛକୁ ଯେପରି ଭଲଭାବେ ସୂର୍ଯ୍ୟକିରଣ ପଡ଼ି ପାରିବ ସେନେଇ ବନ୍ଦୋବସ୍ତ କରିବା ଆବଶ୍ୟକ। ମଝିରେ ମଝିରେ ଗଛର ତଳ ପତ୍ରକୁ କାଟିବା ଦ୍ୱାରା ଗଛ ଭଲ ବଢ଼ିଥାଏ।



## ଜହ୍ନି ଚାଷ



ଜହ୍ନି ଏକ ଲତା ଜାତୀୟ ପନିପରିବା। ଖରାଦିନ ଓ ବର୍ଷାଦିନେ ଜହ୍ନି ଚାଷ ଭଲ ହୋଇଥାଏ। ଏଥିରୁ ଅଧିକ ଅମଳ ପାଇବା ପାଇଁ ଉନ୍ନତ କିସମ ବିହନର ଆବଶ୍ୟକତା ପଡ଼ିଥାଏ। ଚାଷ ପାଇଁ ନିଗିଡ଼ା, ବାଲି ଦୋରସା ମାଟି ସର୍ବୋତ୍ତମ। ଜହ୍ନି ଲଗାଇବା ପାଇଁ ଏକର ପ୍ରତି ୧.୫ କି.ଗ୍ରା ବିହନ ଦରକାର ହୁଏ। ବିହନକୁ ୫ରୁ ୬ଘଣ୍ଟା ବତୁରାଇ ଲଗାଇଲେ ଶୀଘ୍ର ଗଜା ହୁଏ। ବିହନକୁ ଧାଡ଼ିରେ ଲଗାଇବା ସହ ଲତା ମାଡ଼ିବା ପାଇଁ ରଞ୍ଜା କିମ୍ବା ବାଉଁଶର ସାହାଯ୍ୟ ନେବା ଉଚିତ। ୩ରୁ ୪ ଓଡ଼ ଗୁଣ୍ଡ ଚାଷ ହୋଇଥିବା ଜମିରେ ବର୍ଷାଦିନ ପାଇଁ ୧୫ରୁ ୨୦ ସେ.ମି. ଉଚ୍ଚ ମନ୍ଦା କରି ଧାଡ଼ିକୁ ଧାଡ଼ି ୨.୫ ମିଟର ଓ ମନ୍ଦାକୁ ମନ୍ଦା ୧ ମିଟର ଦୂରତାରେ ଖତ, ମୂଳସାର ଓ ଉପର ମାଟି ଦେଇ ୩ରୁ ୪ଟି ବିହନ ଲଗାଯାଏ। ଲଗାଇବା ସମୟରେ ଏକର ପ୍ରତି ୫ରୁ ୮ କ୍ୱିଣ୍ଟାଲ ଖତ, ୧୦ କି.ଗ୍ରା ଯବକ୍ଷାରଜାନ, ୧୬ କି.ଗ୍ରା. ଫସ୍‌ଫରସ୍, ଏବଂ ୧୨ କି.ଗ୍ରା. ପୋଟାସିୟମ ସାର ଦିଆଯାଏ। ଗଛ ଉଠିଲା ପରେ ମନ୍ଦା ପ୍ରତି କେବଳ ୨ଟି ଗଛ ରଖାଯାଏ। ଅଣୁସାରର ଅଭାବ ଦେଖାଦେଲେ ମିଶ୍ରିତ ଅଣୁସାର ୩ ଗ୍ରାମ୍ ଲିଟର ପ୍ରତି ସିଞ୍ଚନ କରାଯାଏ। ବିହନ ଲଗାଇବାର ୪୫ରୁ ୬୦ ଦିନ ମଧ୍ୟରେ ଜହ୍ନି ଅମଳ ହୋଇଥାଏ।

# କୁକୁଡ଼ାଙ୍କ ଯତ୍ନ

**ବର୍ଷାଦିନେ ବାୟୁମଣ୍ଡଳର ଆର୍ଦ୍ରତା ବୃଦ୍ଧି ଏବଂ ସନ୍ତସନ୍ତିଆ ପରିବେଶ ଯୋଗୁଁ କୁକୁଡ଼ାଙ୍କୁ ବିଭିନ୍ନ ସଂକ୍ରମଣ ଓ ଭୂତାଣୁଜନିତ ରୋଗ ହୋଇଥାଏ। ତେଣୁ ଏହି ସମୟରେ କୁକୁଡ଼ାଙ୍କ ଅଧିକ ଯତ୍ନ ନେବା ଆବଶ୍ୟକ।**

ବର୍ଷାଦିନେ କୁକୁଡ଼ା ଘର ଭିତରେ ଆର୍ଦ୍ରତା ବୃଦ୍ଧି ଏବଂ ସନ୍ତସନ୍ତିଆ ପରିବେଶ ଯୋଗୁଁ ଆମୋନିଆ ଗ୍ୟାସ୍ ସୃଷ୍ଟି ହୁଏ। ଏହି ଗ୍ୟାସ୍ ବଢ଼ି କୁକୁଡ଼ାଙ୍କଠାରେ ଶ୍ୱାସକ୍ରିୟାଜନିତ ସମସ୍ୟା ସୃଷ୍ଟି କରେ। କୁକୁଡ଼ାଙ୍କୁ ସୁରକ୍ଷା ଦେବା ପାଇଁ କୁକୁଡ଼ା ଘରର ଶୁଷ୍କତା, ଉତ୍ତମ ବାୟୁ ଚଳାଚଳ, ପରିଷ୍କାର ପାଣି ଏବଂ ସଠିକ୍ ଟିକାକାରଣ ବ୍ୟବସ୍ଥା କରିବା ଜରୁରି। ଫାର୍ମ ଚାରିପାଖ ସଫା ରଖିବା ସହ ବର୍ଷା ପାଣି କୁକୁଡ଼ାଘର ଭିତରକୁ ଯିବାକୁ ଦିଅନ୍ତୁନି। କୁକୁଡ଼ା ଘର ବିଶୋଧନ କରିବା ସହ ଶୁଖିଲା ଲିଟର ବ୍ୟବହାର କରିବା ଆବଶ୍ୟକ। ସେହିପରି ଦାନାକୁ ଉଚ୍ଚ ଏବଂ ଶୁଖିଲା ସ୍ଥାନରେ ରଖନ୍ତୁ। ବର୍ଷାଦିନେ ପାଣି ଦୂଷିତ ହୋଇ ରୋଗ ସୃଷ୍ଟି କରୁଥିବାରୁ କୁକୁଡ଼ାଙ୍କୁ ପରିଷ୍କାର ଏବଂ ଫିଲ୍ଟର ପାଣି ପିଇବାକୁ ଦେବା ଉଚିତ। ପିଇବା ପାଣିରେ ବିଶୋଧକ ବ୍ୟବହାର ଜରୁରି। ସତେଜ ଏବଂ ଶୁଷ୍କ ଖାଦ୍ୟ ଦେଇ ପାରିବେ। ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଁ ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶରେ ଆବଶ୍ୟକୀୟ ଭିଟାମିନ୍ ଦେବା ଆବଶ୍ୟକ। ରାଣୀକ୍ଷେତ ଏବଂ ଗମ୍ବୋରୋ ଭଳି ରୋଗରୁ ସୁରକ୍ଷା ପାଇଁ ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶରେ ସମୟସୂଚୀ ଅନୁଯାୟୀ ଟିକା ଦେବା ଆବଶ୍ୟକ।

# କଖାରୁ ଚାଷ ପାଇଁ ଉନ୍ନତ କିସମ



ବର୍ଷାଦିନିଆ କଖାରୁ ଚାଷ ପାଇଁ ବର୍ତ୍ତମାନ ଉପଯୁକ୍ତ ସମୟ। ସମସ୍ତ ପ୍ରକାର ମାଟିରେ କଖାରୁ ଚାଷ ଭଲ ହୋଇଥାଏ। ଏହି ଚାଷରୁ ଅଧିକ ଲାଭ ପାଇବା ପାଇଁ ଚାଷୀମାନେ ସଙ୍କର କିସମ ବିହନ ବ୍ୟବହାର କରିବା ଆବଶ୍ୟକ।

କଖାରୁର ସଙ୍କର କିସମ ବିହନ ମଧ୍ୟରେ ଇଷ୍ଟ ୱେଷ୍ଟ ୧୩୭, ୧୦ ଗ୍ରାମ୍‌କୁ ୨୦୦ ଟଙ୍କା, ଇଡବ୍ଲ୍ୟୁ ୧୬୯, ୧୦ ଗ୍ରାମ୍‌କୁ ୨୦୦ ଟଙ୍କା ଥିବାବେଳେ ଅର୍ଜୁନ ୧୦ ଗ୍ରାମକୁ ୧୮୦ ଟଙ୍କା, ଭିଏନ୍‌ଆର-୧୧, ୧୦ଗ୍ରାମ୍‌କୁ ୧୨୦ ଟଙ୍କା ଏବଂ ଭିଏନ୍‌ଆର୍-୧୪, ୧୦ ଗ୍ରାମ୍‌କୁ ୧୧୦ ଟଙ୍କା ମୂଲ୍ୟ ରହିଛି।

# ଭାଗ୍ୟ ବଦଳାଇଲା ଅଦା ଚାଷ

**ଅଧିକାଂଶ ଚାଷୀ ଆଧୁନିକ ଜ୍ଞାନ କୌଶଳ, ଉନ୍ନତ କିସମର ବିହନ ଆଦି ବ୍ୟବହାର କରି ଚାଷକାର୍ଯ୍ୟ କରୁଛନ୍ତି। ଏହାଦ୍ୱାରା ଅଧିକ ଅମଳ ଓ ଲାଭ ମିଳିଥାଏ। ଏହାକୁ ଗୁରୁତ୍ୱ ଦେଇ ଛତିଶଗଡ଼, ସରଗୁଜା ଜିଲ୍ଲା, ଦରିମା ଗାଁର ଅମିତ କୁମାର ସିଂହ ଅଦା ଚାଷ କରି ଲକ୍ଷାଧିକ ଟଙ୍କା ରୋଜଗାର କରୁଛନ୍ତି।**

ଧାନ ଚାଷରୁ ଅମିତଙ୍କୁ ଭଲ ଲାଭ ନ ମିଳିବାରୁ ସେ କୃଷି ବିଭାଗର ସହାୟତା ନେଇ ଏକ ଏକର ଜମିରେ ଅଦା ଚାଷ କରିଥିଲେ। ଅତ୍ୟାଧୁନିକ ପଦ୍ଧତିରେ ଅଦା ଚାଷ କରିବାକୁ ସେ ପ୍ରଥମେ ପଟାଳି ବନାଇଥିଲେ। ଚାଷ ପାଇଁ ସେ ଉନ୍ନତ କିସମର ବିହନ ଚୟନ, ମାଟି ପରୀକ୍ଷା, ରୋଗ ନିୟନ୍ତ୍ରଣ, ସାର ପ୍ରୟୋଗ ଓ ଠିକ୍ ସମୟରେ ଜଳ ସେଚନକୁ ଗୁରୁତ୍ୱ ଦେଇଥିଲେ। ଉନ୍ନତ କୌଶଳରେ ଚାଷ ଦ୍ୱାରା ଜଳ ନିଷ୍କାସନ ଭଲ ହେବା ସହିତ ଫସଲ ସୁସ୍ଥ ରହିଥାଏ। ଉତ୍ପାଦନ ସହିତ ଗୁଣବତ୍ତା ମଧ୍ୟ ଉନ୍ନତ ହୁଏ। ତେଣୁ ଅମିତ ଏକ ଏକର ଅଦା ଚାଷରୁ ପାଞ୍ଚ ଲକ୍ଷ ଟଙ୍କା ରୋଜଗାର କରିଥିଲେ। ପ୍ରଥମ ବର୍ଷ ଅଦା ଚାଷରୁ ମିଳିଥିବା ଲାଭ ଦେଖି ସେ ଏବେ ଅଧିକ ଚାଷ କରିବାକୁ ଗୁରୁତ୍ୱ ଦେଉଛନ୍ତି। ଚାଷୀ ମାନେ ସଠିକ୍ ଜ୍ଞାନ କୌଶଳ ପ୍ରୟୋଗ କରି ଅଦା ଚାଷ କଲେ ଫସଲରୁ ଅଧିକ ଅମଳ ପାଇପାରିବେ ବୋଲି ଅମିତ କୁହନ୍ତି।



ଏ ସପ୍ତାହ ପାଇଁ କେତେକ ପରାମର୍ଶ

- ଜୁଲାଇ ମାସ ଶେଷ ସୁଦ୍ଧା ତଳିଘରାରେ ଧାନ ତଳି ପକାଇବା କାମ ସମ୍ପୂର୍ଣ୍ଣ କରି ଦିଅନ୍ତୁ।
- ଖରିଫ ମକା/ଡାଲିଜାତୀୟ ଫସଲ ଲଗାଯାଇଥିବା ସ୍ଥାନରେ ଜଳ ନିଷ୍କାସନର ବ୍ୟବସ୍ଥା କରନ୍ତୁ।
- ପନିପରିବା ତଳିଘରାକୁ ବର୍ଷାରୁ ରକ୍ଷା ପାଇବା ପାଇଁ ଜଳ ନିଷ୍କାସନର ବ୍ୟବସ୍ଥା ସହିତ ତଳିଘରା ଉପରେ ଛାମୁଣ୍ଡିଆ କରନ୍ତୁ।
- ଏକ ଏକର ମୁଗ ଓ ବିରି ଚାଷ ପାଇଁ ୧୦ କି.ଗ୍ରା. ବିହନ ଆବଶ୍ୟକ ହୋଇଥାଏ। ବିହନ ବୁଣିବାର ୭ଦିନ ପୂର୍ବରୁ ଏକ କି.ଗ୍ରା. ବିହନରେ ୨ଗ୍ରାମ୍ କାର୍ବେଣ୍ଡାଜିମ୍ ମିଶାଇ ବିହନ ବିଶୋଧନ କରନ୍ତୁ।
- ରାଶି ଚାଷ ପାଇଁ ଅଧିକ ଅମଳକ୍ଷମ କିସମ ପ୍ରାଚୀ, କଳିକା, କନକ, ବିନାୟକ ଇତ୍ୟାଦି ଚୟନ କରନ୍ତୁ।
- ଆଖୁ ଫସଲ ୪ରୁ୫ମାସର ହୋଇଯାଇଥିଲେ ମଧ୍ୟମ ଓ ଦୀର୍ଘ ଅବଧିର କିସମରେ ଗଛକୁ ସିଧା ରଖିବା ପାଇଁ ଭେଳା ବାନ୍ଧିବା କାର୍ଯ୍ୟ କରନ୍ତୁ।




# ଆମେରିକା ରାଷ୍ଟ୍ରପତି ଟ୍ରମ୍ପ୍‌ଙ୍କୁ ବିଦ୍ରୁପ

ନ୍ୟୁୟର୍କ,୨୦।୭ (ଏଜେନ୍ସି): ଶେଷ ହୋଇଥିବା ଫିଫା ବିଶ୍ୱକପ୍ ଫାଇନାଲରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କୁ ହଟହଟା ହେବାକୁ ପଡ଼ିଛି। ଖେଳ ପରେ ସେ ଓ ଫିଫା ସଭାପତି ଜିଆନି ଇନ୍‌ଫାଣ୍ଟିନୋ ପୁରସ୍କାର ପ୍ରଦାନ କରିବାକୁ ଆସିଥିଲେ। ଟ୍ରମ୍ପ ଆସିବାମାତ୍ରେ ଷ୍ଟାଡିୟମ୍‌ରେ ଥିବା ସ୍ପେନ୍ ସମର୍ଥକ ତାଙ୍କୁ ବିଦ୍ରୁପ କରି ଚିଲ୍ଲେଇଥିଲେ। ଏତିକିରେ ଟ୍ରମ୍ପଙ୍କ ଦୁର୍ଦ୍ଦଶା ଶେଷ ହୋଇ ନ ଥିଲା। ଚାମ୍ପିଅନ ସ୍ପେନ୍‌କୁ ଟ୍ରଫି ପ୍ରଦାନ କରିବା ପରେ ଇନ୍‌ଫାଣ୍ଟିନୋ ତାଙ୍କୁ ସେଠାରୁ ପଳାଇଯିବାକୁ ରାସ୍ତା ଦେଖାଇଥିଲେ। ଟ୍ରମ୍ପ ଏହାକୁ ଖାତିର ନ କରି ସ୍ପେନ୍ ଦଳ ସହ ଫଟୋ ଉଠାଇବାକୁ ରହିଥିଲେ। ଏହି ସମୟରେ ତାଙ୍କୁ ଖେଳାଳିମାନେ ଠେଲାପେଲା କରିଥିବାର ଦେଖାଯାଇଥିଲା। ଏହା ସତ୍ତ୍ୱେ ସେ ଚାମ୍ପିଅନ ଟିମ୍ ସହ ଫଟୋ ଫ୍ରେମ୍‌ରେ ରହିଯାଇଥିଲେ।



# ବିଜୟ ଉତ୍ସବ ପାଳିଲେ ସ୍ପେନ୍ ରାଜା



ନ୍ୟୁୟର୍କ,୨୦।୭ (ଏଜେନ୍ସି): ସ୍ପେନ୍ ଫିଫା ବିଶ୍ୱକପ୍ ଚାମ୍ପିଅନ ହେବା ପରେ ଏହାର ସମର୍ଥକମାନେ ବିଜୟ ଉତ୍ସବ ପାଳନ କରିଥିଲେ। କିନ୍ତୁ ସ୍ପେନର ରାଜା ଫେଲିପ୍ ଷଷ୍ଠ ପଡ଼ିଆକୁ ଆସି ଖେଳାଳିଙ୍କ ସହ ଏହି ଉତ୍ସବ ପାଳନ କରିଥିଲେ। ରାଜା ଫେଲିପ୍ ଷଷ୍ଠ, ରାଣୀ ଲେଟିଜିଆ, ତାଙ୍କର ଦୁଇ ଝିଅ ଲିଓନୋର ଓ ସୋଫିଆ ମେଟ୍ ଲାଇଫ୍ ଷ୍ଟାଡିୟମ୍ ଭିଆଇପି ସୁଇଟ୍‌ରେ ବସି ଖେଳ ଦେଖିଥିଲେ। ସ୍ପେନ ଚାମ୍ପିଅନ ହେବା ପରେ ପରିବାର ସହ ପଡ଼ିଆକୁ ଆସି ଖେଳାଳିଙ୍କୁ ଅଭିନନ୍ଦନ ଜଣାଇବା ସହ ଟ୍ରଫି ଉତ୍ତୋଳନ କରିଥିଲେ। ଖେଳାଳିମାନେ ସ୍ୱଦେଶ ଫେରିଲେ ସେମାନଙ୍କୁ ଏକ ବସ୍‌ରେ ପ୍ୟାରେଡ୍ କରାଯିବ ଓ ରୟାଲ ପ୍ୟାଲେସ୍‌ରେ ସମ୍ବର୍ଦ୍ଧନା ଦିଆଯିବ ବୋଲି ପ୍ରକାଶ କରିଥିଲେ।

■ ଏକ ସମୟରେ ପୁରୁଷ ଓ ମହିଳା ଚାମ୍ପିଅନ

# ସ୍ପେନ ବିଶ୍ୱର ପ୍ରଥମ ଦେଶ

ନ୍ୟୁୟର୍କ,୨୦।୭ (ଏଜେନ୍ସି): ଫିଫା ବିଶ୍ୱକପର ୨୩ତମ ସଂସ୍କରଣରେ ସ୍ପେନ ଚାମ୍ପିଅନ ହୋଇଛି। ଆମେରିକାର ନ୍ୟୁଜର୍ସି ଷ୍ଟାଡିୟମରେ ଅନୁଷ୍ଠିତ ଫାଇନାଲରେ ସ୍ପେନ ୧-୦ ଗୋଲରେ ଡିଫେଣ୍ଡିଂ ଚାମ୍ପିଅନ ଆର୍ଜେଣ୍ଟିନାକୁ ହରାଇଥିଲା। ଏଥିସହ ସ୍ପେନ ଦ୍ୱିତୀୟଥର ଲାଗି ଫିଫା ବିଶ୍ୱକପ ବିଜୟୀ ହେବାର ସୌଭାଗ୍ୟ ଲାଭ କରିଥିଲା। ଏଥିପୂର୍ବରୁ ୧୬ ବର୍ଷ ତଳେ ସ୍ପେନ ପ୍ରଥମଥର ଲାଗି ବିଶ୍ୱ ଚାମ୍ପିଅନ ହୋଇଥିଲା। ଏବେ ଦ୍ୱିତୀୟଥର ଚାମ୍ପିଅନ ହେବା ସହ ସ୍ପେନ ଏକ ବିରଳ କୀର୍ତ୍ତିମାନ କରିଛି। ଗୋଟିଏ ସମୟରେ ବିଶ୍ୱର ଉଭୟ ପୁରୁଷ ଓ ମହିଳା ଫିଫା ବିଶ୍ୱକପ ବିଜୟୀ ହେବାରେ ସ୍ପେନ ବିଶ୍ୱର ପ୍ରଥମ ଦେଶ ହୋଇଛି। ୨୦୨୩ରେ ଅନୁଷ୍ଠିତ ଫିଫା ମହିଳା ବିଶ୍ୱକପରେ ସ୍ପେନ ୧-୦ରେ ଇଂଲଣ୍ଡକୁ ହରାଇ ଡିଫେଣ୍ଡିଂ ଚାମ୍ପିଅନ ରହିଛି। ସେହିଭଳି ପୁରୁଷ ଦଳ ମଧ୍ୟ ଡିଫେଣ୍ଡିଂ ବିଶ୍ୱ ଚାମ୍ପିଅନ ହୋଇଛନ୍ତି।

# ବୁଏନ୍‌ସ ଆଇରିସ୍‌ରେ ଦୁଃଖର ଛାୟା

ବୁଏନସ୍ ଆଇରିସ୍,୨୦।୭ (ଏଜେନ୍ସି): ସ୍ପେନ୍ ନିକଟରୁ ୧-୦ ଗୋଲରେ ଫାଇନାଲରେ ପରାଜିତ ହେବା ଫଳରେ ଆର୍ଜେଣ୍ଟିନା ରାଜଧାନୀ ବୁଏନସ ଆଇରିସ୍‌ରେ ଲକ୍ଷ ଲକ୍ଷ ପ୍ରଶଂସକ ନିରାଶ ହୋଇଥିଲେ। ପରାଜୟ ସତ୍ତ୍ୱେ ଟିମ୍‌କୁ ଓ ଖେଳାଳିମାନଙ୍କୁ ସ୍ଲୋଗାନ ଦେଇ ସମର୍ଥନ ଜଣାଇଥିଲେ। କିଛି ସ୍ଥାନରେ ପୁଲିସ୍ ସହ ସମର୍ଥକଙ୍କର ଧସ୍ତାଧସ୍ତି ହୋଇଥିବା ଦେଖିବାକୁ ମିଳିଥିଲା। ଆର୍ଜେଣ୍ଟିନା ରାଷ୍ଟ୍ରପତି ଦେଶରେ ଛୁଟି ଘୋଷଣା କରିଥିଲେ। ସେ ନିଜ ପ୍ରେସିଡେନ୍‌ସିଆଲ ସୁଇଟ୍‌ରେ ଉପସ୍ଥିତ ରହି ଖେଳ ଦେଖିଥିଲେ। ତାଙ୍କୁ ଫାଇନାଲ ଖେଳ ଦେଖିବାକୁ ନିମନ୍ତ୍ରଣ କରାଯାଇଥିଲେ ମଧ୍ୟ ସେ ଆମେରିକା ଯାଇ ନ ଥିଲେ। ଯେ ଯେଉଁ ସୁଇଟ୍‌ରେ ବସି ଖେଳ ଦେଖିଥିଲେ ସେଥିରେ ଆର୍ଜେଣ୍ଟିନା ଜିତିଥିବାରୁ ନିମନ୍ତ୍ରଣ ପ୍ରତ୍ୟାଖ୍ୟାନ କରିଥିଲେ। ଅନ୍ଧବିଶ୍ୱାସୀ ରାଷ୍ଟ୍ରପତିଙ୍କ ଏହି ବିଶ୍ୱାସ କାମ କରି ନ ଥିଲେ। ଫାଇନାଲରେ ସ୍ପେନ୍‌ଠାରୁ ଆର୍ଜେଣ୍ଟିନା ପରାଜିତ ହୋଇଥିଲା।

ଫିଫା ବିଶ୍ୱକପ୍‌ରେ ଡବଲ୍

# ସ୍ପେନ୍‌କୁ ଟାଇଟଲ୍, ଏମ୍‌ବାପେଙ୍କୁ ଗୋଲ୍ଡେନ ବୁଟ୍



ନ୍ୟୁୟର୍କ,୨୦।୭ (ଏଜେନ୍ସି)

ଫେରାନ ଟୋରେସ୍‌ଙ୍କ ଅତିରିକ୍ତ ସମୟ ଗୋଲ ବଳରେ ଏଠାରେ ଶେଷ ହୋଇଥିବା ୨୦୨୬ ଫିଫା ବିଶ୍ୱକପ୍‌ରେ ସ୍ପେନ୍ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ଫିଫା ବିଶ୍ୱକପ୍‌ରେ ଏଯାଏ ଖେଳାଯାଇଥିବା ସବୁଠାରୁ ଏକତରଫା ଫାଇନାଲରେ ୟୁରୋପୀୟ ଚାମ୍ପିଅନ ସ୍ପେନ୍ ୧-୦ ଗୋଲରେ ଡିଫେଣ୍ଡିଂ ଚାମ୍ପିଅନ ଆର୍ଜେଣ୍ଟିନାକୁ ହରାଇଥିଲା। ଏହି ବିଜୟ ଫଳରେ ଦୀର୍ଘ ୧୬ ବର୍ଷ ପରେ ସ୍ପେନ୍ ଦ୍ୱିତୀୟଥର ବିଶ୍ୱକପ୍ ଟାଇଟଲ ହାସଲ କରିଛି। ୨୦୧୦ ଦକ୍ଷିଣ ଆଫ୍ରିକାରେ ଅନୁଷ୍ଠିତ ସଂସ୍କରଣରେ ସ୍ପେନ୍ ୟୁରୋପୀୟ ଚାମ୍ପିଅନ ହେବା ପରେ ବିଶ୍ୱକପ୍ ଜିତିଥିଲା। ଦକ୍ଷିଣ ଆଫ୍ରିକାରେ ଅନୁଷ୍ଠିତ ବିଶ୍ୱକପ୍ ଫାଇନାଲର ଅତିରିକ୍ତ ସମୟର ୧୧୬ ମିନିଟ୍‌ରେ ଆନ୍ଦ୍ରେସ ଇନିଏଷ୍ଟାଙ୍କ ଗୋଲ ବଳରେ ସ୍ପେନ୍ ୧-୦ ଗୋଲରେ ନେଦରଲ୍ୟାଣ୍ଡସକୁ ହରାଇଥିଲା। ଏବେ ମେଟ୍ ଲାଇଫ୍ ଷ୍ଟାଡିୟମ୍‌ରେ ଫେରାନ ଟୋରେସ୍‌ଙ୍କ ଗୋଲ ବଳରେ ସ୍ପେନ୍ ୧-୦ ଗୋଲରେ ଆର୍ଜେଣ୍ଟିନାକୁ ହରାଇ ଦ୍ୱିତୀୟ ଟାଇଟଲ ଜିତିଥିଲା। ଟାଇଟଲ ସହ ସ୍ପେନ୍ ୪୮୧.୪୩ କୋଟି ଟଙ୍କା ପୁରସ୍କାର ପାଇଛି।

## ଏମ୍‌ବାପେଙ୍କୁ ଦ୍ୱିତୀୟ ଗୋଲ୍ଡେନ୍ ବୁଟ୍

ଫ୍ରାନ୍ସ ଅଧିନାୟକ କିଲିଆନ୍ ଏମ୍‌ବାପେ ନିଜ ଟିମ୍‌କୁ କ୍ରମାଗତ ତୃତୀୟଥର ଫାଇନାଲରେ ପ୍ରବେଶ କରାଇବାରେ ଅସଫଳ ହୋଇଛନ୍ତି। କିନ୍ତୁ ଏହି ବିଶ୍ୱକପ୍‌ରେ ସେ ଏପରି ଦୁଇଟି ରେକର୍ଡ ପ୍ରତିଷ୍ଠା କରିଛନ୍ତି, ଯାହାକୁ ଭାଙ୍ଗିବା ଲାଗି ବହୁଦିନ ଲାଗିବ। ଗୋଟିଏ ହେଉଛି ଚଳିତ ବିଶ୍ୱକପ୍‌ରେ ସେ ସର୍ବାଧିକ ୧୦ଟି ଗୋଲ ଦେଇ କ୍ରମାଗତ ତଥା ବିଶ୍ୱକପ୍ ଇତିହାସରେ ପ୍ରଥମ ଖେଳାଳି ଭାବେ ଦ୍ୱିତୀୟଥର ଗୋଲ୍ଡେନ ବୁଟ୍ ପୁରସ୍କାର ଲାଭ କରିଛନ୍ତି। କତାରରେ ଅନୁଷ୍ଠିତ ୨୦୨୨ ବିଶ୍ୱକପ୍‌ରେ ୬ଟି ଗୋଲ ଦେଇ ସେ ପ୍ରଥମଥର ଗୋଲ୍ଡେନ ବୁଟ୍ ପୁରସ୍କାର ଜିତିଥିଲେ। ଏଥର ଏମବାପ୍ପେ ୧୦ଟି ଗୋଲ ଦେବା ଫଳରେ ବିଶ୍ୱକପ୍ ଇତିହାସରେ ସେ ପ୍ରଥମ ତଥା ଏକମାତ୍ର ଖେଳାଳି ଭାବେ ୨୨ଟି ଗୋଲ ଦେବାର ରେକର୍ଡ କରିଛନ୍ତି। ଦ୍ୱିତୀୟଥର ଗୋଲ୍ଡେନ ବୁଟ୍ ଓ ୨୨ଟି ଗୋଲ ଦେବାର ରେକର୍ଡ ନିକଟ ଅତୀତରେ କେହି ଅତିକ୍ରମ କରିବାର ସମ୍ଭାବନା କମ୍। ଏଠାରେ ଷଷ୍ଠ ତଥା ଶେଷ ବିଶ୍ୱକପ୍ ଖେଳିଥିବା ଲିଓନେଲ ମେସି ୮ଟି ଗୋଲ ଦେଇ ସିଲଭର ବୁଟ୍ ପାଇଥିଲେ। ସେହିଭଳି ୨୧ଟି ଗୋଲ୍ ସହ ମେସି ବିଶ୍ୱକପର ସର୍ବକାଳୀନ ସର୍ବାଧିକ ସ୍କୋରର ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛନ୍ତି।

## ୩୮ ମ୍ୟାଚ୍‌ରେ ଅପରାଜିତ ରହି ସ୍ପେନ୍‌ର ବିଶ୍ୱରେକର୍ଡ

ଆର୍ଜେଣ୍ଟିନାକୁ ପରାସ୍ତ କରି ସ୍ପେନ୍ ଦ୍ୱିତୀୟଥର ଚାମ୍ପିଅନ ହେବା ପରେ କ୍ରମାଗତ ୩୮ ଟି ଅନ୍ତର୍ଜାତୀୟ ମ୍ୟାଚ୍‌ରେ ଅପରାଜିତ ରହି ବିଶ୍ୱ ରେକର୍ଡ ପ୍ରତିଷ୍ଠା କରିଛି। ପୂର୍ବରୁ ଏହି ରେକର୍ଡ ୩୭ ଟି ମ୍ୟାଚ୍ ଜିତିଥିବା ଇଟାଲୀ ନାମରେ ରହିଥିଲା। ସ୍ପେନ୍‌ର ଅଭିଯାନ ୨୦୨୪ରୁ ଆରମ୍ଭ ହୋଇ ୨୦୨୬ ବିଶ୍ୱକପ୍ ଫାଇନାଲ ଯାଏ ବଳବତ୍ତର ରହିଛି। ଗତ ୩ଟି ବିଶ୍ୱକପ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିପାରି ନ ଥିବା ଇଟାଲୀ ୨୦୧୮ ରୁ ୨୦୨୧ ମଧ୍ୟରେ ଅପରାଜେୟ ରହିଥିଲା। ୨୦୧୯ରୁ ୨୦୨୨ ମଧ୍ୟରେ ଆର୍ଜେଣ୍ଟିନା ୩୬ଟି, ୧୯୯୩ରୁ ୧୯୯୬ ମଧ୍ୟରେ ବ୍ରାଜିଲ ୩୫ଟି ଓ ୨୦୦୭ରୁ ୨୦୦୯ ମଧ୍ୟରେ ସ୍ପେନ୍ ମଧ୍ୟ ୩୫ଟି ଅନ୍ତର୍ଜାତୀୟ ମ୍ୟାଚ୍‌ରେ ଅପରାଜେୟ ରହିଛନ୍ତି। ସ୍ପେନ୍‌ର ୟୁରୋକପ୍ ଓ ବିଶ୍ୱକପ୍ ବିଜୟୀ କୋଚ୍ ଲୁଇସ୍ ଡି ଲା ଫୁଏଣ୍ଟେ ମଧ୍ୟ ଏକ ବିରଳ ରେକର୍ଡର ଅଧିକାରୀ ହୋଇଛନ୍ତି। ଏହି ଦୁଇଟି ଟୁର୍ଣ୍ଣାମେଣ୍ଟରେ ସ୍ପେନ୍ ଅପରାଜେୟ ରହିଛି। ଫଳରେ ଡି ଲା ଫୁଏଣ୍ଟଙ୍କ ତତ୍ତ୍ୱାବଧାନରେ ଦୁଇଟି ମେଜର ଟୁର୍ଣ୍ଣାମେଣ୍ଟର ୧୫ଟି ମ୍ୟାଚ୍‌ରେ ଦଳ ଅପରାଜିତ ରହିଛି। ଯାହାକି ଏକ ବିରଳ ରେକର୍ଡ।

## ସ୍ପେନ୍‌କୁ ଅନ୍ୟ ୩ଟି ଶ୍ରେଷ୍ଠ ପୁରସ୍କାର



ଏଠାରେ ସ୍ପେନ୍ ବିଶ୍ୱକପ୍ ଚାମ୍ପିଅନ ହେବା ପରେ ବ୍ୟକ୍ତିଗତ ବିଭାଗରେ ଦିଆଯାଉଥିବା ଶ୍ରେଷ୍ଠ ୪ଟି ମଧ୍ୟରୁ ୩ଟି ପୁରସ୍କାର କବ୍‌ଜା କରିଛି। ଚଳିତ ବିଶ୍ୱକପ୍‌ରେ ସ୍ପେନ୍ ୮ଟି ମ୍ୟାଚ୍ ଖେଳି ଏକମାତ୍ର ଗୋଲ ବରଣ କରିଛି। ଏହାର କାରଣ ହେଲା ଦଳର ଶକ୍ତିଶାଳୀ ରକ୍ଷଣଭାଗ ଓ ମିଡ୍‌ଫିଲ୍ଡ। ମିଡ୍‌ଫିଲ୍ଡକୁ ସମ୍ପୂର୍ଣ୍ଣ ନିୟନ୍ତ୍ରଣ କରୁଥିଲେ ଅଧିନାୟକ ରୋଡ୍ରି। ତାଙ୍କର ଏହି ଦମ୍‌ଦାର ପ୍ରଦର୍ଶନ ଲାଗି ଚଳିତ ବିଶ୍ୱକପ୍‌ରେ ତାଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରାଯାଇଛି। ଏହା ଫଳରେ ତାଙ୍କୁ ଗୋଲ୍ଡେନ ବଲ ପୁରସ୍କାର ମିଳିଛି। ସେହିପରି ରକ୍ଷଣଭାଗରେ ଗୋଲକିପର ୟୁନାଇ ସାଇମନ୍ ଓ ୧୯ ବର୍ଷୀୟ ଯୁବ ଖେଳାଳି ପାଓ କ୍ୟୁବାର୍ସୀଙ୍କ ଖେଳ ଖୁବ୍ ପ୍ରଶଂସନୀୟ। ସ୍ପେନ୍ ଏକମାତ୍ର ଗୋଲ ବରଣ କରିବାରେ ଏମାନଙ୍କ ଭୂମିକା ବେଶ ପ୍ରଶଂସନୀୟ। ରକ୍ଷଣାତ୍ମକ ଖେଳ ପ୍ରଦର୍ଶନ କରି ସ୍ପେନ୍ ଏହି ବିଶ୍ୱକପ ଚାମ୍ପିଅନ ହୋଇଛି। ଫଳରେ ଶ୍ରେଷ୍ଠ ଗୋଲରକ୍ଷକ ଭାବେ ସାଇମନଙ୍କୁ ଗୋଲ୍ଡେନ ବଲ ଓ ଶ୍ରେଷ୍ଠ ଯୁବ ଖେଳାଳି ଭାବେ କ୍ୟୁବାର୍ସୀଙ୍କୁ ପୁରସ୍କୃତ କରାଯାଇଛି।

# ଫାଇନାଲରେ ଗୁରୁ ଜିତିଲେ, ଶିଷ୍ୟ ହାରିଲେ

ନ୍ୟୁୟର୍କ,୨୦।୭ (ଏଜେନ୍ସି): ସ୍ପେନ୍ ବିଶ୍ୱକପ୍ ଚାମ୍ପିଅନ ହେବା ପରେ ଗୁରୁ ବିଜୟୀ ହୋଇଛନ୍ତି ଓ ତାଙ୍କ ଶିଷ୍ୟ ହାରିଯାଇଛନ୍ତି। ଏହି ଗୁରୁ-ଶିଷ୍ୟ ହୋଉଛନ୍ତି ସ୍ପେନ୍‌ର ମୁଖ୍ୟ କୋଚ ଲୁଇସ୍ ଡି ଲା ଫୁଏଣ୍ଟ ଏବଂ ଶିଷ୍ୟ ତଥା ଆର୍ଜେଣ୍ଟିନାର ମୁଖ୍ୟ କୋଚ୍ ଲିଓନେଲ ସ୍କୋଲାନି। ଉଭୟଙ୍କ ପ୍ରଶିକ୍ଷଣରେ ସେମାନଙ୍କ ଟିମ୍ ଅନେକ ସଫଳତା ହାସଲ କରିଛି। ଡି ଲା ଫୁଏଣ୍ଟଙ୍କ ପ୍ରଶିକ୍ଷଣରେ ସ୍ପେନ୍ ୧୯ ବର୍ଷରୁ କମ୍, ୨୧ବର୍ଷରୁ କମ୍ ଓ ୨୦୨୪ରେ ସିନିଅର ବିଭାଗରେ ୟୁରୋପୀୟ ଚାମ୍ପିଅନସିପ୍‌ରେ ଚାମ୍ପିଅନ ହୋଇଛି। ସ୍କୋଲାନିଙ୍କ ପ୍ରଶିକ୍ଷଣରେ ଆର୍ଜେଣ୍ଟିନା ୨୦୨୧ରେ କୋପା ଆମେରିକା, ୨୦୨୨ରେ ଫିନାଲିସିମା ଓ ୨୦୨୨ରେ ଫିଫା ବିଶ୍ୱକପ୍ ଚାମ୍ପିଅନ ହୋଇଛି। ୯ ବର୍ଷ ପୂର୍ବେ ଡି ଲା ଫୁଏଣ୍ଟଙ୍କ ନିକଟରୁ ସ୍କୋଲାନି କୋଚିଂ କୋର୍ସରେ ପ୍ରଶିକ୍ଷଣ ନେଉଥିଲେ। ଉଭୟଙ୍କ ମଧ୍ୟରେ ଗୁରୁ-ଶିଷ୍ୟର ଉତ୍ତମ ସମ୍ପର୍କ ରହିଛି।

# ଘରୋଇ କ୍ରିକେଟ୍‌ରେ ନୂଆ ନିୟମ ଆଣିବ ବିସିସିଆଇ

ନୂଆଦିଲ୍ଲୀ, ୨୦।୭ (ଏଜେନ୍ସି): ଭାରତୀୟ କ୍ରିକେଟରେ ଏକ ନୂତନ ନିୟମ ଲାଗୁ ହେବାକୁ ଯାଉଛି। ଲାଲ-ବଲ୍ ମ୍ୟାଚ୍ ପାଇଁ ଏବେ ସମ୍ପୂର୍ଣ୍ଣ ଦିନର ଓଭର ବୋଲିଂ କରିବାକୁ ପଡିବ। ସାଧାରଣତଃ, ଯେତେବେଳେ ଦିବସର ଶେଷ ଓଭରରେ ୱିକେଟ୍ ପଡ଼େ, ତେବେ ଅମ୍ପାୟାର ଷ୍ଟମ୍ପ ଘୋଷଣା କରିଦେଇଥାନ୍ତି। ଏବେ କିନ୍ତୁ ଏହା ଆଉ ହେବ ନାହିଁ। କ୍ରିକେଟର ପ୍ରଣେତା ମେରିଲେବୋନ୍ କ୍ରିକେଟ୍ କ୍ଲବ୍ (ଏମସିସି) ଲାଲ-ବଲ୍ ମ୍ୟାଚ୍ ପାଇଁ ନିୟମରେ ପରିବର୍ତ୍ତନ ପ୍ରସ୍ତାବ ଦେଇଛି। ଯାହାକୁ ବିସିସିଆଇ ପରବର୍ତ୍ତୀ ଘରୋଇ ସିଜନ୍‌ରେ ଲାଗୁ କରିବା ଲାଗି ସମସ୍ତ ରାଜ୍ୟ କ୍ରିକେଟ୍ ସଂଘକୁ ଏକ ଚିଠି ଲେଖିଛନ୍ତି। ଏହି ଚିଠିରେ ଏମସିସିର ପ୍ରସ୍ତାବିତ ପରିବର୍ତ୍ତିତ ନିୟମ ଉଲ୍ଲେଖ କରାଯାଇଛି। ଯେଉଁଥିରେ କୁହାଯାଇଛି ଯେ ଦିନର ଶେଷ ଓଭର ୱିକେଟ୍ ପଡ଼ିଲେ ମଧ୍ୟ ବଳକା ଥିବା ବଲ୍ ବୋଲିଂ ହେବ। ଏମସିସି କହିଛି ଯେ ଏହା ବହୁ-ଦିବସୀୟ କ୍ରିକେଟ୍ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ। ଦିବସର ଶେଷରେ ବ୍ୟାଟିଂ କରୁଥିବା ଦଳଗୁଡ଼ିକ ନୂତନ ବ୍ୟାଟରଙ୍କୁ ପଠାଇବାକୁ ଏଡାଇ ପାରିବେ ନାହିଁ। ସେହିଭଳି ଅନ୍ୟ ଏକ ବଡ଼ ନିୟମ ହେଉଛି ଯଦି ଜଣେ ବୋଲର ଜାଣିଶୁଣି ନୋ-ବଲ୍ ବୋଲିଂ କରନ୍ତି କିମ୍ବା କରିବାକୁ ଚେଷ୍ଟା କରନ୍ତି, ତେବେ ତାଙ୍କୁ ମ୍ୟାଚ୍‌ର ବାକି ସମୟ ପାଇଁ ବୋଲିଂ କରିବାରୁ ନିଷେଧ କରାଯିବ। କେବଳ ଇନିଂସ ନୁହେଁ, ସମଗ୍ର ମ୍ୟାଚ୍ ପାଇଁ ବୋଲିଂ କରିପାରିବେ ନାହିଁ। ସେହିଭଳି ଦିନିକିଆରେ ଜଳପାନ ବିରତି ସମୟରେ ମୁଖ୍ୟ କୋଚଙ୍କୁ ପଡ଼ିଆ ମଧ୍ୟକୁ ପ୍ରବେଶ ଲାଗି ଅନୁମତି ଦିଆଯିବ।

ରାଜ୍ୟ ୧୩ ବର୍ଷରୁ କମ୍ ଚେସ୍

# ମନୀଷ, ନୟନିକା ଚାମ୍ପିଅନ

ଧର୍ମଶାଳା,୨୦।୭ (ସମିସ): ଖୋର୍ଦ୍ଧା ଜିଲ୍ଲାର ମନୀଷ ମିଶ୍ର ଓ ନୟନିକା ସାହୁ ଏଠାରେ ଶେଷ ହୋଇଥିବା ରାଜ୍ୟ ୧୩ ବର୍ଷରୁ କମ୍ ରାଜ୍ୟ ଚେସ୍‌ର ବାଳକ ଓ ବାଳିକା ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ଯାଜପୁର ୟୁନାଇଟେଡ ଚେସ ସଂଘ ଓ ଅଲ୍ ଓଡ଼ିଶା ଚେସ୍ ସଂଘର ମିଳିତ ସହଯୋଗରେ ଆୟୋଜିତ ଏହି ୮ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ଉଭୟ ବିଭାଗର ଚାମ୍ପିଅନ ଖେଳାଳି ୭ ପଏଣ୍ଟ ଲେଖାଏଁ ସଂଗ୍ରହ କରି ଏକକ ଅଗ୍ରଣୀ ନେଇଥିଲେ। ଖୋର୍ଦ୍ଧାର ଜିଲ୍ଲାର ସମସ୍ତ ପ୍ରତିଯୋଗୀ ପ୍ରଥମ ୪ଟି ସ୍ଥାନରେ ରହିଥିଲେ। ସେମାନଙ୍କ ମଧ୍ୟରୁ ସାୟାଂଶ ଦାସ, ସାନାଲ ବୈଭବ ଓ ଆଦର୍ଶ ବେରିହା, ବାଳିକା ବିଭାଗରେ ଅର୍ନିକା ଦାଶ, ଶ୍ରଦ୍ଧାଭାଗ୍ୟ କାମିନୀ ଓ ଲବ୍‌ଧୀ ସ୍ୱାଇଁ ଦ୍ୱିତୀୟରୁ ଚତୁର୍ଥ ସ୍ଥାନ ଅଧିକାର କରିଥିଲେ। ଆର୍ବିଟର ଜ୍ୟୋତିଶଙ୍କର ନନ୍ଦ, ଆୟୋଜକ ଚେସ ସଂଘ ସଭାପତି ତପନ ଷଡଙ୍ଗୀ ଓ ସମ୍ପାଦକ ମନୋଜ ପରିଡ଼ାଙ୍କ ତତ୍ତ୍ୱାବଧାନରେ ପ୍ରତିଯୋଗିତା ଆୟୋଜିତ ହୋଇଥିଲା।

ଅଗଷ୍ଟ ୨୩ରୁ ଦୁଲୀପ୍ ଟ୍ରଫି

# ଗାଏକ୍‌ୱାଡ୍‌ଙ୍କୁ ପଶ୍ଚିମାଞ୍ଚଳର ନେତୃତ୍ୱ

ନୂଆଦିଲ୍ଲୀ, ୨୦।୭ (ଏଜେନ୍ସି): ଚଳିତ ୨୦୨୬-୨୭ ସିଜନ ଲାଗି ବିସିସିଆଇର ପ୍ରଥମ ଘରୋଇ ଟୁର୍ଣ୍ଣାମେଣ୍ଟ ଦୁଲୀପ ଟ୍ରଫି ଅଗଷ୍ଟ ୨୩ରୁ ବେଙ୍ଗାଲୁରୁରେ ଆରମ୍ଭ ହେବ। ଏଥିଲାଗି ସୋମବାର ପଶ୍ଚିମାଞ୍ଚଳ ଦଳ ଘୋଷଣା କରାଯାଇଛି। ନିର୍ଭରଯୋଗ୍ୟ ବ୍ୟାଟର୍ ଋତୁରାଜ ଗାଏକୱାଡଙ୍କୁ ଘୋଷିତ ୧୫ ଜଣିଆ ଦଳର ନେତୃତ୍ୱ ଭାର ଦିଆଯାଇଛି। ଗତ ସିଜନରେ ଅଧିନାୟକ ରହିଥିବା ଶାର୍ଦ୍ଦୁଳ ଠାକୁର ଏଥର କେବଳ ଖେଳାଳି ଭାବରେ ଦଳରେ ସ୍ଥାନ ପାଇଛନ୍ତି। ମୁମ୍ବଇର ସାମ୍ସ ମୁଲାନୀ ଉପ-ଅଧିନାୟକ ନିଯୁକ୍ତ ହୋଇଛନ୍ତି। ସେହିଭଳି ପୃଥ୍ୱୀ ଶ ଓ ସର୍ଫରାଜ ଖାନଙ୍କୁ ଘୋଷିତ ଦଳରେ ସୁଯୋଗ ମିଳିଛି। ସୌରାଷ୍ଟ୍ରର ହାର୍ଭିକ ଦେଶାଇ ଓ ଗୁଜରାଟର ଉର୍ବିଲ ପଟେଲ ୱିକେଟ୍‌କିପର ଭାବେ ଦଳରେ ସ୍ଥାନ ପାଇଛନ୍ତି। ପଶ୍ଚିମାଞ୍ଚଳ କ୍ୱାର୍ଟର ଫାଇନାଲରେ ଉତ୍ତରାଞ୍ଚଳକୁ ଭେଟିବ।

# ନ୍ୟୁଜିଲାଣ୍ଡକୁ ଆଗୁଆ ସିରିଜ୍ ଜିତାଇଲେ ସାଣ୍ଟନର

ବାର୍ବାଡସ୍, ୨୦।୭ (ଏଜେନ୍ସି): ଘରୋଇ ୱେଷ୍ଟଇଣ୍ଡିଜ ବିପକ୍ଷରେ ସୋମବାର ଏଠାରେ ଅନୁଷ୍ଠିତ ୪ର୍ଥ ଦିନିକିଆ ମ୍ୟାଚକୁ ନ୍ୟୁଜିଲାଣ୍ଡ ରୋମାଞ୍ଚକ ଭାବେ ୧ ୱିକେଟରେ ବିଜୟୀ ହୋଇଛି। କେନିଙ୍ଗଟନ ଓଭାଲରେ ଅନୁଷ୍ଠିତ ଏହି ଲୋ-ସ୍କୋରିଂ ମ୍ୟାଚରେ ୱେଷ୍ଟଇଣ୍ଡିଜ ପ୍ରଥମେ ବ୍ୟାଟିଂ କରି ୪୪.୪ ଓଭରରେ ୧୮୮ ରନରେ ସୀମିତ ରହିଥିଲା। ଆମିର ଜାଙ୍ଗୋ ୫୧, ଗୁଡାକେଶ ମୋତି ୪୧ ଓ ଆକିମ ଅଗଷ୍ଟି ୩୩ ରନ କରିଥିଲେ।



ଭ୍ରମଣକାରୀ କିୱି ଦଳ ପକ୍ଷରୁ ବାମହାତୀ ଦ୍ରୁତ ବୋଲର ମାଥ୍ୟୁ ଫିସର ୩ ଏବଂ ଅଧିନାୟକ ମିଚେଲ ସାଣ୍ଟନର ଓ ମାଇକେଲ ବ୍ରେସୱେଲ ୨ଟି ଲେଖାଏ ୱିକେଟ୍ ନେଇଥିଲେ। ଜବାବରେ ନ୍ୟୁଜିଲାଣ୍ଡ ମଧ୍ୟ ଏହି ଛୋଟିଆ ଲକ୍ଷ୍ୟକୁ ହାସଲ କରିବା ଲାଗି ୯ଟି ୱିକେଟ ହରାଇ ୪୪.୧ ଓଭରରେ ବିଜୟୀ ହୋଇଥିଲା। ମାର୍କ ଚାପମାନ ୮୦ ରନର ଉପଯୋଗୀ ପାଳି ଖେଳିଥିଲେ। ଅଲ୍‌ରାଉଣ୍ଡର ପ୍ରଦର୍ଶନ କରିଥିବା ସାଣ୍ଟନର (୨ ୱିକେଟ ଓ ୩୪ ରନ) ଶ୍ରେଷ୍ଠ ଖେଳାଳି ହୋଇଥିଲେ। ପାଞ୍ଚ ମ୍ୟାଚବିଶିଷ୍ଟ ସିରିଜକୁ ନ୍ୟୁଜିଲାଣ୍ଡ ଏଥିସହ ୩-୧ରେ ଆଗୁଆ କବଜା କରିନେଇଛି। ଅନ୍ତିମ ତଥା ୫ମ ମ୍ୟାଚ୍ ଗୁରୁବାର ଖେଳାଯିବ।

ପ୍ରଥମ ଶ୍ରାଦ୍ଧୋତ୍ସବର ଭକ୍ତିପୂତ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଯଶସ୍ୱୀ ଚନ୍ଦ୍ରମଣି ଜେନା
ଦକ୍ଷିଣବାତ ଏନ ଏ ସି ଅଞ୍ଚଳ ଧାମନଗର, ଭଦ୍ରକ
ଆବିର୍ଭାବ- ୨୧/୧୨/୧୯୪୬
ତିରୋଧାନ- ୨୧/୦୭/୨୦୨୫
ଚାହିଁ ଚାହିଁ ଏକ ବର୍ଷ ବିତିଗଲା, ତୁମର ସ୍ନେହ ଶ୍ରଦ୍ଧା, ତ୍ୟାଗ, ପରୋପକାର, କର୍ତ୍ତବ୍ୟ, ପରାୟଣତା ଓ ଭଲପାଇବା ଆମ ସମସ୍ତଙ୍କ ପାଇଁ ସତ୍ ପଥରେ ଚାଲିବାକୁ ପ୍ରେରଣା ଯୋଗାଇବ। ଆପଣଙ୍କ ସ୍ମୃତିର ସୁବାସ ଆମ ହୃଦୟ ମନ୍ଦିରେ ଚିର ଦିନ ପାଇଁ ଅମ୍ଳାନ ହୋଇ ରହିବ। ଆପଣଙ୍କର ଅମର ଆତ୍ମାର ଶାନ୍ତି ପାଉ ଏତିକି ବିଷ୍ଣୁ ପାଦ ପଦ୍ମରେ ଆମର ପ୍ରାର୍ଥନା।
ଶ୍ରଦ୍ଧାଞ୍ଜଳି ସହ: ପୁତ୍ର ଡା.ଅଜିତ ପ୍ରସାଦ ଜେନା, ସତ୍ୟଜିତ, ସୁବ୍ରତ, ଦେବବ୍ରତ, ପୁତ୍ର ବଧୂ ଓ ବନ୍ଧୁ ପରିବାର ବର୍ଗ।

# ରାଜ୍ୟ ଜୁନିଅର, ସବ୍‌ଜୁନିଅର ସନ୍ତରଣ ଆରମ୍ଭ

ଭୁବନେଶ୍ୱର,୨୦।୭ (ସମିସ)

କଳିଙ୍ଗ ଷ୍ଟାଡିୟମସ୍ଥିତ ଆକ୍ୱାଟିକ ସେଣ୍ଟରରେ ୬୬ତମ ରାଜ୍ୟ ସବ୍




ଜୁନିଅର ଓ ଜୁନିଅର ସନ୍ତରଣ ପ୍ରତିଯୋଗିତା ସୋମବାର ଉଦଘାଟିତ ହୋଇଯାଇଛି। ଏଥିରେ ରାଜ୍ୟର ୨୧ଟି ଜିଲ୍ଲାରୁ ମୋଟ ୪୪୭ ଜଣ ସନ୍ତରଣକାରୀ ଅଂଶଗ୍ରହଣ କରିଛନ୍ତି। ଯେଉଁଥିରେ ୨୬୦ ଜଣ ବାଳକ ଓ ୧୮୭ ଜଣ ବାଳିକା ରହିଛନ୍ତି। କ୍ରୀଡ଼ା ବିଭାଗର କମିଶନର କମ୍ ସେକ୍ରେଟେରୀ ଭୁପିନ୍ଦର ସିଂ ପୁନିଆ ମୁଖ୍ୟ ଅତିଥି ଏବଂ କ୍ରୀଡ଼ା ନିର୍ଦ୍ଦେଶକ ଡ. ବିଜୟ ଯେଦୁଲ୍ଲା ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ପ୍ରତିଯୋଗିତାକୁ ଉଦଘାଟନ କରିଥିଲେ। ସେହିଭଳି ରାଜ୍ୟ ସନ୍ତରଣ ସଂଘର ସଭାପତି ପ୍ରଦୀପକୁମାର ପାଢୀଙ୍କ ସମେତ ସଂଘର ସାଧାରଣ ସଂପାଦକ ଗୋଳାପମଣି ମହନ୍ତ, କୋଷାଧ୍ୟକ୍ଷ ବିଜୟ ଦିକ୍ଷିତ, ଆୟୋଜନ କମିଟି ସଂପାଦକ ଲକ୍ଷ୍ମୀ ଚନ୍ଦ୍ର ମହାକୁଡ଼, ବୈଷୟିକ କମିଟି ମୁଖ୍ୟ ସୁରେନ୍ଦ୍ର ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମ ଦିବସରେ କିଟ୍ ଓ କିସର ସନ୍ତରଣକାରୀମାନେ ଦମଦାର ପ୍ରଦର୍ଶନ କରି ୧୫ଟି ପଦକ ବିଜୟୀ ହୋଇଛନ୍ତି। ଯେଉଁଥିରେ ୪ ସ୍ୱର୍ଣ୍ଣ, ୬ ରୌପ୍ୟ, ୫ କାଂସ୍ୟ ପଦକ ରହିଛି। ତିନି ଦିନ ଧରି ରହିଥିବା ଏହି ପ୍ରତିଯୋଗିତା ସଫଳ ଆୟୋଜନ ପାଇଁ ରାଜ୍ୟ ସଂଘ ସ୍ୱିକୃତିପ୍ରାପ୍ତ ୫୦ଜଣ ଟେକନିକାଲ ଅଫିସିଆଲ ପରିଚାଳନାରେ ସହଯୋଗ କରୁଛନ୍ତି।

■ ଏସୀୟ ଜୁ ଜିତ୍‌ସୁ

# କାଂସ୍ୟ ଜିତିଲେ ଅନୁପମା



ଭୁବନେଶ୍ୱର,୨୦।୭ (ସମିସ): ଓଡ଼ିଶାର ଅନୁପମା ସ୍ୱାଇଁ କାଜାକିସ୍ତାନରେ ଅନୁଷ୍ଠିତ ୧୦ମ ଏସୀୟ ଜୁ ଜିତ୍‌ସୁ ଚାମ୍ପିଅନସିପ୍‌ରେ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ସେ କଣ୍ଟାକ୍ଟ ଜୁ-ଜିତ୍‌ସୁ ସିଷ୍ଟମ୍‌ର ମହିଳା ୫୨ କିଲୋଗ୍ରାମ୍ ଶ୍ରେଣୀରେ ତୃତୀୟସ୍ଥାନ ଅଧିକାର କରିଥିଲେ। ଓଡ଼ିଶା ପୁଲିସ୍‌ରେ କାର୍ଯ୍ୟରତ ଅନୁପମାଙ୍କର ଏହା ଏସୀୟ ଜୁ-ଜିତ୍‌ସୁରେ ଷଷ୍ଠ ପଦକ। ଏହି ସଫଳତା ଲାଗି ଅନୁପମାଙ୍କୁ ଓଡ଼ିଶା ଜୁ-ଜିତ୍‌ସୁ ସଂଘ ପକ୍ଷରୁ ତାଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।

ସକାଳ
THE SAKALA
www.thesakala.in
The Sakala require the following post for Head Office urgently.
ADVERTISEMENT EXECUTIVE
Qualification: MBA with 5 yrs. experience.
Send your CV by 31.07.2026 to
Asst. Manager HR
Email: hr@thesakala.com
Mob.: 8249526803
THE SAKALA
(A unit of Nandighosha Network Pvt. Ltd.)
Plot No.: 90 & 91, Bhagabanpur I/E, Bhubaneswar

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS